# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୩୦/୨୦୧୮ (୧୬ ପୃଷ୍ଠା+ ମନ୍ ମିଜାଜ୍) Sambalpur, Thursday, August 30/ 2018 ★★

୧୪ଶ ଭାଗ ୨୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**କମେଡି ଶିଖିବେ ସୋନାକ୍ଷୀ**

ଅଧିକାଂଶ ଫିଲ୍ମରେ କମେଡି ରହୁଥିବାରୁ ଏହାକୁ ଗୁରୁତ୍ୱ ଦେଇ ଭଲଭାବେ ଶିଖିବାକୁ ଚାହୁଁଛନ୍ତି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ଏଥିପାଇଁ ସେ ଗୁରୁ ସନ୍ଧାନରେ ରହିଛନ୍ତି।

୧୨

୧୩

**ଏବେ ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ହେବନି**

ଏୟାର ଇଣ୍ଡିଆରୁ ଏବେ କିମ୍ବା ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର କରାଯିବନି ବୋଲି ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ଆର୍. ଏନ୍. ଚୌବେ କହିଛନ୍ତି।








■ଏନ୍କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

# ୪ ପୋଲିସ ଶହୀଦ

ଶ୍ରୀନଗର,୨୯।୮(ପି.ଟି.)

ଜମ୍ମୁ-କଶ୍ମୀରର ଅନନ୍ତନାଗରେ ବୁଧବାର ସୁରକ୍ଷା ବଳର ଏନ୍କାଉଣ୍ଟରରେ ୨ ହିଜ୍ବୁଲ ମୁଜାହିଦ୍ଦିନ ନିହତ ହୋଇଛନ୍ତି। ଏହାର କିଛି ଘଣ୍ଟା ପରେ ଆତଙ୍କବାଦୀମାନେ ଶୋପିଆନ୍ ଜିଲାରେ ପୋଲିସକୁ ଟାର୍ଗେଟ କରିଛନ୍ତି। ଏଥିରେ ୪ ପୋଲିସ କର୍ମୀ ଶହୀଦ ହୋଇଛନ୍ତି।

ଅନନ୍ତନାଗର ଖାନାବଲ ଅଞ୍ଚଳସ୍ଥିତ ମୁନିୱାର୍ଡ ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସେଠାରେ ତଲାସି ଚଳାଉଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ କୁଲଗାମ୍ର ଖୁଦ୍ୱାନି ନିବାସୀ ଅଲତାଫ୍ ଅହମ୍ମଦ ଦର୍ ଓରଫ ☞ପୃଷ୍ଠା-୪

# ମହଙ୍ଗା ଭତ୍ତା ୨% ବୃଦ୍ଧି

ନୂଆଦିଲ୍ଲୀ,୨୯।୮

**ଲାଭବାନ ହେବେ ୧.୧ କୋଟି କେନ୍ଦ୍ରୀୟ କର୍ମଚାରୀ, ପେନସନଭୋଗୀ**

କେନ୍ଦ୍ର କ୍ୟାବିନେଟ ବୁଧବାର ୨% ଅତିରିକ୍ତ ମହଙ୍ଗା ଭତ୍ତା (ଡିଏ) ଏବଂ ଡିଅରନେଶ ରିଲିଫ୍ (ଡିଆର୍) ବୃଦ୍ଧିକୁ ମଞ୍ଜୁରୀ ପ୍ରଦାନ କରିଛି। କେନ୍ଦ୍ର କର୍ମଚାରୀଙ୍କ ଲାଗି ଏହି ନିଷ୍ପତ୍ତି ଚଳିତ ବର୍ଷ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ କେନ୍ଦ୍ର କର୍ମଚାରୀଙ୍କ ଲାଗି ଡିଏ ଏବଂ ପେନଶନଭୋଗୀଙ୍କ ଲାଗି ଡିଆର୍ରେ ଏଭଳି ବୃଦ୍ଧି ଘୋଷଣା କରିଛନ୍ତି। ଦରଦାମ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ବେସିକ୍ ପେ ତଥା ପେନଶନ ଉପରେ ଏମାନେ ବର୍ତ୍ତମାନ ୭% ହାରରେ ଭତ୍ତା ଲାଭ କରୁଛନ୍ତି। ଏହା ବାଦ କର୍ମଚାରୀମାନେ ଅତିରିକ୍ତ ଭତ୍ତା ଲାଭ କରିବେ। ସପ୍ତମ ବେତନ କମିସନଙ୍କ ସୁପାରିସ୍ ଆଧାରରେ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ୪୮.୪୧ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୨.୦୩ଲକ୍ଷ ପେନଶନଭୋଗୀ ଲାଭବାନ ହୋଇ ହେବେ ବୋଲି ଜଣାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ରାଜକୋଷକୁ ୨୦୧୮-୧୯ ଆର୍ଥିକ ବର୍ଷରେ ୬,୧୧୨.୨୦ କୋଟି ଟଙ୍କା ବୋଝ ପଡିବ।

**୨୦୦ ମିଟରରେ ଦୂତୀଙ୍କ ଟାଇମିଂ**

■ଯୋଗ୍ୟତା ପର୍ଯ୍ୟାୟ: ୨୩.୩୭ ସେକେଣ୍ଡ

■ସେମିଫାଇନାଲ: ୨୩.୦୦ ସେକେଣ୍ଡ

■ଫାଇନାଲ: ୨୩.୨୦ ସେକେଣ୍ଡ

# ଅଦ୍ୱିତୀୟ ଦୂତୀ

## ୧୦୦ ପରେ ୨୦୦ ମିଟରରେ ମଧ୍ୟ ଜିତିଲେ ରୌପ୍ୟ ପଦକ



**ଏସିଆନ ଗେମ୍ସ**

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସରେ ଦେଶ ଏବଂ ରାଜ୍ୟ ପାଇଁ ଖୁସି ଖବର ଆଣିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସର ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ଏହି ଓଡ଼ିଆ ଲଳନା। ଚଳିତ ଏସିଆନ ଗେମ୍ସରେ ସେ ପାଲଟି ଯାଇଛନ୍ତି ଭାରତର ସିଲ୍ଭର ଗର୍ଲ। କାରଣ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ମଧ୍ୟ ଦୂତୀ ରୌପ୍ୟ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିବା ଦୂତୀ କିନ୍ତୁ ଏଥର ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଶିଖରରେ ପହଞ୍ଚାଇଛନ୍ତି। ଏସିଆନ ଗେମ୍ସର ମହିଳା ୨୦୦ ମିଟର ଇଭେଣ୍ଟରେ ସେ ୨୩.୨୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ୨୩.୩୭ ସେକେଣ୍ଡ ସମୟ ନେଇଥିବା ଦୂତୀ ସେମିଫାଇନାଲରେ କ୍ୟାରିୟର ଶ୍ରେଷ୍ଠ ୨୩.୦୦ ସେକେଣ୍ଡ ସମୟ ନେଇ ସେ ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଥିଲେ। ଫାଇନାଲରେ ସେହି ଟାଇମିଂ ବଜାୟ ରଖି ପାରି ନ ଥିଲେ ହେଁ ସେ ରୌପ୍ୟ ପଦକ ସହ ନିଜ ଅଭିଯାନ ଶେଷ କରିଥିଲେ। ପ୍ରତିଯୋଗିତାର ଉଭୟ ୧୦୦ ଓ ୨୦୦ ମିଟରରେ ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ କରିଛନ୍ତି ବାହାରିନର ଓଡିଅଙ୍ଗ ଇଡିଡିଅଙ୍ଗ। ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଇଡିଡିଅଙ୍ଗ ୨୦୦ ମିଟରରେ ମଧ୍ୟ ୨୨.୯୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସଂଯୋଗ ବଶତଃ ଏଠାରେ ମଧ୍ୟ ଚାଇନାର ୱେଇ ୱେଙ୍ଗଲି ତୃତୀୟ ସ୍ଥାନ ହାସଲ କରିଥିଲେ। ସେ ୨୩.୨୭ ସେକେଣ୍ଡ ସମୟ ନେଇଥିଲେ। ଅର୍ଥାତ୍ ଜାକର୍ତ୍ତା ଏସିଆନ ଗେମ୍ସରେ ଉଭୟ ୧୦୦ ଓ ୨୦୦ ମିଟରରେ ସମାନ ପ୍ରତିଯୋଗୀ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି।

ଦୂତୀ ଏବେ ଗୋଟିଏ ଏସିଆନ ଗେମ୍ସରେ ୨ କିମ୍ବା ତଦୂର୍ଦ୍ଧ୍ୱ ପଦକ ଜିତିଥିବା କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷାଙ୍କ ପରି ଆଥଲେଟ୍ଙ୍କ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଉଷା ୧୯୮୬ ସିଓଲ ଏସିଆନ ଗେମ୍ସର ୧୦୦ ମିଟରରେ ରୌପ୍ୟ ଏବଂ ୨୦୦ ମିଟର, ୪୦୦ ମିଟର, ୪୦୦ ମିଟର ହର୍ଡଲ୍ସ ଓ ୪ x୪୦୦ ମିଟର ରିଲେ ରେସ୍ରେ ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏହି କ୍ଲବରେ ଥିବା ଅନ୍ୟତମ କିମ୍ବଦନ୍ତୀ ଆଥଲେଟ୍ ଜ୍ୟୋତିର୍ମୟୀ ସିକ୍ଦାର ୧୯୯୮ ବ୍ୟାଙ୍କକ୍ ଏସିଆଡ୍ର ୮୦୦ ମିଟର ଓ ୧୫୦୦ ମିଟର ରେସ୍ରେ ପଦକ ଜିତିଥିଲେ। ୨୦୦୨ ବୁସାନ ଏସିଆନ୍ ଗେମ୍ସରେ ସୁନୀତା ରାଣୀ ୧୫୦୦ ଓ ୫୦୦୦ ମିଟରରେ ୨ଟି ପଦକ ପାଇଥିଲେ।

କୌଣସି ଆଥଲେଟ୍ ଗୋଟିଏ ଏସିଆନ ଗେମ୍ସରେ ୨ଟି ପଦକ ଜିତିବା ଓଡ଼ିଶା ପାଇଁ କିନ୍ତୁ ପ୍ରଥମ ଘଟଣା। ପୂର୍ବରୁ ୧୯ ଜଣ ଓଡ଼ିଆ ଖେଳାଳି ଏସିଆନ ଗେମ୍ସରେ ୨୧ଟି ପଦକ ପାଇଥିଲେ। ଦିଲୀପ ତିର୍କୀ ଓ ଜ୍ୟୋତି ସୁନୀତା କୁଲୁ ଭିନ୍ନ ଏସିଆନ ଗେମ୍ସରେ ୨ ଥର ଲେଖାଏ ପଦକ ଜିତିଥିଲେ। ମାତ୍ର କୌଣସି ଏକ ଏସିଆଡ୍ରେ ୨ଟି ରୌପ୍ୟ ପଦକ ଜିତି ଓଡ଼ିଶା କ୍ରୀଡ଼ାକୁ ଭିନ୍ନ ଏକ ସୋପାନକୁ ନେଇଯାଇଛନ୍ତି ଦୂତୀ।


**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

ବିରାଡ଼ି ଗନ୍ଧ

**ଆଜିର ମନ୍ତବ୍ୟ**

ପାକିସ୍ତାନରେ ଝିଅମାନଙ୍କୁ ଶିକ୍ଷାରୁ ଦୂରେଇ ରଖିବା ପାଇଁ ତାଲିବାନର ଉଦ୍ୟମ ବିଫଳ ହୋଇଛି ।

-ମଲାଲା ୟୁସୁଫ୍ଜାଇ, ନୋବେଲ ବିଜୟୀ


NECC NATIONAL EGG CO-ORDINATION COMMITTEE — 29.08.2018 — Venkob FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 63 | 110 | 120 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


■ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ବଲାଙ୍ଗୀର ଅଶାନ୍ତ

# ଫୁଟିଲା ୪ ରାଉଣ୍ଡ ଗୁଳି, ଜଣେ ଗୁରୁତର

ବଲାଙ୍ଗୀର ଅଫିସ,୨୯।୮

ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ପୋଲିସ ତନାଘନା ଚଳାଇଥିବା ବେଳେ ଗସ୍ତର ଦିନକ ପୂର୍ବରୁ ସହରରେ ଗୁଳିକାଣ୍ଡ ଘଟଣା ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ୨୬ନଂ. ଜାତୀୟ ରାଜପଥ ସହର ଉପକଣ୍ଠ ବିଜାଖମନ୍ ଜିତୁ ଢାବା ନିକଟରେ ଜଣେ ଯୁବକଙ୍କୁ ଲକ୍ଷ୍ୟ କରି ୪ ରାଉଣ୍ଡ ଗୁଳିମାଡ଼ କରାଯାଇଛି। ଏଥିରେ ସମ୍ପୃକ୍ତ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ଜଣକ ରାମେଶ୍ୱରନଗରର ଦିଲୀପ ପଟ୍ଟନାୟକ। ତାଙ୍କୁ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ଛାତି ଓ ଅଣ୍ଟାରେ ୨ଟି ଗୁଳି ବାଜିଛି। ତେବେ ଗୁଳିମାଡ଼ର କାରଣ ପୋଲିସ ସ୍ପଷ୍ଟ କରିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ବଲାଙ୍ଗୀରରେ ଗୁଳିକାଣ୍ଡ ଘଟଣା ପୋଲିସର ଚିନ୍ତା ବଢ଼ାଇଦେଇଛି।



ଗୁଳିମାଡ଼ରେ ଆହତ ଦିଲୀପ ପଟ୍ଟନାୟକ।

ମିଳିଥିବା ସୂଚନା ମୁତାବକ, ବିଜାଖମନ୍ ନର୍ସରୀ ନିକଟରେ କିଛି ଯୁବକ ରୁଣ୍ଡ ହୋଇଥିଲେ। ସେଠାରେ କୌଣସି କଥାକୁ ନେଇ ଦିଲୀପଙ୍କ ସହ ବବୁଲୁ ମହାନନ୍ଦ ନାମକ ଜଣେ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣା ପରବର୍ତ୍ତୀ ସମୟରେ ଗୁଳିକାଣ୍ଡର ରୂପ ନେଇଥିଲା। ଢାବା ନିକଟରେ ବବୁଲୁ ମହାନନ୍ଦ ୪ ରାଉଣ୍ଡ ଗୁଳି ଫୁଟାଇଥିଲେ। ସେଥିରୁ ୨ଟି ଗୁଳି ଦିଲୀପଙ୍କ ଛାତି ଓ ଅଣ୍ଟାରେ ବାଜିଥିଲା। କେଉଁ କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେଲା ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ପରେ ବବଲୁ ମହାନନ୍ଦ ଓ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଉଭୟ ବବୁଲୁ ଓ ଦିଲୀପଙ୍କ ବିରୋଧରେ ପୂର୍ବରୁ ଥାନାରେ ମାମଲା ରହିଥିବା ଜଣାପଡ଼ିଛି। ବଲାଙ୍ଗୀରରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ବୁଧବାର ଗୁଳିକାଣ୍ଡ ଘଟଣାକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଅପରାଧୀମାନେ ଖୋଲାଖୋଲି ବେଆଇନ ମାରଣାସ୍ତ୍ର ଧରି ରାସ୍ତାରେ ବୁଲିବା ଲୋକଙ୍କୁ ଚିନ୍ତାରେ ପକାଇଛି। ☞ପୃଷ୍ଠା-୪

# ସାଧକ ହେଲେ ବାଧକ

ଜ୍ୟୋତି ରଞ୍ଜନ ମହାପାତ୍ର

ଭୁବନେଶ୍ୱର, ୨୯।୮

ସମାଜରେ ସାଧକ ସାଜିଥିବା ବ୍ୟକ୍ତିମାନେ ଏବେ ଜନସାଧାରଣଙ୍କ ମଙ୍ଗଳ ନିମନ୍ତେ କରାଯାଉଥିବା କାର୍ଯ୍ୟରେ ବାଧକ ସାଜିଛନ୍ତି। ସାଧକମାନେ ସାଧାରଣତଃ ସରଳ, ନିଷ୍କପଟ ଓ ନିରୀହ ହେବା କଥା। କିନ୍ତୁ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇସ୍କନ ମନ୍ଦିର ଦ୍ୱାରା ହୋଇଥିବା ଜବରଦଖଲ ଉଚ୍ଛେଦ ସମୟରେ ସେମାନେ କେତେ ଉଦ୍ଧତ, ବିଶୃଙ୍ଖଳିତ ଓ ହିଂସ୍ର ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା। ୧୯୭୭ରେ ଇସ୍କନ ମନ୍ଦିରର ଶୁଭ ଦିଆଯାଇ ୧୯୯୧ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର କାଳକ୍ରମେ ଇସ୍କନମନ୍ଦିରର ଜବରଦଖଲ ଯୋଗୁ ସେଠାରେ ଥିବା ଡ୍ରେନର ଦିଗ ପରିବର୍ତ୍ତନ କରାଯିବା ସହ ଡ୍ରେନ ପୋତି ହୋଇଗଲା। ଗତ ଜୁନ ୩୦ରେ ଲଗାଣ ବର୍ଷା ହୋଇ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଲା। ପରିସ୍ଥିତି ଏପରି ହେଲା ଶେଷରେ କାର୍, ବସ୍ ଓ ବାଇକ ଭାସିଲା। ଲୋକଙ୍କ ଘରେ ପାଣି ପଶି ଲକ୍ଷ ଲକ୍ଷ ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହେଲା। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗିଲେ। ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କଲା। ତଦନ୍ତ ପରେ ପ୍ରଶାସନ ଜାଣିବାକୁ ପାଇଲା ଇସ୍କନର ଜବରଦଖଲ ଯୋଗୁ ଡ୍ରେନ ପୋତି ହୋଇ ଏହି ସମସ୍ୟା ସୃଷ୍ଟି ହେଲା। ଗତ ଜୁଲାଇ ୨୮ରେ ଇସ୍କନ ଦ୍ୱାରା ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିବା ବେଳେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପରକୁ ପଥର, ଟେକାମାଡ଼ କରିବାକୁ ଇସ୍କନର ସାଧୁ ଓ ଶ୍ରଦ୍ଧାଳୁମାନେ ପଛଘୁଞ୍ଚା ଦେଲେ ନାହିଁ। ଏଥିରେ ସରକାରୀ ଅଧିକାରୀ ଓ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ସରକାର ଯେତେବେଳେ ଆଇନ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆଗେଇ ଆସିଲେ, ଏହି ଇସ୍କନ ଭକ୍ତ ଓ ସମର୍ଥକମାନେ ସରକାରୀ କାର୍ଯ୍ୟରେ ବାଧକ ସାଜିଲେ। ଜବରଦଖଲ ଉଚ୍ଛେଦ କରାଗଲା ପରେ ମଧ୍ୟ ଇସ୍କନ କର୍ତ୍ତୃପକ୍ଷ ଆଇନକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏତେସବୁ ଘଟଣା ଘଟିବା ପରେ ବି ଇସ୍କନ କର୍ତ୍ତୃପକ୍ଷଙ୍କ ମନ ଶାନ୍ତି ହେଲା ନାହିଁ। ଜୁଲାଇ ୨୮ରେ ଯେଉଁ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଗଲା ପୁଣି ଉକ୍ତ ଜାଗାକୁ ତାରବାଡ ଜାଲି ଘେରାଉ କରି ☞ପୃଷ୍ଠା-୪



ଉଚ୍ଛେଦ ପୂର୍ବରୁ ସରକାରୀ ଜମିରେ ଥିବା ଇସ୍କନର ଭଜନ କୁଟୀର (ବୃତ୍ତ ଚିହ୍ନିତ)।




ଧରିତ୍ରୀ
DHARITRI
ଗୁରୁବାର, ୩୦ ଅଗଷ୍ଟ, ୨୦୧୮



“ଭାଜପା ଆର୍‌ଏସ୍‌ଏସ୍ ବିଚାରଧାରାକୁ ଆପଣାଇଛି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ସଂଘ ବିଚାରଧାରା ଦେଶ ପାଇଁ ବିଷ। ତେଣୁ ଏହା ବିରୋଧରେ ଲଢ଼େଇ କରୁଛୁ।
-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



## ସଂକ୍ଷେପରେ

### କୈଳାସ ମାନସରୋବର ଯାତ୍ରା କରିବେ ରାହୁଲ

**ନୂଆଦିଲ୍ଲୀ, ୨୯।୮(ପି.ଟି.):** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କୈଳାସ ମାନସରୋବର ଯାତ୍ରା କରିବେ। କର୍ଣ୍ଣାଟକ ବିଧାନସଭା ନିର୍ବାଚନ ବେଳେ ସେ ଏହି ପବିତ୍ର ପୀଠ ପରିଦର୍ଶନ ଲାଗି ଇଚ୍ଛାବ୍ୟକ୍ତ କରିଥିଲେ। ଗତ ଏପ୍ରିଲ ୨୯ରେ ରାମଲୀଳା ମଇଦାନରେ ଆୟୋଜିତ ‘ଜନ ଆକ୍ରୋଶ ରାଲି’ରେ ଏନେଇ ସେ ବିଧିବଦ୍ଧ ଘୋଷଣ କରିଥିଲେ। ଏବେ ପ୍ରତିଶ୍ରୁତି ରକ୍ଷାକରି ସେ ଅଗଷ୍ଟ ୩୧ ରାତିରୁ କୈଳାସ ମାନସରୋବର ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଚାରି ପାଞ୍ଚଦିନ ପରେ ସେ ସେଠାରୁ ଫେରିଆସିବେ ବୋଲି ଜଣାପଡ଼ିଛି। ରାହୁଲ ନେପାଳ ରୁଟ୍ ଦେଇ ଏହି ଯାତ୍ରା କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟର ଅନୁମତି ଲୋଡ଼ିଥିବା ଦଳୀୟ ସୂତ୍ରରୁ ପ୍ରକାଶ।

### ଶାହଙ୍କ ନାଁରେ ମାନହାନି ମାମଲା

#### ଦାଏର କଲେ ମମତାଙ୍କ ପୁତୁରା



**କୋଲ୍‌କାତା, ୨୯।୮(ପି.ଟି.):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଯୁବ ଶାଖା ମୁଖ୍ୟ ଅଭିଷେକ ବାନାର୍ଜୀ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନାଁରେ ମାନହାନି ମକଦ୍ଦମା ଦାଏର କରିଛନ୍ତି। ଗତ ୧୧ ତାରିଖରେ କୋଲ୍‌କାତାରେ ଆୟୋଜିତ ଏକ ରାଲିରେ ଶାହ ତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଟିଏମ୍‌ସି ଏମ୍‌ପି ଅଭିଷେକ ବୁଧବାର କୋଲ୍‌କାତାର ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ କୋର୍ଟର ଅଷ୍ଟମ ଖଣ୍ଡପୀଠ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏହାପରେ ଶାହଙ୍କୁ ନୋଟିସ ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୨୮ରୁ ଏହି ଫୌଜଦାରି ମାମଲାର ଶୁଣାଣି ଆରମ୍ଭ ହେବ।

### ପଶ୍ଚିମବଙ୍ଗରେ ହିଂସା: ୩ ମୃତ

**ବାରାସତ୍, ୨୯।୮(ପି.ଟି.):** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପଞ୍ଚାୟତ ବୋର୍ଡ ଗଠନକୁ ନେଇ ହିଂସା ଘଟିଛି। ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ୧୭ ଜଣ ମଧ୍ୟ ଆହତ ହୋଇଥିବା ବୁଧବାର ପୋଲିସ ସୂଚନା ଦେଇଛି। ଆମ୍‌ଡାଙ୍ଗା ବ୍ଲକ୍‌ରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ପରସ୍ପରକୁ ବୋମା ଫିଙ୍ଗିବା ସହ ଗୁଳିମାଡ଼ କରିଥିଲେ। ବୁଧବାର ସକାଳେ ଏହି ହିଂସା ଜିଲାର ବାର୍‌ଗାଚିଆ, ତାରାବେରିଆ ଓ ମହିସ୍‌ଗାଚି ଅଞ୍ଚଳକୁ ବ୍ୟାପିଯାଇଥିଲା। ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୧୨ ଜଣଙ୍କୁ ଅଟକ ରଖାଯାଇଛି। ସିପିଏମ୍ ଏବଂ ଭାଜପା ହିଂସା ସୃଷ୍ଟି କରୁଥିବା ଟିଏମ୍‌ସି ଅଭିଯୋଗ କରିଛି।

## ବାର୍‌ବରାଙ୍କ ସମେତ ୫ ଜଣଙ୍କୁ ଆଶ୍ୱସ୍ତି

# ୬ ଯାଏ ଗୃହବନ୍ଦୀ ରହିବେ

**ନୂଆଦିଲ୍ଲୀ,୨୯।୮(ପି.ଟି.)**

ଭୀମା-କୋରେଗାଓଁ ହିଂସା ମାମଲାରେ ଗିରଫ ହୋଇଥିବା ୫ ମାନବାଧିକାର କର୍ମୀଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆସନ୍ତା ୬ ତାରିଖ ଯାଏ ସେମାନେ ଗୃହବନ୍ଦୀ ରହିବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏମାନଙ୍କୁ ଏବେ ଜେଲକୁ ପଠାଯିବ ନାହିଁ। ପୋଲିସ ନଜରରେ ଏମାନେ ଗୃହବନ୍ଦୀ ହୋଇ ରହିବେ।

ଗତବର୍ଷ ଡିସେମ୍ବର ୩୧ରେ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ ‘ଏଲ୍‌ଗାର ପରିଷଦ’ ନାମରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଦଳିତ ଓ ଉଚ୍ଚବର୍ଗର ପେଶୱାଙ୍କ ମଧ୍ୟରେ ହିଂସା ଘଟିଥିଲା। ପୁଣେ ପୋଲିସ ଏହାର ତଦନ୍ତ ପାଇଁ ମଙ୍ଗଳବାର ଏକକାଳୀନ ୬ଟି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ହାଇଦ୍ରାବାଦର ବିଶିଷ୍ଟ ତେଲୁଗୁ କବି ବାର୍‌ବରା ରାଓ, ମୁମ୍ବାଇର ମାନବାଧିକାର କର୍ମୀ ଅରୁଣ ଫରେଇରା, ଫରିଦାବାଦ୍‌ର ଟ୍ରେଡ୍ ୟୁନିୟନ୍ କର୍ମୀ ସୁଧା ଭରଦ୍ୱାଜ, ନୂଆଦିଲ୍ଲୀର ନାଗରିକ ସ୍ୱାଧୀନତା କର୍ମୀ ଗୌତମ ନଭ୍‌ଲଖା ଓ ମୁମ୍ବାଇର ପୂର୍ବତନ ଅଧ୍ୟାପକ ଭର୍ନନ ଗନ୍‌ସାଲଭେସ୍। ଏହି ଗିରଫଦାରିକୁ ଐତିହାସିକ ରୋମିଲା ଥାପର, ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ ଏବଂ ଦେବିକା ଜୈନଙ୍କ ସମେତ ୫ ବୁଦ୍ଧିଜୀବୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଏକ ପିଟିଶନ ଦାଏର କରିଛନ୍ତି।



‘ଅସହମତି ହେଉଛି ଗଣତନ୍ତ୍ରର ସେଫ୍ଟି ଭାଲ୍‌ଭ। ଏହା ନ ଥିଲେ ବିସ୍ଫୋରଣ ଘଟିପାରେ। -ସୁପ୍ରିମକୋର୍ଟ

ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରିଛନ୍ତି। ଭୀମା-କୋରେଗାଓଁ ଘଟଣାର ପ୍ରାୟ ୯ ମାସ ପରେ ଏମାନଙ୍କୁ ଗିରଫ କରିବାର କାରଣ କ’ଣ ବୋଲି ମହାରାଷ୍ଟ୍ର ପୋଲିସକୁ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ମତଭେଦ ବା ଅସହମତି ହେଉଛି ଗଣତନ୍ତ୍ରର ସେଫ୍ଟି ଭାଲ୍‌ଭ। ଏହା ନ ଥିଲେ ବିସ୍ଫୋରଣ ଘଟିପାରେ ସୁପ୍ରିମକୋର୍ଟ ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଅଭିଯୁକ୍ତମାନେ କେତେକ ହାଇକୋର୍ଟରେ ଆବେଦନ କରିସାରିଥିବାରୁ ମାମଲା ସହ ସମ୍ପର୍କ ନ ଥିବା ବାହାର ଲୋକ ସେମାନଙ୍କ ପାଇଁ କିପରି ପିଟିଶନ ଦାଏର କରିଛନ୍ତି ବୋଲି ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଏହି ପ୍ରସଙ୍ଗରେ ସେପ୍ଟେମ୍ବର ୬ରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

### ମହାରାଷ୍ଟ୍ର ସରକାରଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

**ନୂଆଦିଲ୍ଲୀ,୨୯।୮ (ଆଇଏଏନ୍‌ଏସ୍)**

୫ ନାଗରିକ ଅଧିକାର କର୍ମୀଙ୍କୁ ଗିରଫ କରାଯିବାବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜ୍ୟୁର୍ (ଏସ୍‌ଓପି) ପାଳନ କରାଯାଇ ନ ଥିଲା। ଏହି ଗିରଫଦାରି ମାନବାଧିକାର ଉଲ୍ଲଂଘନ ସହ ସମାନ ବୋଲି ବୁଧବାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କହିଛନ୍ତି। ଏହାସହ ଏମାନଙ୍କୁ କେଉଁ ଆଧାରରେ ଗିରଫ କରାଯାଇଛି ସେନେଇ ମହାରାଷ୍ଟ୍ର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି ଏନ୍‌ଏଚ୍‌ଆର୍‌ସି। ମହାରାଷ୍ଟ୍ର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରାଯାଇଛି। ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିବା ପରେ ଏନ୍‌ଏଚ୍‌ଆର୍‌ସି ନିଜ ଆଡୁ ମହାରାଷ୍ଟ୍ରକୁ ନୋଟିସ ଜାରି କରିଥିବା ଜଣାପଡ଼ିଛି।



“ଯେଉଁମାନେ ମାନବାଧିକାର ଉଲ୍ଲଂଘନ ବିରୋଧରେ ସ୍ୱର ଉଠାଉଛନ୍ତି ଏବଂ ଦଳିତ ଓ ଆଦିବାସୀଙ୍କ ଅଧିକାର ପାଇଁ ଲଢ଼େଇ କରୁଛନ୍ତି ସେମାନଙ୍କୁ ଟାର୍ଗେଟ କରାଯାଉଛି।
**-ସୁଧା ଭରଦ୍ୱାଜ, ଟ୍ରେଡ୍ ୟୁନିୟନ୍ କର୍ମୀ ଓ ଆଇନଜୀବୀ**



“ରାଜନୈତିକ ମତଭେଦ ବିରୋଧରେ ଏହା ପ୍ରତିଶୋଧ ପରାୟଣ ଓ ଭୀରୁ ସରକାରଙ୍କ ଏକ ରାଜନୈତିକ ଷଡ଼ଯନ୍ତ୍ର। ଭୀମା-କୋରେଗାଓଁ ହିଂସାର ପ୍ରକୃତ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ସରକାର ଲୋକଙ୍କ ଧ୍ୟାନ ହଟାଇବା ସକାଶେ ଆମକୁ ଟାର୍ଗେଟ କରାଯାଇଛି।
**-ଗୌତମ ନଭ୍‌ଲଖା, ନାଗରିକ ସ୍ୱାଧୀନତା କର୍ମୀ**



“ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ସମର୍ଥନ ହରାଇ ବିଚଳିତ ହୋଇପଡ଼ିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି କହି ସେମାନେ ସହାନୁଭୂତି ହାସଲ କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଏହା ସେମାନଙ୍କୁ ଓଲଟା ପରିଣାମ ଦେବ।
**-ପ୍ରଭାତ ପଟ୍ଟନାୟକ, ବିଶିଷ୍ଟ ଅର୍ଥନୀତିଜ୍ଞ**



“ବାମ ବା ଦକ୍ଷିଣ ପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବା ଜଣଙ୍କର ବ୍ୟକ୍ତିଗତ ସ୍ୱାଧୀନତା। କୌଣସି ହିଂସାରେ ସମ୍ପୃକ୍ତ ନ ଥିବା ମାନବାଧିକାର କର୍ମୀମାନଙ୍କୁ ଗିରଫ କରିବା ନିନ୍ଦନୀୟ।
**- ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା**



“ଯିଏ ଗରିବଙ୍କ ନିର୍ଯାତନା ବିରୋଧରେ ସ୍ୱର ଉଠାଇ ଏକଚ୍ଛତ୍ରବାଦ ଶାସନକୁ ନିନ୍ଦା କରିବେ ତାଙ୍କୁ ଆର୍‌ଏସ୍‌ଏସ୍‌ର ନୂଆ ଇଣ୍ଡିଆରେ ଗିରଫ କରାଯିବ।
**- ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**

## ପରଲୋକରେ ଏନ୍‌ଟିଆର୍‌ଙ୍କ ପୁଅ ହରିକ୍ରିଷ୍ଣା

### ଦୁର୍ଘଟଣାରେ ଜୀବନ ଗଲା



**ହାଇଦ୍ରାବାଦ/ଅମରାବତୀ, ୨୯।୮(ପି.ଟି.)**

ତେଲୁଗୁ ସିନେମା ଇଣ୍ଡଷ୍ଟ୍ରିର ପିତାମହ ତଥା ଅବିଭାଜିତ ଆନ୍ଧ୍ରପ୍ରଦେଶରେ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଏନ୍.ଟି. ରାମାରାଓଙ୍କ ପୁଅ ନନ୍ଦାମୁରୀ ହରିକ୍ରିଷ୍ଣାଙ୍କ ପରଲୋକ ହୋଇଛି। ତେଲେଙ୍ଗାନାର ନାଲଗୋଣ୍ଡା ଜିଲାରେ ବୁଧବାର ଏକ କାର ଦୁର୍ଘଟଣାରେ ସେ ପ୍ରାଣ ହରାଇଛନ୍ତି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଅଭିନେତାରୁ ରାଜନେତା ହୋଇଥିବା ହରିକ୍ରିଷ୍ଣାଙ୍କ ବିୟୋଗ ପରେ ଶୋକର ଛାୟା ଖେଳିଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଶାଳକ ହରିକ୍ରିଷ୍ଣା କେତେଜଣ ସହଯୋଗୀଙ୍କ ସହ ମିଶି ଏକ ବିବାହ ଭୋଜିରେ ଯୋଗଦେବା ଲାଗି ନେଲ୍ଲୋର ଜିଲା ଅଭିମୁଖେ ଯାତ୍ରା କରୁଥିଲେ। ନାଲଗୋଣ୍ଡା ରାଜପଥରେ ଅତିକ୍ରମ କରିବାବେଳେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଏକ ଡିଭାଇଡର ଉପରେ ଚଢ଼ାଇଦେଲେ। ଏହାପରେ ଗାଡ଼ିଟି ମାଡ଼ିଯାଇ ଅପରପାର୍ଶ୍ୱରେ ଥିବା ରାଜପଥକୁ ଯାଇ ଆଉ ଏକ କାରକୁ ଧକ୍କା ଦେଇଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ହରିକ୍ରିଷ୍ଣାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଯୋଗୁ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଦୁଇ ସହଯୋଗୀ ଆହତ ହୋଇଛନ୍ତି। ଦୁର୍ଘଟଣା ବିଷୟରେ ଖବର ପାଇ ହରିକ୍ରିଷ୍ଣାଙ୍କ ପୁଅ ତଥା ଅଭିନେତା ଜୁନିୟର ଏନ୍‌ଟିଆର୍ ଏବଂ କଲ୍ୟାଣରାମ ହସ୍ପିଟାଲକୁ ଯାଇଥିଲେ। ହରିକ୍ରିଷ୍ଣା ଥିଲେ ଏନ୍.ଟି. ରାମାରାଓଙ୍କ ଚତୁର୍ଥ ପୁତ୍ର ଏବଂ ଟିଡିପିର ପଲିଟ୍‌ବ୍ୟୁରୋ ସଦସ୍ୟ। ଅଭିନେତା ଓ ରାଜନେତା ଭାବେ ସେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ଇହଲୀଳା ସମ୍ବରଣ ପରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଇ.ଏସ୍.ଏଲ୍. ନରସିଂହନ୍ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସମେତ ରାଜନୀତି ଓ ସିନେମା ଜଗତର ଅନେକ ବ୍ୟକ୍ତିବିଶେଷ ମଧ୍ୟ ଶୋକବାର୍ତ୍ତା ଦେଇଛନ୍ତି। ଅଭିନେତା ମହେଶ ବାବୁ କହିଛନ୍ତି, ହରିକ୍ରିଷ୍ଣାଙ୍କ ଅକାଳ ବିୟୋଗ ଖବର ତାଙ୍କୁ ମର୍ମାହତ କରିଛି। ବିଶିଷ୍ଟ ଅଭିନେତା ଜଗପଥି ବାବୁ, ନାୟକ ଆଲ୍ଲୁ ଅର୍ଜୁନ, ରାମ ଚରଣ ଏବଂ ନାଗାର୍ଜୁନ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ହାଇଦ୍ରାବାଦସ୍ଥିତ ବାସଭବନରେ ହରିକ୍ରିଷ୍ଣାଙ୍କ ଶେଷ ଦର୍ଶନ ପାଇଁ ଉଭୟ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ନେତାମାନେ ଆସିଥିଲେ। ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

## ଫୁର୍‌ସତ

### ଆଦିମ ଅଧିବାସୀଙ୍କ ରହସ୍ୟମୟ ଭୂଖଣ୍ଡ

**ନୂଆଦିଲ୍ଲୀ:** ବିଶ୍ୱର ଅପୂର୍ବ ପ୍ରାକୃତି ସୌନ୍ଦର୍ଯ୍ୟଭରା ଦ୍ୱୀପଗୁଡ଼ିକ ମଧ୍ୟରେ ଭାରତର ଆଣ୍ଡାମାନ ନିକୋବର ହେଉଛି ଅନନ୍ୟ। ଏଠାରେ ଅନେକ ଜନଶୂନ୍ୟ ଦ୍ୱୀପ ମଧ୍ୟ ରହିଛି। ଚଳିତମାସ ଆରମ୍ଭରେ ଏହି ଜନଶୂନ୍ୟ ଦ୍ୱୀପଗୁଡ଼ିକୁ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦେଇଛନ୍ତି ଭାରତ ସରକାର। ଛୋଟବଡ଼ ୩୦୦ ଦ୍ୱୀପ ମଧ୍ୟରୁ ୨୯ଟି ଲୋକଙ୍କ ବାସସ୍ଥଳୀ ଏବଂ ୧୧ଟି ଜନଶୂନ୍ୟ ଦ୍ୱୀପ ରହିଛି। ଫଳରେ ଗତ କିଛିଦିନ ମଧ୍ୟରେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଆଣ୍ଡମାନ ନିକୋବରରେ ଥିବା କେତେକ ଦ୍ୱୀପ ହିଂସ୍ର ଆଦିମ ଅଧିବାସୀଙ୍କ ବାସସ୍ଥଳୀ ପାଲଟିଛି। ସେଠାକୁ ମଣିଷ ତ ଦୂରର କଥା ସାମାନ୍ୟତମ କୀଟପତଙ୍ଗର ପ୍ରବେଶ ମଧ୍ୟ ବାରଣ। ଦ୍ୱୀପପୁଞ୍ଜର ନର୍ଥ ସେଣ୍ଟିନେଲ ଦ୍ୱୀପରେ ଏଭଳି ଏକ ରହସ୍ୟମୟ ଆଦିମ ଆଧିବାସୀ ବସବାସ କରନ୍ତି, ଯେଉଁମାନଙ୍କର ଆଧୁନିକ ଦୁନିଆ ସହ କୌଣସି ସମ୍ପର୍କ ନାହିଁ। ଏହି ଆଦିମ ଅଧିବାସୀଙ୍କ ଅସ୍ତିତ୍ୱ ୬୦,୦୦୦ ବର୍ଷ ପୁରୁଣା ବୋଲି କୁହାଯାଏ। ସେମାନେ ପ୍ରସ୍ତର ଯୁଗରୁ ଏଠାରେ ରହୁଥିବା ଅନୁମାନ କରାଯାଏ। ବର୍ତ୍ତମାନ ସେମାନଙ୍କ ଜନସଂଖ୍ୟା କେତେ ତାହା ମଧ୍ୟ ଅନୁମାନ କରିବା କଷ୍ଟକର। କିନ୍ତୁ ୧୦୦ରୁ ୨୦୦ ଲୋକ ବୋଲି ଅନୁମାନ କରାଯାଏ। ଏହି ଦ୍ୱୀପର ଦୃଶ୍ୟ ସବୁ ଦ୍ୱୀପ ଭଳି ଅତି ଶାନ୍ତ ଏବଂ ସୁନ୍ଦର। କିନ୍ତୁ ଆଦିମ ଅଧିବାସୀଙ୍କ ଆତଙ୍କ ଯୋଗୁ ପର୍ଯ୍ୟଟକ କିମ୍ବା ମତ୍ସ୍ୟଜୀବୀ ସେଠାକୁ ଯିବା ପାଇଁ ସାହସ କରି ନ ଥାନ୍ତି। ଏମାନେ ବିଶ୍ୱର ସବୁଠାରୁ ହିଂସ୍ର ଜନଜାତି ବୋଲି କୁହାଯାଏ। ଭାରତ ସରକାର ମଧ୍ୟ ସେମାନଙ୍କ ଭୂଖଣ୍ଡରେ ଦଖଲ ଦେବାକୁ ଚେଷ୍ଟା କରି ନ ଥାନ୍ତି। ନର୍ଥ ସେଣ୍ଟିନେଲ ଦ୍ୱୀପର ଜନଜାତି ଗ୍ରହର ସବୁଠୁ ଦୁର୍ବଳ ଆଦିବାସୀ ବୋଲି ‘ସର୍ଭାଇଭାଲ ଇଣ୍ଟରନ୍ୟାଶନାଲ’ ନାମକ ଏକ ସଂସ୍ଥା ପକ୍ଷରୁ କୁହାଯାଇଛି।



### ପ୍ରଦର୍ଶନ ହେବ ମେଘାନ୍‌ଙ୍କ ୱେଡିଂ ଗାଉନ୍

**ଲଣ୍ଡନ:** ପୁଣି ଚର୍ଚ୍ଚା କେନ୍ଦ୍ରକୁ ଆସିଛି ବ୍ରିଟିଶ ରାଜପରିବାରର କନିଷ୍ଠ ଯୁବରାଣୀ ମେଘାନ୍ ମର୍କଲେଙ୍କ ୱେଡିଂ ଗାଉନ୍। ୱିଣ୍ଡସର୍ କ୍ୟାସ୍ ରୟାଲ୍ ଚର୍ଚ୍ଚରେ ପ୍ରିନ୍ସ ହ୍ୟାରିଙ୍କୁ ଜୀବନସାଥୀ ଭାବେ ପ୍ରତିଜ୍ଞା ନେବା ବେଳେ ଯୁବରାଣୀ ମେଘାନ୍ ଯେଉଁ ଗାଉନ୍ ପରିଧାନ କରିଥିଲେ ଉକ୍ତ ଗାଉନ୍‌କୁ ଏବେ ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି। ୱିଣ୍ଡସର୍ କ୍ୟାସଲ୍‌ଠାରେ ଏହାକୁ ଜନସାଧାରଣ ଦେଖିବାକୁ ପାଇପାରିବେ। ଚଳିତବର୍ଷ ଅକ୍ଟୋବର ୨୬ରୁ ଆସନ୍ତାବର୍ଷ ଜାନୁୟାରୀ ୨୬ ଯାଏ ଏହା ୱିଣ୍ଡସର୍ କ୍ୟାସଲ୍‌ରେ ପ୍ରଦର୍ଶନ ହେବ। ଏହାପରେ ୨୦୧୯ ଜୁନ୍ ୧୪ରୁ ଅକ୍ଟୋବର ୬ ଯାଏ ଏଡିନ୍‌ବର୍ଗର ହୋଲିରୁଡ୍‌ଠାରେ ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବ।



## ଇତିହାସର ଆଇନାରେ

### ଅଗଷ୍ଟ ୩୦ର ପ୍ରମୁଖ ଘଟଣା

୧୯୮୧ ଅଗଷ୍ଟ ୩୦ରେ ଇରାନ ରାଷ୍ଟ୍ରପତି ମହମ୍ମଦ ଅଲି ରାଜାଇ ଏବଂ ପ୍ରଧାନମନ୍ତ୍ରୀ ମହମ୍ମଦ ଜାଭାଦ୍ ବାହୋନାର୍‌ଙ୍କୁ ହତ୍ୟା କରାଯାଇଥିଲା। ପିପୁଲ୍ସ ମୁଜାହିଦ୍ଦିନ ଗୋଷ୍ଠୀ ବିସ୍ଫୋରଣ ଜରିଆରେ ଦୁଇନେତାଙ୍କୁ ହତ୍ୟା କରିଥିଲା। ରାଜାଇ ଥିଲେ ଦେଶର ଦ୍ୱିତୀୟ ନିର୍ବାଚିତ ରାଷ୍ଟ୍ରପତି। ସେ ୧୯୮୧ ଅଗଷ୍ଟ ୨ରେ ଦେଶର ରାଷ୍ଟ୍ରପତି ହୋଇଥିଲେ। ପୂର୍ବରୁ ଆବୋଲ ହାସାନ୍ ବାନିସାଦର ରାଷ୍ଟ୍ରପତି ଥିବାବେଳେ ସେ ପ୍ରଧାନମନ୍ତ୍ରୀ ଥିଲେ।

୧୯୭୪ ଅଗଷ୍ଟ ୩୦ରେ ଯୁଗୋସ୍ଲାଭିଆର ଜାଗ୍ରେବ୍‌ରେ ବେଲ୍‌ଗ୍ରେଡ୍-ଡର୍ଟମୁଣ୍ଡ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୫୩ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬୦ ଜଣ ଆହତ ହୋଇଥିଲେ। ଟ୍ରେନ୍‌ଟି ଦ୍ରୁତଗତିରେ ଯାଉଥିବା କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲା ବୋଲି ପରେ ଜଣାପଡ଼ିଥିଲା। ଦୁର୍ଘଟଣା ସମୟରେ ଟ୍ରେନ୍‌ରେ ୪୦୦ ଲୋକ ଯାତ୍ରା କରୁଥିଲେ।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୭ | ୨୫.୦ |
| ଚାନ୍ଦବାଲି | ୩୧.୦ | ୨୫.୫ |
| କଟକ | ୩୧.୬ | ୨୪.୨ |
| ପାରାଦ୍ୱୀପ | ୩୦.୭ | ୨୬.୪ |
| ଭୁବନେଶ୍ୱର | ୩୨.୭ | ୨୫.୫ |
| ଗୋପାଳପୁର | ୩୧.୭ | ୨୬.୫ |
| ପୁରୀ | ୩୧.୬ | ୨୬.୪ |
| ଅନୁଗୋଳ | ୩୨.୭ | ୨୩.୦ |
| ବାରିପଦା | ୩୨.୨ | ୨୬.୬ |
| ଝାରସୁଗୁଡ଼ା | ୩୦.୮ | ୨୫.୪ |
| କେନ୍ଦୁଝର | ୩୨.୨ | ୨୩.୨ |
| ସମ୍ବଲପୁର | ୩୧.୦ | ୨୩.୧ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୧.୧ | ୨୨.୦ |
| ତାଳଚେର | ୩୧.୫ | ୨୪.୬ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୦.୧ | ୨୪.୭ |
| କୋରାପୁଟ | ୨୬.୦ | ୨୦.୦ |
| ଫୁଲବାଣୀ | --- | ୨୩.୦ |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୯.୦ | ୨୪.୬ |
| ସୋନପୁର | ୩୧.୪ | ୨୩.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |
| ଢେଙ୍କାନାଳ | ୩୧.୮ | ୨୫.୧ |

ଡିଗ୍ରୀ ସେଲ୍‌ସିୟସ୍

### ମାନିଲେ ବରୁଣ

**ନୂଆଦିଲ୍ଲୀ:** ବଲିଉଡ୍‌ର ହ୍ୟାଣ୍ଡସମ୍ ହଙ୍କ୍ ବରୁଣ ଧୱନ ଏବଂ ତାଙ୍କ ବାଲ୍ୟକାଳର ବାନ୍ଧବୀ ନତାଶା ଦଲାଲଙ୍କ ସମ୍ପର୍କକୁ ନେଇ ବଲିଉଡ୍ ଜଗତରେ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି। ଉଭୟଙ୍କୁ ବିଭିନ୍ନ ସମୟରେ ଏକାଠି ଦେଖିବାକୁ ମିଳିଲେ ସୁଦ୍ଧା ନତାଶାଙ୍କ ସହ ସମ୍ପର୍କକୁ ନେଇ ବରୁଣ ସବୁବେଳେ ମୌନ ରହୁଥିଲେ। ଏବେ ପ୍ରଥମକରି ପ୍ରେମ ଜୀବନ ବିଷୟରେ ସେ ମୁହଁ ଖୋଲିଛନ୍ତି। ନତାଶାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିବା ବରୁଣ ସ୍ପଷ୍ଟ କରିଛନ୍ତି। ବିବାହ ଯୋଜନା ବିଷୟରେ ମଧ୍ୟ ସେ କହିଛନ୍ତି। ଏକ ସାକ୍ଷାତକାରରେ ବରୁଣ କହିଛନ୍ତି, ତାଙ୍କ ଜୀବନରେ ନତାଶାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ତାଙ୍କ ଯୋଗୁ ହିଁ ‘ବଦ୍‌ଲାପୁର’ ଏବଂ ‘ଅକ୍ଟୋବର’ ଭଳି ଫିଲ୍ମ କରିପାରିଛନ୍ତି। ସେ ଜଣେ ଅଭିନେତା ବୋଲି ନତାଶା ତାଙ୍କ ପ୍ରତି ଆକର୍ଷିତ ହୋଇନାହାନ୍ତି। ଦୁହେଁ ପରସ୍ପରକୁ ପିଲାବେଳୁ ଜାଣିଥିବାରୁ ସମ୍ପର୍କ ଅତି ନିବିଡ଼ ବୋଲି ସେ କହିଛନ୍ତି। ନତାଶାଙ୍କୁ ନିଶ୍ଚିତ ଜୀବନସାଥୀ କରିବେ ବୋଲି ବରୁଣ ସ୍ପଷ୍ଟ କରିଛନ୍ତି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ସ୍ମାର୍ଟଫୋନ୍ ଦ୍ୱାରା ମଶାଙ୍କୁ ତଡ଼ିହେବ। ହେର୍ଟ ଜିୟର ନାମକ ଏକ ଆପ୍ଲିକେସନ୍ ସ୍ମାର୍ଟଫୋନ୍‌ରେ ଲୋଡ୍ କଲେ ଏହା ମଶା କବଳରୁ ରକ୍ଷା କରିବ। ଏହି ଆପ୍ଲିକେସନ୍ ଗୁଗୁଲ ଆପ୍ ଷ୍ଟୋରରୁ ସହଜରେ ଡାଉନଲୋଡ୍ କରିହେବ। ଏହାକୁ ସ୍ମାର୍ଟଫୋନ୍‌ରେ ଇନଷ୍ଟଲ୍ କଲେ ଏକ ହାଇ ଫ୍ରିକ୍ୱେନ୍ସି ଶବ୍ଦ ସୃଷ୍ଟି ହେବ। ମାତ୍ର ଏହାକୁ କେବଳ କୀଟ ପତଙ୍ଗ ଶୁଣିପାରିବେ। ଏହି ଶବ୍ଦ ସେମାନଙ୍କୁ ପସନ୍ଦ ହୋଇ ନ ଥାଏ। ତେଣୁ ସେମାନେ ଶବ୍ଦ ପରିସୀମାଠାରୁ ଦୂରରେ ରହିଥା'ନ୍ତି ବୋଲି ଗୁଗୁଲ ପକ୍ଷରୁ କୁହାଯାଇଛି।

### ରେଲୱେରେ ଚାକିରି ନାଁରେ ଠକେଇ

# ୩ ଅଭିଯୁକ୍ତଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

**ଓଡ଼ିଶା ସମେତ ୬ ସ୍ଥାନରେ ଚଢ଼ାଉ**

ରେଲୱେରେ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ର୍ୟାକେଟର ପର୍ଦ୍ଦାଫାଶ କରିଛି ସିବିଆଇ। ଦିଲ୍ଲୀର ଏକ ସିବିଆଇ ଟିମ୍ ଭୁବନେଶ୍ୱର ସିବିଆଇ ଟିମ୍ ସହ ମିଶି ରାଉରକେଲା ଏବଂ କଟକରେ ଚଢ଼ାଉ କରି ର୍ୟାକେଟର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକର କିଶୋର ଚନ୍ଦ୍ର ପ୍ରଧାନ, ପଶ୍ଚିମବଙ୍ଗର ନାରାୟଣ ପାତ୍ର ଓ ହାଓଡା ଅଞ୍ଚଳର ଗୋବିନ୍ଦ ସିହ୍ନା। ପୋଲିସ ଏମାନଙ୍କଠାରୁ ଏକାଧିକ ମୋବାଇଲ ଫୋନ ଓ ଲାପଟପ ଜବତ କରିଛି। ଅଧିକ ପଚରାଉଚରା ପାଇଁ ଦିଲ୍ଲୀ ସିବିଆଇ ଟିମ୍ ସେମାନଙ୍କୁ ଦିଲ୍ଲୀ ନେଇଛି।

ଦିଲ୍ଲୀ ରେଳ ବିକାଶ ନିଗମ ଲିମିଟେଡ୍ ପକ୍ଷରୁ ରେଲୱେରେ ନିଯୁକ୍ତି ଦେବା ନାଁରେ ଏକ ର୍ୟାକେଟ ଠକେଇ କରୁଥିବା ସମ୍ପର୍କରେ ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ସିବିଆଇ ଏହାର ତଦନ୍ତ କରି ଓଡିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମହାରାଷ୍ଟ୍ରର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଓଡ଼ିଶାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ରେଳ ବିକାଶ ନିଗମ ଲିମିଟେଡ ନାମରେ ଏକ ଜାଲ୍ ୱେବସାଇଟ ଖୋଲିଥିଲେ। ସେମାନେ ଟାର୍ଗେଟ କରୁଥିବା ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଜାଲ୍ ୱେବ୍‌ସାଇଟରେ ଦର୍ଶାଯାଉଥିଲା। ପରେ ସେମାନଙ୍କ ଚାକିରି ନିଶ୍ଚିତ କରିବା ନାଁରେ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିଲା।




### ■ ୯୯.୩% ବ୍ୟାନ୍ ନୋଟ୍ ଫେରିଛି: ଆର୍‌ବିଆଇ

# 'ବହୁ ଲକ୍ଷ ଲୋକ ନିଯୁକ୍ତି ହରାଇଲେ'

ମୁମ୍ବାଇ/ନୂଆଦିଲ୍ଲୀ, ୨୯।୮

- ବିମୁଦ୍ରୀକରଣର ଲକ୍ଷ୍ୟ ହାସଲ ହୋଇଛି: ଗର୍ଗ
- କେନ୍ଦ୍ର ଶ୍ୱେତପତ୍ର ଜାରି କରୁ: କେଜରିୱାଲ

ବିମୁଦ୍ରୀକରଣର ୨୨ ମାସ ପରେ ରିଜର୍ଭ ବ୍ୟାଙ୍କ ବ୍ୟାନ୍ ହୋଇଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ଗଣତି ଶେଷ କରିଛି। ବ୍ୟାନ୍ ହୋଇଥିବା ନୋଟ୍‌ର ୯୯.୩% ବ୍ୟାଙ୍କକୁ ଫେରିଆସିଛି ବୋଲି ଆର୍‌ବିଆଇ ବୁଧବାର ଜାରି କରିଥିବା ୨୦୧୭-୧୮ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟରେ ଦର୍ଶାଇଛି। ଆର୍‌ବିଆଇ ରିପୋର୍ଟ ପ୍ରକାଶ ପରେ କଂଗ୍ରେସ ବିମୁଦ୍ରୀକରଣ ଉପରେ ପ୍ରଶ୍ନ ଉଠାଇଛି। ଏହାଦ୍ୱାରା ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ହରାଇଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

ବିମୁଦ୍ରୀକରଣ ବେଳେ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ଥିଲା। ତନ୍ମଧ୍ୟରୁ ୧୫.୩୧ ଲକ୍ଷ କୋଟି ଟଙ୍କା ଫେରି ଆସିଛି। ଅର୍ଥାତ୍ ଚଳିତ ବର୍ଷ ଜୁନ୍ ୩୦ ସୁଦ୍ଧା ଏଥିରୁ ୧୦,୭୨୦ କୋଟି ଟଙ୍କା ଫେରିନି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏହାର ରିପୋର୍ଟରେ କୁହାଯାଇଛି ଯେ, ଅଚଳ ହୋଇଥିବା ନୋଟ୍‌ର ଗଣତି ସଫଳତାର ସହ ଶେଷ କରାଯାଇଛି। ବ୍ୟାନ୍ ହୋଇଥିବା ନୋଟ୍‌ର ଗଣତି, ଏହାର ହିସାବ ରଖିବା ଅତ୍ୟନ୍ତ କଷ୍ଟକର କାମ ଥିଲା। ସପ୍ତାହକୁ ୬ ଦିନ ୨୪ ଘଣ୍ଟା ଧରି ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ନୋଟ୍ ଗଣନା କରାଯାଇଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବଜାରରେ ୧୮.୦୩ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିମୁଦ୍ରୀକରଣ ସମ୍ପର୍କିତ ରିପୋର୍ଟ ପ୍ରକାଶ ପରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଟୁଇଟ୍ ଜରିଆରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଆର୍‌ବିଆଇ ରିପୋର୍ଟ ଅନୁଯାୟୀ ସରକାର କେବଳ ୧୩ହଜାର କୋଟି ଟଙ୍କାର ବିମୁଦ୍ରୀକରଣ କରିଛନ୍ତି। କିନ୍ତୁ ଏଥିପାଇଁ ଦେଶକୁ ବହୁ ମୂଲ୍ୟ ଦେବାକୁ ପଡିଛି। ଦେଶର ଅର୍ଥନୀତି ଜିଡିପି ହିସାବରେ ୧.୫% ହ୍ରାସ ପାଇଛି। ଅର୍ଥାତ୍ ପ୍ରାୟ ବର୍ଷକରେ ୨.୨୫ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି। ଏଥିଯୋଗୁ ୧୦୦ ଜଣଙ୍କର ପ୍ରାଣ ଯାଇଛି ଓ ପ୍ରାୟ ଦେଢ଼ କୋଟି ଦିନ ମଜୁରିଆ ବହୁ ସପ୍ତାହ ଧରି ବେକାର ହୋଇ ବସିବାକୁ ବାଧ୍ୟ ହୋଇଛନ୍ତି। ହଜାର ହଜାର ସଂଖ୍ୟାରେ ଏମ୍‌ଏସ୍‌ଏମ୍‌ଇ ବନ୍ଦ ହୋଇଯିବା ଯୋଗୁ ଲକ୍ଷ ଲକ୍ଷ କର୍ମଚାରୀ ରାତାରାତି ବେକାର ହୋଇଯାଇଥିଲେ ବୋଲି ଚିଦାମ୍ବରମ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ବିମୁଦ୍ରୀକରଣକୁ କେନ୍ଦ୍ର ସରକାର ସମର୍ଥନ କରିଛନ୍ତି। ଏହାଦ୍ୱାରା ସରକାରଙ୍କ ଲକ୍ଷ୍ୟ ହାସଲ ହୋଇଛି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ଏସ୍.ସି. ଗର୍ଗ ପ୍ରକାଶ କରିଛନ୍ତି। ବିମୁଦ୍ରୀକରଣ ଯୋଗୁ କଳାଧନ ସୃଷ୍ଟିକୁ ରୋକାଯାଇପାରିଛି। ସେହିପରି ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ବନ୍ଦ ହେବା ସହ ଡିଜିଟାଲ ଟ୍ରାଞ୍ଜାକ୍ସନକୁ ପ୍ରୋତ୍ସାହିତ କରାଯାଇପାରିଛି। ଏବେ ଦେଶରେ ଅର୍ଥର ଅଭାବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏଏପି ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ରିଜର୍ଭ ବ୍ୟାଙ୍କ ରିପୋର୍ଟ ପ୍ରକାଶ ପରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ବିମୁଦ୍ରୀକରଣ ଦ୍ୱାରା ଦେଶର କ'ଣ ଲାଭ ହେଲା କେନ୍ଦ୍ର ସରକାର ଏନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ପୂର୍ବତନ ପ୍ରିନ୍ସିପାଲ୍ ଏଜି ଅମର ପଟ୍ଟନାୟକ ବିଜେଡିରେ ସାମିଲ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

- ତାଙ୍କ ଯୋଗଦାନ ଦଳରେ ଶକ୍ତି ବୃଦ୍ଧି କରିବ: ମୁଖ୍ୟମନ୍ତ୍ରୀ
- ତଥ୍ୟ, ପ୍ରମାଣ ଲୁଚାଇ ରଖିବା ପାଇଁ ପ୍ରୟାସ: କଂଗ୍ରେସ
- କଳାକାରନାମାକୁ ଧଳା କରିବା ପାଇଁ ନୁହେଁ ତ: ଭାଜପା

ପୂର୍ବତନ ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ ଅମର ପଟ୍ଟନାୟକ ବିଜୁ ଜନତା ଦଳରେ ବୁଧବାର ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେ ଦଳରେ ଯୋଗ ଦେଇଥିବା କହିଛନ୍ତି। ଅମରଙ୍କୁ ବିଜେଡିରେ ସ୍ୱାଗତ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅମର ଚାକିରରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ଯୋଗ ଦେଇଥିବାରୁ ତାଙ୍କୁ ଧନ୍ୟବାଦ। ସେ ବହୁ ରାଜ୍ୟରେ କାର୍ଯ୍ୟ କରିଛନ୍ତି ଓ ତାଙ୍କର ବିପୁଳ ପ୍ରଶାସନିକ ଅଭିଜ୍ଞତା ରହିଛି। ତାଙ୍କ ଯୋଗଦାନ ଦଳରେ ଶକ୍ତି ବୃଦ୍ଧି କରିବ। ଅମର ଦଳର ଆଇଟି ସେଲ୍‌ର ମୁଖ୍ୟ ଭାବେ କାର୍ଯ୍ୟ କରିବେ ବୋଲି ନବୀନ କହିଛନ୍ତି।

ଯୋଗଦାନ ପରେ ଗଣମାଧ୍ୟମକୁ ଅମର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଓ ଦକ୍ଷ ନେତୃତ୍ୱ ଉପରେ ମୋର ବିଶ୍ୱାସ ରହିଛି । ମୋର ଯୋଗଦାନ ଆସ୍ଥା ଓ ପ୍ରତିବଦ୍ଧତାର ପ୍ରମାଣ । ମୁଁ ଯେତେବେଳେ ପ୍ରିନ୍ସିପାଲ୍ ଏଜି ଥିଲି, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରୁଥିଲି । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହିତ ମୋର ଦୀର୍ଘଦିନର ସମ୍ପର୍କ ରହିଥିଲା। ନବୀନ ନିବାସରେ ଅନୁଷ୍ଠିତ ଏହି ଯୋଗଦାନ ଉତ୍ସବରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଶଶୀଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖପାତ୍ର ଡ. ସସ୍ମିତ ପାତ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

ଅମରଙ୍କ ବିଜେଡି ଯୋଗଦାନକୁ କିନ୍ତୁ ବିରୋଧୀମାନେ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଅମର ପଟ୍ଟନାୟକ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନିକଟରେ ରାଜ୍ୟ ସରକାରଙ୍କ ବିରୋଧରେ ବହୁ ତଥ୍ୟ ରହିଛି। ତେଣୁ ନିଜ ବିରୋଧରେ ଥିବା ସମସ୍ତ ତଥ୍ୟ, ପ୍ରମାଣ ଆଦିକୁ ଲୁଚାଇ ରଖିବା ପାଇଁ ଅଫିସରମାନଙ୍କୁ ଦଳରେ ସାମିଲ କରାଯାଉଛି । ସେହିପରି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଅମର ବାବୁ ସାମ୍ବିଧାନିକ ପଦପଦବୀରେ ଥିବା ସମୟରେ ରାଜ୍ୟ ସରକାରଙ୍କ କଳାକାରନାମାର ପର୍ଦ୍ଦାଫାଶ କରିଥିଲେ। ତାଙ୍କର ବିଜେଡିରେ ଯୋଗଦାନ ଉକ୍ତ କଳାକାରନାମାକୁ ଧଳା କରିବା ପାଇଁ ନୁହେଁ ତ। ଯଦି ତାହା ତେବେ ତାଙ୍କୁ ଶୁଭେଚ୍ଛା ବୋଲି ସମୀର କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ବିଜେଡି ନେତାଙ୍କ ସହ ପୂର୍ବତନ ପିଏଜି ଅମର ପଟ୍ଟନାୟକ।

# ମହାନଦୀରେ ମାଡ଼ି ଆସୁଛି ବନ୍ୟାଜଳ

ସମ୍ବଲପୁର/ଭୁବନେଶ୍ୱର, ୨୯।୮ (ବ୍ୟୁରୋ)



- ଆଜି ମୁଣ୍ଡଲୀରେ ପହଞ୍ଚିବ
- ପ୍ରତି ସେକେଣ୍ଡରେ ପ୍ରବାହିତ ହେବ ୮.୫ ଲକ୍ଷ କ୍ୟୁସେକ ଜଳ
- ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା
- ସତର୍କ ରହିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ
- ବୌଦ୍ଧ, ସୋନପୁର, କଟକ, କେନ୍ଦୁଝରର ତଳିଆ ଅଞ୍ଚଳ ଜଳମଗ୍ନ

ହୀରାକୁଦ ଡ୍ୟାମ୍‌ର ୨୫ଟି ଗେଟ୍ ଦେଇ ଛଡ଼ାଯାଉଥିବା ବନ୍ୟାପାଣି ମହାନଦୀରେ ମାଡ଼ିଚାଲିଛି। ଗୁରୁବାର ସକାଳ ସୁଦ୍ଧା ମହାନଦୀ ଓ ଏହାର ଶାଖା ନଦୀ ବନ୍ୟାଜଳରେ ଆହୁରି ଫୁଲିବ। ଏହାକୁ ନେଇ ମହାନଦୀ ଅବବାହିକାରେ ଥିବା ଜିଲାଗୁଡ଼ିକର ଲୋକମାନେ ଆତଙ୍କିତ ହୋଇ ପଡ଼ିଛନ୍ତି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସନ୍ଧ୍ୟା ସୁଦ୍ଧା ମହାନଦୀର ଖଇରାମାଳଠାରେ ପ୍ରତି ସେକେଣ୍ଡରେ ୫,୮୩,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳଠାରେ ୫,୯୪,୦୦୦ ଓ ମୁଣ୍ଡଲୀଠାରେ ୫,୫୪,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଭିତରକୁ ୪,୯୧,୯୪୬ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪,୦୯,୦୯୭ କ୍ୟୁସେକ ଜଳ ଛଡ଼ାଯାଉଛି। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ମହାନଦୀର ମୁଣ୍ଡଲୀଠାରେ ବୁଧବାର ରାତିକିମ୍ବା ଗୁରୁବାର ସକାଳ ସୁଦ୍ଧା ପ୍ରତି ସେକେଣ୍ଡରେ ୮.୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ।

ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟ ଠାରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ଛତିଶଗଡ଼ରୁ ଅଧିକ ମାତ୍ରାରେ ବନ୍ୟାଜଳ ଆସୁଥିବାରୁ ହୀରାକୁଦର ୨୫ଟି ଗେଟ୍ ଖୋଲାଯାଇଛି। ହୀରାକୁଦର ତଳିଆ ଅଞ୍ଚଳରେ ବିଭିନ୍ନ ନଦୀର ଜଳ ମିଶିଥିବାରୁ ବୁଧବାର ରାତି ଏବଂ ଗୁରୁବାର ସକାଳ ସୁଦ୍ଧା ମୁଣ୍ଡଲୀଠାରେ ୮.୫ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେବ। ମହାନଦୀ ଅବବାହିକାରେ ଥିବା ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୁବର୍ଣ୍ଣପୁର, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା, ପୁରୀ ଆଦି ୧୧ଟି ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ସେହିସବୁ ଜିଲାର ଜିଲାପାଳମାନଙ୍କୁ ସମସ୍ତ ପ୍ରତିକାର ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ବଳ ଓ ବିପଦସଙ୍କୁଳ ନଦୀବନ୍ଧର ସୁରକ୍ଷା, ଖାଲୁଆ ଅଞ୍ଚଳର ଲୋକଙ୍କ ସ୍ଥାନାନ୍ତର, ଖାଦ୍ୟ ,ପାନୀୟ ଜଳ, ଔଷଧ ଆଦି ବିଭିନ୍ନ ଜରୁରୀ ସାମଗ୍ରୀ ମହଜୁଦ ରଖିବା ପାଇଁ କୁହାଯାଇଛି। ଏଥିସହିତ ୩ଟି ଏନ୍‌ଡିଆର୍‌ଏଫ୍ ଓ ଦୁଇଟି ଓଡ୍ରାଫ ଟିମ୍ ମଧ୍ୟ ନିୟୋଜିତ ହୋଇଛନ୍ତି। ଏଥିସହିତ ୧୯୮ଟି ବୋଟ୍ ଏବଂ ୪୭୪ଟି ଆଶ୍ରୟସ୍ଥଳ ମଧ୍ୟ ପ୍ରସ୍ତୁତ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି।

ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଖଇରାମାଳ, ମୁଣ୍ଡଲୀ ଓ ବରମୂଳଠାରେ ପ୍ରବାହିତ ଜଳସ୍ତର ଉପରେ ଆମେ ସତର୍କଦୃଷ୍ଟି ରଖିଛୁ। ଏବେ ମୁଣ୍ଡଲୀ ଦେଇ ପ୍ରାୟ ୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହା ଆହୁରି ୬.୫ ଲକ୍ଷ କ୍ୟୁସେକକୁ ବୃଦ୍ଧି ପାଇବ। ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ଛତିଶଗଡ଼ରୁ ଆସୁଥିବା ବନ୍ୟାପାଣି ହ୍ରାସ ପାଇଥିବାରୁ ଆଉ ଅଧିକ ଗେଟ୍ ନ ଖୋଲିବାକୁ ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜଳ ସମ୍ପଦ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ହୀରାକୁଦରୁ ଜଳ ନିଷ୍କାସନ ହେଉଥିବାରୁ ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲାରେ ବନ୍ୟା ଆଶଙ୍କା ବଢ଼ିଯାଇଛି। ମହାନଦୀରେ ବନ୍ୟାଜଳ ବଢ଼ିବାରୁ ବୌଦ୍ଧ ସହରର ନିକଟ ହନୁମାନ ମନ୍ଦିର ଓ ସାହୁପଡ଼ାର କେତେକ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଜଗନ୍ନାଥ ସଡ଼କ ଉପରେ ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ବୌଦ୍ଧ, କନ୍ଧମାଳ ଓ ହରଭଙ୍ଗା ବ୍ଲକର ୩୦ଟି ଗ୍ରାମରେ ବନ୍ୟାପାଣି ପ୍ରବେଶ କରିଛି। ମହାନଦୀର ଖଇରାମାଳଠାରେ ବନ୍ୟାପାଣି ବିପଦ ସଙ୍କେତ ସ୍ତର ୧୦୯ ମିଟର ଥିବା ବେଳେ ୧୦୫.୪୩ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ସୋନପୁର ଜିଲାର ମହାନଦୀ ଓ ତେଲନଦୀ ଫୁଲିବାରେ ଲାଗିଛି। କଟକ ଜିଲାର ମହାନଦୀ ପାଣି ବଡ଼ମ୍ବା ସହର ନିକଟରେ ଥିବା ଭଟ୍ଟାରିକା ମନ୍ଦିର ଭିତରକୁ ପ୍ରବେଶ କରିଥିବା ବେଳେ ସିମିଳିପୁର ଏବଂ ବିଲିପଡ଼ା ମଧ୍ୟରେ ରାସ୍ତା ସଂଯୋଗ ବିଚ୍ଛିନ୍ନ ହୋଇଛି। ନରାଜ ନିକଟରେ ମହାନଦୀ ବିପଦ ସଙ୍କେତକୁ ଅତିକ୍ରମ କରିଯାଇଛି। ସେଠାରେ ବିପଦ ସଙ୍କେତ ସ୍ତର ୨୫.୪୧ ମିଟର ଥିବା ବେଳେ ବନ୍ୟାଜଳ ୨୫.୫୨ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଭଦ୍ରକ ଜିଲାର ସାଳନ୍ଦୀ ନଦୀର ବନ୍ୟାପାଣି ବିଲଣା, ବାରୋ ଏବଂ ତଳପୋକବିନ୍ଧା ଗ୍ରାମରେ ପ୍ରବେଶ କରିଛି। ହଦଗଡ଼ ଡ୍ୟାମ୍ ଗେଟ୍ ଖୋଲା ରହିଥିବାରୁ ସାଳନ୍ଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି।

# ମହାନଦୀରେ ଜଳସ୍ତର ବୃଦ୍ଧିକୁ ନେଇ ରାଜନୀତି

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

- ଛତିଶଗଡ଼କୁ ଦୋଷ ଦେଲା ବିଜେଡି
- ସମାଧାନ ପାଇଁ ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଉପରମୁଣ୍ଡରେ ବର୍ଷା କାରଣରୁ ମହାନଦୀର ଜଳସ୍ତର ବଢ଼ିଛି। ଛତିଶଗଡ ସରକାର ମଧ୍ୟ କେତେକ ଡ୍ୟାମ୍‌ର ଗେଟ୍ ଖୋଲିଛନ୍ତି। ଯାହାଦ୍ୱାରା ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିଛି।

ବିଜେଡି ନେତା ତଥା ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ମହାନଦୀ ବନ୍ୟା ପାଇଁ ଛତିଶଗଡ଼ ଦାୟୀ। ବିନା ସୂଚନାରେ ଛତିଶଗଡ଼ ମହାନଦୀରେ ପାଣି ଛାଡୁଛି। ଛତିଶଗଡ଼ ଏଭଳି କରିବ ବୋଲି ଆଶଙ୍କା କରୁଥିଲୁ ବୋଲି ଦେବୀ କହିଛନ୍ତି। ପୂର୍ବରୁ ରାଜ୍ୟ ଜଳସମ୍ପଦ ସଚିବ ପ୍ରଦୀପ ଜେନା ଏହି ପ୍ରସଙ୍ଗ ଉଠାଇଥିଲେ। ନିକଟରେ ବୁର୍ଲାଠାରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ମଧ୍ୟ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ହେଲେ ପାଣି ଛାଡିବା ପୂର୍ବରୁ ଛତିଶଗଡ କୌଣସି ଯୋଗାଯୋଗ କରି ନ ଥିବା ଅଭିଯୋଗ କରାଯାଇଛି। ଛତିଶଗଡ ଜଳସମ୍ପଦ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ କହିଛନ୍ତି, ହୀରାକୁଦ ଡ୍ୟାମ୍ ଖୋଲାଯିବା ଦ୍ୱାରା ଛତିଶଗଡ ମଧ୍ୟ ପ୍ରଭାବିତ ହୋଇଥାଏ। ଏଣୁ ଦୁଇ ରାଜ୍ୟ ମଧ୍ୟରେ ସମନ୍ୱୟ ରଖିବା ଦ୍ୱାରା ହିଁ ଅସୁବିଧା ଦୂର ହୋଇପାରିବ।

ସେହିପରି ମହାନଦୀ ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି। ମହାନଦୀ ଓ ଅନ୍ୟାନ୍ୟ ପୂର୍ବଭାରତୀୟ ନଦୀ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦେବା ପରେ ସେ ଏହି ମନ୍ତବ୍ୟ ରଖିଛନ୍ତି। ସେ ଆହୁରି କହିଛନ୍ତି, ସମୀକ୍ଷା ବୈଠକରେ ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ବିବାଦ ସମ୍ପର୍କରେ ଆଲୋଚନା କରାଯାଇଛି । ମହାନଦୀ ବନ୍ୟା ସମ୍ପର୍କରେ ଆଲୋଚନା କରି ବିଭିନ୍ନ ତଥ୍ୟ ନେଇଛୁ । ଏନେଇ ଛତିଶଗଡ଼ ସରକାରଙ୍କ ସହ ଶୀଘ୍ର ଆଲୋଚନା କରି ଓଡ଼ିଶା ଓ ଛତିଶଗଡ଼ ବିବାଦର ସ୍ଥାୟୀ ସମାଧାନ ପାଇଁ ସେ ଚେଷ୍ଟା କରିବେ ବୋଲି ମେଘୱାଲ କହିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ନରାଜ ଯାଇ ସ୍ଥିତି ପରଖିବେ ବୋଲି ସୂଚନା ମିଳିଛି।

AMITY UNIVERSITY
LAW | LAST OPPORTUNITY
Apply by: 31.08.18
BAR COUNCIL OF INDIA
DIRECT ADMISSION
CLAT 2018 - Score of 60
• B.A., LL.B. (H)* • B.B.A., LL.B. (H)*
• B.Com., LL.B. (H)* • LL.B.* • LL.M.
• LL.M. -Criminal Law/Constitutional Law/Corporate Law
(*Approved by Bar Council of India)
For programme availability and Admission Pack, visit respective universities' website
www.amity.edu/gurugram www.amity.edu/lucknow
www.amity.edu/gwalior www.amity.edu/mumbai
www.amity.edu/jaipur www.amity.edu/raipur

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ଓଡ଼ିଶାର ଘରେ ଘରେ ପରିଚିତ।
ହାଇପାୱାର ସ୍କେବିଡଲ୍®
ମଲମ ଓ ଲୋସନ୍
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ଫଳପ୍ରଦ



ଭ୍ରମାତ୍ମକ ଫୋନ କଲ୍/ଇମେଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ସର୍ବସାଧାରଣଙ୍କୁ ସ୍ପଷ୍ଟ କରୁଛି ଯେ - ଆଇଆର୍‌ଡିଏଆଇ ବା ଏହାର କେହି ଅଧିକାରୀ କୌଣସି ପ୍ରକାରର ବୀମା ବା ଫାଇନାନ୍‌ସିଆଲ୍ ଉତ୍ପାଦ ବିକ୍ରି ଅଥବା ପ୍ରିମିୟମ୍ ବିନିଯୋଗ କରିବା ପରି କାର୍ଯ୍ୟକଳାପ କରନ୍ତି ନାହିଁ। ଆଇଆର୍‌ଡିଏଆଇ ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ୍ କଲ୍ ପାଇବା ବ୍ୟକ୍ତି ଉକ୍ତ ଫୋନ କଲ୍ ନମ୍ବର ସହିତ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।


ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଜାରି ରହିଛି। ତେବେ ଏଠାକାର ଅସ୍ଥିର ରାଜନୈତିକ ସ୍ଥିତିରେ ମଧ୍ୟ ଅନେକ ଦୃଢ଼ ଇଚ୍ଛାଶକ୍ତି ବଳରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି। ବିଚ୍ଛିନ୍ନତାବାଦୀଙ୍କ ଗଡ଼ ଭାବେ ପରିଚିତ ଡାଉନ୍ ଟାଉନ୍‌ର ବାସିନ୍ଦା ୩୦ ବର୍ଷ ବୟସ୍କା ଇରମ୍ ହବିବ୍ ଖୁବ୍‌ଶୀଘ୍ର କମର୍ସିଆଲ ପାଇଲଟ ଭାବେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ସୁନ୍ଦରୀ ପାଇଲଟ ଜଣଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅର୍ଣ୍ଣବ୍
ପରିବାରବର୍ଗ


ଆରବ
ପରିବାରବର୍ଗ


ଦାଶରଥି
ପରିବାରବର୍ଗ


ନମନ
ପରିବାରବର୍ଗ


ନିର୍ଲିପ୍ତ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified



## SALE

Sale of Yamaha bike YZFR 15, 2013 run 15155km. expected price. Rs.- 67000. Contact: 9920600657. D-58690

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64120



## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64115

Ready to built 4250 sqft. plot available at Jamukoli Mouza, Sundarpada- Jatni Road right side. 9238846887, 9348897443. D-62125

କୋରଡ କଣ୍ଟା ମୌଜାରେ yellowzone ଘରବାରି ସହିତ plot ମିଳୁଛି। Contact: 8480447967. D-63080

ଭୁବନେଶ୍ୱରର ଅରଗୁଳ **IIT** ଠାରେ ପିଚୁରୋଡ ସୁବିଧାଥାଇ ଘରବାରି ପ୍ଲଟ ସ୍ୱଳ୍ପମୂଲ୍ୟରେ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। **Sanjay: 9861812258.** D-63585

କେଶୁରାରେ ଘରବାରି plot immediate ଘର କରି ରହିବା ପାଇଁ ମିଳୁଛି ଓ ଉତ୍ତରାଛକରୁ 5km. ଦୂରରେ ଘରବାରି boundary plot ମିଳୁଛି। D-63081



All type of massage and good therapy full body massage Sai herbal spa. 7609005923. D-64201

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8085

BBSR opening newly ayurvedic full body massage ladies & gents. 7438851534, 7609923705. D-38526



Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64112

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା




(Payal)

**JR. Ayusi**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: କେକୋ, ବଇମା, ବାପା, ମମି, ଝୁନ୍ନୁ ଦାଦା, ସିଲା ଖୁଡୀ, ପିଉସା, ପିଉସୀ, ବାପି ଦାଦା ଓ ଛୋଟୁ ନନା। ଧ-୮୦୯୩


## ୪ ପୋଲିସ.../ପ୍ରଥମ ପୃଷ୍ଠାରୁ...

କଚ୍‌ରୁ ଏବଂ ଓମାର ରସିଦ୍ ୱାନି। ଅଲତାଫ୍ ହିଜ୍‌ବୁଲ ମୁଜାହିଦ୍ଦିନର କମାଣ୍ଡର ଥିଲେ। ୨୦୦୭ରୁ ସେ ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ଅତୀତରେ ପୋଲିସ ଉପରେ ହୋଇଥିବା ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ଅଲତାଫ୍ ହିଜ୍‌ବୁଲ ପୋଷ୍ଟରବୟ୍ ବୁରହାନ୍ ୱାନି ୨୦୧୬ରେ ଏନ୍‌କାଉଣ୍ଟରରେ ନିହତ ହେବା ପରେ ବେଶ୍ ସକ୍ରିୟ ଥିଲେ। ଅନ୍ୟପକ୍ଷରେ ଅନନ୍ତନାଗ ଏନ୍‌କାଉଣ୍ଟର ପରେ ଆତଙ୍କବାଦୀମାନେ ପୋଲିସକୁ ଟାର୍ଗେଟ କରିଛନ୍ତି। ଶୋପିଆନ୍ ସହରରୁ ୨ କି.ମି. ଦୂର ଅରହାମାରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ତାକୁ ସଜାଡ଼ିବା ପାଇଁ ଯାଇଥିବା ପୋଲିସ କର୍ମଚାରୀଙ୍କ ଉପରକୁ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଆହତ ହୋଇଥିବା ୪ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ସେମାନେ ହେଲେ କନଷ୍ଟେବଲ ଇଶଫାକ୍ ଅହମ୍ମଦ ମୀର, ଜାଭେଦ ଅହମ୍ମଦ ଭଟ, ମହମ୍ମଦ ଇକ୍‌ବାଲ ମୀର ଏବଂ ଏସ୍‌ପିଓ ଆଦିଲ ମଞ୍ଜୁର ଭଟ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସନ୍ଦିପ ମହାନ୍ତି**
ଭୁବନେଶ୍ୱର
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭

ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତି ଯାଉଛି। ତୋର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ କ୍ଷତି ଓ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁ ଆମ ପାଖରେ ଅଛୁ ଓ କଲେଜ ଯାଇଛୁ, ଫେରି ଆସିବୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ତୋର ଶୋକସନ୍ତପ୍ତ: ବାବା, ମା, ବଡବାପା, ବଡବୋଉ, ଦାଦୁଲଖୁଡୀ, ଦେଈ, ଭାଇ, ପିଉସା, ପିଉସୀ, ମାମୁ, ମାଇଁ, ମଉସା, ମାଉସୀ ଓ ଆତ୍ମୀୟସ୍ୱଜନ। ଧ-୬୩୩୫




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳି ଖୋଜୁଥାନ୍ତି କଳିହା ସ୍ତିରୀଏ**
**ଯତି ଖୋଜୁଥାନ୍ତି ହରି**
**ବିବେକୀ ପୁରୁଷ ନ୍ୟାୟ ଖୋଜୁଥାନ୍ତି**
**ଖୁଣ୍ଟ ଖୋଜୁଥାନ୍ତି ଚୋରି।**

କଳିର ଯଥାର୍ଥ କାରଣ ନ ଥାଇ କଳିହା ପ୍ରକୃତିର ବ୍ୟକ୍ତି କଳି କରିବାକୁ ସଦା ଆଗଭର ହୋଇଥାନ୍ତି। କଣ୍ଟାବାଡ଼ରେ ଲୁଗା ପକେଇ କଳି କରିବା ସେମାନଙ୍କ ପ୍ରକୃତି ହୋଇଥାଏ। ମୁନି ଋଷି କାୟ ମନ ବାକ୍ୟରେ ଈଶ୍ୱରଙ୍କ ପ୍ରତି ଆସ୍ଥାପ୍ରକଟ କରିବା ସହ ଈଶ୍ୱରଙ୍କ କୃପାଲାଭ ନିମନ୍ତେ ଯଥାସାଧ ଉଦ୍ୟମ ଜାରି ରଖିଥାନ୍ତି। ବିବେକବାନ୍ ବ୍ୟକ୍ତି ଧର୍ମ ନ୍ୟାୟକୁ ସର୍ବଦା ଶ୍ରେଷ୍ଠ ମଣିଥାନ୍ତି। ସେହିପରି ଚୌର୍ଯ୍ୟ କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ଖୁଣ୍ଟରେ ବନ୍ଧାହେବା ଥୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେଉଁଠି ଘାଇମୁହଁରେ ଯାଉଛି**
**କେଉଁଠି ବାଲିଜଳା ବୁଜା ହେଉଛି।**

କେଉଁଠି ଅଜସ୍ର ଖର୍ଚ୍ଚ ତ କେଉଁଠି ସାମାନ୍ୟ ଖର୍ଚ୍ଚ ଉପରେ ନାନା କଟକଣା। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥିବା ବେଳେ ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଖଟିରେ ଖଟିରେ...

## ଦୂରୁ ଜୁହାର

ନିର୍ବାଚନର ଢେର ପୂର୍ବରୁ ପାପୁଲି ଦଳର ପ୍ରାର୍ଥୀ ଘୋଷଣା କରାଯିବ। ଏକଥା ବର୍ତ୍ତମାନ ଦାଣ୍ଡରେ ପଡି ହାଟରେ ଗଡୁଛି। ଏହାକୁ ନେଇ ଭିନ୍ନ ରକମର ଚର୍ଚ୍ଚା ମଧ୍ୟ ଜମୁଛି। ବର୍ଷାଦିନରେ କେଶରୀ ଟକିଜ୍ ଛକରେ ସେଦିନ ଏକଥା ଭାରି ଜମିଥିଲା। ସେଠି ସବୁ ଦଳର ମେମ୍ବର ଥିଲେ, ହେଲେ ପାପୁଲି ଦଳର କୁହାଳିଆ ଲୋକ ଥିଲେ। ଜଣେ କହିଲେ, ଆଗୁଆ ଟିକେଟ୍ ଘୋଷଣା କି' ଲାଭ। ତିନି ଉପକୂଳିଆ ମାନ୍ୟବର ତ ଶଙ୍ଖ ଯୋଗସୂତ୍ରରେ। ଘୋଷଣା କଲା ପରେ ଯଦି ଦଳ ଛାଡ଼ିଲେ, ବାହାଘର ପୂର୍ବରାତିରେ କନ୍ୟା ଫେରାର ପରି ଘଟଣା। ଏଣୁ ମୁଖିଆ ସତର୍କ ହେବା ଦରକାର। ଆଉ ଜଣେ କହିଲେ, କୁଆଡେ ଏଯାଏ ସ୍କ୍ରିନିଂ କମିଟିକୁ ନା ଯାଇନି, ପ୍ରାର୍ଥୀ ବାଛୁଛି କିଏ। ଏକଥା ଶୁଣିବା ପରେ ଖଣି ମୁଖିଆ ସମର୍ଥକ ରାଗିପାଚି ଲାଲ। ଗାରୁ ଗାରୁ ହୋଇ ଅନ୍ୟମାନଙ୍କୁ କ'ଣ ଗୁଡାଏ କହିଦେଇଗଲେ। ଏକଥା ଶୁଣି ଜଣେ ପୂର୍ବତନ ପାପୁଲି ମୁଖିଆଙ୍କ ସମର୍ଥକ କହିଲେ, ରାଧା ନାଚିବ ନାଚିବ କହି କେତେ କିଏ ଘିଅ ଯୋଗାଡ଼ କଲେ। ହେଲେ ମାନ୍ୟବର ଥିଲା ବାଲାଙ୍କୁ ପାଖରେ ପୂରଉଛନ୍ତି, ନ ଥିଲା ବାଲାଙ୍କୁ ଦୂରୁ ଜୁହାର।

## ପାଇଲେ ବୋଧେ ଫିଙ୍ଗିଦେବେ

କେଇଦିନ ହେବ ଭାରି ଚର୍ଚ୍ଚା ହେଲାଣି, କୁଆଡେ ଆମ ରାଇଜ ରାସ୍ତାଘାଟ ତିଆରି ବିଭାଗର ଜଣେ ବରିଷ୍ଠ ବାବୁ ଏଥର ବିଧାୟକ ପ୍ରାର୍ଥୀ ହେବେ। ଶଙ୍ଖ ଦଳରୁ କୁଆଡେ ତାଙ୍କୁ ଏଥର ଟିକଟ ଖଣ୍ଡକ ଦେବେ ବୋଲି ଗ୍ରୀନ୍ ସିଗ୍‌ନାଲ୍ ଦେଇଛନ୍ତି। ଆଉ ବାବୁଙ୍କର ଉପର ମହଲାରୁ ନିଜ ବିଭାଗକୁ ଦିନ ଯାକରେ ଯେତିକି ଥର ଯାଆଆସ ହଉଛି ଯେକୌଣସି ଲୋକଙ୍କୁ ବି ଏହା ସତ ଲାଗିବ। ହେଲେ ଏକଥାଟା ଚର୍ଚ୍ଚାକୁ ଆସିବାପରେ ବାବୁ ଆମର ମହାଗରମ। ବୁଧବାର ଜଣେ ମହାଶୟ ରାଇଜ ସରକାରୀ ମୁଖ୍ୟାଳୟରେ ଯେତେବେଳେ ବାବୁଙ୍କୁ ଏ ବାବଦରେ କିଛି କଥା ପଚାରିଦେଲେ, ସେ ଚାଉଁକିନା ରାଗିଗଲେ। ଏଭଳି ରାଗୁଛନ୍ତି କାହିଁକି ପଚାରିବାରୁ ବାବୁ କହିଲେ, ନାହିଁ ହୋ ରାଗିବି କାହିଁକି, ରାଗିଲେ ପରା ଲୋକେ ଭାବିବେ ସତରେ ବୋଧେ ମୁଁ ବିଧାୟକ ହବାକୁ ଭାରି ଆଗ୍ରହୀ। ଏତିକି କହି ଯେମିତି ବାବୁ ଚାଲିଯାଇଛନ୍ତି, ପ୍ରଶ୍ନ କରିଥିବା ମହାଶୟ କହିଲେ, ସତେ ଯେମିତି ଟିକଟ ଖଣ୍ଡକ ପାଇଲେ ଫିଙ୍ଗିଦେବେ।

## କିଛି ତଥ୍ୟ

ଗତ ୪ ବର୍ଷରେ ଭାରତ ୨୩୦ ବିଲିୟନ ଡଲାର ବିଦେଶୀ ପୁଞ୍ଜି ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିବା ବେଳେ ଇନ୍‌ଭେଷ୍ଟ ଇଣ୍ଡିଆ ଯୋଜନାରେ ୯୦ ବିଲିୟନ ଡଲାରର ନିବେଶ ସୁଯୋଗ ସୃଷ୍ଟି ହୋଇଛି।

**– ଶିଳ୍ପ ନୀତି ଏବଂ ପ୍ରୋତ୍ସାହନ ବିଭାଗ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଦୃଢ଼ ମନୋବଳ ନେଇ କର୍ମକ୍ଷେତ୍ରରେ କାର୍ଯ୍ୟହାସଲ କରିବେ। ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ମାନସିକ ସ୍ତରରେ କ୍ରୋଧାନ୍ୱିତ ହୋଇପାରନ୍ତି। ଗତକାଲି ଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବୃଷ** – ମଙ୍ଗଳ ଧର୍ମଭାବରେ ରହି ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାକୁ ମଙ୍ଗଳମୟ କରିବେ। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଆଶା ପୂରଣ କରିବେ। ନିର୍ମାଣ, ନୂତନ କର୍ମାରମ୍ଭ, ଯୋଗାଯୋଗ, ଆନୁଷ୍ଠାନିକ କାମରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟ ମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ମିଥୁନ** – ଚତୁର୍ଥସ୍ଥ ଶୁକ୍ର ପାରିବାରିକ ସୌଖ୍ୟ ପ୍ରଦାନ କରିବା ଦିଗରେ ସହାୟକ ହେବ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ ସରକାରୀ ସ୍ତରରେ କାମ ହାସଲରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ଋଣ ପରିଶୋଧ କରିବା ପାଇଁ ଚାପର ବଶବର୍ତ୍ତୀ ହୋଇପାରନ୍ତି।

**କର୍କଟ** – ଶନି ଷଷ୍ଠଭାବସ୍ଥ ହେତୁ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପଡିବେ। ମତପାର୍ଥକ୍ୟ ଜନିତ ବାକ୍ ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାର କୃତି ଓ କୃତିତ୍ୱର ଅଧିକାରୀ ହୋଇପାରନ୍ତି।

**ସିଂହ** – କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବ୍ୟବସାୟିକ ଦିଗଟି ବହୁତ ଭଲ ରହିବ।

**କନ୍ୟା** – ଆଜିର ଚନ୍ଦ୍ର ଓ ବୁଧଙ୍କ ସ୍ଥିତି କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି, ବନ୍ଧୁ ସମ୍ପର୍କ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରାଇବ। ପାରିବାରିକ କ୍ଷେତ୍ରର କୌଣସି କଥା ମନକୁ ବାରମ୍ବାର ଆଲୋଡିତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ପରିବାରରେ ଭାତୃବିବାଦ ଦେଖାଦେଇ ପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମନ ଉଦ୍‌ବେଗଯୁକ୍ତ ରହିପାରେ।

**ତୁଳା** – ଅଷ୍ଟମାଧିପତି ଶୁକ୍ର ଦ୍ୱାଦଶଭାବରେ ବିପରୀତର ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା ସହ କୌଣସି ନୂଆ କାମଟିଏ ଆରମ୍ଭ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢିପାରେ ଯାହାକି ସାମୟିକ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବିଛା** – କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ସାମୟିକ ଆଶ୍ୱସ୍ତି ଲାଭ କରିବେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉନା କାହିଁକି ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡିବ।

**ଧନୁ** – କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। ପରୋକ୍ଷ ଶତ୍ରୁତା କାରଣରୁ ପରିସ୍ଥିତିରେ ଅପମାନଜନକ ସ୍ଥିତି ଉପୁଜିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ। କ୍ରୀଡା, କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

**ମକର** – ଶନି ଦ୍ୱାଦଶ ସ୍ଥାନରେ ରହିଥିବାରୁ ଅନିଦ୍ରାଜନିତ ରୋଗର ଶିକାର ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ସୂଚନା ରହିଛି।

**କୁମ୍ଭ** – ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସାହାଯ୍ୟ ମାଧ୍ୟମରେ ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। କଳା,ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ। ବିଭିନ୍ନ କାମରେ ବ୍ୟସ୍ତ ରହି ମୂଳଲକ୍ଷ୍ୟକୁ ପାଶୋରି ଦେଇପାରନ୍ତି।

**ମୀନ** – କର୍ମାଧିପ ଅଷ୍ଟମସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହୋଇପାରନ୍ତି। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢାଇ ଦେବାର ସୂଚନା ରହିଛି। ନିର୍ଦ୍ଦିଷ୍ଟ ସମୟରେ କାମଟି ସମ୍ପୂର୍ଣ୍ଣ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଥୀ ଗୁରୁବାର, ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୯ମି. ଗତେ ଘ୧୨।୪୮ମି. ମଧ୍ୟେ, ଘ୨।୨୭ମି. ଗତେ ଘ୪।୦୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୧ମି. ମଧ୍ୟେ ଘ୨।୨୭ମି. ଗତେ, ଘ୩।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୨୦ମି. ଗତେ. ଘ୨।୦୫ମି, ମଧ୍ୟେ ରାହୁକାଳ।

## ସାଧକ ହେଲେ.../ ପ୍ରଥମ ପୃଷ୍ଠାରୁ...

ଅକ୍ତିଆର କରାଯାଇଛି। ଏ ନେଇ ପୁଣି ଆଗକୁ ଏକ ବିରାଟ ସମସ୍ୟା ସୃଷ୍ଟି ହୋଇପାରେ। ଏନ୍‌ଏଚ୍‌ଏଆଇ ଅଧିକାରୀ ଶିଶୁ ମୋହନଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଯେଉଁ ବ୍ୟକ୍ତି ବା ଅନୁଷ୍ଠାନର ଜାଗାକୁ ନେଇ ସରକାରୀ ଆବଶ୍ୟକତା ପଡିଥାଏ ସେଥିପାଇଁ ସେମାନଙ୍କୁ ନିୟମ ଅନୁଯାୟୀ ଜାଗାର ମୂଲ୍ୟାୟନ କରାଯାଇ ପ୍ରାପ୍ୟ ଦିଆଯାଇଥାଏ। ଯଦି ଏହି ପ୍ରାପ୍ୟକୁ କେହି ଅଗ୍ରାହ୍ୟ କରି ଜାଗାକୁ ଜବରଦଖଲ କରି ରଖିଥାଏ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ ଦଫା ୩(ଡି)ରେ ନୋଟିସ କରାଯିବା ସହ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଏହା ସରକାରଙ୍କ ଅଧୀନକୁ ଚାଲିଯାଇଥାଏ। ଏହି ନିୟମ ସମସ୍ତଙ୍କ ପାଇଁ ବଳବତ୍ତର ରହିଛି। ଏହା ପରିବର୍ତ୍ତନଶୀଳ ନୁହେଁ। ଏନ୍‌ଏଚ୍‌ଏଆଇ ଟଙ୍କା ଦେବାରେ କୌଣସି ସମସ୍ୟା କରିନାହିଁ। କେହି ବ୍ୟକ୍ତି ବା ଅନୁଷ୍ଠାନ ଯଦି ନିଜ ସ୍ୱାର୍ଥଗତ କାରଣରୁ ଟଙ୍କା ନେବେନି ଓ ଜାଗାକୁ ଖାଲି କରିବେ ନାହିଁ, ସେ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ ସ୍ଥାନକୁ ଖାଲି କରାଯିବ। କୋଲକତା-ଚେନ୍ନାଇ ୫ନମ୍ବର ଜାତୀୟ ରାଜପଥ ଲୋକମାନଙ୍କୁ ସେବା ଯୋଗାଉଛି। ଇସ୍କନକୁ ୫ ବର୍ଷ ତଳୁ ନୋଟିସ ଜାରି କରାଯାଇଛି। ଇସ୍କନ ୩୮୨ ବର୍ଗଫୁଟ ଜାଗାର ପ୍ରାପ୍ୟ ପାଇବାକୁ ଥିବାବେଳେ ପାଖାପାଖି ୨୪୦୦ ବର୍ଗଫୁଟ ଜାଗା ଜବରଦଖଲ କରିଥିଲା। ଏଣୁ ତାହାକୁ ଉଚ୍ଛେଦ କରାଯିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

ବିଡିଏର ଏନଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଜବରଦଖଲ ଉଚ୍ଛେଦ ନେଇ ଦେଢ଼ବର୍ଷ ତଳୁ ଇସ୍କନକୁ ନୋଟିସ ଜାରି ହୋଇଥିଲା। ଉଚ୍ଛେଦ ପାଇଁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବାରୁ ଗୌର ଗୋବିନ୍ଦ ସ୍ୱାମୀ ମହାରାଜଙ୍କ ସମାଧିସ୍ଥଳ ସହିତ ଭଜନ କୁଟୀରକୁ ନ ଭାଙ୍ଗିବାକୁ ଇସ୍କନ ପକ୍ଷରୁ କୁହାଯିବା ସହ ନିଜେ ସମାଧି ଉଠାଇନେବେ ବୋଲି ଅଣ୍ଡରଟେକିଂ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ନୋଟିସ ପରେ ମଧ୍ୟ ଇସ୍କନ କର୍ତ୍ତୃପକ୍ଷ ଜାଗା ଖାଲି କରି ନ ଥିଲେ। ଲଗାଣବର୍ଷା ପରେ ଡ୍ରେନ ପୋତି ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହେବାରୁ ବିଡିଏ ତରଫରୁ ଜୁଲାଇ ୨୬ରେ ଇସ୍କନକୁ ନୋଟିସ ଜାରି କରାଯାଇଥିଲା। ଜୁଲାଇ ୨୮ରେ ଜବରଦଖଲ ଉଚ୍ଛେଦ କରିବା ଲାଗି ସକାଳ ୧୦ଟା ବେଳକୁ ଇସ୍କନ ନିକଟରେ ପହଞ୍ଚିଥିଲୁ। ଆମକୁ ଦେଖି ପ୍ରଥମେ ଶତାଧିକ ସାଧକ ଉଚ୍ଛେଦ ସ୍ଥଳରେ ଭଜନକୀର୍ତ୍ତନ ଆରମ୍ଭ କଲେ। ଆମେ କେବେ ଭାବି ନ ଥିଲୁ କାର୍ଯ୍ୟାନୁଷ୍ଠାନ ନେବା ପରେ ସାଧକମାନେ ଏତେମାତ୍ରାରେ ହିଂସ୍ର ହୋଇ ଉଠିବେ। ଆମେ ଆଇନ ଅନୁଯାୟୀ ଆମ କର୍ତ୍ତବ୍ୟ କରୁଥିବା ବେଳେ ସେମାନେ ଆମ ଉପରକୁ ଟେକା ପଥର ମାଡ କଲେ। ଘଟଣାସ୍ଥଳରେ ବିଡିଏ ଏନଫୋର୍ସମେଣ୍ଟ ଅତିରିକ୍ତ କମିଶନର ଭବାନୀ ଶଙ୍କର ଚଇନିଙ୍କ ମୁଣ୍ଡରେ ଆଘାତ ଲାଗିଲା। ତାଙ୍କୁ ସୁରକ୍ଷା ଦେଉଥିବା ବେଳେ ଷଷ୍ଠ ବାଟାଲିୟନର ଏସ୍‌ଆଇ କୁଳମଣି ସ୍ୱାଇଁ ଢେଲା ପଥର ଆକ୍ରମଣର ଶିକାର ହୋଇ ଘଟଣାସ୍ଥଳରେ ଅଚେତ ହେଲେ। ଏହାପରେ ଅନେକ ପୋଲିସ କର୍ମଚାରୀ ଢେଲାପଥର ମାଡର ସମ୍ମୁଖୀନ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲେ। ଏସ୍‌ଆଇ କୁଳମଣି ସ୍ୱାଇଁ ବର୍ତ୍ତମାନ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏ ନେଇ ବିଡିଏ ପକ୍ଷରୁ ନୟାପଲ୍ଲୀ ଥାନାରେ ଏତଲା ଦିଆଯାଇଛି। କିନ୍ତୁ ଦୁଃଖର ବିଷୟ ଅଦ୍ୟାବଧି ଆକ୍ରମଣକାରୀ ସାଧକଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅନ୍ୟପଟେ ଉଚ୍ଛେଦ ପରେ ପୁଣି ଥରେ ଉକ୍ତ ଜାଗାକୁ ଆବଦ୍ଧ କରାଯାଇଥିବା ନେଇ ପଚାରିବାରୁ ଅଧିକାରୀ କହିଛନ୍ତି, ଏହା ଉପରେ ସେଣ୍ଟ୍ରାଲ ମନିଟରିଂ କମିଟି ନଜର ରଖିଛି। ସାଧକମାନେ ସେଠାରେ ଥିବା ସମାଧି ସ୍ଥାନରେ ପୂଜା କରୁଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ତାହାକୁ ଆବଦ୍ଧ କରିଛନ୍ତି। ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲେ ତାହାକୁ ଖାଲି କରିଦିଆଯିବ ବୋଲି ଇସ୍କନ କର୍ତ୍ତୃପକ୍ଷ କହିଛନ୍ତି।

ନୟାପଲ୍ଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଜବରଦଖଲ ଉଚ୍ଛେଦ କରିବା ପାଇଁ ବିଡିଏ, ବିଏମ୍‌ସି ଓ ପ୍ରଶାସନିକ ଅଧିକାରୀଙ୍କ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଉଚ୍ଛେଦ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ଘଟଣାସ୍ଥଳରେ ପହଞ୍ଚିଥିଲୁ। ମାତ୍ର ଟେକାପଥର ମାଡ ପରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ମୃଦୁ ଲାଠିଚାଳନା କରିବାକୁ ପଡିଥିଲା। ଏହି ଘଟଣାକୁ କେନ୍ଦ୍ରକରି ବିଡିଏ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଦଫା ୧୪୩/ ୩୪୧/ ୨୯୪/ ୩୩୭/ ୩୫୩/ ୪୨୭/ ୧୪୯ରେ ଏକ ମାମଲା(୩୩୩/୧୮) ରୁଜୁ କରାଯାଇ ତଦନ୍ତ କରାଯାଉଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଇସ୍କନ ଲୋକ ସମ୍ପର୍କ ଅଧିକାରୀ ରାଧାକାନ୍ତ ଦାସ କହିଛନ୍ତି, ଏନ୍‌ଏଚ୍‌ଏଆଇକୁ ଆମେ କ୍ଷତିପୂରଣ ବାବଦରେ ସୁଧମୂଳ ସହିତ ୪୩ ଲକ୍ଷ ଟଙ୍କା ଦାବି କରିବା ସହ ୨୦୧୧ରୁ କୋର୍ଟରେ ମାମଲା ଚାଲିଛି। ଏ ନେଇ ଏନ୍‌ଏଚ୍‌ଏଆଇ କୌଣସି ପଦକ୍ଷେପ ନ ନେଇ ଆମକୁ ଉଚିତ କ୍ଷତିପୂରଣ ଦେବାରେ ଅବହେଳା କରୁଛି। ଘଟଣା ଘଟିବା ଦିନ କିଏ ଟେକା ମାଡ କରିଛି ତାହା ଆମେ ଜାଣିନାହୁଁ। ବୋଧହୁଏ ସରକାରୀ କର୍ମଚାରୀଙ୍କ ଧାର୍ମିକ ସଂସ୍ଥା ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ସ୍ଥାନୀୟ ସମର୍ଥକମାନେ ଟେକାପଥର ମାଡ କରିଥିବେ। ଏଥିରେ ଇସ୍କନ ସାଧକମାନଙ୍କର କୌଣସି ହାତ ନାହିଁ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ଉପରକୁ ଟେକାମାଡ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଜବରଦଖଲ ଉଚ୍ଛେଦ ସ୍ଥାନକୁ ପୁଣି କାହିଁକି ତାରଜାଲି ଘେରାଉ କରାଯାଇଛି ବୋଲି ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ଗୁରୁ ଗୌର ଗୋବିନ୍ଦ ସ୍ୱାମୀଙ୍କ ସମାଧି ରହିଥିଲା। ଆମେ ସେଠାରେ ପୂଜା କରୁଛୁ, ଗୋରୁ, କୁକୁର ପ୍ରବେଶ ନ କରିବା ଲାଗି ତାରଜାଲି ଘେରାଯାଇଛି। ଡ୍ରେନ କାର୍ଯ୍ୟ ଆରମ୍ଭ ହେଲେ ତାରବାଡ ହଟାଇ ଦିଆଯିବ।

ଆଇନଜୀବୀ ବିଜନ କୁମାର କର କୁହନ୍ତି, କେବଳ ଇସ୍କନ ନୁହେଁ, ରାଜଧାନୀରେ ଅନେକ ଧାର୍ମିକ ସଂସ୍ଥା ଧର୍ମ ଆଳରେ ସରକାରୀ ଜାଗାକୁ ଜବରଦଖଲ କରି ରଖିଛନ୍ତି। ରାଜଧାନୀରେ ଏପରି ଆହୁରି ୪ଟି ମନ୍ଦିର ସରକାରୀ ଜାଗାକୁ ଦଖଲ କରି ନିର୍ମାଣ ହୋଇଛି। ସେଠାରୁ ଉଚ୍ଛେଦ କରାଯାଉନାହିଁ। ଜନପଥ ରୋଡରେ ଥିବା ସନ୍ତୋଷୀମାତା ମନ୍ଦିର, ମାଷ୍ଟର କ୍ୟାଣ୍ଟିନ ଛକରେ ଥିବା ତାରିଣୀ ମନ୍ଦିର ଓ ଷ୍ଟେଶନ ରୋଡ ଏବଂ ଅଶୋକ ନଗରରେ ଦୁଇଟି ମନ୍ଦିର ରହିଛି। ଏପରିକି ଅନେକ ଡ୍ରେନ ଉପରେ ମଧ୍ୟ ନିର୍ମାଣ କାର୍ଯ୍ୟ ହୋଇଛି, ଯାହାଫଳରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନୟାପଲ୍ଲୀ ଅଞ୍ଚଳରେ ଅନେକ ବିଲ୍‌ଡର ସରକାରୀ ଜାଗାକୁ ମାଡି ବସିଛନ୍ତି। ଜାତୀୟ ରାଜପଥ କଡରେ ଅନେକ ଶପିଂ ମଲ୍ ଓ ହୋଟେଲ ସରକାରୀ ଜାଗାକୁ ଅକ୍ତିଆର କରି ନିଜ କାମରେ ବ୍ୟବହାର କରୁଛନ୍ତି। ଏସବୁ ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇ ଯୋଜନା ମୁତାବକ ସ୍ୱେରେଜ, ଡ୍ରେନ ପ୍ରସ୍ତୁତ ହେଲେ ରାଜଧାନୀକୁ କୃତ୍ରିମ ବନ୍ୟାରୁ ରକ୍ଷା କରାଯାଇପାରିବ।

ନୟାପଲ୍ଲୀ ବେହେରା ସାହିର ବାସିନ୍ଦା ସୌରଭ ପ୍ରଧାନ କୁହନ୍ତି, ଲଗାଣ ବର୍ଷା ହେଲେ ପାଇଖାନା ପାଣିଠାରୁ ଆରମ୍ଭ କରି ଡ୍ରେନ ପାଣି ଆସି ଘରେ ପଶୁଛି। ଏହି ପରିସ୍ଥିତିକୁ ମୁକାବିଲା କରୁଥିବା ଲୋକ ହିଁ ଏହାର କଷ୍ଟକୁ ଅନୁଭବ କରିପାରିବ। ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଅଭାବରୁ ଲଗାଣ ବର୍ଷାରେ କୃତ୍ରିମ ବନ୍ୟା ସୃଷ୍ଟି ହେଲା। ଘରେ ପାଣି ପଶି ଘରର ଆସବାବପତ୍ର ନଷ୍ଟ ହେବା ସହ ଗାଡି ମୋଟର ପାଣିରେ ବୁଡି ଲକ୍ଷ ଲକ୍ଷ ଟଙ୍କାର ଧନ ସମ୍ପତ୍ତି କ୍ଷୟକ୍ଷତି ହେଲା। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜବରଦଖଲକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ପାଣିପାଗ କଥା କିଏ ଜାଣେ, ବମ୍ବେ ପରି ରାଜଧାନୀବାସୀ ମଧ୍ୟ ବଡ କୃତ୍ରିମ ବନ୍ୟାର ସମ୍ମୁଖୀନ ନ ହେବେ ତାହା କହିହେବ ନାହିଁ। ଏଭଳି କିଛି ଘଟିବା ପୂର୍ବରୁ ତୁରନ୍ତ ପ୍ରଶାସନ ଏହାର ସମାଧାନ କରିବା ଆବଶ୍ୟକ।

ଡ୍ରେନେଜ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କୁହନ୍ତି, ଇସ୍କନ ମନ୍ଦିର ସମ୍ମୁଖରେ ଡ୍ରେନ କାର୍ଯ୍ୟ ପାଇଁ ଯୋଜନା ମୁତାବକ ନକ୍ସା ପ୍ରସ୍ତୁତ ସରିଛି। ଅକ୍ଟୋବରରୁ ଡ୍ରେନ କାର୍ଯ୍ୟ ଆରମ୍ଭ କରାଯାଇ ଡିସେମ୍ବର ଶେଷ ସୁଦ୍ଧା ସମାପ୍ତ କରାଯିବ। ଏହାପରେ ଆଗକୁ ଏପରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବନାହିଁ।

ଆମ ପ୍ରତିନିଧି ଇସ୍କନ ମନ୍ଦିର ପଛ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ସହିତ ଆଲୋଚନା କରି ବୁଝିଲେ ଯେ, ଇସ୍କନ ଢେଲା ମାଡ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅସତ୍ୟ। ସେହି ଅଞ୍ଚଳର କୌଣସି ବାସିନ୍ଦା ପୋଲିସ କିମ୍ବା ବିଡିଏର ଅଧିକାରୀମାନଙ୍କ ଉପରେ ଟେକାପଥର ମାଡ କରି ନ ଥିଲେ। ଅପରପକ୍ଷରେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଇସ୍କନ ଭକ୍ତମାନଙ୍କର ଗୁଣ୍ଡାମିରେ ସମସ୍ତେ ଅତିଷ୍ଠ ହୋଇପଡିଛନ୍ତି। ବିଡିଏ ତରଫରୁ ନୟାପଲ୍ଲୀ ଥାନାରେ ମାମଲା ଦାୟର କରାଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଗିରଫ ହୋଇନାହାନ୍ତି। ନୟାପଲ୍ଲୀ ବାସିନ୍ଦା ମତ ଦେଇଥିଲେ ଯେ, ଏଭଳି ଅନ୍ତର୍ଜାତୀୟ ଅନୁଷ୍ଠାନ ଯେତେ ଅନ୍ୟାୟ ଘଟାଇଲେ ମଧ୍ୟ କୌଣସି ଆଇନଗତ ପ୍ରଭାବ ସେମାନଙ୍କ ଉପରେ ପଡୁନାହିଁ।

# ମଧ୍ୟାହ୍ନଭୋଜନ ନ ଦେଇ ପ୍ରଧାନ ଶିକ୍ଷକ ନିଲମ୍ବିତ

କୁଆଁରମୁଣ୍ଡା,୨୯।୮(ଡି.ଏନ.ଏ.)

ଦୀର୍ଘ ୮ ଦିନ ପର୍ଯ୍ୟନ୍ତ ସ୍କୁଲରେ ମଧ୍ୟାହ୍ନଭୋଜନ ଦେଇ ନ ଥିବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବରଟୋଲି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀପତିସୁନ୍ଦର ଜେନାଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱରସ୍ଥିତ ବିଭାଗୀୟ ଉପରିସ୍ଥ କାର୍ଯ୍ୟାଳୟର କମ୍ପ୍ୟୁଟର ଡାଟାରୁ ସମ୍ପୃକ୍ତ ସ୍କୁଲରେ ୮ ଦିନ ଧରି ମଧ୍ୟାହ୍ନଭୋଜନ ବନ୍ଦ ଥିବା ଜଣାପଡ଼ିଥିଲା। ଏହାର ତଦନ୍ତ କରିବା ପାଇଁ ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଆସିଥିଲା। କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ ସ୍କୁଲକୁ ଯାଇ ତଦନ୍ତ କରିବା ପରେ ଜେନାଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ରୁ ୨୨ ତାରିଖ ମଧ୍ୟରେ ୮ଟି କାର୍ଯ୍ୟଦିବସ ଥିଲା। ହେଲେ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଚାଉଳ, ଡାଲି ଇତ୍ୟାଦି ଶେଷ ହୋଇଯାଇଥିଲା। ହେଲେ ଏ ସମ୍ପର୍କରେ ଜେନା ନିକଟସ୍ଥ ସିଆର୍‌ସିସି କିମ୍ବା ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ସୂଚନା ଦେଇ ନ ଥିଲେ। ମଧ୍ୟାହ୍ନଭୋଜନ ବନ୍ଦ କରିଦେବା ସହ ଭୁବନେଶ୍ୱରସ୍ଥିତ ଅନ୍‌ଲାଇନ କେନ୍ଦ୍ରକୁ ମଧ୍ୟ ତଥ୍ୟ ପଠାଇ ଦେଉଥିଲେ। ସେଠାରେ ଯାଞ୍ଚ ସମୟରେ ଏହି ଘଟଣା ଧରାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା। ଏତେଦିନ ଧରି ସମ୍ପୃକ୍ତ ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ ଥିବା ଖବର କିପରି ସ୍ଥାନୀୟ ସିଆର୍‌ସିସିଙ୍କ ନିକଟରେ ରହିଲା ନାହିଁ ତାହା ମଧ୍ୟ ତଦନ୍ତ ସାପେକ୍ଷ।

## ଫୁଟିଲା.../(ପ୍ରଥମ ପୃଷ୍ଠାରୁ...

ବିଜାଖମନ୍ ସେଣ୍ଟ୍ରାଲ ନର୍ସରୀ ପାଖରେ କିଛି ଲୋକ ନିୟମିତ ଜୁଆଆଡ୍ଡା କରୁଥିଲେ ମଧ୍ୟ ପୋଲିସ ଏ ଦିଗରେ କୌଣସି ଦୃଷ୍ଟି ଦେଉନାହିଁ। ଏବେ ଗୁଳିକାଣ୍ଡ ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବାରୁ ଘଟଣା ପଛରେ ବଡ଼ କାରଣ ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ଏସ୍‌ଡିପିଓ କ୍ଷୀରସାଗର ନାଏକଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଥିବା କହିଥିଲେ।



ଅଷ୍ଟ୍ରେଲିଆ ନ୍ୟୁ କେଲେଡୋନିଆ ଦ୍ୱୀପରେ ବୁଧବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ଥିଲା ବୋଲି ଆମେରିକା ଭୂ-ବିଜ୍ଞାନ ସଂସ୍ଥା ପକ୍ଷରୁ ସୂଚିତ କରାଯାଇଛି। ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଘଟିଥିବା ଏହି ଭୂକମ୍ପ ଯୋଗୁ ସୁନାମି ଆସିବାର ଆଶଙ୍କା ନ ଥିବା କୁହାଯାଇଛି।



# ୫ରୁ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

## ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ହେମାମାଳିନୀ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତର ମହାକୁମ୍ଭ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ' ଆସନ୍ତା ସେପ୍ଟେମ୍ବର ୫ରୁ ୯ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ ହେବ। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଏଥର ଓଡ଼ିଶୀ ସହ କର୍ଣାଟକୀ ସଙ୍ଗୀତ, ବେହେଲା ବାଦନ, କୁଚିପୁଡ଼ି ଓ କଥକ ନୃତ୍ୟ, ମ୍ୟୁଜିକାଲ ବ୍ୟାଣ୍ଡ୍ ଫ୍ୟୁଜନ୍ ଏବଂ ଓଡ଼ିଶୀ ନୃତ୍ୟନାଟିକା 'ମାଟି' ଆକର୍ଷଣ ରହିବ। ସେହିଭଳି ସବୁବର୍ଷ ପରି ଏ ବର୍ଷ ମଧ୍ୟ ନୃତ୍ୟ, ସଙ୍ଗୀତ, ମଞ୍ଚ ଏବଂ ସିନେମା କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିଙ୍କୁ ସୃଜନ ପକ୍ଷରୁ ସମ୍ମାନିତ କରାଯିବ। ପୁରୀ ଜିଲା ସାକ୍ଷୀଗୋପାଳରେ ଜନ୍ମିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ବିଶାରଦ ଗୁରୁ ଲିଙ୍ଗରାଜ ବେହେରା ଏବଂ ବରିଷ୍ଠ ନାଟ୍ୟବିତ୍ ଡ. ସଚ୍ଚି ଦାସଙ୍କୁ ଏଥର 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର-୨୦୧୮' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯିବ। ସେହିପରି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପାଇଁ ୪ଜଣ ଯୁବ କଳାକାରଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟରେ ଭୁବନେଶ୍ୱରର ସୋନାଲି ମହାପାତ୍ର, କୋଲ୍‌କାତାର ସୁବିକାଶ ମୁଖାର୍ଜୀ, ନୂଆଦିଲ୍ଲୀର କଥକ ନୃତ୍ୟଶିଳ୍ପୀ ସ୍ୱାତୀ ସିହ୍ନା ଓ ଓଡ଼ିଶୀ ମର୍ଦ୍ଦଳରେ ମୁମ୍ବାଇର ରୋହନ ସୁରେଶ ଡାହାଲେଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି। ଯୁବ ପ୍ରତିଭା ସମ୍ମାନ ବାବଦରେ କଳାକାରମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ ବୋଲି 'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ରାଜଶ୍ରୀ ପ୍ରହରାଜ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଏହାସହ କର୍ଣାଟକୀ ସଙ୍ଗୀତରେ ବେହେଲା ଏବଂ ବୀଣାର ଯୁଗଳବନ୍ଦୀ ପରିବେଷଣ କରିବେ ଚେନ୍ନାଇର ବେହେଲା ବାଦକ ଆର୍. କୁମାରେଶ ଓ ବୀଣା ବାଦକ ଜୟନ୍ତୀ କୁମାରେଶ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ପାର୍ଥସାରଥି ପାଣିଗ୍ରାହୀଙ୍କ ଗୀତଗୋବିନ୍ଦ ଏବଂ ବୈଜୟନ୍ତୀ କାଶୀ ଓ ପ୍ରତୀକ୍ଷା କାଶୀଙ୍କ କୁଚିପୁଡ଼ି ଅନନ୍ୟ ଆକର୍ଷଣ ସାଜିବ। ତୃତୀୟ ସନ୍ଧ୍ୟାରେ ବେଙ୍ଗାଲୁରୁର ଆଗମ ମ୍ୟୁଜିକ୍ ବ୍ୟାଣ୍ଡ୍ ମ୍ୟୁଜିକାଲ୍ ଫ୍ୟୁଜନ୍ ପରିବେଷଣ କରିବେ, ଯାହାକି ଚଳିତବର୍ଷର ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ହେବ। ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ରାଜେନ୍ଦ୍ର ଗଣଗଣି କଥକ ଏବଂ ବେଙ୍ଗାଲୁରୁର ଅମ୍ବି ସୁବ୍ରମଣ୍ୟମ୍ କର୍ନାଟକୀ ବେହେଲା ବାଦନ କରିବେ। ଶେଷ ସନ୍ଧ୍ୟାରେ 'ସୃଜନ' ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂଯୋଜନାରେ ରାଧାମୋହନ ଗଡ଼ନାୟକଙ୍କ କାବ୍ୟଧାରା ଉପରେ ଆଧାରିତ ନୃତ୍ୟନାଟିକା 'ମାଟି' ମଞ୍ଚସ୍ଥ ହେବ। ଏଥିସହିତ ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରଚିତ 'କିରବାଣୀ ମଧୁରିମା' ପରିବେଷଣ କରାଯିବ। ତେବେ ଚଳିତବର୍ଷ ସମ୍ମାନ ପ୍ରଦାନ ଉତ୍ସବର ଉଦ୍‌ଯାପନୀ ସମାରୋହରେ ପ୍ରସିଦ୍ଧ ଅଭିନେତ୍ରୀ ତଥା ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ହେମାମାଳିନୀ ଯୋଗଦେବେ ବୋଲି ଗୁରୁ ରତିକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛନ୍ତି।



ଡ. ସଚ୍ଚି ଦାସ



ଲିଙ୍ଗରାଜ ବେହେରା

- ଲିଙ୍ଗରାଜ, ସଚ୍ଚିଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'
- ୪ ଜଣଙ୍କୁ 'ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ'
- ଏଥରର ଆକର୍ଷଣ ଓଡ଼ିଶୀ ନୃତ୍ୟନାଟିକା 'ମାଟି'



## ସଂକ୍ଷେପରେ

### ନନ୍ଦନକାନନରେ ଆଫ୍ରିକୀୟ ସିଂହର ମୃତ୍ୟୁ

**ବାରଙ୍ଗ,୨୯।୮(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀଉଦ୍ୟାନରେ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ଏକ ଆଫ୍ରିକୀୟ ସିଂହର ମୃତ୍ୟୁ ଘଟିଛି। ସଫାରିରେ ରହୁଥିବା ୮ବର୍ଷର ଏହି ସିଂହ ମଙ୍ଗଳବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଦୁର୍ବଳ ହୋଇଯିବା ସାଙ୍ଗକୁ ହାଲିଆ ହୋଇ ଠିକ୍ ଭାବେ ଚଲାବୁଲା କରିପାରି ନ ଥିଲା। ଚିକିତ୍ସା ସତ୍ତ୍ୱେ ତାକୁ ବଞ୍ଚାଇ ରଖାଯାଇପାରି ନ ଥିଲା। ଏହି ସିଂହ ୨୦୧୫ ନଭେମ୍ବର ୧୪ରେ ଅନ୍ୟ ୩ ସିଂହ ଓ ୪ ଜେବ୍ରା ସହ ଇସ୍ରାଏଲ ଚିଡ଼ିଆଖାନାରୁ ନନ୍ଦନକାନନକୁ ଉପହାର ଆକାରରେ ଆସିଥିଲା। ଏବେ ଏହାର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ୧୨କୁ ହ୍ରାସ ପାଇଛି। ସେଥିମଧ୍ୟରେ ୭ ମାଈ ଓ ୫ ଅଣ୍ଡିରା ରହିଛନ୍ତି। ଗତ ୧୦ତାରିଖରେ ମଧ୍ୟ ଏଠାରେ ଏକ ସିଂହର ମୃତ୍ୟୁ ଘଟିଥିଲା। ଚଳିତ ମାସ ଦୁଇଟି ସିଂହଙ୍କ ମୃତ୍ୟୁ ଘଟଣା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଓୟୁଏଟିର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ସିଂହ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ନିମ୍ନମାନର ରାସ୍ତା କାମକୁ ବିରୋଧ

# ଗଛକାଟି ରାସ୍ତା ଅବରୋଧ କଲେ ମାଓବାଦୀ

**ଭବାନୀପାଟଣା/ଲାଞ୍ଜିଗଡ଼,୨୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରରୁ ବିଜେପୁରକୁ ସଂଯୋଗ କରୁଥିବା ହାତୀଶାଳ ଘାଟିରେ ବୁଧବାର ଗଛକାଟି ମାଓବାଦୀମାନେ ରାସ୍ତା ଅବରୋଧ କରିଛନ୍ତି। ସେହିପରି ଲାଞ୍ଜିଗଡରୁ ବନ୍ଧପାରିକୁ ସଂଯୋଗ କରିଥିବା ଆରଡି ରାସ୍ତାର ବାରବୁଲି ଗାଁ ନିକଟରେ ଗଛ ପକାଇବା ସହ ମାଓବାଦୀମାନେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି। ପୋଷ୍ଟରରେ ନିମ୍ନମାନର ରାସ୍ତାକାମକୁ ନେଇ ପିଡବ୍ଲୁଡି ଓ ଆରଡି ବିଭାଗର ଅଧିକାରୀଙ୍କୁ ଚେତାବନୀ ଦିଆଯାଇଛି।

ଗତ କିଛି ମାସ ତଳେ ଲାଞ୍ଜିଗଡରୁ ବେନ୍‌ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା କାମ କରୁଥିବା ସ୍ପେଶାଲକ୍ଲାସ ଠିକାଦାର ଶିବଶଙ୍କର ଦାସଙ୍କୁ ମାଓବାଦୀମାନେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ନ ସୁଧୁରିଲେ ସେମାନଙ୍କୁ ମଧ୍ୟ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ। ଶ୍ରମିକମାନଙ୍କୁ କମ୍ ମଜୁରି ଦିଆଯାଉଥିବାରୁ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଓବାଦୀମାନେ ଚେତାବନୀ ଦେଇଛନ୍ତି । ପୋଷ୍ଟର ତଳେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ କମିଟି ବୋଲି ଉଲ୍ଲେଖ ରହିଛି। ମାଓବାଦୀଙ୍କ ଏହି ପୋଷ୍ଟର ପରେ ସେହି ଅଞ୍ଚଳରେ ଏକ ପ୍ରକାର କୋକୁଆଭୟ ସୃଷ୍ଟି ହୋଇଛି । ରାସ୍ତାରେ ଗଛ ପଡିଥିବା ଯୋଗୁ ଘାଟି ଅଞ୍ଚଳରେ ଥିବା ୮ଟି ପଞ୍ଚାୟତ ଜନସାଧାରଣ ବ୍ଲକ ସଦର ମହକୁମା ବିଶ୍ୱନାଥପୁରକୁ ଯାତାୟାତ କରିପାରୁ ନାହାନ୍ତି । ବିଶ୍ୱନାଥପୁର ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ପୋଷ୍ଟର ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଏହି ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ରାସ୍ତାରୁ ଗଛ ହଟା ଯାଇନାହିଁ । ଲାଞ୍ଜିଗଡ ବ୍ଲକରେ ଆରଡି ବିଭାଗ ତତ୍ତ୍ୱାବଧାନରେ ୩୦ରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ଚାଲିଛି । ସେହି କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ସାଧାରଣରେ ଆଲୋଚନା ହେଉଛି ।



ଗଛକାଟି ମାଓବାଦୀମାନେ ରାସ୍ତା ଅବରୋଧ କରିଛନ୍ତି।

### ଦାମ ପଣ୍ଡାଙ୍କୁ ୫୦ ହଜାର ଟଙ୍କା ସହାୟତା

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଓଡ଼ିଆ ଯାତ୍ରାଜଗତର ମେଗାଷ୍ଟାର ତଥା ଚର୍ଚ୍ଚିତ ଖଳନାୟକ ଓ ଚରିତ୍ର ଅଭିନେତା ଦାମ ପଣ୍ଡାଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଫୁସ୍‌ଫୁସ୍‌ଜନିତ କର୍କଟରେ ପୀଡ଼ିତ ହୋଇ ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ପଣ୍ଡାଙ୍କ ଚିକିତ୍ସା ନିମନ୍ତେ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବୁଧବାର ପୂର୍ବାହ୍ନରେ ସଂସ୍କୃତି ନିର୍ଦ୍ଦେଶାଳୟରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯାତ୍ରା କଳାକାର ପଣ୍ଡାଙ୍କ ପୁତୁରା ଜଗବନ୍ଧୁ ପଣ୍ଡାଙ୍କୁ ୫୦ ହଜାର ଟଙ୍କାର ଚେକ୍ ଦେଇଛନ୍ତି।

## କଟକରେ ଆଇନଜୀବୀଙ୍କୁ ମାଡ଼ ଘଟଣା

# ଉଗ୍ରରୂପ ନେଲା ଆଇନଜୀବୀ-ପୋଲିସ ବିବାଦ

**କଟକ ଅଫିସ, ୨୯।୮**

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ-ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ବୁଧବାର ଉଗ୍ରରୂପ ନେଇଛି। ଆଇନଜୀବୀମାନେ କୋର୍ଟ ବର୍ଜନ କରିବା ସହିତ ହାଇକୋର୍ଟ ସନ୍ନିକଟ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅଫିସ ସାମ୍ନା ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ଏହି ସମୟରେ ସେଠାରେ ଥିବା ଭଦ୍ରକ ପୋଲିସର ଏକ ଭ୍ୟାନ୍ ଜଳିଯାଇଛି। ତେବେ ଆଇନଜୀବୀମାନେ ପୋଲିସ ଜିପ୍‌ରେ ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଥିବାବେଳେ ଏହାକୁ ସେମାନେ ଖଣ୍ଡନ କରିଛନ୍ତି। ଆଇନଜୀବୀମାନଙ୍କୁ ବଦନାମ କରିବା ପାଇଁ କେହି ଦୁର୍ବୃତ୍ତ ଏପରି କାର୍ଯ୍ୟ କରିଥିବା ସେମାନେ କହିଛନ୍ତି। ମଙ୍ଗଳବାର ରାତିରେ କଟକ ଚାଉଳିଆଗଞ୍ଜ ଓଭରବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଥିଲା। ଦେବୀପ୍ରସାଦ ପଟ୍ଟନାୟକ ନାମକ ଜଣେ ଆଇନଜୀବୀଙ୍କ ବାଇକ୍ ଅନ୍ୟ ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଏହାକୁ ନେଇ ଦେବୀ ପ୍ରସାଦଙ୍କୁ ସ୍ଥାନୀୟ ଲୋକେ ଘେରି ଯାଇଥିବା ଖବର ପାଇ ଘଟଣାସ୍ଥଳରେ ଚାଉଳିଆଗଞ୍ଜ ଥାନା ପୋଲିସ ପହଞ୍ଚିଥିଲା। ହେଲେ ସେଠାରେ ପୋଲିସ ଓ ଦେବୀପ୍ରସାଦଙ୍କ ମଧ୍ୟରେ କଥା କଟାକଟି ହୋଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ଚାଉଳିଆଗଞ୍ଜ ଥାନା ପୋଲିସ ଦେବୀ ପ୍ରସାଦଙ୍କୁ ମାଡ଼ ମାରିଥିବା ଅଭିଯୋଗ କରି ବହୁ ସଂଖ୍ୟକ ଆଇନଜୀବୀ ବିଳମ୍ବିତ ରାତି ଯାଏ ଥାନା ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ବୁଧବାର ହାଇକୋର୍ଟରେ ଆଇନଜୀବୀଙ୍କ ସାଧାରଣ ପରିଷଦ ବୈଠକ ବସି କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ପୋଲିସ ବିରୋଧୀ ନାରାବାଜି କରିବା ସହ ଟାୟାର ଜାଳି ହାଇକୋର୍ଟ ସାମ୍ନା ରାସ୍ତାରେ ପ୍ରତିବାଦକୁ ଓହ୍ଲାଇଥିଲେ ହାଇକୋର୍ଟର ବହୁ ସଂଖ୍ୟକ ଆଇନଜୀବୀ। ତେବେ ଏସବୁ ଭିତରେ ପୋଲିସ ଭ୍ୟାନରେ ନିଆଁ ଲାଗିବା ପରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓକିଲଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ୨୨ରେ ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ନିର୍ମାଣ ହୋଇଥିବା ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନୀ ଉତ୍ସବରେ ସେ ଯୋଗଦେବେ ବୋଲି ଜଣାପଡିଛି। ଏହାସହ ୧୬ଶହ କୋଟି ଟଙ୍କା ବ୍ୟୟରେ ତାଳଚେର ସାର କାରଖାନା ନବୀକରଣ ପାଇଁ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଭାଜପା କାର୍ଯ୍ୟାଳୟ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅଫିସ୍(ପିଏମ୍‌ଓ) ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଦଳର କେତେଜଣ ନେତା ଏହା ପ୍ରକାଶ କରିଛନ୍ତି। ଅନ୍ୟପଟେ ନିକଟ ଅତୀତରେ ସମ୍ବଲପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ୪୮ ମାସର ସଫଳତା ସମ୍ପର୍କରେ ମତ ରଖିବା ବେଳେ ଏନେଇ ସଙ୍କେତ ଦେଇଥିଲେ। ଜଣେ ଖବରଦାତା ମୋଦିଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ କରିବାରୁ ଧର୍ମେନ୍ଦ୍ର କହିଥିଲେ ଯେ, ଆଗକୁ ପ୍ରଧାନମନ୍ତ୍ରୀ ବାରମ୍ବାର ଓଡିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଶିଳାନ୍ୟାସ ପାଇଁ ପ୍ରଧାନମନ୍ତ୍ରୀ ଏକାଧିକବାର ଆସିବେ। ଏହି ଅବସରରେ ସେ ଝାରସୁଗୁଡା ବିମାନବନ୍ଦରର କାର୍ଯ୍ୟ ଶେଷ ହେବା ନେଇ ମଧ୍ୟ ମତ ରଖିଥିଲେ। ଅଗଷ୍ଟ ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଗସ୍ତବେଳେ ପ୍ରଧାନମନ୍ତ୍ରୀ ତାଳଚେରଠାରେ ଆୟୋଜିତ ଏକ ସାଧାରଣ ସଭାରେ ମଧ୍ୟ ଉଦ୍‌ବୋଧନ ଦେବେ ବୋଲି ଜଣାପଡିଛି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତର କାର୍ଯ୍ୟକ୍ରମ ରହିଛି। ମାତ୍ର ତାଙ୍କ ଗସ୍ତ ନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇନାହିଁ।









# ବିରାଡ଼ି ଗନ୍ଧ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

କିଛିଦିନ ତଳେ ମୁମ୍ବାଇରୁ ଜଣେ ଲୋକ ମୋ ପାଖକୁ ଚିଠି ଲେଖିଥିଲେ। ସେ ଅଭିଯୋଗ କରିଥିଲେ ଯେ, ସେ ରହୁଥିବା ଫ୍ଲାଟ୍‌ର ପଡ଼ୋଶୀ ଅନେକ ବିରାଡ଼ି ରଖିଛନ୍ତି ଏବଂ ତାଙ୍କ ଘରୁ ବହୁତ ଦୁର୍ଗନ୍ଧ ଆସୁଛି। ଏ ବିଷୟରେ ଅନୁଧ୍ୟାନ କରିବା ପାଇଁ ମୁଁ କିଛି ଲୋକଙ୍କୁ ପଠାଇଲି। ମୋର ସନ୍ଦେହ ଥିଲା ଯେ ଭଦ୍ରବ୍ୟକ୍ତି ଜଣକ ହୁଏତ ଅନେକ ବିରାଡ଼ି ରଖି ତାଙ୍କୁ ଠିକ୍‌ଭାବେ ଖାଇବାକୁ ଦେଉ ନ ଥିବେ ଏବଂ ବିରାଡ଼ି ମରି ଦୁର୍ଗନ୍ଧ ଛାଡୁଥିବ। କିନ୍ତୁ ସେପରି କିଛି ନ ଥିଲା। ସେ ଜଣେ ଭଲ ଲୋକ ଥିଲେ, ଯାହାଙ୍କୁ ସମସ୍ତେ ସମ୍ମାନ କରୁଥିଲେ, ଏପରି କି ଅଭିଯୋଗ କରିଥିବା ମହିଳା ଜଣକ ବି। ବାସ୍ତବରେ ସେ ରୁଗ୍ଣ ଓ ଆହତ ପ୍ରାଣୀମାନଙ୍କୁ ଆଣି ତାଙ୍କର ସେବାଯତ୍ନ କରୁଥିଲେ। ସେମାନେ ସୁସ୍ଥ ହେଲା ପରେ ଅନ୍ୟମାନଙ୍କୁ ପାଳିବା ପାଇଁ ଦାନ କରିଦେଉଥିଲେ। ସେ ସବୁ ବିରାଡ଼ିଙ୍କର ବନ୍ଧ୍ୟାକରଣ କରିଥିଲେ, ତାଙ୍କୁ ସଫାସୁତୁରା ଓ ସୁସ୍ଥ ରଖିଥିଲେ। ତଥାପି ତାଙ୍କ ଘରୁ ଦୁର୍ଗନ୍ଧ ଆସୁଥିଲା। ଅଭିଯୋଗକାରିଣୀ ତାଙ୍କ ଅଭିଯୋଗ ପାଇଁ କ୍ଷମା ମାଗିଲେ କିନ୍ତୁ କହିଲେ ଯେ ସେ ଏପରି ଦୁର୍ଗନ୍ଧ ଭିତରେ ରହିପାରୁ ନାହାନ୍ତି।

ମୁମ୍ବାଇରୁ ବିରାଡ଼ି ଗନ୍ଧ ନେଇ ଅଭିଯୋଗ ପାଇବାରେ ଏହା ହେଉଛି ତୃତୀୟ ବା ଚତୁର୍ଥ ଘଟଣା। ଦୁଇ ଭଉଣୀ ବିରାଡ଼ି ରଖିଥିଲେ। ବିରାଡ଼ି ଗନ୍ଧକୁ ନେଇ ପାଖ ଘରେ ରହୁଥିବା ଘର ମାଲିକାଣୀ ଏତେ ରାଗିଗଲେ ଯେ, ରାତିରେ ଦୁଇ ଭଉଣୀ ଘରେ ନ ଥିବା ବେଳେ ତାଙ୍କ ଘରେ ପଶି ଭଙ୍ଗାରୁଜା କଲେ ଓ ବିରାଡ଼ିମାନଙ୍କୁ ବାହାରକୁ ଫୋପାଡ଼ିଦେଲେ। ସେମାନେ ଗୃହହୀନ ହୋଇପଡ଼ିଲେ। ବର୍ତ୍ତମାନ ଉକ୍ତ ଘରମାଲିକାଣୀଙ୍କୁ ପ୍ରାୟ ଏକ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ।

ବିରାଡ଼ି ମୂତ୍ରର ଗନ୍ଧ ହେଉଛି ଏକ ସମସ୍ୟା। ଏଠାରେ ଏହାର କାରଣ ଓ ନିରାକରଣ ସମ୍ବନ୍ଧରେ କିଛି ଆଲୋଚନା କରୁଛି। ବିରାଡ଼ିମାନେ କୁକୁରଙ୍କ ପରି ଦଳବଦ୍ଧ ହୋଇ ଶିକାର କରନ୍ତି ନାହିଁ, ଖାଆନ୍ତି ନାହିଁ କି ଶୁଅନ୍ତି ନାହିଁ। ସେମାନେ ନିଜ ଅଞ୍ଚଳ ଚିହ୍ନଟ କରନ୍ତି ଏବଂ କେହି କାହା ଅଞ୍ଚଳକୁ ଯଥାସମ୍ଭବ ପ୍ରବେଶ କରନ୍ତି ନାହିଁ। ପରସ୍ପର ମୁହାଁମୁହିଁ ହୋଇ କୌଣସି ବିବାଦର ସମାଧାନ କରିବାର ବ୍ୟବସ୍ଥା ସେମାନଙ୍କର ନାହିଁ। ତେଣୁ ଏହାକୁ ଏଡ଼ାଇବା ପାଇଁ ସେମାନେ ପରସ୍ପର ଲାଗି ପରୋକ୍ଷ ବାର୍ତ୍ତା ଛାଡ଼ିଯାନ୍ତି। ପରିସ୍ରା ମାଧ୍ୟମରେ ଅଞ୍ଚଳ ଚିହ୍ନଟ ସେଥି ମଧ୍ୟରୁ ଗୋଟିଏ। କାହାର କେଉଁ ଅଞ୍ଚଳ ଓ ତାହା କେତେ କାଳ ପାଇଁ ଏବଂ କିଏ ସାଥୀ ଚାହୁଁଛି ନା ନାହିଁ ଇତ୍ୟାଦି ସେହି ପରୋକ୍ଷ ବାର୍ତ୍ତାରୁ ସେମାନେ ବୁଝିନିଅନ୍ତି।

ଯଦି ସେମାନଙ୍କ ଅଞ୍ଚଳ ନିର୍ଦ୍ଧାରିତ, ତା'ହେଲେ କୌଣସି ବିବାଦର ସମ୍ଭାବନା ରହିବ ନାହିଁ। ପୁଣି ଯଦି ସେମାନଙ୍କର ବନ୍ଧ୍ୟାକରଣ କରାଯାଇଥାଏ, ସେମାନଙ୍କ ପାଇଁ ସାଥୀ ଆବଶ୍ୟକ ପଡ଼ିବ ନାହିଁ। ତେଣୁ ସେମାନେ ପରିସ୍ରା ମାଧ୍ୟମରେ ଅଞ୍ଚଳ ଚିହ୍ନଟ କରିବା ବା ବାର୍ତ୍ତା ପ୍ରେରଣ କରିବାକୁ ଯିବେ ବା କାହିଁକି ? କିନ୍ତୁ ଯଦି ସେମାନେ ସାଥୀ ଆବଶ୍ୟକ କରୁଥିବେ ବା କୌଣସି ବିଷୟରେ ଆତୁର ଥିବେ, ତା'ହେଲେ ସେହି ଆତୁରତା ଦୂର କରିବା ପାଇଁ ଅଞ୍ଚଳ ଚିହ୍ନଟ କରିବେ।

ସେମାନେ ସାଧାରଣତଃ ଭୂଲମ୍ବ କାନ୍ଥ ବା ଗଛ ବା ଭୂଲମ୍ବ ଭାବେ ଥିବା ଘରର କୌଣସି ଆସବାବ ଇତ୍ୟାଦିରେ ପରିସ୍ରା ସିଞ୍ଚନ କରି ଅଞ୍ଚଳ ଚିହ୍ନଟ କରନ୍ତି। ଏହି ପରିସ୍ରା ଖୁବ୍ ଉତ୍କଟ ଗନ୍ଧ ଛାଡ଼େ କାରଣ ଏଥିରେ ଅତିରିକ୍ତ ବାର୍ତ୍ତାବାହୀ ରାସାୟନିକ ଥାଏ। ଘରେ ଯେତେ ଅଧିକ ବିରାଡ଼ି ରହୁଥିବେ, ସେମାନଙ୍କ ମଧ୍ୟରୁ ଅନ୍ତତଃ ଗୋଟିଏ ବିରାଡ଼ି ପରିସ୍ରା କରି ଅଞ୍ଚଳ ଚିହ୍ନଟ କରିବାର ସେତେ ଅଧିକ ସମ୍ଭାବନା ଥାଏ। ଘରେ କୌଣସି ପରିବର୍ତ୍ତନ ଘଟିଲେ, ଯଥା ଘରକୁ ନୂଆ ଲୋକ ବା ପ୍ରାଣୀ ଆସିଲେ, ରୋଷେଇଘରର ନବୀକରଣ କରାଗଲେ, ଘରେ ନୂଆ ପିଲା ଜନ୍ମ ହେଲେ ବା ଏପରି କି ଘରେ ନୂଆ ରଙ୍ଗ ଦିଆଗଲେ ବିରାଡ଼ିମାନଙ୍କର ଏପରି ବ୍ୟବହାର ଅଧିକ ଦେଖିବାକୁ ମିଳେ।

ଗୋଟିଏ ବିରାଡ଼ି ଆଉ ଗୋଟିଏ ବିରାଡ଼ିକୁ ଚ୍ୟାଲେଞ୍ଜ କରିପାରେନା। କିନ୍ତୁ ଅନୁପ୍ରବେଶକୁ ରୋକିପାରୁ ନ ଥିବାରୁ ସେ ମାନସିକ ଚାପଗ୍ରସ୍ତ ହୋଇପଡ଼େ। ଗୋଟିଏ ବିରାଡ଼ିକୁ ଅନ୍ୟକୁ ଏଡ଼ାଇ ଚାଲିବାକୁ ଯଦି ଦିଆ ନ ଯାଏ ତେବେ ସେ ଚାପଗ୍ରସ୍ତ ହୋଇ ଅଞ୍ଚଳ ଚିହ୍ନଟ କରେ। ଏହାର ପ୍ରତିକାର ସ୍ୱରୂପ ପ୍ରଥମେ ସବୁ ବିରାଡ଼ିଙ୍କ ବନ୍ଧ୍ୟାକରଣ କରନ୍ତୁ। ବିବାଦକୁ ଏଡ଼ାଇବା ପାଇଁ ସବୁ ବିରାଡ଼ିଙ୍କ ଲାଗି ଖାଇବା, ପିଇବା, ରହିବା ଇତ୍ୟାଦିର ବ୍ୟବସ୍ଥା ଘର ଭିତରେ ଅଲଗା ଅଲଗା ଜାଗାରେ କରନ୍ତୁ। ସେମାନଙ୍କର ଚଳପ୍ରଚଳ ଓ ବସିବାର ବ୍ୟବସ୍ଥା ଯଦି ଅଲଗା ଅଲଗା ଜାଗାରେ କରାଯିବ, ତେବେ ବିବାଦ ଉପୁଜିବ ନାହିଁ। ସେଥିପାଇଁ ମଲ୍‌ଟିପର୍ଚ କ୍ୟାଟ୍‌ଟ୍ରି କିଣି ଘରେ ରଖାଯାଇପାରେ।

ବିରାଡ଼ିମାନେ ଘରର ଏଣେତେଣେ ଝାଡ଼ା ପରିସ୍ରା ନ କରିବା ପାଇଁ ପେଟ୍‌ଶପ୍‌ରୁ ଲିଟରବକ୍ସ କିଣି ଘରେ ରଖନ୍ତୁ। କିନ୍ତୁ ଯଦି ଲିଟରବକ୍ସଟି ବିରାଡ଼ିଙ୍କର ପସନ୍ଦଯୋଗ୍ୟ ନ ହୁଏ ଏବଂ ତାହା ଯଦି ସଫାସୁତୁରା ନ ରହେ, ତେବେ ସେମାନେ ତାହା ବ୍ୟବହାର କରିବେ ନାହିଁ। ତେଣୁ ପ୍ରତିଦିନ ମଇଳା ବାହାରେ ପକାଇ ଏହାକୁ ଗରମ ସାବୁନପାଣିରେ ସଫା କରନ୍ତୁ ଏବଂ ଶୁଖାଇ ରଖନ୍ତୁ। ଆମୋନିଆ-ଭିତ୍ତିକ କୌଣସି କ୍ଲିନର ବ୍ୟବହାର କରନ୍ତୁ ନାହିଁ। ଲିଟରବକ୍ସ ଗନ୍ଧ ନ ଛାଡ଼ିବା ପାଇଁ ଏଥିରେ ଦୈନିକ ଲିଟର ଡିଓଡରାଇଜର ସ୍ପ୍ରେ କରନ୍ତୁ। ନିୟମ ହେଉଛି ଆପଣଙ୍କ ଘରେ ଯେତିକି ବିରାଡ଼ି ଥିବେ ତା'ଠୁ ଗୋଟିଏ ଅଧିକ ଲିଟର ବକ୍ସ କିଣିବେ। ଘରର ଅଲଗା ଅଲଗା ସ୍ଥାନରେ ଲିଟରବକ୍ସଗୁଡ଼ିକୁ ରଖିବେ। ଛୋଟ ଆବଦ୍ଧ ସ୍ଥାନରେ ଯଥା ଛୋଟ ପାଇଖାନା, ଶିଡ଼ିଘରେ ଏହାକୁ ରଖନ୍ତୁ ନାହିଁ। ତା'ହେଲେ ଅଧିକ ଦୁର୍ଗନ୍ଧ ହେବ ଏବଂ ବିରାଡ଼ିକୁ ରୁନ୍ଧି ହେଲା ଭଳିଆ ଲାଗିବ। ବଡ଼ ଓ ବାୟୁଚଳାଚଳ କରୁଥିବା ସ୍ଥାନରେ ବିରାଡ଼ିଙ୍କ ଖାଦ୍ୟଠାରୁ ଦୂରରେ ଏହାକୁ ରଖନ୍ତୁ। ପ୍ରାୟ ୧୦ ପ୍ରତିଶତ ବିରାଡ଼ିଙ୍କର ମଳନିଷ୍କାସନଜନିତ ସମସ୍ୟା ଥାଏ। କେତେକ ଲିଟରବକ୍ସ ବ୍ୟବହାର କରିବା ପୂରାପୂରି ଛାଡ଼ିଦିଅନ୍ତି। କେତେକ କେବଳ ମଳତ୍ୟାଗ ବା କେବଳ ମୂତ୍ରତ୍ୟାଗ ପାଇଁ ତାହା ବ୍ୟବହାର କରନ୍ତି, ଉଭୟ ପାଇଁ ନୁହେଁ। ଯଦି ବିରାଡ଼ିଟି ଏହି ବକ୍ସ ବ୍ୟବହାରରେ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରୁ ନ ଥିବ, ତେବେ ସେ ତାହା ବ୍ୟବହାର କରିବ ନାହିଁ।

ବିରାଡ଼ିର କିଛି ସ୍ୱାସ୍ଥ୍ୟ ସମସ୍ୟା ଯଥା ଡାଇବେଟିସ୍, କିଡ୍‌ନୀ ରୋଗ ବା ପରିସ୍ରା ନଳୀ ସଂକ୍ରମଣ ଅଛି କି ନାହିଁ ଦେଖନ୍ତୁ, ଯେଉଁ କାରଣରୁ ସେ ଲିଟରବକ୍ସ ବଦଳରେ ବାହାରେ ଝାଡ଼ାପରିସ୍ରା କରିବାକୁ ଚାହୁଁଥିବ। ବାକ୍ସ ଖୁବ୍ ଛୋଟ ହେଲେ ମଧ୍ୟ ବିରାଡ଼ି ତାହା ବ୍ୟବହାର କରିବାକୁ ପସନ୍ଦ କରିବ ନାହିଁ। ବାକ୍ସରେ ଲାଗିଥିବା ହୁଡ୍ ବା ଲାଇନର୍ ମଧ୍ୟ ତା' ପାଇଁ ବାଧକ ହୋଇପାରେ। ଅଧିକାଂଶ ବିରାଡ଼ି ବଡ଼ ବାକ୍ସ ପସନ୍ଦ କରନ୍ତି, ଯେଉଁଥିରେ ସେମାନେ ସହଜରେ ପ୍ରବେଶ କରିପାରିବେ। ଲିଟରବକ୍ସ ବ୍ୟବହାର କଲାବେଳେ ବିରାଡ଼ି ଯଦି କୌଣସି କାରଣରୁ ଭୟ ପାଏ, ତେବେ ପରେ ସେ ତାହା ବ୍ୟବହାର କରିବାକୁ ଡରିବ। ସେମିତି ହେଲେ ଲିଟରବକ୍ସକୁ ନେଇ ଅନ୍ୟ ଏକ ଭଲ ସ୍ଥାନରେ ରଖନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ, ଯେମିତି କି କିଛି ଅସୁବିଧା ଅନୁଭବ କଲେ ବିରାଡ଼ିଟି ସଙ୍ଗେ ସଙ୍ଗେ ବାହାରକୁ ପଳାଇଯାଇପାରିବ। ଲିଟରବକ୍ସ ଆଡ଼କୁ ଯିବା ବାଟରେ ବିରାଡ଼ି ପାଇଁ କିଛି ଲୋଭନୀୟ ଖାଦ୍ୟ ଓ ଖେଳନା ରଖନ୍ତୁ। କିନ୍ତୁ ଲିଟରବକ୍ସର ଅତି ପାଖରେ ଖାଦ୍ୟ ରଖନ୍ତୁ ନାହିଁ। କାରଣ ବିରାଡ଼ିମାନେ ନିଜ ଖାଦ୍ୟ ପାଖରେ ମଳତ୍ୟାଗ କରିବାକୁ ପସନ୍ଦ କରନ୍ତି ନାହିଁ।

ଯେତେବେଳେ ବିରାଡ଼ିଟି ଲିଟରବକ୍ସ ବାହାରେ ମଳତ୍ୟାଗ କରୁଛି, ତାକୁ ପାଟି ନ କରି ବା କୌଣସି ଦଣ୍ଡ ନ ଦେଇ ସଙ୍ଗେ ସଙ୍ଗେ ଟେକିନେଇ ଲିଟରବକ୍ସରେ ବସାଇ ଦିଅନ୍ତୁ। ଏହା ପ୍ରତିଥର କରନ୍ତୁ, ଯେତେବେଳେ ବି ସେ ବାହାରେ ମଳତ୍ୟାଗ କରିବାର ଦେଖିବେ। ଆଉ ସେ ଲିଟରବକ୍ସରେ ମଳତ୍ୟାଗ କରିବା ପରେ ତା' ପିଠି ଥାପୁଡ଼ାଇ ସାବାସି ଦିଅନ୍ତୁ। ତା'ହେଲେ ଲିଟରବକ୍ସ ବ୍ୟବହାର କରିବା ତା'ର ଅଭ୍ୟାସରେ ପଡ଼ିଯିବ। ତା' ସତ୍ତ୍ୱେ ଯଦି ବିରାଡ଼ିଟି ଏଣେତେଣେ ପରିସ୍ରା କଲା, ତା'ହେଲେ ଏକ କନାରେ ପରିସ୍ରାକୁ ପୋଛିନିଅନ୍ତୁ। ଦାଗକୁ ଘଷନ୍ତୁ ନାହିଁ। ଶୁଖିଯାଇଥିଲେ ଥଣ୍ଡା ପାଣି ଢାଳି ପୋଛିନିଅନ୍ତୁ। ଆମୋନିଆ ଥିବା ଡିଟର୍ଜେଣ୍ଟ ବ୍ୟବହାର କରନ୍ତୁ ନାହିଁ। କାରଣ ତା'ହେଲେ ବିରାଡ଼ି ପୁଣି ସେହି ସ୍ଥାନକୁ ଚିହ୍ନଟ କରିବ। ପୁରୁଣା ଓ ନୂଆ ପରିସ୍ରା ଦାଗ ଛଡ଼ାଇବା ପାଇଁ ଭିନେଗାର ଦ୍ରବଣ ବ୍ୟବହାର କରନ୍ତୁ। ଦେଢ଼ କପ୍ ଉଷୁମ ପାଣିରେ ଅଧ କପ୍ ଭିନେଗାର ମିଶାଇ ଏହି ଦ୍ରବଣ ପ୍ରସ୍ତୁତ କରିପାରିବେ। ଏହି ଦ୍ରବଣକୁ ଦାଗ ଥିବା ସ୍ଥାନରେ ଅଳ୍ପ ଢାଳି ୩ରୁ ୫ ମିନିଟ୍ ଛାଡ଼ିଦିଅନ୍ତୁ। ଏହା ଶୁଖିଗଲା ପରେ ତା' ଉପରେ କିଛି ଖାଇବା ସୋଡ଼ା ପକାନ୍ତୁ। ତା' ପରେ କିଛି ଘଣ୍ଟା ଛାଡ଼ିଦିଅନ୍ତୁ। ସ୍ଥାନଟି ପୂରା ଶୁଖିଗଲା ପରେ ଉପରେ ପଡ଼ିଥିବା ଖାଇବା ସୋଡ଼ାକୁ ପୋଛିନିଅନ୍ତୁ। ଦାଗ ଛାଡ଼ିଯିବ। ତଥାପି ଯଦି କିଛି ଦାଗ ରହିଯାଏ, ତେବେ ଏହି ପ୍ରକ୍ରିୟାର ପୁନରାବୃତ୍ତି କରନ୍ତୁ।

Email: gandhim@nic.in

## ଏଇ ଭାରତରେ

ଆନ୍ତଃବର୍ଣ୍ଣ ବିବାହକୁ ସରକାରୀ ସ୍ୱୀକୃତି ମିଳିଛି। ଏପରି କି ଏପରି ବିବାହ କରୁଥିବା ଯୁବତୀଯୁବକଙ୍କୁ ପ୍ରୋତ୍ସାହନ ରାଶି ମଧ୍ୟ ମିଳୁଛି। କିନ୍ତୁ ସମାଜରେ ଏବେ ବି ଅନେକ ସ୍ଥାନରେ ଏହି ବିବାହକୁ ନେଇ ବିରୋଧାଭାସ ଦେଖାଯାଉଛି। ଏପରି କି ଭିନ୍ନ ଜାତିରେ ବିବାହ କରୁଥିବା ଯୁବତୀଯୁବକ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଗାଁରୁ ବାସନ୍ଦ ମଧ୍ୟ କରିଦିଆଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ କାଙ୍କେର୍‌ର କୋରର୍ ଅଞ୍ଚଳରେ। ଗତ ମେ' ମାସରେ ଏଠାକାର ଜଣେ ଯୁବତୀ ଅନ୍ୟ ଜାତିର ଜଣେ ଯୁବକଙ୍କୁ ଭଲ ପାଇ ତାଙ୍କ ସହ ଚାଲିଯାଇଥିଲେ। ପରେ ଉଭୟେ ବିବାହ ମଧ୍ୟ କରିଛନ୍ତି। କିନ୍ତୁ କୋରର୍‌ର ହଟାରକସା ପଞ୍ଚାୟତବାସୀ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଅନ୍ୟ ଜାତିରେ ବିବାହ ସମାଜ ଓ ଜାତି ପ୍ରତି କଳଙ୍କ ବୋଲି କହି ଯୁବତୀଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଗ୍ରାମରୁ ନିଆଁପାଣି ବାସନ୍ଦ କରାଯାଇଛି। ଏପରି କି ଗ୍ରାମରେ ସେମାନଙ୍କ ସହ ଯଦି କେହି କଥା ହୁଅନ୍ତି, ତେବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ବୋଲି ଘୋଷଣା କରାଯାଇଛି। ଅପରପକ୍ଷରେ ଗ୍ରାମରୁ ବାସନ୍ଦ ହୋଇ ୪୦ଜଣ ଲୋକ ଅତି କଷ୍ଟକର ଜୀବନ ବିତାଉଛନ୍ତି। ଯାହା ଭୁଲ୍ ହୋଇଛି ତାକୁ କ୍ଷମା କରିଦେବାକୁ ଗ୍ରାମବାସୀଙ୍କ ନିକଟରେ ନିବେଦନ କରି ବିଫଳ ହୋଇଛନ୍ତି। ତେଣୁ ଏବେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଏହି ସମସ୍ୟାର କିଛି ସମାଧାନ କରିବେ ବୋଲି ସେମାନେ ଆଶା ରଖିଛନ୍ତି।

## ଚିରନ୍ତନୀ

ସିନ୍ଧୁ ବ୍ୟବଧାନ କାଟି
ନିଭିଯିବ କେବେ ସତେ
ମିଳନର ଛନ୍ଦେ ମାତି
ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ ।

(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | | A | | | | | | | | E |
| 1 | | C | | | | | 7 | | | | 6 | | 0 | |
| | A | 6 | | | 3 | D | 5 | | | B | | | | |
| | | | | | A | | | E | D | 4 | | | 6 | |
| | B | E | | | | | | | 7 | 1 | | | 9 | |
| C | | | | 2 | | 5 | 3 | 9 | | E | | | A | |
| 0 | | | A | | 8 | 4 | | | C | | | | | |
| | 8 | | | | B | | 6 | | 5 | | 0 | | | |
| | | 2 | 6 | | | | C | | B | 9 | | | E | D |
| | | 4 | C | 9 | 5 | 8 | | | | 3 | | | | 7 |
| | 7 | | | 0 | | | | 3 | | 2 | | | 1 | |
| | | | | A | | 2 | | | 1 | 8 | | E | D | B |
| | | 3 | | 5 | 6 | | 8 | | E | | | | | |
| 2 | 9 | | | 7 | | 6 | | C | | A | | 8 | | |
| | | | 8 | | | | | 1 | | D | | | 2 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 2 | A | 5 | B | 9 | 7 | 3 | D | 4 | E | C | 0 | 8 |
| 9 | 5 | E | D | 8 | 0 | 4 | B | C | 6 | 7 | A | 2 | 3 | 1 |
| 7 | D | 3 | E | C | 1 | A | 0 | 6 | 8 | 2 | B | 4 | 5 | 9 |
| A | 4 | 8 | 6 | 3 | 9 | 5 | E | 2 | 0 | C | 1 | D | 7 | B |
| B | 0 | C | 4 | 2 | 7 | D | 1 | 8 | 3 | 5 | 9 | A | 6 | E |
| C | A | 0 | 7 | E | D | 3 | 4 | 5 | 9 | 8 | 6 | B | 1 | 2 |
| 5 | 8 | 7 | C | B | 6 | 2 | 9 | A | 1 | E | D | 3 | 4 | 0 |
| 1 | 3 | B | 8 | 4 | 2 | 6 | D | E | C | A | 0 | 5 | 9 | 7 |
| 4 | E | 9 | 5 | 1 | A | B | 8 | 0 | 2 | 3 | 7 | 6 | C | D |
| D | 2 | 6 | 9 | 0 | 3 | 7 | C | 1 | 5 | B | 4 | 8 | E | A |
| 2 | 9 | 5 | 1 | 7 | 8 | 0 | A | D | 4 | 6 | C | E | B | 3 |
| 0 | B | D | 2 | 6 | 4 | E | 3 | 9 | A | 1 | 5 | 7 | 8 | C |
| E | C | 1 | 3 | A | 5 | 8 | 6 | B | 7 | 0 | 2 | 9 | D | 4 |
| 8 | 7 | A | 0 | D | E | C | 5 | 4 | B | 9 | 3 | 1 | 2 | 6 |
| 3 | 6 | 4 | B | 9 | C | 1 | 2 | 7 | E | D | 8 | 0 | A | 5 |

ଗତକାଲିର ଉତ୍ତର

# ଆସ ମଙ୍ଗଳରେ ଘର କରିବା



**ଇଂ. ପ୍ରଦୀପ କୁମାର ସାହୁ**

ଆବହମାନ କାଳରୁ ମହାକାଶକୁ ନେଇ ଅନେକ ଉତ୍କଣ୍ଠା ଓ ଜିଜ୍ଞାସା ଆମ ମନରେ ଉଙ୍କି ମାରିଛି। ମହାକାଶ ଗବେଷଣା ବି ବିଶ୍ୱରେ କ୍ଷିପ୍ରଗତିରେ ଆଗେଇ ଚାଲିଛି। ଆମ ଦେଶ ଭାରତ ବି ମହାକାଶ କ୍ଷେତ୍ରରେ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଚାଲିଛି। ଭାରତ ମଙ୍ଗଳ ଗ୍ରହକୁ ମଙ୍ଗଳଯାନ ପ୍ରେରଣ କରି ଗବେଷଣା ଜାରି ରଖିଛି। ସୌରମଣ୍ଡଳରେ ଥିବା ଗ୍ରହ ମଧ୍ୟରୁ କେବଳ ପୃଥିବୀ ଏକ ବାସୋପଯୋଗୀ ଗ୍ରହ ରୂପେ ପରିଚିତ। କାରଣ ଜନବସତି ପାଇଁ ଏଠାରେ ଉପଯୁକ୍ତ ତାପମାତ୍ରା, ବାୟୁମଣ୍ଡଳ ଓ ଜଳବାୟୁ ଉପଲବ୍ଧ। ତେବେ ଅନ୍ୟାନ୍ୟ ଗ୍ରହରେ ଜନବସତି ପାଇଁ ମଣିଷ ପରିକଳ୍ପନା କରିଆସିଛି। ଅନେକ ବର୍ଷର ଗବେଷଣା ଓ ପରୀକ୍ଷା ପରେ ଏବେ ପୃଥିବୀ ବ୍ୟତିରେକେ ମଙ୍ଗଳ ଗ୍ରହରେ ଜନବସତିର ସମ୍ଭାବନା ନେଇ ଆଶା ଉଦ୍ରେକ ହୋଇଛି।

ପୃଥିବୀର ନିକଟତର ଆଉ ୨ଟି ମହାକାଶୀୟ ପିଣ୍ଡ ଚନ୍ଦ୍ର ଓ ବୁଧ ଯାହା ଜନବସତି ପାଇଁ ଅନୁପଯୁକ୍ତ। କାରଣ ସେଠାରେ ତାପମାତ୍ରା ହାରାହାରି ୪୦୦ ଡିଗ୍ରୀ ଓ ଚାପ ୯୦୦ ପେସ୍କାଲ। ତେବେ ଆସନ୍ତୁ ଜାଣିବା ମଙ୍ଗଳ ଗ୍ରହରେ ଜନବସତି କାହିଁକି ସମ୍ଭବ। ମଙ୍ଗଳ ଗ୍ରହରେ ମାଟିରେ ଆର୍ଦ୍ରତା ଭରି ରହିଛି। ଏହା ଅଧିକ ଉଷ୍ମ କି ଅଧିକ ଶୀତଳ ନୁହେଁ। ସୌରଶକ୍ତି ପ୍ରଚୁର ମାତ୍ରାରେ ଉପଲବ୍ଧ। ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ୩୮ ଭାଗ, ଯାହା କି ମାନବ ବସତି ପାଇଁ ଉପଯୁକ୍ତ। ଏହାର ବାୟୁମଣ୍ଡଳ ସୌର ବିକିରଣ ଓ ମହାଜାଗତିକ ଅମ୍ଳ ବର୍ଷାରୁ ରକ୍ଷା କରିଥାଏ। ପୃଥିବୀ ପରି ଏଠାରେ ଦିନ-ରାତି ପ୍ରାୟ ସମାନ। ମଙ୍ଗଳ ଗ୍ରହରେ ଏହା ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ।

ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶକୁ ମଙ୍ଗଳଯାନ ପ୍ରେରଣ କରିଛି। ଏହା ଅନେକ ତଥ୍ୟ ପୃଥିବୀପୃଷ୍ଠକୁ ପ୍ରେରଣ କରିଛି। ତେଣୁ ଭାରତୀୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ଇନ୍‌ସାଇଟ୍ ଲ୍ୟାଣ୍ଡର ଯୋଗେ ମଙ୍ଗଳ ଗ୍ରହକୁ ଯାତ୍ରା କରିବା ପାଇଁ ଏଯାବତ୍ ପ୍ରାୟ ୨୦ ଲକ୍ଷ ଲୋକ ଆବେଦନ କରିସାରିଲେଣି। ଆମ ଭାରତରୁ ମଧ୍ୟ ୧.୩ ଲକ୍ଷ ଆଗ୍ରହୀ ଲୋକ ମଙ୍ଗଳ ଗ୍ରହକୁ ଯିବା ପାଇଁ ଟିକଟ ସଂରକ୍ଷଣ କରିଛନ୍ତି। ଏଥିରୁ ଜଣାପଡୁଛି ପୃଥିବୀ ବ୍ୟତିରେକେ ଅନ୍ୟ ଗ୍ରହରେ ଜନବସତି ପାଇଁ ବିଶ୍ୱବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଯେଉଁମାନେ ଆବେଦନ କରିଛନ୍ତି ସମସ୍ତଙ୍କୁ ବୋର୍ଡିଂ ପାସ୍ ହସ୍ତାନ୍ତର କରାଯାଇଛି। ସେମାନଙ୍କ ନାମ ଗୋଟେ ଅତି କ୍ଷୁଦ୍ର ସିଲିକନ ଚିପ୍‌ରେ ସଂରକ୍ଷିତ କରି ରଖାଯାଇଛି ଓ ସ୍ଥାୟୀ ଭାବରେ ମଙ୍ଗଳ ଗ୍ରହରେ ଲିପିବଦ୍ଧ କରାଯାଇଛି।

ଆଗାମୀ ଦଶନ୍ଧି ମଧ୍ୟରେ ନାସା ମଙ୍ଗଳ ଗ୍ରହକୁ ଯିବା ପାଇଁ ଏକ ମହାକାଶ ଯାନ ବିକଶିତ କରିବାରେ ସକ୍ଷମ ହେବ, ଯାହା ଯାତ୍ରୀଙ୍କୁ ନେଇ ଯାତ୍ରା କରିପାରିବ। ଏହି ବିଶାଳକାୟ ୨୫୦୦ ଟନ୍ ଓଜନିଆ ମହାକାଶ ଯାନ ଓ ତତ୍‌ସଂଲଗ୍ନ ଓରିୟନ୍ କ୍ୟାପ୍‌ସୁଲ ସାହାଯ୍ୟରେ ପ୍ରଥମ ଥର ପାଇଁ ଏହା ସମ୍ଭବ ହେବ। ମଙ୍ଗଳ ଗ୍ରହରେ ପଦାର୍ପଣ କଲା ପରେ ଜଣେ ବଞ୍ଚିବା ପାଇଁ ବାୟୁ, ଜଳ, ଖାଦ୍ୟ ଓ ବିଜୁଳିଶକ୍ତି ଆବଶ୍ୟକ। ସ୍ୱଳ୍ପମିଆଦୀ ଯୋଜନା ମୁତାବକ ପୃଥିବୀରୁ ନେଇଥିବା ଅଥବା ସ୍ୱତନ୍ତ୍ର ମିଶନ ଯୋଗେ ପଠାଯାଇଥିବା ଜିନିଷ ବ୍ୟବହାର କରିହେବ। କିନ୍ତୁ ଦୀର୍ଘମିଆଦୀ ଯୋଜନା ଅନୁସାରେ ଏସବୁ ସେଠି ଉତ୍ପନ୍ନ ହେବା ଜରୁରୀ। ନାସାର ୨୦୨୦ ରୋଭର ଅଙ୍ଗାରକାମ୍ଳରୁ ଅମ୍ଳଜାନ ପ୍ରସ୍ତୁତ କରିବାରେ ସହାୟକ ହେବ। ଆଗରୁ ମଙ୍ଗଳ ଗ୍ରହରେ ହ୍ରଦ, ନଦୀ ଓ ସମୁଦ୍ର ଥିଲା। ଏବେ କେବଳ ବରଫ ସ୍ତୂପ ଅଛି। ଏହି ବରଫ ସ୍ତୂପରୁ ଜଳ ନିଷ୍କାସନ କରିହେବ ଓ ମଣିଷ ତାହା ବ୍ୟବହାର କରିପାରିବ। ମଙ୍ଗଳ ଗ୍ରହରେ ଖାଦ୍ୟ ଉତ୍ପାଦନ କରିବା ଏତେଟା ସହଜ ହେବନି। ତଥାପି ମାର୍ସ ସୋସାଇଟି ଏ ଦିଗରେ କିଛିଟା ସଫଳତା ପାଇଛି।

ଯେହେତୁ ମଙ୍ଗଳ ଗ୍ରହରେ ଗୋଟେ ମଣିଷ ସମାଜ ଗଢ଼ି ଉଠିବ, ତା'ର ସୁପରିଚାଳନା ପାଇଁ ସରକାର ବି ଗଠନ କରିବା ଜରୁରୀ। ଯେକୌଣସି ନୂତନ ସମାଜ ସୁଦୃଢ଼ ଅର୍ଥନୀତି ଓ ସୁପରିଚାଳନା ଆବଶ୍ୟକ କରିଥାଏ। ଏଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି, ଶିଶୁ ସୁରକ୍ଷା, ସାମାଜିକ ନିରାପତ୍ତା ଇତ୍ୟାଦି ଆବଶ୍ୟକ। ପ୍ରଥମ ଜନବସତି ପାଇଁ ବରଫକୁ ବ୍ୟବହାର କରି କ୍ୟାପ୍‌ସୁଲ ଘର ସଦୃଶ ଘର କରିହେବ, ଯାହାକି ଧୀରେ ଧୀରେ ଆହୁରି ଉନ୍ନତ ହୋଇପାରିବ। ପ୍ରଚଣ୍ଡ ସୌରରଶ୍ମି, ଉଦ୍‌ଜାନ ବିକିରଣ ଓ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଏହି ବରଫ ହିଁ ପ୍ରକୃଷ୍ଟ। ଯେହେତୁ ମଙ୍ଗଳ ଗ୍ରହ ପଥୁରିଆ ମାଟିରେ ଆଚ୍ଛାଦିତ, ଆସ୍ତେ ଆସ୍ତେ ସେଠାକାର ଉପାଦାନ ବ୍ୟବହାର କରି ନୂଆ ଇଟା ଦ୍ୱାରା ଘର ଓ ଜନବସତି ଗଢ଼ିଉଠିବ।

ମଙ୍ଗଳ ଗ୍ରହକୁ ଯାତ୍ରା ସମୟରେ ଅନେକ କ୍ଷତିକାରକ ରଶ୍ମି ପ୍ରଭାବରେ ଯଦି ମଣିଷ ତା'ର ପ୍ରଜନନ କ୍ଷମତା ହରାଇ ନ ଥାଏ, ତେବେ ମଙ୍ଗଳ ଗ୍ରହରେ କିଛି ବାସିନ୍ଦା ବଂଶ ବିସ୍ତାର ପାଇଁ ଚେଷ୍ଟା କରିବେ। ତେଣୁ ଜନସଂଖ୍ୟା ବୃଦ୍ଧି ଓ ନିଜ ସଂସ୍କୃତି ଏବଂ ପରମ୍ପରା ବଜାୟ ରଖିବାରେ ଏହା ସହାୟକ ହୋଇପାରିବ।

ଆଉ ସେଦିନ ବେଶି ଡେରି ନାହିଁ। ମଣିଷ ବି ମଙ୍ଗଳ ଗ୍ରହରେ ବସବାସ କରିପାରିବ। ଯେମିତି ପଡୋଶୀ ରାଷ୍ଟ୍ର ମଧ୍ୟରେ ସବୁ କ୍ଷେତ୍ରରେ ଭାବର ଆଦାନ ପ୍ରଦାନ ହୋଇପାରୁଛି, ଠିକ୍ ସେମିତି ପୃଥିବୀ ଓ ମଙ୍ଗଳ ଗ୍ରହ ମଧ୍ୟରେ ବସବାସ କରୁଥିବା ସମାଜ ଭିତରେ ବି ଭାବର ଆଦାନ ପ୍ରଦାନ, ଚଳଣି ଓ ସଂସ୍କୃତି ବିନିମୟ ହୋଇପାରିବ। ପୃଥିବୀ ବ୍ୟତିରେକେ ଅନ୍ୟ ଗ୍ରହରେ ବସବାସ କରିବା ପାଇଁ ମଣିଷର ଦୀର୍ଘଦିନର ଆଶା ପୂରଣ ହୋଇପାରିବ।

ମୋ:୯୪୩୭୫୬୦୧୬୬,
pksaikrupa@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ମଲେ ଗଲେ

ମହାଶୟ,

ଧରିତ୍ରୀ (୨୨।୮)ର ସମ୍ପାଦକୀୟ 'ମଲେ ଗଲେ' ପାଇଁ ଧନ୍ୟବାଦ। ଆମ ପୋଲିସବାବୁମାନଙ୍କ ଶାରୀରିକ ମାନ ସମସ୍ତଙ୍କୁ ଜଣାଅଧିକେ ଜଣା। ଖାଲି ରିକ୍ରୁଟମେଣ୍ଟ ବେଳେ ଦୌଡାଇଲେ କ'ଣ ମିଳିବ ? ଥରେ ଚାକିରିରେ ପଶିଗଲେ ଫିଟ୍‌ନେସ୍ କଥାକୁ ସମସ୍ତେ ଭୁଲିଯାଆନ୍ତି। ଲେଡି ଡନ୍ ଓ ଝିଅପିଲାଙ୍କଠାରୁ ମାଡଖାଇ ପୋଲିସ ବାବୁ ନର୍ଦ୍ଦମାରେ ପଡିବା, ପୋଲିସକୁ ଧକ୍କା ଦେଇ ଅପରାଧୀମାନେ ବାରମ୍ବାର ଖସିଯିବା, ଜଣେ ୨୦-୨୨ ବର୍ଷୀୟ ସ୍ଥାନୀୟ ଦାଦାଙ୍କୁ କାବୁ କରିବା ପାଇଁ ୧୦-୧୨ ଜଣ ପୋଲିସ ଝାଳନାଳ ହେବା ଓ ଶେଷରେ ସେ ଚମ୍ପଟ୍ ମାରିବା ଭଳି କିଛି ଘଟଣାରୁ ଏକଥା ସ୍ପଷ୍ଟ। ଅନ୍ୟୂନ ୫୦ ବର୍ଷ ପର୍ଯ୍ୟନ୍ତ ଫିଟ୍‌ନେସ୍ ବଜାୟ ରଖିବା ପୋଲିସ ବାବୁମାନଙ୍କ ପାଇଁ ନିହାତି ଆବଶ୍ୟକ। ଏଥିପାଇଁ ନିୟମକାନୁନ୍‌ରେ ଆବଶ୍ୟକ ସଂଶୋଧନ କରାଯାଉ।

–ପ୍ରବୀଣ କୁମାର ଦାସ, ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର

### ଗ୍ରାମବାସୀଙ୍କୁ ସାଧୁବାଦ

ଧରିତ୍ରୀ(୬।୮)ରେ ପ୍ରକାଶିତ ଖବର 'ଏକାଦଶାହ ଭୋଜିକୁ ସମୂହ ବର୍ଜନ କଲେ ଗ୍ରାମବାସୀ' ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜନଗର ବ୍ଲକ୍ ନଗଡ ଗ୍ରାମରେ ଜୁଲାଇ ୨୮ରେ ଜଣେ ବୃଦ୍ଧ ନାରାୟଣ ମହାପାତ୍ରଙ୍କ ମୃତଦେହ ନିକଟସ୍ଥ ପୋଖରୀରୁ ଉଦ୍ଧାର ହୋଇଥିଲା। ଉଦ୍ଧାର ସମୟରେ ତାଙ୍କ ବେକରେ ୨ଟି ଗୋଡିବସ୍ତା ବନ୍ଧା ହୋଇଥିବା ଦେଖାଯାଇଥିଲା। ପୂର୍ବରୁ ଗ୍ରାମବାସୀ ନାରାୟଣ ମହାପାତ୍ରଙ୍କ ୩ ପୁଅ ସମେତ ସମସ୍ତ ପରିବାର ତାଙ୍କୁ ନିର୍ଯାତନା ଦେବା ନିଜ ଆଖିରେ ଦେଖିଛନ୍ତି। ତେଣୁ ସନ୍ଦେହ କରାଯାଉଛି ଯେ, ପରିବାର ଲୋକେ ବୃଦ୍ଧଙ୍କୁ ହତ୍ୟା କରିଛନ୍ତି। ୩ ପୁଅ ବାପାଙ୍କ ଏକାଦଶାହରେ ୮୦୦ ଲୋକଙ୍କ ପାଇଁ ଭୋଜିର ଆୟୋଜନ କରିଥିଲେ ମଧ୍ୟ ଜଣେ ହେଲେ କେହି ଯୋଗ ଦେଇ ନ ଥିଲେ। ଏହା ଏକ ଉଦାହରଣ ସୃଷ୍ଟି କରିବ ଓ ଅକୃତଜ୍ଞ ପୁଅମାନେ ଭବିଷ୍ୟତରେ ସତର୍କ ରହିବେ। ମୁଁ ଗ୍ରାମବାସୀଙ୍କୁ ଏଥିପାଇଁ ସାଧୁବାଦ ଜଣାଉଛି।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖଣ୍ଡେ କାଗଜ



**ଅଞ୍ଜନ ଚାନ୍ଦ**

ବୁଢ଼ାଟି ପାଗଳ ନା କ'ଣ ? ଅବସର ପରେ ଆଉ କିଛି କାମ ନାହିଁ। ଘରେ ବସି କ'ଣ କରିବ ? ତେଣୁ ଏଠାକୁ ଆସି ଫାଲ୍‌ତୁ କାମରେ ମାତିଛି। ଷ୍ଟେଶନ ଛକ ଚା' ଖଟିରେ ଏଇ ସେଦିନର ଆଲୋଚ୍ୟ ବିଷୟ।

ପ୍ରତିଦିନ ସକାଳେ ପ୍ରାତଃଭ୍ରମଣକାରୀମାନେ ପୋଲିସ ପଡ଼ିଆରେ ଚକ୍କର ମାରିବା ପରେ ଷ୍ଟେଶନ ଛକ ସପନ ଚା' ଦୋକାନ ଓ ନନାଙ୍କ ପାନ ଦୋକାନରେ ଭିଡ କରନ୍ତି। ସେମାନଙ୍କ ପାଇଁ ବଉଳ ଗଛମୂଳ ପିଣ୍ଡିରେ ଦୈନିକ ଖବରକାଗଜ କେତୋଟି ରହିଥାଏ। ଯିଏ ଯେଉଁଟା ପାଆନ୍ତି ପଢ଼ନ୍ତି। ପଢିସାରି ଲୋଚାକୋଚା କରି ଫିଙ୍ଗିଦିଅନ୍ତି। ଯାହାଙ୍କ ବିଷୟରେ ସେଦିନ ଚର୍ଚ୍ଚା ସେଇ ବୃଦ୍ଧ ଜଣକ କାଗଜଗୁଡିକୁ ସଜାଡି ଯତ୍ନରେ ରଖୁଥାନ୍ତି ଓ ପ୍ରତିବଦଳରେ ପାଗଳ ଆଖ୍ୟା ପାଇଥାନ୍ତି। ମୁଁ ଭାବିଲି, ଏଇ ଶୃଙ୍ଖଳିତ ବୃଦ୍ଧ ଯଦି ପାଗଳ, ତାଙ୍କୁ ପାଗଳ କହୁଥିବା ଲୋକମାନଙ୍କୁ କ'ଣ କୁହାଯିବ ?

ସକାଳେ ଟ୍ରେନ୍ ଯାତ୍ରା କରିବାର ଥିଲେ ମୁଁ ପ୍ଲାଟ୍‌ଫର୍ମରୁ ଖବରକାଗଜ ଖଣ୍ଡେ କିଣେ। କାଗଜର ପ୍ରଥମ ଦାୟିତ୍ୱ ଝର୍କା ଭିତର ଦେଇ ସେ ସହଜରେ ବଗି ଭିତରେ ପଶିଯାଏ ଓ ମୁଁ ଉଠିବା ଆଗରୁ ମୋ ପାଇଁ ସିଟ୍‌ଟିଏ ରଖେ। ଦିନେ ଗାଁକୁ ଯାଉଛି। ଟ୍ରେନ୍‌ରେ ଉଠି ଦେଖିଲି ମୋ ପାଇଁ ସିଟ୍ ତ ଅଛି କିନ୍ତୁ ସିଟ୍ ରଖିଥିବା ଖବରକାଗଜଟି ସେଠାରେ ନାହିଁ। ପାଖରେ ବସିଥିବା ପଠନପ୍ରିୟ ଯାତ୍ରୀଗଣ ତାକୁ ଖୋଲି ଖଣ୍ଡେ ଖଣ୍ଡେ ଧରି ବସିଛନ୍ତି। କାମଟି ଯଦିଚ ଭଲ ଲାଗିଲା ନାହିଁ ତଥାପି ଭାବିଲି, ହଉ ପଢନ୍ତୁ। ସେମାନେ ପଢିସାରିବା ପରେ ଆଣି ଏକାଠି କରିବି।

କିନ୍ତୁ ସେମିତି ହେଲାନାହିଁ। କାଗଜଗୁଡିକ ହାତରୁ ହାତ ହୋଇ ବଗିସାରା ଘୂରିବୁଲିଲା। ଟ୍ରେନ୍ ଚାଲିଛି। ଗାଁ ଷ୍ଟେଶନ ପାଖେଇ ଆସୁଛି। ମୁଁ ମୁଣ୍ଡ ଟେକି କାଗଜଗୁଡିକୁ ନିଘା କରୁଛି। ସେଗୁଡିକ ଧୀରେ ଧୀରେ ଆଖି ଆଢୁଆଳକୁ ଚାଲିଯାଉଛି। ମୋ ଧୈର୍ଯ୍ୟ ରହୁନାହିଁ। ମୁଁ ବସିବା ଜାଗାରୁ ଉଠିପଡୁଛି। ଷ୍ଟେଶନ ଆସିବା ଆଗରୁ କାଗଜଗୁଡିକୁ ସଂଗ୍ରହ କରିବାକୁ ହେବ।

ବଗିର ଏ ମୁଣ୍ଡରୁ ସେ ମୁଣ୍ଡ ମୁଁ ବୁଲୁଛି। ଦେଖୁଛି ପଢିସାରିବା ପରେ କେତେଜଣ ଯାତ୍ରୀ କାଗଜଗୁଡିକ ଉପରେ ଭିନ୍ନ ଭିନ୍ନ କର୍ମସଂସ୍ଥାନ ଗଢିଛନ୍ତି। ଚାରିଜଣ ଯୁବକ ତା' ଉପରେ ତାସ୍ ପାଲି ପକାଇଛନ୍ତି। ବହୁସନ୍ତାନ ବିଶିଷ୍ଟ ଏକ ପରିବାର ମୁଢିମିକ୍ସଚର ଗୋଳାଇ ସାମୂହିକ ଭୋଜନ କରୁଛନ୍ତି। ଜଣେ ଚନ୍ଦାମୁଣ୍ଡିଆ ବିଜ୍ଞ ଲୋକ ସେଥିରେ କ'ଣ ସବୁ ଗାର ଟାଣି ସହଯାତ୍ରୀଙ୍କୁ ଗୁରୁତ୍ୱପୂର୍ଣ୍ଣ କିଛି ଗୋଟାଏ ବୁଝାଉଛନ୍ତି। ଶେଷ ଖଣ୍ଡିକ କିନ୍ତୁ ଏବେ ବି ନିରାପଦରେ ଅଛି। ଦଳେ ଲୋକ ତା' ଉପରକୁ ଝୁଙ୍କି ପଡିଛନ୍ତି। ଖୁବ୍ ଆଗ୍ରହରେ କ'ଣ ଗୋଟେ ଖବର ପଢୁଛନ୍ତି। ଗତ ରାତିରେ ବିଶେଷ ଘଟଣା କିଛି ଘଟିଛି କି ? ହତ୍ୟା, ଲୁଟ୍, ଘୋଟାଲା, ବଳାତ୍କାର ନା କେଉଁ ନାୟିକାର ତୃତୀୟ ବିବାହ ବିଚ୍ଛେଦ ?

ମୁଁ ଆଗ୍ରହରେ ନାକ ଗଳେଇଲି। ଦେଖିଲି ସେସବୁ ନୁହେଁ, ତାହା ଥିଲା ଗୋଟେ ସୁଲଭ ଶୌଚାଳୟର ଉଦ୍‌ଘାଟନ ଖବର। ସାମାନ୍ୟ ଖବରଟି ସେଇ ମୁହୂର୍ତ୍ତରେ ସେମାନଙ୍କ ପାଇଁ ଅସାମାନ୍ୟ ହୋଇପଡିଛି। ଏଇଥିପାଇଁ ଯେ, ଶୌଚାଳୟକୁ ଉଦ୍‌ଘାଟନ କରିଥିବା ନେତା ଜଣକ ସଫେଦ ଧୋତି ପଞ୍ଜାବି ପରିଧାନ କରି ସେଠାରେ ଉପସ୍ଥିତ ଅଛନ୍ତି। ଗମ୍ଭୀର ମୁହଁରେ ଏତିକି ମାତ୍ର ହସ ଧରି ରଖିଛନ୍ତି, ଯେଉଁଥିରୁ ଜାଣିହେବ ଏପରି ଜଣେ ଅସାଧାରଣ ଲୋକ ପାସେଞ୍ଜର ଟ୍ରେନ୍‌ର ସାଧାରଣ ବଗିରେ ଅତି ସାଧାରଣ ଲୋକଙ୍କ ସହିତ ଯାତ୍ରା କରିବାର ଉଦାରପଣ ଦେଖାଇପାରନ୍ତି।

ମୁଁ ଅପେକ୍ଷାକଲି। ଖବରଟି ପଢ଼ା ସରିବା ପରେ କହିଲି– ଆଜ୍ଞା, କାଗଜଟି ଦେବେ କି ? ଜଣେ ଦାଢ଼ିବନ୍ତ ବପୁବାନ୍ ଲୋକ ନଗଣ୍ୟ ଦୃଷ୍ଟିରେ ମୋତେ ଚାହିଁଲେ। କହିଲେ– ଯାଅ, କିଣିକରି ପଢ଼। କହିଲି– ଏଇ କାଗଜଟି ମୁଁ କିଣିଛି। କ'ଣ ହେଲା ସେଇଠୁ– ସେ ବିତଣ୍ଡା କଲେ। ସହଚରମାନେ ତାଙ୍କୁ ସମର୍ଥନ କରି ମୋ ଉପରେ ତେଜି ଉଠିଲେ। ନେତା ବୋଧହୁଏ ମୋତେ ଚିହ୍ନିଛନ୍ତି। ସହରର ସଭାସମିତିରେ ଦେଖିଛନ୍ତି। ପାଖ ଲୋକମାନଙ୍କୁ ଶାନ୍ତ କରି ସେ କହିଲେ– ଏଇ ତୁଚ୍ଛ କାଗଜଖଣ୍ଡ ପାଇଁ ଆପଣ ଯୁକ୍ତି କରୁଛନ୍ତି ? ମୁଁ କହିଲି– ଯୁକ୍ତିକୁ ଆପଣ ମୂଲ୍ୟହୀନ କହିପାରନ୍ତି କିନ୍ତୁ ଖବରକାଗଜକୁ ତୁଚ୍ଛ କୁହନ୍ତୁ ନାହିଁ। ଆମ ଘରର ତିନୋଟି ଖମ୍ବ ଏବେ ଦୁର୍ବଳ ହୋଇପଡିଛି। ଗୋଟିଏ ଖମ୍ବ ଘରର ଛାତକୁ ଧରି ରଖିବାକୁ ଚେଷ୍ଟା କରୁଛି। ସେଇ ଖମ୍ବଟି ଏଇ କାଗଜଖଣ୍ଡେରେ ହିଁ ତିଆରି ହୋଇଛି।

ସେମାନେ ଆଶ୍ଚର୍ଯ୍ୟରେ ମୋତେ ଚାହିଁଲେ। ମୋ କଥାର ଅର୍ଥବୁଝିବାକୁଚେଷ୍ଟାକରୁଥିଲେ।ସେତେବେଳେଗାଁଷ୍ଟେଶନରେ ଟ୍ରେନ୍ ଠିଆହେଲା ଏବଂ ମୁଁ ନୀରବରେ ତଳକୁ ଓହ୍ଲାଇଗଲି।

ଅଙ୍ଗାରଗଡ଼ିଆ, ବାଲେଶ୍ୱର, ମୋ-୯୪୩୭୨୯୬୮୬୪



## ଜିଲ୍ଲା ଡାଏରୀ ବରଗଡ଼

### ସ୍ୱାଧୀନତା ଦିବସରେ ଅନଶନ

ଦେଶବାସୀ ସ୍ୱାଧୀନତା ଦିବସକୁ ବେଶ୍ ଆନନ୍ଦରେ ପାଳନ କରୁଥିବାବେଳେ କିଛି ଚାଷୀ ଅନଶନ କରି ଧାରଣାରେ ବସିବା ସମ୍ଭବତଃ ଜିଲାରେ ପ୍ରଥମ। ସେମାନଙ୍କ ଏକମାତ୍ର ଦାବି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ। ନିୟମାନୁଯାୟୀ ଫସଲକ୍ଷତିହେବାର୬୦ଦିନମଧ୍ୟରେବୀମାରାଶିମିଳିବାକଥା। କିନ୍ତୁ ଜିଲାର ବିଭିନ୍ନ ପଞ୍ଚାୟତରେ ଫସଲ କ୍ଷତି ହେବାର ୬ମାସ ବିତିଯାଇଥିଲେ ମଧ୍ୟ ଏଯାବତ୍ ବୀମାରାଶି ପ୍ରଦାନ କରାଯାଇ ନାହିଁ। ଶେଷରେ କୃଷକ ସଂଗଠନ ଓ ଜୟକିଷାନ ଆନ୍ଦୋଳନ ତରଫରୁ ଅଗଷ୍ଟ ୧୪ ତାରିଖ ପୂର୍ବାହ୍ନରୁ ୧୫ ତାରିଖ ଅପରାହ୍ନ ଯାଏ ସ୍ଥାନୀୟ ଗାନ୍ଧୀଛକରେ ଅନଶନ ଧାରଣାରେ ବସିଥିଲେ।

–ଶଙ୍କର ବଲ୍ଲଭ ମିଶ୍ର

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୩

- ଗାଜାଷ୍ଟ୍ରିପ ଏବଂ ୱେଷ୍ଟବ୍ୟାଙ୍କର ଜେରିକୋ ଅଞ୍ଚଳ ଉପରେ ସୀମିତ ସ୍ୱୟଂଶାସନ ନିମନ୍ତେ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଭାରତକୁ ରୁଷ କ୍ରାୟୋଜେନିକ କୌଶଳ ଯୋଗାଣ ବନ୍ଦ କରିବ ନାହିଁ। ରୁଷ ପ୍ରଧାନମନ୍ତ୍ରୀ ଚେର୍ନୋମିର୍ଦ୍ଦିନଙ୍କ ଘୋଷଣା।



ଦକ୍ଷିଣ ମେକ୍ସିକୋ ଉପକୂଳରେ ୩ ଶହରୁ ଅଧିକ ବିରଳ ପ୍ରଜାତିର କଇଁଛଙ୍କ ମୃତଦେହ ମିଳିଛି। କିଛି ଧୀବର ମାଛ ଧରୁଥିବାବେଳେ ମୃତ କଇଁଛଗୁଡ଼ିକ ଏଥିରେ ଧରାପଡ଼ିଥିଲେ। ମିଳିଥିବା କଇଁଛଗୁଡ଼ିକଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଛି ସେ ନେଇ ପରିବେଶ ବିଜ୍ଞାନୀ ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ଏକ ମାସ ତଳେ ୧୧୩ଟି ଏହି ପ୍ରଜାତିର କଇଁଛଙ୍କର ଏଠାରେ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଜଟଣୀ ଫ୍ଲାଇଓଭର ନିର୍ମାଣରୁ ପଣ୍ଡା ଇନ୍‌ଫ୍ରା ବିଦା

ଭୁବନେଶ୍ୱର,୨୯।୮(ବ୍ୟୁରୋ): ବହୁ ବାଦବିବାଦ ପରେ ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟକୁ ରାଜ୍ୟ ସରକାର ଜଟଣୀ ଫ୍ଲାଇଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରୁ ହଟାଇ ଦେଇଛନ୍ତି। ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ପରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରର ବମିଖାଲ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ କଳା ତାଲିକାଭୁକ୍ତ ହୋଇଥିବା ଏହି ଠିକାସଂସ୍ଥା ଜଟଣୀ ବ୍ରିଜ୍ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରିବା ନେଇ ଅଭିଯୋଗ ହୋଇଆସୁଥିଲା। ମନ୍ଥରଗତି ଓ ନିମ୍ନମାନର କାର୍ଯ୍ୟ କରୁଥିବାର ନିର୍ମାଣ ଦାୟିତ୍ୱରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ବାଦ୍ ଦିଆଯାଇଥିବା ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟରୁ ଠିକାସଂସ୍ଥାକୁ ବାଦ୍ ଦେବା ନିଷ୍ପତ୍ତିକୁ ଜଟଣୀ ବାସିନ୍ଦା ସ୍ୱାଗତ କରିଛନ୍ତି। ହେଲେ ଅଧପନ୍ତରିଆ ରହିଥିବା ଏହି ବ୍ରିଜ୍ ନିର୍ମାଣ କେବେ ଶେଷ ହେବ ସେ ସେନେଇ ଅଞ୍ଚଳବାସୀ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଖୋର୍ଦ୍ଧାରୁ ପିପିଲିକୁ ଯିବା ପାଇଁ ଥିବା ଏହି ପ୍ରମୁଖ ସଡ଼କ ପଥର ଜଟଣୀ ଅଣ୍ଡରଗ୍ରାଉଣ୍ଡରେ ଅଧିକାଂଶ ସମୟ ପାଣି ଜମିରହୁଥିଲା। ଏହା ଉପରେ ଏକ ଫ୍ଲାଇଓଭର ନିର୍ମାଣ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ୪୦ବର୍ଷ ଧରି ଦାବି ହୋଇଆସୁଥିଲା । ଏଥିପାଇଁ ଅନେକଥର ଆନ୍ଦୋଳନ ମଧ ହୋଇଛି । ଶେଷରେ ରାଜ୍ୟ ସରକାର ଏହାର ନିର୍ମାଣ ପାଇଁ ୫ ବର୍ଷ ପୂର୍ବେ ୫୫ କୋଟି ଟଙ୍କା ମଞ୍ଜୁର କରିଥିଲେ । ରେଲୱେ ତା'ର ଅଂଶ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେଥିପାଇଁ ରାଜ୍ୟ ସରକାର ରେଲୱେକୁ ୧୭ କୋଟି ଟଙ୍କା ପ୍ରଦାନ କରିଥିଲେ । ଅବଶିଷ୍ଟ ୩୮ କୋଟି ଟଙ୍କାର କାର୍ଯ୍ୟ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଠିକାସଂସ୍ଥା ପଣ୍ଡା ଇନ୍‌ଫ୍ରା କରୁଥିଲା । ତେବେ ପାଇଲିଂ କାର୍ଯ୍ୟରେ ୫୫ ଫୁଟ୍ ପରିବର୍ତ୍ତେ ୨୦ ଫୁଟ୍ ଗଭୀରରୁ ରଡ୍‌ଫ୍ରେମ୍ ଦେଇ ପିଲର ଉଠାଯାଉଥିବା ନେଇ ଜଟଣୀ ବ୍ୟବସାୟୀ ମହାସଂଘ ଅଭିଯୋଗ ଆଣିଥିଲା। ଏଥିସହ ଭିଜିଲାନ୍ସରେ ଅଭିଯୋଗ ସହିତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଥିଲା । ଏହାର ତଦନ୍ତ ଦାୟିତ୍ୱ ରାଉରକେଲା ଏନ୍‌ଆଇଟିକୁ ଦିଆଯାଇଛି। ବର୍ତ୍ତମାନ ଏହାର ତଦନ୍ତ ଚାଲିଛି। ବ୍ରିଜ ନିର୍ମାଣ କାର୍ଯ୍ୟରୁ ଠିକାସଂସ୍ଥାକୁ ବାଦ୍ ଦେବା ପରେ ପୁନଃ ଟେଣ୍ଡର କରି ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ପୂର୍ତ୍ତ ବିଭାଗ ସୂଚନା ଦେଇଛି। ତେବେ ପୁନଃ ଟେଣ୍ଡର ଆହ୍ୱାନ, ଠିକାଦାର ଚୟନ ଓ କାର୍ଯ୍ୟ ଆରମ୍ଭ ଭଳି ପ୍ରକ୍ରିୟା ଶେଷ ହେବାକୁ କେତେଦିନ ଲାଗିବ ସେ ନେଇ ସ୍ପଷ୍ଟ କରାଯାଇ ନାହିଁ।

■ ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

## ଓପେପା ଅଧିକାରୀଙ୍କ ୬ କୋଟିର ସମ୍ପତ୍ତି ଠାବ

କଟକ ଅଫିସ/ ରୋରିଷ (ସ୍ୱ.ପ୍ର)/ ଛତ୍ରପୁର, ୨୯।୮ (ବି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓପେପା)ର ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ପ୍ରଶାସନିକ ଅଧିକାରୀ ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ଛତ୍ରପୁର ତହସିଲ ବିଜୟ କେତନ ସାହୁ (ଛତ୍ରପୁର ତହସିଲଦାର)ଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ସେଲ୍ ପକ୍ଷରୁ ଉଭୟଙ୍କ ଅଫିସ ସମେତ ମୋଟ ୭ଟି ସ୍ଥାନରେ ବୁଧବାର ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରୁ ଅଧିକାଂଶ ନଳିନୀ କୁମାରୀ ପୃଷ୍ଟିଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ମଧୁସୂଦନନଗରଠାରେ ଥିବା ଉତ୍କଳ ଭିଲ୍ଲାର ଦୁଇଟି ଫ୍ଲାଟ୍ (ବି୪୦୧ ଓ ୫୦୧), ପୁରୀ ଜିଲା କୁମ୍ଭାରପଡ଼ାଠାରେ ଥିବା ଗ୍ରାଣ୍ଡ ଏସିଆନା ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ଥିବା ଆବାସିକ କୋଠା, କେନ୍ଦ୍ରାପଡ଼ା ଜିଲା ରୋରିଷ ଥାନା ବାଲିଆ ପଞ୍ଚାୟତ ଅଜିତ ଗ୍ରାମରେ ଥିବା ପୈତୃକ ଘର, ଚାନ୍ଦୋଳ ଓରଗଳାସ୍ଥିତ ସମ୍ପର୍କୀୟଙ୍କ ଘର ସମେତ ନଳିନୀଙ୍କ ଓ ବିଜୟଙ୍କ ଅଫିସ ଆଦି ରହିଛି। ଉତ୍କଳ ଭିଲ୍ଲାରେ ଥିବା ଦୁଇଟି ଫ୍ଲାଟ୍‌ର ମୂଲ୍ୟକୁ ୧କୋଟି ୮୦ ଲକ୍ଷ ୨୯ହଜାର ଟଙ୍କା ହୋଇଥିବା ବେଳେ ଚନ୍ଦ୍ରଶେଖରପୁରଠାରେ ତାଙ୍କର ଏକ ୩ ମହଲା କୋଠାର ମୂଲ୍ୟକୁ ୪୯ ଲକ୍ଷ ୬୦ହଜାର ୬୭୧ ଟଙ୍କାରେ ଭିଜିଲାନ୍ସ ହିସାବ କରିଛି। ଜଟଣୀରୁ ଠାବ ହୋଇଥିବା ୬ଟି ପ୍ଲଟର ମୂଲ୍ୟ ୫୮ ଲକ୍ଷ ୫୭ହଜାର ୩୧୨ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି କିଷାନ ବିକାଶ ପତ୍ରରେ ୬୦ହଜାର ଟଙ୍କା ଜମା ଥିବାବେଳେ ବଜାଜ ଆଲିଆନ୍ସ, ରୁରାଲ ଇଲେକ୍ଟ୍ରିଫିକେଶନ ବଣ୍ଡ ଓ ଏଲ୍‌ଆଇସି ବାବଦରେ ୭ ଲକ୍ଷ ୩୨ହଜାର ୪୦୭ ଟଙ୍କା ଜମା ରହିଛି। ଏହାବାଦ ଆଇସିଆଇସିଆଇ, ଏସ୍‌ବିଆଇ, ଇଣ୍ଡିଆନ ବ୍ୟାଙ୍କ ଓ ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ବ୍ୟାଙ୍କରେ ୧ କୋଟି ୪ ଲକ୍ଷ ୫ହଜାର ୫୮୧ ଟଙ୍କା ଜମା ଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ସେହିପରି ପିପିଏଫ୍ ଆକାଉଣ୍ଟରେ ୬ ଲକ୍ଷ ୪୫ହଜାର ୨୫ଟଙ୍କା, ସେଭିଂ ବ୍ୟାଙ୍କ୍ ଆକାଉଣ୍ଟରେ ୨୨ ଲକ୍ଷ ୮୪ହଜାର ୬୧୦ ଟଙ୍କା, ଏସ୍‌ବିଆଇର ଟର୍ମ ଡିପୋଜିଟ ବାବଦରେ ୪ ଲକ୍ଷ ୭୦ହଜାର ଟଙ୍କା ଜମା ଥିବା ଭିଜିଲାନ୍ସ ସୂଚନା ଦେଇଛି। ନଳିନୀଙ୍କ ଘରୁ ନଗଦ ୫ ଲକ୍ଷ ୭୫ହଜାର ୧୭୦ ଟଙ୍କା, ୪୬ ଲକ୍ଷ ୧୯ହଜାର ୧୬୩ ଟଙ୍କାର ଆସବାବପତ୍ର, ୪୦ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ହୀରା ଭିଜିଲାନ୍ସ ଠାବ କରିଛି। ଏଥିସହ ତାଙ୍କର ଗୋଟିଏ କାର୍ (ନଂ. ଓଆର୍‌୦୨ଏଏସ୍-୬୯୪୩) ମୂଲ୍ୟ ୪ ଲକ୍ଷ ୫୦ହଜାର ଟଙ୍କା, ଗୋଟିଏ ସ୍କୁଟି (ନଂ. ଓଡି୩୩ଏଚ୍-୮୩୯୮)ର ମୂଲ୍ୟ ୬୦ହଜାର ଓ ଗୋଟିଏ ବାଇକ୍ (ନଂ. ସିଜି୦୪ଜେଡ୍‌ଭି-୬୪୮୪)କୁ ୭୦ହଜାର ଟଙ୍କାରେ ଭିଜିଲାନ୍ସ ହିସାବ କରିଛି।

■ 'ସାମ୍ପ୍ରଦାୟିକ ରାଜନୀତିର ବିପଦ ଓ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମିଳନୀ

## ସାମ୍ପ୍ରଦାୟିକ ମୌଳବାଦ ବିରୋଧରେ ଏକାଠି ହେବାକୁ ଆହ୍ୱାନ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)





ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ସ୍ୱାମୀ ଅଗ୍ନିବେଶ ଏବଂ ଅନ୍ୟ ବକ୍ତାମାନେ।

ଜାତୀୟ ସଂହତି ମଞ୍ଚ ଓ ଅନ୍ୟାନ୍ୟ ନାଗରିକ ସଂଗଠନଗୁଡ଼ିକର ମିଳିତ ଉଦ୍ୟମରେ ବୁଧବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ 'ସାମ୍ପ୍ରଦାୟିକ ରାଜନୀତିର ବିପଦ ଓ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜାତି, ଧର୍ମ ନିର୍ବିଶେଷରେ ସମସ୍ତ ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇ ଦେଶକୁ ଭାଗ ଭାଗ କରୁଥିବା ସାମ୍ପ୍ରଦାୟିକ ମୌଳବାଦ ବିରୋଧରେ ଏକାଠି ହେବାକୁ ଉପସ୍ଥିତ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ସ୍ୱାମୀ ଅଗ୍ନିବେଶ ସମ୍ମିଳନୀରେ ଯୋଗଦେଇ ସମ୍ବିଧାନକୁ ସମ୍ମାନ ଦେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ଯଦି କେବେ କେଉଁ ଧର୍ମର ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହେଉଛି ସେତେବେଳେ ସେ ଅନ୍ୟ ଧର୍ମ ଓ ଜାତିର ବୋଲି ଚିନ୍ତାଧାରା ରଖିବା ଉଚିତ ନୁହେଁ। ସମସ୍ତେ ଭାବିବା ଦରକାର ଯେ ଜଣେ ଭାରତୀୟକୁ ଆକ୍ରମଣ ହୋଇଛି। ଆମେ କୌଣସି ଧର୍ମର ବ୍ୟକ୍ତି ନୁହେଁ। ଆମେ ଭାରତୀୟ, ଏହା ସମସ୍ତଙ୍କ ଭାବନା ହେବା ଉଚିତ ବୋଲି ଅଗ୍ନିବେଶ କହିଛନ୍ତି।

ପ୍ରାରମ୍ଭରେ କନ୍ଧମାଳ ହିଂସା ପୀଡ଼ିତଙ୍କ ମଧ୍ୟରୁ ନିଜ ପରିବାରର ସମସ୍ତଙ୍କୁ ହରାଇଥିବା ପୁଷ୍ପାଞ୍ଜଳି ପଣ୍ଡା ଓ ନୁଙ୍ଗୁରୀ ପ୍ରଧାନ ସେମାନଙ୍କ ଦୁଃଖ ବର୍ଣ୍ଣନା କରିଥିଲେ। ଦୀର୍ଘ ୧୦ବର୍ଷ ପରେ ମଧ ସେମାନେ କିପରି ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି ତାହା ଜଣାଇଥିଲେ। ସୂଚନାଯୋଗ୍ୟ, ୧୦ବର୍ଷ ତଳେ ୨୦୦୮ ଅଗଷ୍ଟ ୨୫ରେ ହିନ୍ଦୁ ମୌଳବାଦୀ ଶକ୍ତିମାନଙ୍କ ଦ୍ୱାରା କନ୍ଧମାଳ ଜିଲାରେ ସଂଘଠିତ ସାମ୍ପ୍ରଦାୟିକ ହିଂସାରେ ସଂଖ୍ୟାଲଘୁ, ଆଦିବାସୀ ଓ ଦଳିତମାନେ ବିଶେଷ କ୍ଷତିଗ୍ରସ୍ତ ହୋଇ ଧନଜୀବନ ହରାଇଥିଲେ। ଏହି ସାମ୍ପ୍ରଦାୟିକ ହିଂସାରେ ପ୍ରାୟ ୧୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ୬୫୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ଜନସାଧାରଣ ପ୍ରାଣ ଭୟରେ ଘରଦ୍ୱାର ଛାଡ଼ି ପଳାଇଥିଲେ ଓ ୧୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଥିଲେ। ଏବେ ମଧ ସେମାନଙ୍କ ମଧ୍ୟରୁ ଅନେକ ମୌଳବାଦୀ ଶକ୍ତିମାନଙ୍କ ଭୟରେ ଘରକୁ ଫେରି ନ ପାରି ଦେଶର ବିଭିନ୍ନ ସ୍ଥାନରେ ଦାଦନ ଶ୍ରମିକ ଭାବେ ବଞ୍ଚୁଛନ୍ତି। ଆଜି ମଧ କନ୍ଧମାଳର ସେହି ହିଂସା ପୀଡ଼ିତମାନେ ଭୟ ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ନ୍ୟାୟ ପାଇବା ପାଇଁ ଗଣତାନ୍ତ୍ରିକ ଓ ନ୍ୟାୟିକ ସଂଘର୍ଷ ଜାରି ରଖିଛନ୍ତି। କନ୍ଧମାଳର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ସଦ୍‌ଭାବନା, ଭାଇଚାରା ପ୍ରତିଷ୍ଠା ଏବଂ ନ୍ୟାୟ ପାଇଁ ସଂଘର୍ଷକୁ ସମସ୍ତ ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଶକ୍ତି ସମର୍ଥନ କରୁଥିବା ବେଳେ ବର୍ତ୍ତମାନ ଦେଶବ୍ୟାପୀ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଭିନ୍ନମତ ଉପରେ ଆକ୍ରମଣକୁ ପ୍ରତିରୋଧ କରିବା ଆଜି ସମୟର ଆହ୍ୱାନ ବୋଲି ବକ୍ତାମାନେ ମତ ଦେଇଥିଲେ। ସେଥିପାଇଁ ବିଭିନ୍ନ ସଂଗଠନ ମଧ୍ୟରେ ଏକ ସର୍ବନିମ୍ନ ବିଚାରଗତ ଏକତା ପ୍ରତିଷ୍ଠା ଓ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ପରଞ୍ଜୟ ଗୁହା ଠାକୁରତା, ଡ. ରାମ ପୁନୀୟାନି, ହର୍ଷ ମନ୍ଦେରଙ୍କ ସମେତ ଜାତୀୟସ୍ତରର ବହୁ ବୁଦ୍ଧିଜୀବୀ ଓ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ।

## ମୌସୁମୀ ଦୁର୍ବଳ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାରଠାରୁ ବର୍ଷା ପରିମାଣ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଅଗଷ୍ଟ ୩୧ରେ ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।


ENERGY IS LIFE · BEE · CONSERVE IT

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

Department of Energy

09-AA

INVITING LEADERS IN THE FIELD OF ENERGY CONSERVATION OF ODISHA

**Odisha State Energy Conservation Awards-2018**

The Department of Energy, Govt. of Odisha through the Office of Engineer-in-Chief cum Principal Chief Electrical Inspector as the State Designated Agency (SDA), Odisha invites applications from MSMEs, IT Industries, Hospitals, Educational Institutions, Commercial Buildings, Hotels and Power Generation Companies (IPP) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2018 based on their performance during Financial Year 2017-2018. The last date of receipt of completed applications is 5th November 2018.

For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in

The authority reserves the right to accept / reject any application without assigning any reasons thereof.

Sd/-
EIC E)-cum-PCEI & SDA (Odisha)

04004/11/0001/1819



FORM NO.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 394/2013**

**State Bank of India, Jagmohan Nagar Branch .............. Applicant**
**Versus**
**M/s. Nikshita Associates (P) Ltd. & Others .......... Defendant(s)**

To

**5/A, Sanghamitra Dash**, W/o- Late Sandeep Dash, At- Police Line Road, P.O- Puri, P.S- Kumbharapada, Dist.- Puri

**5/B, Nikshita Dash**, D/o- Late Sandeep Dash, C/o- Sanghamitra Dash, At- Police Line Road, P.O- Puri, P.S- Kumbharapada, Dist.- Puri

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 394/2013 in the court of the Debts of Recovery Tribunal, Cuttack for recovery of Rs. 10,85,812.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorized agent, in support of their defence to show cause within 30 days from the date of publication or on 03.10.2018 at 10.30 AM as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this tribunal on this 18th day of Aug. 2018.

**Sd./- (Srikanta Kumar Maikap), Registrar**



**URGENTLY REQUIRED FOR A CCI**

- **Counsellor (One)** - M.A (Sociology / Child Psychology) and 3 years experience in child development institution, Remuneration Rs. 17,500/- as per ICPS guidelines.
- **Probation Officer - One** M.A. in Sociology / MBA and 3 years experience in Child Care Institutions. Remuneration Rs. 13,000/-.
- **Compounder / Pharmacist - One** Diploma qualification with experience in first Aid. Remuneration 9000/-.
- **Store Keeper & Accountant- One** PG in commerce, experience in child Development, Remuneration Rs. 14,000/-.
- Upper Age limit for all posts is 35 years.
- Candidates who are willing to work in the CCI of **Banabasi Vidya Sabha, G.V. Ashram, Vedvyas** apply within 7 days of this advertisement to the ADM, Sundargarh by Post. Salary as per ICPS guide lines. Attach Bio-Data along with one colour passport size photograph with copies of academic qualification and experiences.

**Superintendent**
**Banabasi Vidya Sabha**
**Vedvyas, Rourkela**



Bank of Baroda
बैंक ऑफ़ बड़ौदा

ମୁଖ୍ୟ କାର୍ଯ୍ୟାଳୟ : ମାଣ୍ଡଭି, ବରୋଦା
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଟେଣ୍ଡର ନୋଟିସ୍**

ବିଭିନ୍ନ କାର୍ଯ୍ୟ ନିମନ୍ତେ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ପାଇଁ ବିଜ୍ଞାପନ

**ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର** ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କର ଆବାସିକ ଏବଂ ବ୍ୟବସାୟିକ ଗୃହ ପରିସରରେ ସିଭିଲ, ଇଲେକ୍ଟ୍ରିକାଲ, ସାଜସଜ୍ଜା, ଶୀତତାପ ନିୟନ୍ତ୍ରଣ ଏବଂ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ଆର୍କିଟେକ୍ଟ, କଣ୍ଟ୍ରାକ୍ଟର, ଡିଲର ଏବଂ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି।
ଟେଣ୍ଡର କାଗଜପତ୍ର ବ୍ୟାଙ୍କର ୱେବ୍‌ସାଇଟ୍ :
**www.bankofbaroda.com** ରେ ଉପଲବ୍ଧ ଅଟେ।
ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ : **୨୪.୦୯.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।**
କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛି।

ସ୍ଥାନ: ଭୁବନେଶ୍ୱର
ତା.୩୦.୦୮.୨୦୧୮
ଉପ-ମହାପ୍ରବନ୍ଧକ



**PENSION ADALAT BY INCOME TAX DEPARTMENT, ODISHA**

It has been decided to hold Pension Adalat in respect of pensioners / family pensioners on **18.09.2018** at 11 AM in Kalinga Conference Hall, 4th Floor, AAYAKAR Bhawan, Vani Vihar, Bhubaneswar to ventilate grievances relating to pension / family pension. The pensioners / family pensioners who are having grievance in the matter of pension may forward their grievances in the following format **to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, AAYAKAR Bhawan, Vani Vihar, Bhubaneswar for facilitation.**

1. Name of the employee with address:
2. Name of the Pension / family pension holder:
3. PPO No. if any:
4. Mobile No. for communication:
5. Office from which retired / expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- (Narayan Nayak)**
**Income Tax Officer (Legal)**
**O/o the Pr. CCIT, Bhubaneswar**



INDIAN RAILWAYS · भारतीय रेल

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/12 ତା. 27.08.2018 ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-332/J/18-19



# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ଼

ପତ୍ର ସଂଖ୍ୟା ୧୪୪୦ ତା ୨୭.୮.୨୦୧୮

ଏତଦ୍ୱାରା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୨୦.୦୯.୨୦୧୮ଠାରୁ ୨୯.୧୦.୨୦୧୮ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା (୧ ଅକ୍ଟୋବର ୨୦୧୭ରୁ ୩୧ ମାର୍ଚ୍ଚ ୨୦୧୮) । ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମଗୁଡିକରେ ସକାଳ ୯ ଘଟିକାଠାରୁ ଆରମ୍ଭ ହେବ । ତେଣୁ ଆପଣମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ସହିତ ସର୍ବସାଧାରଣ ନାଗରିକ, କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆପଣଙ୍କ ଜରିଆରେ ନିବେଦନ କରାଯାଉଛି ।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବିଜେପୁର, ବାଞ୍ଜିପଦର, ଭାଲେଗାଁ, ଘଣ୍ଟବାହାଲି, ଲୁଥୁରବନ୍ଧ, କତରକେଲା | ୨୦।୦୯।୨୦୧୮ | ୨୬।୦୯।୨୦୧୮ | ୨୬।୦୯।୨୦୧୮ | ୨୬।୧୦।୨୦୧୮ | ବିଜେପୁର AE, ବାଞ୍ଜିପଦର APO, ଭାଲେଗାଁ AEE, ଘଣ୍ଟାବାହାଲି GPEO, ଲୁଥୁରବନ୍ଧ AFO, କତରକେଲା PA |
| ଦ୍ୱିତୀୟ | ବାନ୍ଧୁପଲା, ଶଗଡଘାଟ, ମନିଗାଁ, ମହୁଲପଡା, ଜଗୁଆ | ୨୭।୦୯।୨୦୧୮ | ୦୪।୧୦।୨୦୧୮ | ୦୪।୧୦।୨୦୧୮ | | ବାନ୍ଧୁପଲା AFO, ଶଗଡାଘାଟ WEO, ମନିଗାଁ PA, ମହୁଲପଡା AE, ଜଗୁଆ AEE |
| ତୃତୀୟ | ନାରେନ , ଖୋଲାନ , ପରାସରା, ଅଦାବାହାଲ, ସିହିନି, ସୁର୍ଡା | ୦୫।୧୦।୨୦୧୮ | ୧୧।୧୦।୨୦୧୮ | ୧୧।୧୦।୨୦୧୮ | | ନାରେନ AFO, ଖୋଲାନ GPEO,ସରାସରା APO, ଅଦାବାହାଲ AEE, ସିହିନୀ PA, ସୁର୍ଡା ABDO |
| ଚତୁର୍ଥ | ଘୋଡାର, ମାର୍ଲାଡ, ବିନେକେଲା, ସିଲୁଆଁ, କୁଶକେଲା, କୁରସୁଡ, ଦିଗ୍‌ସିରା | ୨୩।୧୦।୨୦୧୮ | ୨୯।୧୦।୨୦୧୮ | ୨୯।୧୦।୨୦୧୮ | | ଘୋଡାର WEO, ମାର୍ଲାଡ ABDO, ବିନେକେଲା PA, ସିଲୁଆଁ AE, କୁଶକେଲା AEE, କୁରସୁଡ GPEO, ଦିଗ୍‌ସିରା APO |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ



**OFFICE OF THE DISTRICT JUDGE, GAJAPATI, PARALAKHEMUNDI**

**ADVERTISEMENT**

**Dated 29th August, 2018**

Application in the prescribed format given below is invited for filling up of the following Group "C" posts governed under the Orissa District & Sub-ordinate Courts" Non-Judical Staff Services (Method of Recruitment and Conditions of Services) Rules, 2008 read with Amendment Rules, 2010.

| Sl. No. | Name of the post | Group | Scale of pay & Grade Pay | CATEGORY | | | | Total |
|---|---|---|---|---|---|---|---|---|
| | | | | ST | U.R. | S.E.B.C. | S.C. | |
| 1 | Junior Clerk / Copyist | C | Rs. 19900/- (Pre-revised scale of Rs. 5200-20200/- & Rs. 1900/-) | 07 (W-3) | 03 (W-2) | 05 (W-1) | 01 (W-1) | 16 |
| 2 | Stenographer Gr.III | C | Rs. 25500/- (Pre-revised Scale of Rs. 5200-20200/- & Rs. 2400/-) | 01 | 02 | 02 | -- | 05 |
| 3 | Junior Typist | C | Rs. 19900/- (Pre-revised Scale of Rs. 5200-20200/- & Rs. 1900/-) | 01(W) | 01(W) | 02 (W-1) | -- | 04 |
| 4 | Salaried Amin | C | Rs. 21700/- (Pre-revised Scale of Rs. 5200-20200/- & Rs. 2000/- | -- | 01 | -- | -- | 01 |

The reservation for Women / Physically Handicapped / Ex-Serviceman / Sports Person is as per rule. The number of posts in each cadre may increase or decrease in future. For details, please visit our official website i.e. **www.ecourts.gov.in/gajapati** and **www.gajapati.nic.in**.

**Warning:- The last date of receipt of application duly filled-in is 29.09.2018 during office hours. Applications received thereafter shall not be accepted.**

**Sd./- District Judge-cum-Chairman,**
**District Recruitment Committee, Gajapati**



सिंडिकेटबैंक SyndicateBank · विश्वसनीय, मैत्रीपूर्ण Faithful, Friendly · भारत सरकार का उपक्रम A Govt. of India Undertaking

**ସିଣ୍ଡିକେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ-୨, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ୍, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
ଆକ୍ଟ (ରୁଲ୍ ୮(୧))ର ପରିଶିଷ୍ଟ ୪

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସମ୍ପତ୍ତି ମାଲିକମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ସମସ୍ତ ଅର୍ଥ ସହିତ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସମ୍ପତ୍ତି ମାଲିକମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଉପରକଥିତ ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି ।

ଏତଦ୍‌ଦ୍ୱାରା ବିଶେଷକରି ସମ୍ପତ୍ତିମାଲିକ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ ପାଇଁ **ସିଣ୍ଡିକେଟ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସମ୍ପତ୍ତି ମାଲିକ / ଗ୍ୟାରେଣ୍ଟିଦାତା(ମାନ)ଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥୀ,** ସ୍ୱାମୀ: ଶଙ୍କର ପ୍ରସାଦ ଶତପଥୀ, ସା: ପ୍ରହଲ୍ଲାଦ ନଗର (ପୁରୁଣା ବ୍ରହ୍ମପୁର), ୫ମ ଲେନ୍, ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଧରିତ୍ରୀ ଶତପଥୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଙ୍କର ପ୍ରସାଦ ଶତପଥୀ,** ପିତା: ୰ ବାବାଜୀ ଶତପଥି, ସା: କୃପାସିନ୍ଧୁପୁର ଶାସନ, ଗୌଡ ଷ୍ଟ୍ରିଟ୍, ବୃନ୍ଦାବନପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୨,୯୬,୫୧୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ଖାତା ନଂ.: ୨୪୩/୪୫୩୦, ପ୍ଲଟ୍ ନଂ.: ୮୦୧/୨୩୩୧ ଏବଂ ୮୦୧/୨୭୫୮, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଥାନା: ବଡବଜାର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲେନ୍, ପଶ୍ଚିମ: ଏମ୍‌ଓ ଫୁଟ୍ ଚଉଡା ରାସ୍ତା, ଦକ୍ଷିଣ: ଏମ୍. ପଦ୍ମାବତୀଙ୍କ ଜମି, ଉତ୍ତର: ନରସିଂହ ଜେନାଙ୍କ ଜମି |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ଚୁକା ରବି କୁମାର,** ପିତା: ଚୁକା ସାରବନ୍ଧୁ, ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଚୁକା ରବି କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଚୁକା ଲୀଳା,** ସ୍ୱାମୀ: ଚୁକା ରବି କୁମାର, ଉଭୟଙ୍କ ଠିକଣା- ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ୧୩.୧୨.୨୦୧୭ / ୨୪.୦୮.୨୦୧୮ | ଟ.୭,୫୭,୩୮୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁକୁଣ୍ଡା, ଖାତା ନଂ.: ୧୦୪/୧୧୦, ପ୍ଲଟ୍ ନଂ.: ୧୩୨/୯୭୭, କ୍ଷେତ୍ର: ଏକର୦.୦୨୧ଡିସିମିଲି, ଥାନା: ବ୍ରହ୍ମପୁର ଟାଉନ୍, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଦକ୍ଷିଣ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଉତ୍ତର: ରାସ୍ତା |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବେହେରା,** ପିତା: ୰ ରାମହରି ବେହେରା, ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଅମୂଲ୍ୟା ବେହେରା, ଶ୍ରୀ ପ୍ରଶାନ୍ତ କୁମାର ବେହେରା ଏବଂ ଶ୍ରୀ ଶ୍ରୀକାନ୍ତ ବେହେରା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଅମୂଲ୍ୟା ବେହେରା,** ସ୍ୱାମୀ: ୰ ରାମହରି ବେହେରା, **୨) ଶ୍ରୀ ଶ୍ରୀକାନ୍ତ ବେହେରା,** ପିତା: ୰ ରାମହରି ବେହେରା, ଉଭୟଙ୍କ ଠିକଣା ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୮,୪୧,୭୪୮.୯୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ ବଜାର, ତହସିଲ: ବ୍ରହ୍ମପୁର, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୬୧୭, କିସମ: ଘରବାରୀ-୨, କ୍ଷେତ୍ର: ଏକର୦.୦୧୯ଡିସିମିଲି, ଥାନା: ବଡ ବଜାର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସ୍‌ପାଲ୍ ଲେନ୍, ପଶ୍ଚିମ: ରାଜ ଦାଣ୍ଡ, ଦକ୍ଷିଣ: ରାଧାମୋହନ ବେହେରାଙ୍କ ଗୃହ, ଉତ୍ତର: ହରିଶ ଚନ୍ଦ୍ର ଗୌଡଙ୍କ ଗୃହ |
| **ବି.କେ. ରୋଡ୍ ଶାଖା, କଟକ / ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ମହାରଣା,** ପିତା: ବେଣୁଧର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ ଏବଂ **ସମ୍ପତ୍ତିର ମାଲିକ: ଅକ୍ଷୟ କୁମାର ମହାରଣା / ଗ୍ୟାରେଣ୍ଟିଦାତାମାନେ: ୧) ବିଷ୍ଣୁପ୍ରିୟା ମହାରଣା,** ସ୍ୱାମୀ: ଅକ୍ଷୟ କୁମାର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ, **୨) ସେକ୍ ଜାଭେଦ,** ସା/ପୋ.: ନୟାପଡା, ଥାନା: ଟାଙ୍ଗୀ, ଜିଲ୍ଲା: କଟକ | ୧୪.୦୫.୨୦୧୮ / ୨୭.୦୮.୨୦୧୮ | ଟ.୨୪,୭୩,୬୮୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଦୀକୂଳ ସାହି, ଖାତା ନଂ.: ୬୬୦/୧୧୦୪, ପ୍ଲଟ୍ ନଂ.: ୧୧୨/୮୮୨୫, କ୍ଷେତ୍ର: ୧୨୩୧.୨୫ ବର୍ଗଫୁଟ, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଙ୍ଗାଧର ମହାରଣା ଏବଂ ବିଜୟ କୁମାର ମହାରଣା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ମହାରଣା ଏବଂ ଅଶୋକ କୁମାର ମହାରଣା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୯.୦୮.୨୦୧୮
କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା: ସୋସିଆଲ ମିଡିଆକୁ କଳୁଷିତ କରା ନ ଯାଉ

ନୂଆଦିଲ୍ଲୀ, ୨୯।୮(ପି.ଟି.)-ସମ୍ପ୍ରତି ସୋସିଆଲ ମିଡିଆ ଜରିଆରେ ଗୋଟିଏ ବାର୍ତ୍ତା କୋଟି ଜନତାଙ୍କ ପାଖରେ ପହଞ୍ଚିପାରୁଛି। କିନ୍ତୁ ଅନେକେ ଏହାର ବ୍ୟବହାର ନକାରାତ୍ମକ ଢଙ୍ଗରେ କରୁଛି। ଦଙ୍ଗା ଓ ହିଂସା ସୃଷ୍ଟି ପାଇଁ ଘୃଣାର ପ୍ରସାର ହେଉଛି। ମହିଳାଙ୍କ ନଗ୍ନଚିତ୍ର ଏବଂ ମିଥ୍ୟା ସୂଚନା ମଧ ଭାଇରାଲ କରାଯାଉଛି। ଏସବୁ ସମାଜ ପାଇଁ ବିପଜ୍ଜନକ। ତେଣୁ ଲୋକେ ମର୍ଯ୍ୟାଦାର ସୀମାରେ ରହି ସୋସିଆଲ ମିଡିଆକୁ ବ୍ୟବହାର କରନ୍ତୁ, କିନ୍ତୁ ଏହାକୁ କଳୁଷିତ ନ କରନ୍ତୁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହା କୌଣସି ବିଚାରଧାରାର କଥା ନୁହେଁ, ବରଂ ଏକ ସଭ୍ୟ ସମାଜରେ ଏଭଳି ଘଟିବା ଅନୁଚିତ। ନିଜ ନିର୍ବାଚନ କ୍ଷେତ୍ର ବାରାଣସୀରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଭାଜପା କର୍ମୀଙ୍କୁ ଉଦ୍‌ବୋଧନ ଦେବାବେଳେ ଏହା କହିଛନ୍ତି ମୋଦି। ବର୍ତ୍ତମାନ ଗୋଟିଏ 'ମୋହଲ୍ଲା'ର ଦୁଇ ପରିବାର ମଧ୍ୟରେ କଳି ଜାତୀୟ ସ୍ତରର ଖବର ପାଲଟିଯାଉଛି। ଏଭଳି ବାଜେ କଥା ପ୍ରସାର ନ କରି ଭଲ ଖବର ଲୋକଙ୍କ ନିକଟରେ ପହଞ୍ଚାଇବା ନିମିତ୍ତ ସଚେତନତା ଜରୁରୀ। ସମାଜକୁ ସୁଦୃଢ଼ କରିବା ଭଳି ସୂଚନା ପ୍ରଦାନ କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ ବୋଲି ମୋଦି କହିଛନ୍ତି।

### ରକ୍ତ ଶିକୁଳି ରୋଗରେ ମହିଳାଙ୍କ ମୃତ୍ୟୁ

ଧମା,୨୯।୮(ଡି.ଏନ.ଏ) -ରକ୍ତଶିକୁଳି ରୋଗରେ ଚିକିତ୍ସାଧୀନ ଜଣେ ମହିଳାଙ୍କ ସଦର ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ସେ ହେଲେ ଯୁଯୁମୁରା ଥାନା ଅନ୍ତର୍ଗତ ବାଙ୍ଗଜୁରୀ ଗ୍ରାମର ମାଣିକ ନାୟକଙ୍କ ସ୍ତ୍ରୀ ଜ୍ୟୋସ୍ନା ନାଏକ (୩୦)। ତାଙ୍କର ୭ବର୍ଷର ଏକ ଶିଶୁ କନ୍ୟା ରହିଛି। ୨ମାସ ତଳେ ସେ ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ଧମା ପୋଲିସ ଏ ବାବଦରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବାଜପେୟୀଙ୍କ ଅସ୍ଥି କଳସ ବିସର୍ଜନ

## ■ ଅଯୋଧ୍ୟା ସରୋବର ଲୋକାରଣ୍ୟ

ସମ୍ବଲପୁର,୨୯।୮(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଅସ୍ଥି କଳସ ବୁଧବାର ଅପରାହ୍ଣ ୧ଟାରେ ବିସର୍ଜନ କରାଯାଇଛି । ମହାନଦୀ ଅଯୋଧ୍ୟା ସରୋବରରେ ଅସ୍ଥି କଳସ ବିସର୍ଜନ ଦେଖିବାକୁ ଲୋକାରଣ୍ୟ ହୋଇଥିଲା। ବ୍ରହ୍ମପଣ୍ଡିତ ମହାସଭା ସଭାପତି ପଣ୍ଡିତ ଅମରନାଥ ମିଶ୍ର, ସାଧାରଣ ସମ୍ପାଦକ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ଦିଲୀପ ପାଣ୍ଡେ, ପଣ୍ଡିତ ମନବୋଧ ପାଢ଼ୀ ଓ ପଣ୍ଡିତ ପ୍ରଦୀପ କୁମାର ମିଶ୍ର ଗଙ୍ଗା ପୂଜା କରିଥିଲେ। ଏହାପରେ ପଣ୍ଡିତଙ୍କ ସମବେତ ମନ୍ତ୍ର ପାଠ କରିଥିଲେ। ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଜିଲା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର ପ୍ରମୁଖ ମହାନଦୀରେ ଅସ୍ଥି କଳସ ବିସର୍ଜନ କରିଥିଲେ। ଜିଲା ବ୍ରାହ୍ମଣ ସମାଜ ସମ୍ପାଦକ ଶଶିଭୂଷଣ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ରାଜ୍ୟ ସାଧାରଣ ସମ୍ପାଦିକା ସବିତା ନନ୍ଦଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ନେତା ଓ କର୍ମୀମାନେ ସାମିଲ ଥିଲେ। ନୃସିଂହଗୁରୁ ଟାଉନ ହାଇସ୍କୁଲରୁ ଅସ୍ଥି କଳସ ଶୋଭାଯାତ୍ରା ବାହାରିଥିଲା। ମହାନ୍ତିପଡ଼ା, ଗୁରୁପଡ଼ା, କୁଞ୍ଜେଲପଡ଼ା ଛକ, ଝାଡୁଆପଡ଼ା, ନନ୍ଦପଡ଼ା, ହାଟପଡ଼ା ପରିକ୍ରମା କରି ରିଂ-ରୋଡରେ ପହଞ୍ଚିଥିଲା। ଶୋଭାଯାତ୍ରା ସମ୍ମୁଖ ଭାଗରେ ନାକଟିଦେଉଳ ଅଞ୍ଚଳର ୧୦ ଭାଜପା କର୍ମୀମାନେ ମୁଣ୍ଡନ ହୋଇ ସାମିଲ ହୋଇଥିଲେ। ଏଥିସହ କୀର୍ତ୍ତନ, କୃଷ୍ଣଗୁରୁ ଓ ଭଜନ କଳାକାର ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



ବୁଧବାର ସମ୍ବଲପୁର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ବାଜପେୟୀଙ୍କ ଅସ୍ଥି କଳସରେ ପଣ୍ଡିତମାନେ ମନ୍ତ୍ରପାଠ କରି କ୍ଷୀର ଢ଼ାଳୁଛନ୍ତି ।

# ଇଂଲଣ୍ଡରୁ ଫେରିଲେ ଓଡ଼ିଆ କଳାକାର

■ସମ୍ବଲପୁର ରେଳ ଷ୍ଟେଶନରେ ସମ୍ବର୍ଦ୍ଧନା

■ଦୁଲଦୁଲିରେ ଦୁଲୁକିଲା ଅଞ୍ଚଳ

ସମ୍ବଲପୁର,୨୯।୮(ବ୍ୟୁରୋ)

ଇଂଲଣ୍ଡରେ ପଶ୍ଚିମ ଓଡିଶାର ସମ୍ବଲପୁରୀ ଲୋକନୃତ୍ୟ ଡାଲଖାଇ, ଢ଼ାପ, ନୂଆଁଖାଇ, ଛେରଛେରା, ରଙ୍ଗବତୀ ଗୀତ ଓ ନୃତ୍ୟ ପରିବେଶଣ କରି ଓଡ଼ିଆ କଳାକାର ବୁଧବାର ସମ୍ବଲପୁର ଫେରିଛନ୍ତି। ମଧ୍ୟାହ୍ନ ୧୨ଟାରେ କଳାକାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୫ ଓ ୨୬ ତାରିଖ ଦିନ ୟୁକେ ମଞ୍ଚେଷ୍ଟର ଓ ୱେଲସ୍‌ଠାରେ ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ୍ କିଙ୍ଗଡମ୍ (ଓଏସୟୁକେ)ର ୩୯ତମ ଅଧିବେଶନ ହୋଇଥିଲା। ଏଥିରେ ସମ୍ବଲପୁରୀ ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରିଥିଲେ। ଏହା କେନ୍ଦ୍ର ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଅଧିନସ୍ଥ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ (ଆଇସିସିଆର) ପକ୍ଷରୁ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ଲୋକନୃତ୍ୟ, ଲୋକଗୀତ ପରିବେଷଣ କରିବାକୁ ମନୋନୀତ ହୋଇଥିଲେ । ଏହି ୧୨ଜଣିଆ ଦଳରେ ସମ୍ବଲପୁରର ଦିପାଳୀ ଚୌଧୁରୀ, ଇତିଶ୍ରୀ ପାଣିଗ୍ରାହୀ, ମନିଷା ସାହୁ, ମନୋଜ ପ୍ରଧାନ, ଦିଲୀପ ପଣ୍ଡା, ସୁବର୍ଣ୍ଣପୁର ଜିଲାର ସ୍ମୃତିଛନ୍ଦା ବିଦ୍ୟାଧର ଓ ଜଗନ୍ନାଥ ସୁନା, ବଲାଙ୍ଗିର ଜିଲାର ରଞ୍ଜନ କୁମାର ପଟ୍ଟନାୟକ, ବରଗଡ ଜିଲାର ବିଶ୍ୱମୋହନ ପଧାନ, ଭୁବନେଶ୍ୱରର ରିଷଭ ରାଜଦୀପ ସାମିଲ ଥିଲେ । ବୁଧବାର ସମ୍ବଲପୁର ଷ୍ଟେସନରେ ଜିଲା ହକର୍ସ ସଂଘର ଶରତ କୁମାର ନାୟକ, ଅଜୟ ସେନାପତି, ସଂଗୀତଜ୍ଞ ଶଙ୍କର ପ୍ରଦାନ ପ୍ରଧାନ, ବଜେନିଆଁ ଅନୁଷ୍ଠାନର ଗୁରୁ ଶଙ୍କର ଶେଖର ଗୁରୁ, ସୁଭାଙ୍ଗୀ ସୋନି, ସୁଦ୍ଧାଶ୍ରୀ ଦେହୁରୀ, ୱାଇ ଅଙ୍କିତା, ସିବାଙ୍ଗୀ ସ୍ୱେତଳନା ପଣ୍ଡା, ସ୍ମୃତି ପୂଜାରୀ, ସ୍ମୃତିସୁଧା ପଣ୍ଡା, ପ୍ରିତି ଚନ୍ଦ୍ର ଦାଶ, ସୌରଭ କିଶାନ ଭୋଇ, ଶେଷଦେବ ମିଶ୍ର ଓ ପ୍ରୟଙ୍କାଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତମାନେ ଓଡ଼ିଆ କଳାକାରଙ୍କୁ ଦୁଲଦୁଲି ସହ ଷ୍ଟେସନ ଭିତରୁ ପାଛୋଟି ଆଣିଥିଲେ ।

# ଗ୍ରାମ ବନ୍ଧ ନିଲାମ କରିବାକୁ ଗ୍ରାମବାସୀଙ୍କ ଦାବି

ରେଢ଼ାଖୋଲ,୨୯।୮(ଡିଏନଏ)

ରେଢ଼ାଖୋଲ ଉପଖଣ୍ଡର ଗୋଗୁଆ ଗ୍ରାମସ୍ଥିତ ୩ ବନ୍ଧକୁ ସାମୂହିକ ଭାବେ ନିଲାମ କରାଯିବାକୁ ଗ୍ରାମବାସୀ ବୁଧବାର ଉପଜିଲାପାଳ ବିଶିକେସନ ଦେହୁରୀଙ୍କଠାରେ ଦାବି କରିଛନ୍ତି। ଏହି ମର୍ମରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ରେଙ୍ଗାଲି ଡ୍ୟାମ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କୁ ତତ୍‌କାଳୀନ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ଗ୍ରାମପଞ୍ଚାୟତ ଅଧୀନରେ ୧୯୮୪ ମସିହାରୁ ଥଇଥାନ କରାଯାଇଛି। ଏପରି ସ୍ଥଳେ ନିଜ ପୁରୁଣା ଗ୍ରାମର ଦେଢଶହ ବର୍ଷର ଐତିହ୍ୟପୂର୍ଣ୍ଣ ନୃସିଂହ ଜନ୍ମ ଯାତ୍ରା ଆଜକୁ ୩୫ ବର୍ଷ ହେଲାଣି ପାଳିତ ହୋଇଆସୁଛି। ଗୋଗୁଆ ଗ୍ରାମର ୩ଟି ବନ୍ଧରେ ଗ୍ରାମବାସୀ ମାନେ ମିଳିତ ଭାବେ ମାଛ ଚାଷ କରି ଲାଭାଂଶରେ ଯାତ୍ରା ଖର୍ଚ୍ଚ ତୁଲାଇଥାନ୍ତି। ଆବଶ୍ୟକ ଅନୁସାରେ ଗ୍ରାମବାସୀମାନେ ଆର୍ଥିକ ସହଯୋଗ ମଧ କରିଥାନ୍ତି। ହେଲେ ଚଳିତ ବର୍ଷ ଗତ କିଛି ଦିନ ପୂର୍ବରୁ ଗ୍ରାମବାସୀଙ୍କ ଅଜ୍ଞାତରେ ପଞ୍ଚାୟତ କର୍ତ୍ତୃପକ୍ଷ ୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ବନ୍ଧ ନିଲାମ କରିଦେଇଛନ୍ତି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ୨ ବନ୍ଧର ନିଲାମକୁ ରଦ୍ଦ କରାଯିବା ସହ ୩ଟି ଯାକ ବନ୍ଧର ନିଲାମ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ଗ୍ରାମ୍ୟ କମିଟିର ସଭାପତି ଗିରିଜା ଶଙ୍କର ବେହେରା, ପୁଲିନ ବିହାରୀ ସାହୁ, ମାନଗୋବିନ୍ଦ ସାହୁ, ଜଗନ୍ନାଥ ଧଳ, ୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରତିଭା ସାହୁ, ସଂଯୁକ୍ତାଧଳ, ନଳିନୀ ସାହୁ, ଗୀତାଞ୍ଜଳୀ ସାହୁ, ଆରତୀ ମହାକୁଡଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ଉପଜିଲାପାଳ କହିଛନ୍ତି।

■ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ମାମଲା

# ଟାଙ୍ଗିଆ, ଲୁହାପାଇପ, ବାଇକ୍ ଜବତ: ୨ କୋର୍ଟ ଚାଲାଣ

ନାକଟିଦେଉଳ,୨୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଚେମେର୍ଡା ଗ୍ରାମର ପର୍ଶୁରାମ ପ୍ରଧାନଙ୍କୁ ହତ୍ୟା ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କେଉଁଟବେର୍ଣ୍ଣା ଗ୍ରାମର ଗୋବିନ୍ଦ ଧଳ ଓ ହାସ୍ୟ ନାଏକ। ଏମାନଙ୍କ ନାମରେ ୩୦୨, ୩୪ ଦଫାରେ ମାମଲା ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ଲୁହା ପାଇପ ଏବଂ ଓଡି ୧୯ ସି, ୭୬୪୨ ନମ୍ବର ବିଶିଷ୍ଟ ଏକ ବାଇକକୁ ମଧ ପୋଲିସ ଜବତ କରିଛି। ଗତ ସୋମବାର ସନ୍ଧ୍ୟାରେ ପର୍ଶୁରାମ ବାଇକରେ ନିଜ ଗ୍ରାମ ଚେମେର୍ଡାକୁ ଫେରୁଥିବା ବେଳେ ପଲସାବୁରୀ ଗ୍ରାମ ନିକଟରେ ଶ୍ରୀଧଳଙ୍କ ସମେତ ଭାଇ ରଷୀନ୍ଦ୍ର ଧଳ, ଗୋବିନ୍ଦ ଧଳ, ପୁତୁରା ରତିଶ ଧଳ, ରାକେଶ ଧଳ ଓ ହାସ୍ୟ ନାଏକ ସଂଘବଦ୍ଧ ଭାବେ ତାଙ୍କୁ ମାରଣାସ୍ତ୍ରରେ ଗୋଡାଇ ଗୋଡାଇ ଟାଙ୍ଗିଆ ଏବଂ ଭୁଜାଲିରେ ହାଣି ହତ୍ୟା କରିଥିବା ତାଙ୍କ ପୁଅ ଟୁନା ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉବଲବ୍ଧ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।



Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲାଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୬୦ ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### ବସୁମତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସମ୍ବଲପୁର,୨୯।୮(ବ୍ୟୁରୋ)

ବସୁମତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ସଭାପତି କୁମୁଦରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଉପସଭାପତି ପ୍ରଫେସର ଗୁଣସାଗର ଦାସ, ପ୍ରଫେସର ଗିରିଜା ଶଙ୍କର ଶର୍ମା ଓ କବି ସୌଭାଗ୍ୟବନ୍ତ ମହାରଣା ସ୍ୱଭାବ କବି ଗଙ୍ଗାଧରଙ୍କ କାବ୍ୟକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଭୁମାଶ୍ରୀ ପ୍ରତ୍ରିକା ଉନ୍ମୋଚିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ପଞ୍ଚାନନ ମିଶ୍ର ଓ ଗଣେଷ ନାଗ ମହାକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୀତାରାଣୀ ମିଶ୍ର, ପଙ୍କଜିନୀ ନାୟକ ମାନପତ୍ର ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।

### ସ୍କୁଟି ଧକ୍କାରେ ଗୁରୁତରଙ୍କ ବୁର୍ଲା ମେଡ଼ିକାଲରେ ମୃତ୍ୟୁ

ବୁର୍ଲା,୨୯।୮(ଡି.ଏନ.ଏ.)

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବୁର୍ଲା ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ଜଡା ଗ୍ରାମର ଏଶ୍ରାନ ମୁଣ୍ଡାଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମେଡ଼ିକାଲ ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି। ପରିବାର ଲୋକଙ୍କୁ ଏହା ହସ୍ତାନ୍ତର ହୋଇଛି। ଏ ନେଇ ବୁର୍ଲା ଥାନାରେ ଏକ କେଶ ନଂ ୭୨୩/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପୋଲିସ ତଦନ୍ତ ରିପୋର୍ଟ ମୁତାବକ ସୋମବାର ଏଶ୍ରାନ ବାଇପାସ୍ ରାସ୍ତାରେ ଛିଡା ହୋଇଥିବାବେଳେ ସାମନା ପଟୁ ଆସୁଥିବା ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ପ୍ରଥମେ ଏଶ୍ରାନଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ଓ ପରେ ବୁର୍ଲା ଅଣାଯାଇଥିଲା।

# ଆଲୋକୀକରଣ ହେବ ଅମୃତ ବିହାର

ସମ୍ବଲପୁର,୨୯।୮(ବ୍ୟୁରୋ)

**ଛାତ୍ର ଅଶାନ୍ତି ପରେ ତତ୍ପରତା**

- ପର୍ଯ୍ୟାୟ କ୍ରମେ ହେବ ବିକାଶ କାର୍ଯ୍ୟ
- ଆଲୋକିତ ହେବ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି
- ଜିଏମ୍‌ୟୁ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଶାନ୍ତି ଫେରିଲା
- ମୁଖ୍ୟ ଫାଟକରୁ ତାଲା ଖୋଲିଲା



ଅମୃତ ବିହାର ନାମିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) କ୍ୟାମ୍ପସ୍ ଅନ୍ଧାର ଭିତରେ ଲୁଚି ରହିବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଜନସାଧାରଣଙ୍କୁ ଏହା ଦ୍ୱନ୍ଦ୍ୱରେ ପକାଇଥିଲା। ତେବେ ଏହାଠାରୁ ଅଧିକ ମର୍ମାହତ କରିଥିଲା କ୍ୟାମ୍ପସର ଶୋଭାବର୍ଦ୍ଧନ କରୁଥିବା ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିସ୍ଥଳ ପରିସର ନର୍ଦ୍ଦମା ପାଣି ଘେରରେ ରହିବା। ଗତ ୨୬ ତାରିଖରେ ସେହି ପୁଣ୍ୟାତ୍ମା, ନିଷ୍କଳଙ୍କ ସାରସ୍ୱତ ସାଧକଙ୍କ ଜନ୍ମ ଜୟନ୍ତୀ ରାଜ୍ୟ ବ୍ୟାପୀ ପାଳିତ ହୋଇଥିଲା। ତାଙ୍କର ସ୍ମୃତିରେ ସ୍ଥାପିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର ସେଦିନ ଚଳଚଞ୍ଚଳ ହୋଇଉଠିଥିଲା। ସେଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାକୁ ଜିଲାର କୋଣ ଅନୁକୋଣରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା। ଲଗାଣ ବର୍ଷାରେ କିନ୍ତୁ ଅମୃତ ବିହାର ଭାବେ ଖ୍ୟାତ ଉକ୍ତ ପରିସରରେ ନର୍ଦ୍ଦମା ପାଣି ଲହଡ଼ି ଭାଙ୍ଗୁଥିଲା। ବାଧବାଧକତାରେ ଲୋକେ ଉକ୍ତ ପଙ୍କିଳ ପାଣି ମାଡ଼ି ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହା ସ୍ୱଭାବ କବିଙ୍କୁ ଅପମାନସୂଚକ ହୋଇଥିଲା। ସେବେଠାରୁ ଏହି କ୍ୟାମ୍ପସ ଚର୍ଚ୍ଚାର ପରିଧିକୁ ଆସିଥିଲା। ଜିଏମ୍‌ୟୁ କର୍ତ୍ତୃପକ୍ଷଙ୍କ ବ୍ୟତିକ୍ରମ, ଦାୟିତ୍ୱହୀନତାକୁ ନେଇ ଅସନ୍ତୋଷ ଜମାଟ ବାନ୍ଧିବାରେ ଲାଗିଥିଲା। ଏହାର ପ୍ରତିବାଦରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଙ୍ଗଳବାର ରାତିରେ ମହମବତି ଜାଳି ପ୍ରତିବାଦ କରିବା ପରେ ବୁଧବାର ଜିଏମ୍‌ୟୁର କେତେକ ଛାତ୍ର ତାତି ଉଠି ପୂର୍ବାହ୍ନ ୯ଟାରେ ମୁଖ୍ୟ ଫାଟକରେ ତାଲା ଝୁଲାଇ ଦେଇଥିଲେ। ଅମୃତ ବିହାର ଆଲୋକିତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ କହି ଚିତ୍କାର କରି ଉଠିଥିଲେ। ମୁଖ୍ୟ ଫାଟକ ବନ୍ଦ ରହିବାରୁ ଜୁନିୟର କଲେଜ ଓ ଜିଏମ୍‌ୟୁ ଛାତ୍ରୀଛାତ୍ରମାନେ କଲେଜ ଭିତରକୁ ଯାଇ ପାରିନଥିଲେ। ଛାତ୍ରଙ୍କ ଏହି ଉଗ୍ର ରୂପ ଜିଏମ୍‌ୟୁ କର୍ତ୍ତୃପକ୍ଷଙ୍କ ହୋସ୍ ଉଡ଼ାଇ ଦେଇଛି। ଛାତ୍ର ଅଶାନ୍ତିକୁ ଶାନ୍ତ କରିବାକୁ ଯାଇ ୨ରୁ ୩ ଦିନ ମଧ୍ୟରେ ମେହେରଙ୍କ ମୂର୍ତ୍ତିସ୍ଥଳକୁ ଆଲୋକିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପର୍ଯ୍ୟାୟ କ୍ରମେ ଅମୃତ ବିହାରର ବିକାଶ କାର୍ଯ୍ୟ କରାଯିବ ଜଣାଇଛନ୍ତି। ଗତ ପ୍ରାୟ ୬ମାସ ହେବ ଅଚଳ ହୋଇପଡ଼ିଥିବା ହାଇମାକ୍ସ ଲାଇଟ୍ ମରାମତି ଖୁବଶୀଘ୍ର ମରାମତି କରାଯିବ କହିଛନ୍ତି। ଏଥିରେ ଛାତ୍ର ଅଶାନ୍ତି ଟଳିଛି। କଲେଜ କ୍ୟାମ୍ପସରେ ଶାନ୍ତି ଫେରିଛି।

### ଧନକଉଡା ବରିଷ୍ଠ ନାଗରିକ ପରିଷଦ ଭବନରେ ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର,୨୯।୮(ବ୍ୟୁରୋ)

ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ଭବନଠାରେ ମଙ୍ଗଳବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ନିତ୍ୟାନନ୍ଦ ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଲୋକସଭା ଏମ୍‌ପି ପ୍ରତିନିଧି ହୀରାଲାଲ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଙ୍ଗାଲି ବିଧାୟକ ରମେଶ ପଟୁଆ, ବରିଷ୍ଠ ଆଇନଜୀବୀ ହେତମ୍ବ ଚନ୍ଦ୍ର ଦାନୀ ସମ୍ବର୍ଦ୍ଧନା ବିଷୟ ଉତ୍ସବରେ ସୂଚନା ଦେଇଥିଲେ। ଏହି ଅବସରରେ ପରିଷଦର ସଭ୍ୟମାନେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଧନକଉଡା ରତ୍ନାକର ଯୁବକ ସଂଘ ଓ ସମ୍ବଲପୁର ମହାନଗର ନିଗମ ୨୯ ନମ୍ବର ୱାର୍ଡ ବିଜୁ ଯୁବବାହିନୀ କର୍ମକର୍ତ୍ତା ସାମିଲ ଥିଲେ। ମହିଳା ସଭାନେତ୍ରୀ ଅନିତା ଓରାମ ଧନ୍ୟବାଦ ଦେଇଥିଲେ। ରାଜ କୁମାର ସାହୁ, ତପନ ଗୁରୁ, ଭକ୍ତ ପଣ୍ଡା, ସୁତାରାଣୀ ଦାଶ, ଆଲୋକ ସାହୁ, ବିଷ୍ଣୁ ପାଢ଼ୀ, ରବିନାରାୟଣ ମିଶ୍ର, ଜନ୍ମଜୟ ବେହେରା, ଲକ୍ଷ୍ମୀ ପାତ୍ର, ଅକ୍ଷୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଜପେୟୀଙ୍କ ଚିତାଭସ୍ମକୁ ବୁର୍ଲାରେ ଭବ୍ୟ ସ୍ୱାଗତ

ବୁର୍ଲା,୨୯।୮(ଡି.ଏନ.ଏ.)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଚିତାଭସ୍ମ ବୁର୍ଲାରେ ସ୍ୱାଗତ କରାଯାଇଛି। ଅଟଳ ସ୍ମୃତି କମିଟି ପକ୍ଷରୁ ଏ ନେଇ ସମସ୍ତ ପ୍ରସ୍ତୁତି ହୋଇଥିଲା। ବୁର୍ଲା ସ୍ମୃତି କମିଟି ପକ୍ଷରୁ ଏମସିଏଲ ଛକରୁ ସନ୍ଧ୍ୟା ୭ଟାରେ ଏକ ବାଇକ ରାଲି ମାଧ୍ୟମରେ ଚିତାଭସ୍ମକୁ ନିଆଯାଇ ଫାଣ୍ଡିଛକ, ପିଜି ଛକ, ନେତାଜୀ ଛକ ଦେଇ ଦୀନଦୟାଲ ମାର୍କେଟ କମ୍ପ୍ଲେକ୍ସଠାରେ ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଏହାପରେ ଗୋପବନ୍ଧୁ ଛକ, ବିବେକାନନ୍ଦ ଛକ, ଲକ୍ଷ୍ମୀପୂଜା ମଣ୍ଡପ, ଇନ୍ଦିରା ଛକ, କଚ୍ଚା ମାର୍କେଟ, ପକ୍କା ମାର୍କେଟ ଦେଇ ସହର ପରିକ୍ରମା ପରେ ନେତାଜୀ ଛକରେ ବିଦାୟୀ ଦିଆଯାଇଥିଲା।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜନସାଧାରଣ ।

ରାଷ୍ଟ୍ରୀୟ ଭାଜପା ସମ୍ପାଦକ ସୁରେଶ ପୂଜାରୀ, ଜିଲା ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟେଇ ପ୍ରମୁଖ ଚିତାଭସ୍ମ ନେଇ ଆସିଥିଲେ। ବୁର୍ଲା ନଗର ସମ୍ପାଦକ ଚଣ୍ଡି ଦାସ, ଯୁବ ମୋର୍ଚ୍ଚା ସଭାପତି ପ୍ରଭାସ ପୃଷ୍ଟେଠଙ୍କ ନେତୃତ୍ୱରେ ଧର୍ମେନ୍ଦ୍ର ଗିରି, ମହିଳା ସଭାନେତ୍ରୀ ସରୋଜିନୀ ନାୟକ, ଅରୁନ୍ଧତୀ ପାତ୍ର, ପ୍ରଭା ଯାଦବ, ସତ୍ୟକାନ୍ତ ପୁରୋହିତ, ରାମ ପଟ୍ଟନାୟକ, ଶରତ ଡନସନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଠିକାଦାରଙ୍କୁ ଦାଦାବଟି ମାଗି ୨ ଗିରଫ

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ମାନେଶ୍ୱର ରେଲୱେ ଷ୍ଟେଶନ ନିକଟସ୍ଥ କର୍ମଚାରୀ କ୍ୱାର୍ଟର ନିର୍ମାଣ କରୁଥିବା ରବିନ୍ଦ୍ର ସିଂ ନାମକ ଜଣେ ଠିକାଦାରଙ୍କୁ ଦାଦାବଟି ମାଗି ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ମାନେଶ୍ୱର ଗ୍ରାମର ରାଜୁ ସାହୁ ଓ ଧମା ଥାନା ଗୁଣ୍ଡେରପୁର ଗ୍ରାମର ଜୟନ୍ତ ମହାନନ୍ଦ । ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ଲୁଟ ହୋଇଥିବା ଏକ ମୋବାଇଲ, ନଗଦ ୧୦୦୦ ଟଙ୍କା ଓ ଗୋଟିଏ ସିଙ୍ଗିଲ ସଟ୍ ବନ୍ଧୁକ ସହ ଅଫୁଟା ଗୁଳି ଜବତ କରିଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୧୮୪/୧୮) ରୁଜୁ ହୋଇଛି । ଅଭିଯୁକ୍ତଦ୍ୱୟ ସୋମବାର ଠିକାଦାର କାମ କରୁଥିବା ସ୍ଥାନକୁ ଯାଇ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଠିକାଦାର ବିରୋଧ କରିବାରୁ ବନ୍ଧୁକ ଦେଖାଇ ତାଙ୍କ ମୋବାଇଲ ଫୋନ ଓ ୨୦୦୦ଟଙ୍କା ଲୁଟ ନେଇଥିଲେ। ତାଙ୍କୁ ଦାବି ମୁତାବକ ଟଙ୍କା ଦେବାକୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଦେଇଥିଲେ। ଠିକାଦାର ରବିନ୍ଦ୍ର ସିଂ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

### ଅନାଥ ଆଶ୍ରମକୁ ପୁନଃ କାର୍ଯ୍ୟକ୍ଷମ ଦାବି

## ଜିଲାପାଳଙ୍କୁ ଭେଟିଲେ ରେଙ୍ଗାଲିର ପ୍ରତିନିଧି ଦଳ

ରେଙ୍ଗାଲି,୨୯।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କେଉଁଟଡ଼ିହିସ୍ଥିତ ଅନାଥାଶ୍ରମ ବନ୍ଦ ପଡ଼ି ରହିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରେଙ୍ଗାଲିର ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲାପାଳଙ୍କୁ ଭେଟିଛନ୍ତି। କେଉଁଟିଡିଭିସ୍ଥିତ ସହାୟତା ଆଶ୍ରମ ୧୯୯୫ ମସିହାରୁ ପରିଚାଳିତ ହୋଇଆସୁଛି। ଗତ ୧୪ ଅଗଷ୍ଟ, ୨୦୧୮ ରେ ଅନାଥ ଆଶ୍ରମକୁ କୌଣସି କାରଣରୁ ବନ୍ଦ କରି ଦିଆଯାଇଛି। ସେଠାରେ ରହୁଥିବା ୨୭ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ରେଙ୍ଗାଲି ଆଖପାଖ ଅଞ୍ଚଳରେ ଏହା ବ୍ୟତୀରେକ ଅନ୍ୟ ଅନାଥ ଆଶ୍ରମ ନ ଥିବାରୁ ଅନାଥ ଶିଶୁମାନଙ୍କୁ ରଖିବା ପାଇଁ ବହୁ ଅସୁବିଧା ହେଉଛି। ଏଣୁ ଉକ୍ତ ଅନାଥ ଆଶ୍ରମକୁ ତୁରନ୍ତ ଖୋଲାଯିବାକୁ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ଡ. ତୁଳସୀ ଦାସ ମାହାଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ସ୍ୱାଧୀନ ଏକତା ସଙ୍ଗଠନର ସଭାପତି ରାଜୀବ ମିଶ୍ର, ରେଙ୍ଗାଲି ସାମ୍ବାଦିକ ସଂଘର ସଭାପତି ହରିହର ନାଥ ପ୍ରମୁଖ ସମ୍ବଲପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଛତିଶଗଡ଼ରେ ଧରାପଡ଼ିଲେ ସମ୍ବଲପୁର ବ୍ୟବସାୟୀ

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁରରୁ ମଙ୍ଗଳବାର ଏକ ନମ୍ବର ବିହୀନ ନୂତନ କାର୍‌ରେ ରାୟପୁର ଯାଉଥିବା ଟ୍ରାନ୍ସପୋର୍ଟର ବ୍ୟବସାୟୀ କ୍ଷେତରାଜପୁର ଥାନା ବଡବଜାରର ଅନୁରାଗ ସୋରି ଓ ତାଙ୍କ ୨ ବନ୍ଧୁ ଗୁରୁବେଶ ସିଂ, ଈଶ୍ୱର ରାଓଙ୍କୁ ଛତିଶଗଡ଼ ରାଜ୍ୟ ସିଙ୍ଘିଡା ଥାନା ପୋଲିସ ଅଟକ ରଖିଛି। ସେମାନଙ୍କ ନିକଟରୁ ନଗଦ ୮୭ ଲକ୍ଷ ୫୦ହଜାର ଟଙ୍କା ଜବତ ହୋଇଛି। ଆବଶ୍ୟକ କାଗଜପତ୍ର ଓ ଟଙ୍କାର ହିସାବ ଦେଖାଇ ପାରିନଥିବାରୁ ତାଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ବେଳେ ଏ ନେଇ ଥାନାରେ ୧୦୨ରେ ଏକ ମାମଲା ରୁଜୁ ହୋଇଛି।



ସିଙ୍ଘିଡା ପୋଲିସ ଜବତ କରିଥିବା ଟଙ୍କା।



ନମ୍ବରବିହୀନ କାର।

ସେମାନେ ଉକ୍ତ ଜବତ ଟଙ୍କା ଟ୍ରାନ୍ସପୋର୍ଟରଙ୍କ ବୋଲି ପୋଲିସକୁ କହିଥିଲା ବେଳେ ସେଠାକାର ଆୟକର ବିଭାଗ ଏହାର ଛାନ୍‌ଭିନ୍ ଚଳାଇଥିବା ଖବର ମିଳିଛି। ତେବେ ଏ ସମ୍ପର୍କିତ କୌଣସି ସୂଚନା ସମ୍ବଲପୁର ପୋଲିସ ନିକଟରେ ନ ଥିବା ଏସ୍‌ପି ସଞ୍ଜୀବ ଅରୋରା ଜଣାଇଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ଏକ ନମ୍ବର ବିହୀନ କାର୍‌ରେ ୩ ଯୁବକ ମଙ୍ଗଳବାର ରାୟପୁର ଅଭିମୁଖେ ବାହାରିଥିଲେ। ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ସିଙ୍ଘିଡା ଥାନା ପୋଲିସ ହାବୁଡ଼ରେ ପଡ଼ିଥିଲେ। କାରର ତଲାସି ନେବା ସମୟରେ ଲକ୍ଷାଧିକ ଟଙ୍କା ମିଳିଥିଲା। ରିପୋର୍ଟ: ଶୁଭାଶିଷ ପାଢ଼ୀ ।

## ଜଙ୍ଗଲ ସୁରକ୍ଷା ଦାବି, ଡିଏଫ୍‌ଓଙ୍କୁ ଦାବିପତ୍ର

ରେଢ଼ାଖୋଲ,୨୯।୮(ଡି.ଏନ.ଏ.)

ରେଢ଼ାଖୋଲ ସହରର ଯଦୁମଣି ପାଟଣାର ୧ନଂ ସିଟ ପୁରୁଣାପାଣି ଡି.ପି.ଏଫ ଅଞ୍ଚଳରେ କେତେକ ଅସାଧୁ ଲୋକ ଶହଶହ ଏକର ଜଙ୍ଗଲ କାଟି ଚାଷ ଜମି ତିଆରି କରି ଚାଷ କରୁଛନ୍ତି। ରେଢ଼ାଖୋଲ ରେଞ୍ଜ୍ ଅଧୀନରେ ଏଭଳି ବେଆଇନ ଜବରଦଖଲ ଚାଲିଥିଲେ ମଧ ବନ ଅଧିକାରୀମାନେ ଜାଣି ଅଜଣା ଭାବେ ନୀରବ ବସି ରହିଛନ୍ତି। ଏଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଯଦୁମଣିପାଟଣା ବାସୀ ବୁଧବାର ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଅଭିଯୋଗ କରିଛନ୍ତି ଯେ କ୍ରମାଗତ ଭାବେ ଜଙ୍ଗଲ ନଷ୍ଟ ହୋଇଚାଲିଛି। ବନ୍ୟଜନ୍ତୁମାନେ ବିଶେଷକରି ହାତୀପଲ ଏଥିଯୋଗୁ ଗାଁମୁହାଁ ହୋଇ ଫସଲ ନଷ୍ଟ କରିଚାଲିଛନ୍ତି। ଉକ୍ତ ଡିପିଏଫ୍ ଅଞ୍ଚଳରେ ବୃକ୍ଷରୋପଣ କରାଯିବା ସହ ଜଙ୍ଗଲ ସୁରକ୍ଷା କରାଯାଉ। ଦାବିପତ୍ରରେ ରମେଶ ଚନ୍ଦ୍ର ପ୍ରଧାନ, ନରେଶ ପ୍ରଧାନ, ପ୍ରକାଶ ପ୍ରଧାନ, ସବିତା ପ୍ରଧାନ, ଉମାକାନ୍ତ ପ୍ରଧାନ, ଜୟନ୍ତୀ ପ୍ରଧାନ, ସାବିତ୍ରୀ ପ୍ରଧାନ, ପ୍ରସନ୍ନ ପ୍ରଧାନ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

### ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ମଦନାବତୀ ପବ୍ଲିକ ସ୍କୁଲ ନିକଟରେ ଚଢଉ କରି ୨କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଅଭିଯୁକ୍ତ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଘଣ୍ଟପାଲି ଗ୍ରାମର ଗୁପ୍ତେଶ୍ୱର ରଣାଙ୍କୁ ଗିରଫ କରିଛି । ଅଭିଯୁକ୍ତ ବାଇକ୍ ନଂ. ଓଡି ୩୧ଇ ୪୩୮ ଯୋଗେ ସମ୍ବଲପୁର ଆସୁଥିଲେ। ପୋଲିସ ପୂର୍ବରୁ ଛପି ରହିଥିଲେ। ତାଙ୍କୁ ଦେଖି ପୋଲିସ ଯାଞ୍ଚ କରି ଏକ ଏୟାରବ୍ୟାଗରୁ ଗଞ୍ଜେଇ ଜବତ କରିଥିଲା ।

### ଖିଣ୍ଡା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

ରେଙ୍ଗାଲି,୨୯।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ବିପ୍ଲବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ପ୍ରସିଦ୍ଧ ହକି ଖେଳାଳୀ ଧ୍ୟାନଚାନ୍ଦଙ୍କ ୧୧୪ତମ ଜୟନ୍ତୀ ଅବସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖିଣ୍ଡା ବଜାର ଛକଠାରୁ ସ୍କୁଲ ପର୍ଯ୍ୟନ୍ତ ଏକ ସାମୂହିକ ଦୌଡ଼ ହୋଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କ୍ରୀଡ଼ା କୁଇଜର ଆୟୋଜନ କରାଯାଇଥିଲା। ଏହି ଅବସରରେ ସ୍କୁଲ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଦୌଡ଼ ଏବଂ କୁଇଜକୁ ସ୍କୁଲର ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ଗହିର ପରିଚାଳନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜାତୀୟ କ୍ରୀଡ଼ା ଦିବସ ରାଲି

# ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନରେ କମ୍ପିଲା ରାଜରାସ୍ତା







ବୁଧବାର ସମ୍ବଲପୁର ଭିଏସଏସ ଷ୍ଟାଡିୟମରେ ହକି ଯାଦୁଗର ଧ୍ୟାନ ଚାନ୍ଦଙ୍କ ପ୍ରତିଛବିରେ ଆୟୋଜକ ଓ କ୍ରୀଡାବିତମାନେ ପୁଷ୍ପାଗୁଚ୍ଛ ଅର୍ପଣ କରୁଛନ୍ତି (ବାମ) । ଜାତୀୟ କ୍ରୀଡା ଦିବସ ରାଲି ବାହାରି ସହର ପରିକ୍ରମା କରୁଛି ।

ସମ୍ବଲପୁର,୨୯।୮(ବ୍ୟୁରୋ)

ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଜନ୍ମ ତିଥି ତଥା ଜାତୀୟ କ୍ରୀଡ଼ା ଦିବସ ବୁଧବାର ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା କ୍ରୀଡ଼ା ବିଭାଗ ଆୟୋଜିତ ଏହି ଉତ୍ସବ କାର୍ଯ୍ୟକ୍ରମ ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ହୋଇଥିଲା। ଅତିଥି ଓ କ୍ରୀଡ଼ାବିତମାନେ ଧ୍ୟାନ ଚାନ୍ଦଙ୍କ ପ୍ରତିଛବିରେ ଦୀପ ପ୍ରଜ୍ଜଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଜିଲାପାଳ ସମର୍ଥ ବର୍ମା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଡିଏଫଓ ଡ. ସଞ୍ଜିତ କୁମାର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ ଅତିଥି ଭାବେ ଯୋଗଦେଇ ଜାତୀୟ କ୍ରୀଡା ଦିବସ ରାଲିର ଶୁଭାରମ୍ଭ କରିଥିଲେ। ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତା, ବୁଦ୍ଧହିଲ୍, ଜିଲାସ୍କୁଲ ଛକ, ଭୁତାପଡ଼ା ଛକ ଦେଇ ରାଲି ପରିକ୍ରମା କରିଥିଲା। ଏଥିରେ ମହିଳା ଫୁଟବଲ ଖେଳାଳି, କ୍ରୀଡ଼ା ଛାତ୍ରବାସ ଅନ୍ତେବାସୀ ଓ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ସାମିଲ ଥିଲେ। ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା କ୍ରୀଡ଼ା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ, ମହିଳା ଫୁଟବଲ କୋଚ ବଳରାମ ମଟାରୀ, ଫୁଟବଲ କୋଚ ଅଜୟ ବେହେରା, ସନ୍ତରଣ କୋଚ ଆଶୁତୋଷ ନାୟକ, ବ୍ୟାଡ଼ମିଣ୍ଟନ କୋଚ ସୁବ୍ରତ ପାଢ଼ୀ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ସଭ୍ୟ ଡା. ଦିଲୀପ କୁମାର ନନ୍ଦ, ବରିଷ୍ଠ ଖେଳ ଶିକ୍ଷକ ଜଗବନ୍ଧୁ ବେହେରା, ସାହେବ ଖମାରୀ, ଫୁଟବଲ ରେଫରି ମନୋଜ ଭୋଇ, ମଥୁରା ଓରାମ ଓ ପଦ୍ମନାଭ ନାୟକ ରାଲି ପରିଚାଳନା କରିଥିଲେ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଫସଲବୀମା ପାଇବେ କଦଳିଗଡ ପଞ୍ଚାୟତବାସୀ

**ରେଢ଼ାଖୋଲ,୨୯।୮(ଡିଏନଏ)-** ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର କଦଳିଗଡ଼ ଗ୍ରାମପପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ରାଶି ପାଇବେ। କଦଳିଗଡ ପଞ୍ଚାୟତରେ ଗତ ଖରିଫ ଋତୁରେ ୮୭ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ଯୋଗୁ ବୀମାରାଶି ପ୍ରଦାନ କରାଯିବ ବୋଲି ବୁଧବାର ଜିଲାପାଳ ସମର୍ଥ ବର୍ମା ପଞ୍ଚାୟତବାସୀଙ୍କୁ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କଦଳିଗଡ ପଞ୍ଚାୟତକୁ ଅର୍ନ୍ତଭୁକ୍ତ କରାଯାଇନଥିବା ଯୋଗୁ ବୁଧବାର ଅଞ୍ଚଳର ଚାଷୀ ଓ ଦଧିବାମନ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପାଇବା ପରେ ଜିଲାପାଳ ଏ ସମ୍ପର୍କରେ ଜଣାଇଥିଲେ।

# ଦେବହରିଙ୍କର ଅଧ୍ପନ୍ତରିଆ ଜୀବନ୍

**ପଡିଆବାହାଲ, ୨୯।୮ (ଡି.ଏନ.ଏ)**

ମୁଡ୍ ଗୁଁଜ୍ବାର ଲାଗି ଘର୍ଖଁଡେ ନାଇଁଥିବାର ଲାଗି ୪୦ ବଛର୍ ବଏସେ ଦେବହରୀ ଗୁଲ୍ଗୁଲା ହେଇ ବାର ଦୁଆର ହେଉଛନ୍। ଘଟ୍ନାରୁ ଜନାଯାଇଛେ ଯେ ଆଏଜ୍କେ ୧୭ ବଛର୍ ତଲେ ଡଙ୍ଗରପଡ଼ା ପଁନ୍ଚେତ୍ ଭଣ୍ଡାରିମାଲ ଗାଁର ଦେବହରି ରାଉତିଆଙ୍କର ମାଏଝି ପୁଡି ମରିଗଲେ। ସେ ମଲା ଉତାରୁ ଦେବହରି ମାଏଝିର ହତିଆ ଅଭିଯୋଗ୍ରେ ଛଁଦି ହେଇଗଲେ, ସେତେବେଲେ ତାକର ଗୁଟେ ଝି ଥିଲା। ତାହାକୁ ଜାମିନ୍ରେ ଆନ୍ବାର ଲାଗି କି ଆଇନ୍ର କାନୁନ୍ର ସାହାଯ୍ ଯୁଗେଇ ଦେବାକେ କେହି ନାଇଁଥାଇ। ଯେନ୍ଥିର୍ଲାଗି ସେ ୧୨ ବଛର୍ ଜେଲ୍ରେ ସଜା କାଟି ଗଲା ଏପ୍ରିଲ ମାସେ ଗାଁକେ ଫିରିଥିଲେ। ଗାଁକେ ଫିର୍ଲା ଉତାରୁ ଘରେ ତାକର ଝି ନାଇଁ, ଦେଖ୍ଭାଲ୍ ଅଭାବୁ ନିଜର



ନିଜର ଦଦ୍ରା କୁରିଆ ଆଘେ ଦେବହରି।

ଘରଟା ବି ଉଜ୍ଡି ଯାଇଥିବାର ଦେଖ୍ ବିସ୍ମାତ୍ ହେଇଥିଲେ। ଶେଷେ ଉପେ ଶୁଇନ୍ ହେଇ ଲାଗେଲେସରମାନ୍କର ଘର୍ ବାରନ୍ଡାରେ ଆଶ୍ରେ ନେଇଥିଲେ। ଘରଖଁଡେ ଲାଗି ସରପଁଚ୍, ପର୍ଶାସନ୍, ବିଡିଓଙ୍କୁ ବାର୍ବାର୍ ଗୁହାରି କର୍ବାର ପରେ ତାହାକୁ ନିରାଶ ହେବାକେ ପଡ଼ଲା। କଷ୍ଟେ ମଷ୍ଟେ ସେ ସରକାରୀ ଯୋଜ୍ନାରେ ଗୁଟେ କୁକ୍ରା ଫାର୍ମ କର୍ବାକେ ସୁଯୋଗ୍ ପାଇଥିଲେ। ଭାବିଥିଲେ କୁକ୍ରା ଫାର୍ମଟା କରି ନିଜର ଗୁଡେ ନିଜେ ଠିଆ ହେମି। ହେଲେ ତାକର ଇ ସପନ୍ ବି ଭାଂଗି ଗଲା। ଥାନୀୟ ସରପଁଚ୍ଙ୍କର କହେବାର ହିସାବେ କୁକ୍ରା ଫାର୍ମ ଲାଗି ୬୫ ହଜାର ଟଁକା ମଂଜୁର ହେଇଥିଲେ ବି ତାହାକୁ ୩୫ ହଜାର ଟଁକା ମିଳିଥିଲା। ଯେନ୍ଥିର୍ଲାଗି ତାକର ଯୋଜ୍ନା ପୂରା ନାଇଁ ହେଇପାରି। ଇଥିରେ ସରପଁଚ୍ ବି ତାହାକୁ ସହଯୋଗ୍ କରିଛନ୍ ହେଲେ ପର୍ଶାସନିକ୍ ସହଯୋଗ୍ ନାଇଁ ମିଲ୍ଲାରୁ ଦେବହରି ଅଧ୍ପନ୍ତରିଆ ହେଇ ରହିଯାଇଛନ୍। ଜେଲ୍ରେ ୧୨ ବଛର୍ ସଜା କାଟି ଫିରିଥିବାର ଦେବହରିଙ୍କୁ ପର୍ଶାସନ୍ ସାହାଯ୍ର ହାତ୍ ଲମାଲେ ସେ ସମାଜର ମୁଖିଆ ଧାରେ ସାମିଲ୍ ହେବାର ସଂଗେ ନିଜର ଗୁଡେ ନିଜେ ଠିଆ ହେଇପାର୍ତେ ବଲି ବୁଧିଜୀବୀ ମହଲ୍ରେ ଚର୍ଚା ହେଉଛେ।

# ଜମନକିରା: ଅଞ୍ଚଳର ବିକାଶ ନେଇ ପ୍ରସ୍ତୁତି ବୈଠକ

**ଜମନକିରା,୨୯।୮(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଅଞ୍ଚଳର ବିକାଶ ନେଇ ବୁଧବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ସନ୍ତୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ବ୍ଲକ୍ ଅଞ୍ଚଳର ବିକାଶ ସହ ଜମନକିରାକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ଦାବି ଉପରେ ପ୍ରସ୍ତାବ ଗୃହିତ ହୋଇଛି। ଏଥିସହ ଦେବଗଡ଼ ଦେଇ ସମ୍ବଲପୁରକୁ ରେଳ ଯୋଗାଯୋଗ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ କୋର୍ଟ ସ୍ଥାପନ, ମିନି ଷ୍ଟାଡ଼ିୟମ, ଟ୍ରେଜେରୀ, ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ, ଜମନକିରାରୁ ଭୋଜପୁର ବାଇପାସ ଆଦି ଉପରେ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଆସନ୍ତା ଶନିବାର ଅପରାହ୍ନ ସାଢ଼େ ୨ଟା ସମୟରେ ପୂର୍ଣ୍ଣାଙ୍ଗ ଏ ସମ୍ପର୍କିତ ଏକ କମିଟି ଗଠନ କରାଯିବାକୁ ସ୍ଥିର କରାଯାଇଛି। କମିଟି ପଞ୍ଜିକୃତ କରିବା ପାଇଁ ସନ୍ତୋଷ ପଟ୍ଟନାୟକ ଏ୦.୪ଡି. ଜମି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗୋକୁଳାନନ୍ଦ ଦାନୀ, ଝସକେତନ ଦାଶ, ସାଲେଗ୍ରାମ ପଧାନ, ସରୋଜ କୁମାର ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, ଅକ୍ଷୟ ଦ୍ୱିବେଦୀ, ବାବୁଲୁ ନାଏକ, ଖେଡ଼ା କିସାନ, ବିରେନ୍ଦ୍ର କାରୱାର, ଆନନ୍ଦ ନାଏକ, ଅକ୍ଷୟ ଦାସ, ଅମୃତ ମହାକୁଳ, ରବୀନ୍ଦ୍ର ପ୍ରସାଦ ଦାନୀ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ଦେବଗଡ,୨୯।୮(ସ୍ୱ.ପ୍ର.)**

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ସ୍କୁଲରେ ମଙ୍ଗଳବାର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ, ଝାରସୁଗୁଡା, ନୂଆପଡା, ବରଗଡ, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି ଓ ଦେବଗଡ ଆଦି ୧୦ଟି ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଜ୍ଞାନ, ସମାଜ ବିଜ୍ଞାନ, କମ୍ପ୍ୟୁଟର, ଗଣିତ ପ୍ରଭୃତି ବିଷୟର ପ୍ରକଳ୍ପ ପ୍ରଦର୍ଶନୀ ସ୍ଥାନ ପାଇଥିଲା । ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗକୁ ବଢ଼ିବା ପାଇଁ ଆଗ୍ରହ ଓ ଉଦ୍ୟମର ପ୍ରଶଂସା କରି ସେମାନେ ଦେଶର ସୁନାମକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ସ୍କୁଲର ଅଧକ୍ଷ ତାପସ ଚଟୋପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍କୁଲର ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଦୀପାଞ୍ଜଳୀ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିଭିନ୍ନ କଲେଜ ଓ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୁଜିତ ନାଥ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୁଲ୍ୟାଙ୍କନ କରିଥିଲେ ।



ଜିଲାପାଳ ସୁଧାଂଶୁ ମୋହନ ସାମଲ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ପୁରୀ-ଦୁର୍ଗ ଟ୍ରେନରୁ ପଡ଼ିଗଲେ ଯୁବକ

**ରେଢାଖୋଲ, ୨୯।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ରେଳ ଷ୍ଟେଶନରୁ ପ୍ରାୟ ୧୦ କି.ମି. ଦୂର ବଂଶାଜାଲ ଗାଁ ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢେ ୨ଟାରେ ଜଣେ ଯୁବକ ପୁରୀ-ଦୁର୍ଗରୁ ଟ୍ରେନରୁ ତଳକୁ ଗଳି ପଡିଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅଧୀନ ଗନ୍ଧରାବନ୍ଧ ଗାଁର ଡୋଲେଶ୍ୱର ସା (୨୦)। ଖୋର୍ଦ୍ଧାର କୌଣସି ଏକ ସଂସ୍ଥାରେ ସେ କାମ କରନ୍ତି। ମଙ୍ଗଳବାର ଖୋର୍ଦ୍ଧାର ରୋଡରୁ ଟ୍ରେନ ଚଢି ଘରକୁ ଆସୁଥିଲେ। ହେଲେ ଟ୍ରେନ ବେସିନରେ ମୁହଁ ଧୋଉଥିବାବେଳେ ଅସାବଧାନତା ଯୋଗୁ ତଳେ ପଡି ଯାଇଥିଲେ। ଏହା ପରେ ଟ୍ରେନ ଚାଲି ଯାଇଥିଲା। ଅବଶ୍ୟ ସେ ରେଳ ଧାରଣା ତଳକୁ ଖସି ପଡିଥିବାରୁ ଆସନ୍ନ ବିପଦରୁ ଜୀବନ ରକ୍ଷା ପାଇ ଯାଇଥିଲା। କିଛି ସମୟ ପରେ ଟ୍ରେନ ଲାଇନ କଡର ଏକ ଗାଁ ଥିବା ଜାଣିପାରି ବହୁ କଷ୍ଟରେ ଚାଲି ଚାଲି ଯାଇ ଜଣକ ଘରେ ପହଞ୍ଚି ଥିଲେ। ଘର ଲୋକଙ୍କୁ ଡାକି ସବୁ କହିବା ପରେ ଗାଁର ସଞ୍ଜୟ ସାଗର ଓ ମଦନ ହାତୀ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଡାକି ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡ ଫାଟିଥିବାରୁ ବ୍ୟାଣ୍ଡେଜ କରାଯାଇଛି। ବୁଧବାର ସକାଳୁ ତାଙ୍କୁ ରେଢାଖୋଲ ରେଳବାଇ ପୋଲିସ ଜିମା ଦିଆଯାଇଛି। ଏହା ପରେ ତାଙ୍କୁ ଅନ୍ୟ ଏକ ଟ୍ରେନରେ ବଲାଙ୍ଗୀର ପଠାଇବାର ବ୍ୟବସ୍ଥା କରିଛି ରେଳବାଇ ପୋଲିସ। ହେଲେ ପୁରୀ-ଦୁର୍ଗ ଟ୍ରେନରେ ତାଙ୍କ ଜିନିଷପତ୍ର ରହି ଯାଇଛି।

# ସର୍ଡ଼ା ହାଇସ୍କୁଲରେ ସଂସ୍କୃତ ଦିବସ

**ଜମନକିରା, ୨୯।୮ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମାଓବାଦୀପ୍ରବଣ ଅଞ୍ଚଳ ସରଡ଼ା ପଞ୍ଚାୟତ ଉନ୍ନୀତ ହାଇସ୍କୁଲରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସ୍କୁଲ ପ୍ରଧାନ ଶିକ୍ଷକ ସାରଦାପ୍ରସନ୍ନ ଦାଶଙ୍କ ଅଧକ୍ଷତାରେ ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହଦା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅମରଜୀତ ଦ୍ୱିବେଦୀ, ସରଡ଼ା ସରପଞ୍ଚ ଉମାକାନ୍ତ ପଧାନ, ଭରତ ବିଶ୍ୱାଳ, ପଙ୍କଜ ପଧାନ, ସୁଚିତା ଲାକ୍ରା ପ୍ରମୁଖ ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସହକାରୀ ଶିକ୍ଷକ ଅସିତ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।




ସରଡ଼ା ପଞ୍ଚାୟତ ଉନ୍ନୀତ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମ।

# କଲେଜରେ ତାଲା ପକାଇଲେ ଛାତ୍ରୀଛାତ୍ର

**ଦେବଗଡ଼,୨୮।୮(ସ୍ୱ.ପ୍ର)**

ଦେବଗଡ କଲେଜ ମୁଖ୍ୟ ଫାଟକରେ ବୁଧବାର ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ତାଲା ପକାଇଛନ୍ତି। ଅଭିଯୋଗ ମୁତାବକ ଦୀର୍ଘ ୫୪ ବର୍ଷ ହେବ କଲେଜ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ସେହିଭଳି ଆଖି ଦୃଶିଆ ଉନ୍ନତି ହୋଇନାହିଁ। ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବହୁତ ସମସ୍ୟା ସୃଷ୍ଟି ହେଉଛି । ଏପରିକି କଲେଜରେ ପିଇବା ପାଣି ଅସୁବିଧା, ଶୌଚାଳୟ, ଅବହେଳିତ ହୋଇ ପଡିଥିବା ଶ୍ରେଣୀଗୃହର ମରାମତି କରିବା, ଉନ୍ନତ ମାନର କମନ୍ ରୁମ୍ ନ ଥିବାରୁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ କରିଛନ୍ତି । ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି । ଏ ନେଇ କଲେଜର ଛାତ୍ର ବିଜୟ ଦେହୁରୀ, ସୁମନ ବେହେରା, ତନ୍ମୟ ପ୍ରଧାନ, ରାଜା ସାହୁ, କରମଚାନ୍ଦ ନାୟକ, ଚିନ୍ମୟ ଦେହୁରୀ, ପିଣ୍ଟୁ କାରିଗର, ଦେବାଶିଷ ସାହୁ, ସୁବ୍ରତ ବାରିକଙ୍କ ସମେତ ଅନ୍ୟ ଛାତ୍ରମାନେ କଲେଜ ସମ୍ମୁଖ ଫାଟକରେ ତାଲା ମାରି ଆନ୍ଦୋଳନ କରିଥିଲେ । ଖବରପାଇ କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ ଓ ପରିଚାଳନା କମିଟି ସଭାପତି ସୁଧୀର କପରଦାର ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ ।



କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ତାଲା ପକାଇଛନ୍ତି ଛାତ୍ରମାନେ।

# ରିଆମାଳରେ ମୁଁ ହିରୋ ରଥ

**ରିଆମାଳ,୨୯।୮(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବିଜୁ ଯୁବ ବାହୀନି ଯୋଜନାର ମୁଁ ହିରୋ ରଥ ବୁଧବାର ରିଆମାଳଠାରେ ପହଞ୍ଚିଛି। ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପ୍ପୋ, ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳୀ ହାତୀ, ରିଆମାଳ ସରପଞ୍ଚ ତରଣୀସେନ୍ ପ୍ରଧାନ, ରିଆମାଳ ସମିତି ମେମ୍ବର ଗାନ୍ଧୀ ଚରଣ ନାଏକ, ରିଆମାଳ ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ପ୍ରତୀକ କୁମାର ଶତପଥୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ମୁଁ ହିରୋ ରଥକୁ ସ୍ୱାଗତ କରି ରିଆମାଳ ମାର୍କେଟ କମ୍ପ୍ଲେକ୍ସଠାରେ ପହଞ୍ଚିଥିଲା। ସେଠାରେ ପଥପ୍ରାନ୍ତ ନାଟକ ଜରିଆରେ ଗ୍ରାମାଞ୍ଚଳରେ ଅସାଧାରଣ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରାଯାଇଥିଲା। ରିଆମାଳ ବ୍ଲକ୍ ଅଧକ୍ଷା ରୀତାଞ୍ଜଳୀ ହାତୀ ଓ ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ହକି ଖେଳାଳି ଆଶିଷ ଟପ୍ପୋ ଓ ସ୍ୱଚ୍ଛ ଭାରତ ଯୋଜନାରେ ଜିଲାର ଅଗ୍ରଣୀ ସାମାଜିକ କର୍ମୀ ଡମ୍ବରୁ କୁମୁରାଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଯୋଜନା କରିଥିଲେ। ଅପରପକ୍ଷରେ ରିଆମାଳ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ରିଆମାଳ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଓ ଦୁଇ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ତାବଡା, ବୁଡିକୋ, ମଲେଲୀପଡ଼ା, ତାରଙ୍ଗ, ରିଆମାଳ, ଆଡସ୍, ତେନ୍ତେଲୀବାହାଳ, ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର ବିଜୁ ଯୁବବାହୀନିର କର୍ମକର୍ତ୍ତା ଯୋଗଦେଇଥିଲେ।




ମୁଁ ହିରୋ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରମାନେ ।

# ଯୁବ ବୈଜ୍ଞାନିକ ଶେଷଦେବ କିଷାନଙ୍କୁ ସମ୍ବର୍ଦ୍ଧନା

**ନାକଟିଦେଉଲ,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବିଭିନ୍ନ ହାଇସ୍କୁଲ ଓ କଲେଜ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଗହଣରେ ବୁଧବାର ଯୁବ ବୈଜ୍ଞାନିକ ତଥା ବ୍ଲକର ବଲାସିଙ୍ଗା ଗ୍ରାମର ଶେଷଦେବ କିସାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ହକି ଟୁର୍ନାମେଣ୍ଟରେ ରତାଖଣ୍ଡି ବିଜୟୀ

**ଦେବଗଡ଼,୨୯।୮ (ସ୍ୱ.ପ୍ର.)**

ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ଦେବଗଡ ଓ ସୁଧାର ସଂଘ ଶବରପାଲିର ମିଳିତ ସହଯୋଗରେ ଜିଲାର ତିଲେଇବଣି ବ୍ଲକ ଅଧୀନ ଶବରପାଲି ଗ୍ରାମଠାରେ ଜାତୀୟ କ୍ରୀଡା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଦିବସୀୟ ହକି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ଅଞ୍ଚଳରୁ ୧୪ଟି ହକି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ରତାଖଣ୍ଡି ଓ କୁମୁରାପାଲି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ରତାଖଣ୍ଡି ବିଜୟଲାଭ କରିଥିଲା । ଖେଳକୁ ଜହ୍ନା ଲାକ୍ରା ଓ ଆନନ୍ଦ ଲାକ୍ରା ପରିଚାଳନା କରିଥିଲେ । ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ପ୍ରକୃତି ବନ୍ଧୁ ସୌଭାଗ୍ୟ ପାତ୍ର, ସଂଘର ସଭାପତି ସୁଦାମା ପ୍ରଧାନ, ସମ୍ପାଦକ ଏଜେରା କୁଜୁର ପ୍ରମୁଖ ଯୋଗଦେଇଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ଡିଆରଡିଏର ପିଡି ଭିନସେଣ୍ଟ ପୁନମ କାନ୍ତ ଏକ୍କା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡା ଇତିହାସର ପ୍ରବାଦ ପୁରୁଷ ଧ୍ୟାନଚାନ୍ଦଙ୍କର ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ ।



ଶବରପାଲି ଗ୍ରାମଠାରେ ଏକ ଦିବସୀୟ ହକି ଟୁର୍ନାମେଣ୍ଟ ଅବସରରେ ଖେଳାଳିମାନେ।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ୩ ନଂ.କୁ ହରାଇ ୨ନଂ. ୱାର୍ଡ ଚାମ୍ପିୟନ

**ଦେବଗଡ଼,୨୯।୮(ସ୍ୱ.ପ୍ର.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅଗଷ୍ଟ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜକ ଜିଲା ଆଥଲେଟିକ ଏସୋସିଏଶନ୍ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଚାଲିଥିବା ଇଣ୍ଟର ୱାର୍ଡ ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି । ଏଥିରେ ଦେବଗଡ ପୌରାଞ୍ଚଳର ୧୧ଟି ଟିମ ପରସ୍ପର ମଧ୍ୟରେ ଲିଗ ରାଉଣ୍ଡ ମ୍ୟାଚ ଖେଳିବା ପରେ ୩ ନଂ ୱାର୍ଡ ଓ ୨ ନଂ ୱାର୍ଡ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ତେବେ ୨ ନଂ ୱାର୍ଡ ର ଯୁବ ଖେଳାଳି ମୁକୁନ୍ଦ ବେହେରା-୨ ଓ କ୍ଷୀତିସ ଦେହୁରୀଙ୍କ ୧ ଗୋଲ ଯୋଗୁ ୩-୦ ଗୋଲରେ ୩ ନଂ ୱାର୍ଡକୁ ହରାଇ ଚଳିତବର୍ଷର ଚାମ୍ପିୟନ ହୋଇଛି । ଏହି ମ୍ୟାଚକୁ ରେଫରୀ ଭାବେ ଧିରେନ୍ଦ୍ର ନାୟକ, ମନୋଜ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ଜୟଶ୍ରୀ ମଲ୍ଲିକ, ମାର୍କଣ୍ଡେଶ୍ୱର ଶତପଥୀ, ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସଂଘର ଉପସଭାପତି ସତ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅଗଷ୍ଟ ୩୧ରେ ହେବାକୁଥିବା ସ୍ୱାୟତ ଶାସନ ଦିବସ ଅବସରରେ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍କୁ ନଗଦ ପୁରସ୍କାର ରାଶି ସହ ଟ୍ରଫି ଓ ସିଲ ପ୍ରଦାନ କରାଯିବବୋଲି ଜିଲା କ୍ରୀଡା ସଂଘ ସୂଚନା ଦେଇଛି । ଏଥିସହ ବେଷ୍ଟ ସ୍କୋରର ଏବଂ ଖେଳ ପରିଚାଳନା କରିଥିବା ଅଫିସିଆଲମାନଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯିବ ବୋଲି ଜଣାପଡିଛି । ଟୁର୍ନାମେଣ୍ଟରେ କିଶୋର ପ୍ରଦୀପ ଅମାନ୍ତ, ପ୍ରଭାତ ପ୍ରଧାନ, ବେଣୁଧର ଗଡନାୟକ, ଡିଲେଶ୍ୱର ପ୍ରଧାନ, ପ୍ରଦୀପ ବେହେରା, କିଶୋର ରାୟ ପ୍ରମୁଖ ସହଯୋଗ କରିଥିଲେ । ମ୍ୟାଚ ପରେ ପରେ ଜିଲା ପ୍ରଶାସନ ଏକାଦଶ ଓ ଓକିଲ ସଂଘ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପ୍ରଶାସନ ଏକାଦଶ ବିଜୟଲାଭ କରିଥିଲା । ସେହିପରି ମହିଳାଙ୍କ ଦ୍ୱାରା ଆକର୍ଷଣୀୟ ଦଉଡି ଟଣା ଖେଳ ଅନୁଷ୍ଠିତ ହୋଇଥିଲା ।



ଚେୟାରମେନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପନୀ ଉତ୍ସବରେ ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

### ୧୪ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ

# ୪ ଶିକ୍ଷକଙ୍କ ମୃତ୍ୟୁ ପାଇଁ ସରକାରଙ୍କୁ ଦାୟୀ କଲା ମିଳିତ ମଞ୍ଚ

ଭୁବନେଶ୍ୱର, ୨୯।୮(ବ୍ୟୁରୋ) ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ବୁଧବାର ୧୪ ଦିନରେ ପହଞ୍ଚିଛି। ଏହି ୧୪ଦିନ ଭିତରେ ୪ ଶିକ୍ଷକଙ୍କର ମୃତ୍ୟୁ ଘଟିସାରିଲାଣି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛି ମିଳିତ ମଞ୍ଚ। ମୃତକଙ୍କ ମଧ୍ୟରେ କନ୍ଧମାଳର ଜଣେ ଅଧ୍ୟାପକ ଓ ଜଣେ କର୍ମଚାରୀ ଥିବାବେଳେ ବଡ଼ମ୍ବା ଏବଂ କଟକର ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। କନ୍ଧମାଳର ଏକ କଲେଜର କିରାଣୀ କାଳୀଚରଣ ପ୍ରଧାନ ଗତ ୧୬ ତାରିଖ ଦିନ ମହାସମାବେଶରୁ ଫେରୁଥିବା ବେଳେ ଗାଡ଼ିରେ ତାଙ୍କର ଦେହାନ୍ତ ହୋଇଥିଲା। ସେହି କଲେଜର ଇତିହାସ ବିଭାଗର ଅଧ୍ୟାପକ ପ୍ରଦୀପ କୁମାର ବେହେରା ସମାବେଶରୁ ଫେରିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପୂର୍ବରୁ ୨ହଜାରରୁ ଅଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଚାକିରିରେ ଥାଇ ପ୍ରାଣ ହରାଇଛନ୍ତି। ଏମାନଙ୍କ ମୃତ୍ୟୁ ପାଇଁ ସରକାର ଦାୟୀ ବୋଲି ବୁଧବାର ମିଳିତମଞ୍ଚ ତରଫରୁ ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି।

ମିଳିତ ମଞ୍ଚର କହିବାନୁଯାୟୀ, ୬୦ହଜାର ଶିକ୍ଷକ ୧୪ଦିନ ହେଲା ରାଜରାସ୍ତାରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଥିବାବେଳେ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ। ସୂଚନାଯୋଗ୍ୟ, ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ନୂଆପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲାରୁ ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଅହୋରାତ୍ର ଧାରଣାରେ ସାମିଲ ହୋଇଛନ୍ତି। ଏହି ଜିଲାୱାରି ଧାରଣା ଆସନ୍ତା ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଏହା ଭିତରେ ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ଗୁରୁଦିବସ ଦିନ ଲକ୍ଷାଧିକ ଶିକ୍ଷକ ଭୁବନେଶ୍ୱରରେ 'କଳାଦିବସ' ପାଳିବେ। ତାପରଠୁ ଆଉ ସ୍କୁଲ କଲେଜକୁ ନ ଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ୪ହଜାର ବିଦ୍ୟାଳୟ ଓ ଦେଢ଼ ହଜାର ମହାବିଦ୍ୟାଳୟ ବନ୍ଦ ରହିବ। ଏହାଦ୍ୱାରା ୩୦ଲକ୍ଷ ଛାତ୍ରୀଛାତ୍ରଙ୍କର ଯେଉଁ କ୍ଷତି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମିଳତି ମଞ୍ଚ ପକ୍ଷରୁ କୁହାଯାଇଛି।

---

## OFFICE OF THE EXECUTIVE ENGINEER CUTTACK (R&B) DIVISION NO.I, CUTTACK

E-Mail I.D.: eepwdcuttack@gmail.com, Tel./ Fax No. (0671)-2304128

**GOVERNMENT OF ODISHA "e" procurement Notice**

No.418-B: **e-procurement Notice for Building works**

**Bid Identification No. E.E. CTC (R&B)-14 of 2018-19**

| | | | |
|---|---|---|---|
| 1. | Name of the Work | : | 3(Three) Nos. Building works |
| 2. | Estimated Cost | : | Rs. 13,76,686/- to 20,94,557/- |
| 3. | Period of completion | : | 3(Three) to 4(Four) calendar Months |
| 4. | Date & time of availability of bid document in the portal | : | From 31.08.2018 to 4 P.M. of 14.09.2018 |
| 5. | Last date/ time of receipt of bids in the portal | : | 4 P.M. of 14.09.2018 |
| 6. | Date & time of opening of bids | : | 11 A.M. of 15.09.2018 |
| 7. | Name and address of the officer Inviting | : | Executive Engineer, Cuttack (R&B) Division No.I, Cuttack |

Further details can be seen from the e-procurement portal "https://tendersorissa.gov.in.

**Sd./- (Er. M.R. Khan)**
**Executive Engineer,**
**Cuttack (R&B) Division No.I**

34091/11/0035/1819

---

## Food Corporation of India, Regional Office, Bhubaneswar

**NOTICE INVITING E-TENDERS**

The Assistant General Manager (CE/EM) FCI, Regional Office, Bhubaneswar invites on behalf of Food Corporation of India online item rate tenders under two bid system at **https://eprocure.gov.in/eprocure/app** for following works, whose Last time and date of submission of bid : **3:00 PM on 10.09.2018**

**NIT No. E-02/2018-19** Name of Work : **Replacement of damaged AC sheet roofing by profile sheet Godown no. 2 at FSD Jaleswar,** Estimated Cost : **Rs. 12,73,542/-.** Earnest Money : **Rs. 25,471/-,** Period of Completion : **60 Days.**

**NIT NO. E-03/2018-19.** Name of Work : **Miscellaneous repair works at FSD Khurda Road, SH-1. Repair to weigh bridge approach, 2-Renovation to office building, 3-Gading of roof of watch man Qrs. And office Building & Rly. Gate),** Estimated Cost : **Rs. 4,53,571/-.** Earnest Money : **Rs. 9,071/-,** Period of Completion : **60 Days.**

**NIT NO. E-04/2018-19.** Name of Work : **Renovation to office Building, Canteen Block and Male cum Female Lav. Block at FSD Parlakhemundi,** Estimated Cost : **Rs. 3,32,154/-.** Earnest Money : **Rs. 6,643/-,** Period of Completion : **60 Days.**

**NIT NO. E-05/2018-19.** Name of Work : **Reconstruction of collapsed boundary wall at FSD Dhenkenal,** Estimated Cost : **Rs.3,89,951/-.** Earnest Money : **Rs. 7,799/-,** Period of Completion : **45 Days.**

**NIT NO. E-06/2018-19.** Name of Work : **Reconstruction of collapsed boundary wall at FSD Hirakud.** Estimated Cost : **Rs. 3,48,958/-.** Earnest Money : **Rs. 6,979/-,** Period of Completion : **45 Days.**

**NIT NO. E-07/2018-19.** Name of Work : **Plastering the gable wall of Godown 1 & 3 and painting to gable wall of Godown 1 & 2 & 3 and CGI sheet roof of Gd. No.-1 at FSD Jagannathur),** Estimated Cost : **Rs. 2,92,744/-.** Earnest Money : **Rs. 5,855/-,** Period of Completion : **45 Days.**

The bid forms and other details can be obtained from the website : **www.eprocure.nic.in** .

**Asstt. General Manager (Engg.)**

---

## GANGADHAR MEHER UNIVERSITY

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

**AMRUTA VIHAR**
**SAMBALPUR (ODISHA)-768004**

Website: www.gmuniversity.ac.in. gmuniversitysbp@gmail.com Telephone & Fax No(0663) 2403413

No. 4378 /GMU Date: 29.8.18

**CORRIGENDUM**

In continuation to the notice No. 4221 /GMU dated 20.8.2018 for the advertisement No. 002/REC/GMU/NTS; Sambalpur dated 7th August 2018, some addition /modifications have been made in the advertisement with respect to the SL. No. of post 03,04,05 and 08 for the recruitment of non-teaching staff. Kindly visit the website(www.gmuniversity.ac.in.) for details.

***Sd./- REGISTRAR***

---

## Office of the Executive Engineer
### Harabhangi Irrigation Division, Adava, Dist.: Gajapati
### e-Procurement Notice No.05/2018-19

No.432-A: Bid document consisting of work, estimated cost, cost of tender paper, EMD, Time of completion, Class of contractor, the set of terms and condition of contract and other necessary documents can be seen in e-procurement portal **http://tenderodisha.gov.in**.

| | | | |
|---|---|---|---|
| 1. | Type of the work | : | Improvement of road, Periphery development & Flood protection works |
| 2. | No. of works | : | 5 Nos. |
| 3. | Class of contractor | : | 'D' & 'C' class |
| 4. | Bid identification No. | : | EE-HID-No. 20 to 24/2018-19 |
| 5. | Estimated cost | : | Varies from Rs. 10.65 lakhs to 18.73 lakhs |
| 6. | Period of completion | : | 3 (Three) calendar months |
| 7. | Date & time of availability of bid documents in the portal | : | From 01.09.2018, 10.00 AM to 10.09.2018, 05.00 PM |
| 8. | Last date / time for receipt of bids in the portal | : | From 01.09.2018, 10.00 AM to 10.09.2018, 05.00 PM |
| 9. | Date of opening of bid | : | 11.09.2018 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava, Gajapati |
| 10. | Name of the officer inviting bid | : | Executive Engineer, Harabhangi Irrigation Division, Adava, Gajapati |

1) Any addendum / corrigendum / cancellation of tender can also be seen in the said website.
2) Further details can be seen from Government website- **http://tenderodisha.gov.in**.

**Executive Engineer**
**Harabhangir Irrigation Division,**
**Adava (Gajapati)**

32021/11/0011/1819

---

## ORISSA WATER SUPPLY & SEWERAGE BOARD

**Office of the Project Engineer, Project Management Unit-I, OWSSB,**
**Satyanagar, Bhubaneswar -7, Odihsa**
**Ph : (0674) 2571365 (O), Email : pepmu1owssb@gmail.com**

## NOTICE

**Notice No.3411** **Dt. 29.08.2018**

ପ୍ରାପ୍ତେଷୁ -

୧. ବିଦ୍ୟାଧର ମିଶ୍ର, ପି. ଅଲେଖ ମିଶ୍ର, ଜା. ବ୍ରାହ୍ମଣ , ବା. କାଦୁଆପଡା, ଜି. ଜଗତସିଂହପୁର

୨. ବ୍ରଜବନ୍ଧୁ ମିଶ୍ର, ପି. ଦାଶରଥି ମିଶ୍ର, ଜା. ବ୍ରାହ୍ମଣ , ବା. ତାଳଚେର, ଜି. ଅନୁଗୁଳ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ମୌଜା ମେହେର ପଲ୍ଲୀ ଖାତା ନଂ ୨୩୫ ରେ ଧୂଳେଶ୍ୱର ଜେନା ଓଗେର ନାମ ସହ ଆପଣଙ୍କ ନାମେ ରେକର୍ଡ ଅଛି । ଉକ୍ତ ମୌଜାର ଖାତା ନଂ ୨୩୫ରେ ଥିବା ପ୍ଲଟ ନଂ-୧୦୨୧ ଶାରଦ ଏକ ଏ୦.୨୦୪ସମ୍ବନ୍ଧରୁ ଦକ୍ଷିଣ ତରଫରୁ ଏ୦.୦୩୮ ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦକୁ ଖାତା ରୟତ ଧୂଳେଶ୍ୱର ଜେନା, ସୁଦର୍ଶନ ଜେନା, କେତୁକା ଜେନା, ପି. ଦିନବଂଧୁ ଜେନା, ଜା. ଖଣ୍ଡାୟତ ବା. ଝାରପଡା ବିକ୍ରୟ କରିବା ନିମନ୍ତେ ଚାହୁଁଛନ୍ତି ।

ଏଣୁ ଉକ୍ତ ପ୍ଲଟ ବିକ୍ରୟ କରିବାରେ ଯଦି ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତାହେଲେ ଉକ୍ତ ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ରହି ମତାମତ ଦେବେ, ଅନ୍ୟଥା ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଭରତ ଚନ୍ଦ୍ର ଦଳାଇ
ପ୍ରକଳ୍ପ ଯନ୍ତ୍ରୀ
ଫୋନ୍ ନଂ. : 9437187027

At - Jala Bhawan, 3rd Floor,
WATCO, Near Rajib Bhawan

---

## All India Institute of Medical Sciences, Bhubaneswar

अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 443 /2018-19 Dated : 29th Aug 2018

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Provision of Grills & Mosquito Net at all Windows, Replacement of Corridor Doors, Shed with Polycarbonate Sheet & Miscellaneous Civil works for Guest House at AIIMS, Bhubaneswar"** *(NIT No. : AIIMS/BBSR/ Engg./ 026/2018-19)*. The detailed Tender Document along with Last Date & Time of Submission of Tender can be viewed & Downloaded from the website **www.aiimsbhubaneswar.edu.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer (Civil)**
**AIIMS, Bhubaneswar**

---

## Government of Odisha
## Office of the Engineer-in-Chief Rural Works, Bhubaneswar

No. 22258 Dt .27.08.2018

No.674-O: Chief Engineer, PMGSY on behalf of OSRRA invites Expression of Interest from interested Consultancy Firms/Agency for ENGAGEMENT OF PROJECT IMPLEMENTATION CONSULTANT (PIC) FOR RURAL CONNECTIVITY INVESTMENT PROGRAM IN ODISHA, ASSISTED BY ASIAN DEVELOPMENT BANK IN THE STATE OF ODISHA. Detailed notice & EOI documents can be downloaded from the website: **www.pmgsytenders.gov.in** from **dt.31.08.2018** at **11.00 A.M.** to **20.09.2018 upto 5.00 PM**.

25123/11/0032/1819 **Sd./- Chief Engineer, PMGSY**

---

## DISTRICT OFFICE, ANGUL

**(Social Welfare Section)**
**No. 1565 / SW Date: 27.08.18**
**(TENDER CALL NOTICE FOR WALL PAINTING AT G.P. LEVEL ON IYCF)**

Sealed tenders are invited from intending Registered Firms/ Agencies for **"WALL PAINTING AT G.P. LEVEL ON IYCF"** for 209 G.Ps of the Angul District.

The tender notice and terms and condition can be obtained from the office of the DSWO, Angul on payment of Rs. 2000/- (Two Thousand) only (non refundable) during the office hours on any working day **26.09.2018 by 1.00 P.M.**

The tender papers containing detailed terms and conditions, EMD other statutory requirement and Specification & Prototype regarding **"WALL PAINTING AT G.P. LEVEL ON IYCF"** can also be downloaded from the District website www.angul.nic.in and while submitting such tender paper a DD of Rs. 2000/- (Two Thousand) only in favour of DSWO, Angul payable at Angul is to be submitted, failing which the tender paper will be rejected. The tender cost of Rs. 2000/- (Rupees Two Thousand) only fixed is non refundable. Tender paper complete in all respect (technical & financial) along with all required documents are to be submitted superscribed for **"WALL PAINTING AT G.P. LEVEL ON IYCF"** to the DSWO, Angul on or before 28.09.2018, 2.00 P.M. by Registered/ Speed Post only. The tender will be opened on the same date at 3.00 P.M. by the Collector in presence of the members of Tender Committee and tenderers or their authorized representatives. The tender received beyond the scheduled date and time shall not be taken into consideration.

The Authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

**Sd./- Collector, Angul**

---

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ

ପତ୍ର ସଂଖ୍ୟା ୧୬୫୮ ତା ୨୮.୮.୨୦୧୮

ଏତଦ୍ୱାରା ମୁରିବାହାଲ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୦୧.୧୦.୨୦୧୭ରୁ ତା ୩୧.୦୩.୨୦୧୮ ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା ନିମ୍ନକାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମପଞ୍ଚାୟତ ଗ୍ରାମଗୁଡିକରେ ସକାଳ ୯ ଘଟିକାରୁ ଆରମ୍ଭ ହେବ । ତେଣୁ ସର୍ବସାଧାରଣ ନାଗରିକ, କୁଶଳ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଆହ୍ୱାନ କରାଯାଉଛି ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବେଲପଦର, ବିଟାବନ୍ଧ, ମାଲିଶିରା, ହଳଦୀ ପତ୍ରାପାଲି-ଖ. ତେନ୍ତୁଲିଖୁଣ୍ଟି | ୦୧.୦୯.୨୦୧୮ | ୦୭.୦୯.୨୦୧୮ | ୦୭.୦୯.୨୦୧୮ | ୨୭.୧୦.୨୦୧୮ | ବେଲପଦର-ଏ.ଇ, ବିଟାବନ୍ଧ- ଜେ.ଇ, ମାଲିଶିରା-ବି.ପି.ଏମ, ହଳଦୀ- ଜେ.ଇ, ପତ୍ରାପାଲି-ଖ-ଏ.ପି.ଓ., ତେନ୍ତୁଲିଖୁଣ୍ଟି-ବି.ଏଲ.ସି.(୧) |
| ଦ୍ୱିତୀୟ | ଗଁରେଇ, ଗୋଇମୁଣ୍ଡ ଟୁପାରଡାର, ଲେବଡା ବାଙ୍କେଲ | ୧୧.୦୯.୨୦୧୮ | ୧୭.୦୯.୨୦୧୮ | ୧୭.୦୯.୨୦୧୮ | | ଗଁରେଇ-ଜେ.ଇ, ଗୋଇମୁଣ୍ଡ-ଜି.ପି.ଟି.ଏ, ଟୁପାରଦାର- ଜି.ପି.ଟି.ଏ, ଲେବଡା- ବି.ଡି.ଓ, ବାଙ୍କେଲ- ଏ.ପି.ଓ, |
| ତୃତୀୟ | ମୁରିବାହାଲ, ଡଙ୍ଗରପଡା, ଲଖନା ଗଡଗଡବାହାଲ, ପତ୍ରାପାଲି | ୨୦.୦୯.୨୦୧୮ | ୨୬.୦୯.୨୦୧୮ | ୨୬.୦୯.୨୦୧୮ | | ମୁରିବାହାଲ- ବି.ଏଲ.ସି(୧), ଡଙ୍ଗରପଡା-ଜି.ପି.ଟି.ଏ, ଲଖନା-ବି.ଡି.ଓ., ଗଡଗଡବାହାଲ- ଜେ.ଇ, ପତ୍ରାପାଲି- ବି.ପି.ଏମ |
| ଚତୁର୍ଥ | ଚଲକି, ଚଣାବାହାଲ, ଗୁଡିଘାଟ, ଇଚ୍ଛାପଡା, ବାନ୍ଧୁପଲା, ବଡସାଇମରା | ୨୮.୦୯.୨୦୧୮ | ୫.୧୦.୨୦୧୮ | ୦୫.୧୦.୨୦୧୮ | | ଚଲକି-ଜି.ପି.ଟିଏ, ଚଣାବାହାଲ-ଏ.ଇ, ଗୁଡିଘାଟ-ଏ.ପି.ଓ, ଇଚ୍ଛାପଡା-ବି.ଏଲ.ସି(୨), ବାନ୍ଧୁପଲା-ବି.ପି.ଏମ, ବଡସାଇମରା-ଜି.ପି.ଇ.ଓ |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ

---

## ZILLA SWASTHYA SAMITI, GAJAPATI
## TENDER CALL NOTICE

Advt. No. 6309 Date : 28.08.2018

No.391-E: Sealed Quotations are invited from Transporters / Tour Operators / Travel Agents / Private Organisations / NGOs indivisuals situated / resident of Gajapati District or having its branch / office in Gajapati for engagement of vehicles registered within 02 years as on 01.08.2018 for hire on monthly rental basis to be used for the purpose of "DPMU Vehicle" of ZIlla Swasthya Samiti, Gajapati for a period of one year as per the terms and conditions mentioned in the Tender Paper available in the district Website www.gajapati.nic.in. The specification of the vehicles for each of the above categories is as mentioned below.

| Sl. No. | Purpose | Type of Vehicles | No. of Vehicles | Remarks |
|---|---|---|---|---|
| 01. | DPMU Vehicle | Scorpio / Tata Safari / Mahindra Xylo / Bolero etc. | 1 | No. of vehicles may vary in future depending upon the actual requirement of the undersigned. |

Here, the bidder should have sufficient number of latest models of vehicles. The bidders shall have to deposit an EMD of Rs. 5,000/- (Five Thousand only) in the form of crossed demand draft / pay order in favour of Zilla Swasthya Samiti, Gajapati with the application. Sealed quotations in the presecribed forms in two envelopes, one for technical bid and second for financial bid addressed to the CDM & PHO-cum-DMD, Gajapati and both the sealed covers should be put into a third outer cover duly superscribed as "QUOTATION FOR ENGAGEMENT OF VEHICLE FOR "DPMU Vehicle". Quotations shall be received through Speed Post/ Registered Post/ Courier only latest by 15.09.2018. The Technical bid will be opened on 18.09.2018 at 4.00 PM in the presence of the bidders or their authorised representatives at the Office of the CDM & PHO-cum-DMD, Gajapati. The agency having qualified in the technical bid will be considered for opening of the financial bid and the lowest bidder will be selected. Those bidders who have quoted more than approved rate for the purpose, shall be liable for rejection. The authority reserves the right to accept or reject any / all bids without assigning any reason thereof. The authority will not be held responsible for any postal delay.

10105/11/0016/1819 **Sd./- CDM & PHO-cum-DMD, Gajapati**

---

## OFFICE OF THE COLLECTORATE, RAYAGADA

**Quotation Call Notice No.: 01/2018-19 Dated 29.08.2018**
**Letter No. 422 / I&PR Section, date 29.08.2018**

1. The District Information and Public Relation Officer, Rayagada on behalf of Government of Odisha invites Sealed quotation in prescribed schedule for "mounting of Hording, IEC Activities on Biju Swasthya Kalyan Yojana of various sizes including Supplying, Mounting/fitting, fixing, complete in all respect, in different places of ULBs, Dist. Head Quarters, Sub-divisional Head Quarters and GP Head Quarters and other prominent places of Rayagada District."
2. The Detailed quotation call notice can be obtained from the office of the District Information and Public Relation Officer, Rayagada from 11.00 hours of 30.08.2018 to 05.09.2018 hours of 16.30 and also can be downloaded from NIC portal.
3. The quotation shall be received during the office hours from 30.08.2018 to 05.09.2018 upto 16.30 hrs. and will be opened at 17.00 hours of on date 05.09.2018 in the office of the District Information and Public Relation Officer, Rayagada.
4. EMD @1% of quoted value should be deposited in form of TDR or NSC duly pledged in favour of District Information and Public Relation Officer, Rayagada at the time of submission of quotation.
5. The authorized manufacturer, dealers/Suppliers should have a valid GSTIN, PAN. The Quotationer should quote the price for each of the items separately in the enclosed format indicating the price inclusive of all taxes, mounting, transportation and other related charges.
6. The authority reserves the right to accept or cancel the above quotation without assigning any reason thereof.
7. Subsequent corrigendum/addendum/cancellation, if required, shall only be available in the Dist. website.
8. The other details can be seen in the Detailed Quotation call notice in the Dist. portal (www. rayagada.nic.in).

Yours Faithfully,
**Sd./- D.I & PRO, Rayagada**

---

## 2018 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 9 (ନଅ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନଗୁଡ଼ିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର.:- ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.1/- ଧାର୍ଯ୍ୟ ହୋଇଛି।

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1. | ଧରଣିଧରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 6200 | ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ବନପାଳ 9437687250 |
| 2. | ବ୍ରାହ୍ମଣୀ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 3070 | ଶ୍ରୀ ସଦାଶିବ ପାତ୍ର, ବନପାଳ 8763433100 |
| 3. | ଗଡ଼ରୁଆଁ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 30700 | ଶ୍ରୀ କୈଳାଶ ଚନ୍ଦ୍ର କିସାନ, ବନପାଳ 9178123103 |
| 4. | ଡଲେଇସରା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 31000 | ଶ୍ରୀ କିଶୋରୀ ପାତ୍ର, ବନପାଳ 9438226173 |
| 5. | ବନେଇକେଲା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 7000 | ଶ୍ରୀ କିଶୋର କୁମାର ଠାକୁର, ବନପାଳ 8763648987 |
| 6. | ବାଦିବାହାଲ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 10256 | ଶ୍ରୀ ସୁକାନ୍ତ କୁମାର ବ୍ରହ୍ମ, ବନପାଳ 8895833250 |
| 7. | ଠାକୁରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 44777 | ଶ୍ରୀ ପ୍ରତାପ କିଶୋର ସାହୁ, ବନପାଳ 7325933777 |
| 8. | ବରସୁଆଁ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 2100 | ଶ୍ରୀ ନାରାୟଣ ଚନ୍ଦ୍ର ବେହେରା, ବନପାଳ 9437757937 |
| 9. | ତେହେରାଇ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 23500 | ଶ୍ରୀ ତାପସ କୁମାର ଶତପଥୀ, ବନପାଳ 9438490662 |
| | ସମୁଦାୟ | **158603** | |

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼

---

See Career Appointment on every Wednesday & Saturday

---

## OFFICE OF THE EXECUTIVE ENGINEER
## RWS&S DIVISION, PURI – 752002

Phone: (06752) 251276, Fax :- (06752) 251276, E-mail:-eerwss_puri@nic.in

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. RWSSPURI 35 /2018-19**

No.649-O: The Executive Engineer, RWS&S Division, Puri on behalf of Governor of Odisha invites Lump Sum rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1(ONE) |
| 2. | Time for completion: | Six months |
| 3. | Cost of bidding document: | Rs 10,000 /- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 01.09.2018 to 17.00 hours of 15.09.2018 |
| 6. | Last date and time for seeking clarification: | 17.00 hours of 10.09.2018 |
| 7. | Date & time of opening of technical bids: | On dt 17.09.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

**Executive Engineer,**
**RWS&S Division, Puri**

25017/11/0053/1819

---

## GOVT. OF ODISHA
## OFFICE OF THE ENGINEER-IN-CHIEF, WATER RESOURCES
### ODISHA, BHUBANESWAR

No.442-A

**'e' Procurement Notice No.CELMB 21 OF 2018-19**

1. Name of the work : **Restoration and protection to scoured bank on Genguti left from Govindagadia to Rameswarpur under NABARD Assistance RIDF - XXIV.**
2. Amount put to Tender : Rs.8,77,91,471.00
3. Bid Document Cost : Rs.10, 000.00 (online)
4. E.M.D : Rs.8,78,000.00 (online)
5. Class of Contractor : Special Class & Super Class
6. Period of Completion : 15 calendar months (456 Days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB JPD 03 OF 2018-19 | 01.09.2018 10.00hrs | 18.09.2018 17.00hrs | 19.09.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

32252/11/0023/1819 **Sd./- Chief Engineer FC & Basin Manager, Lower Mahanadi Basin**



ଦୀପକ-ପିଙ୍କି

## ନୂଆ ସିନେମା

# ଜୋର୍ କା ଝଟକା

**ଦୀ**ପକ-ପିଙ୍କି ପ୍ରିୟଦର୍ଶିନୀ ଯୋଡିକୁ ପ୍ରଥମେ ଦେଖିବାକୁ ମିଳିଥିଲା ଓଡ଼ିଆ ସିନେମା 'ସପନର ନାୟିକା'ରେ। ଏକ୍ସେଲ ମୁଭିଜ ବ୍ୟାନରରେ ତଥା ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ଏହି ଯୋଡିକୁ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମାରେ ଦେଖିବାକୁ ମିଳିବ। ପ୍ରଥମଟି ହେଲା 'ତୁ ମୋ ନୀଳନୟନା'। ଦ୍ୱିତୀୟ ଚଳଚ୍ଚିତ୍ର ହେଲା ରବୀନ୍ଦ୍ର ପଣ୍ଡାଙ୍କ ନିବେଦିତ 'ଜୋର୍ କା ଝଟକା', ଯାହାର ମିଳିତ ପ୍ରଯୋଜନା କରୁଛନ୍ତି ଶିବାନୀ ବେହେରା ଏବଂ ଅଶୋକ କୁମାର ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତ ପିନୁ ନାୟକ। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମଦାର। ନିରଞ୍ଜନ ଦାଶଙ୍କ ସହ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ ଦୀପକ-ପିଙ୍କିଙ୍କ ବ୍ୟତୀତ ଅଭିଜିତ ରଥ, ହରିହର ମହାପାତ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଗୁରୁ ଖୋଜୁଛନ୍ତି ଦବଙ୍ଗ ଗର୍ଲ

ସୋନାକ୍ଷୀ



**ଦ**ବଙ୍ଗ ଗର୍ଲ ସୋନାକ୍ଷୀ ଏବେ ଗୁରୁ ଖୋଜିବାରେ ବ୍ୟସ୍ତ । ହେଲେ ହଠାତ୍ ଏମିତି ଗୁରୁଙ୍କର କ'ଣ ଆବଶ୍ୟକତା ପଡିଲା ? କଥା କ'ଣ କି ସେ କୁଆଡେ ଏଣିକି କମେଡି ଭୂମିକାକୁ ଅଧିକ ଗୁରୁତ୍ୱ ଦେବେ। ହେଲେ ତା' ପୂର୍ବରୁ କମେଡି ଶିଖିବା ଦରକାର। ତେଣୁ ସେ ଜଣେ ଭଲ କମେଡି ଗୁରୁ ସନ୍ଧାନରେ ଅଛନ୍ତି। 'ଏବେ ତ ପ୍ରାୟ ଅଧିକାଂଶ ଫିଲ୍ମରେ କମେଡି ଫ୍ଲେଭର ରହୁଛି। ତେଣୁ ମୁଁ ଏଭଳି ଭୂମିକାକୁ ଗୁରୁତ୍ୱ ଦେବି। ସେଥିପାଇଁ ଜଣେ କମେଡି ଗୁରୁ ସନ୍ଧାନରେ ରହିଛି ବୋଲି କହିଛନ୍ତି ସୋନାକ୍ଷୀ ସିହ୍ନା। ତେବେ ସେ କାହାକୁ କମେଡି ଗୁରୁ ଭାବରେ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପରଦାରେ

# 'ବ୍ଲାକମେଲ୍'

**ଚ**ଳିତ ମାସ ୩୧ରେ ପରଦା ଉପରକୁ ଆସୁଛି ସସପେନ୍ସ ଥ୍ରୀଲର ଓଡ଼ିଆ ସିନେମା 'ବ୍ଲାକମେଲ'। ପ୍ରଯୋଜକ -କମ-ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସସପେନ୍ସ ଥ୍ରୀଲର ବିଶିଷ୍ଟ ଏହି ଫିଲ୍ମରେ ସେ ଡବଲ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବେ। ଖାସ୍ କଥା ହେଲା ଏହି ଫିଲ୍ମରୁ ଅନ୍ୟତମ ଆଗଧାଡିର କୋରିଓଗ୍ରାଫର ଅମିତ ନାୟକ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ଏଥିରେ ଅର୍ଦ୍ଧେନ୍ଦୁଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା ଏବଂ ଆହାନା। ଏମାନଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ମନୋଜ ମିଶ୍ର, ରତନ ମେହେର, ଜର୍ଜ ତିଆଡ଼ି, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡିକ ମଧ୍ୟରୁ 'ହାଏ ତୋ ପ୍ରେମର ରଙ୍ଗୋଲି' ଏବଂ 'ବୋଉ ମାରିବ' ଭାଇରାଲ ହୋଇସାରିଛି। ତେବେ ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ଏହି ଚତୁର୍ଥ ଚଳଚ୍ଚିତ୍ର ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ।

# ବଲିଉଡ୍ ହାଲ୍‌ଚାଲ୍

■ସୁଶାନ୍ତ ସିଂ ରାଜପୁତ ଏବଂ କ୍ରିତି ସାନନଙ୍କ ଭିତରେ ଚାଲିଥିବା ପ୍ରେମ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଛି। କାରଣ ଏବେ କ୍ରିତିଙ୍କ ନାଁ ଶୁଣିଲା ବେଳକୁ ସୁଶାନ୍ତ ଡେଉଁଛନ୍ତି।

■ମଲାଇକା ଆରୋରା ଖାଁ ଏକ ଆଇଟମ ନମ୍ବରରେ ନାଚିବେ। ଫିଲ୍ମଟି ହେଲା ବିଶାଲ ଭରଦ୍ୱାଜଙ୍କ 'ପଟାକା' ଏବଂ ଗୀତଟି ହେଉଛି 'ହ୍ୟାଲୋ ହ୍ୟାଲୋ'।

■ମିଲନ୍ଦ ସୋନମଙ୍କର ଏବେ ମନ ଦୁଃଖ। କାରଣ ସେ ବଡ ପରଦାରେ ପୁଣି ଥରେ ନିଜ ମୁହଁ ଦେଖାଇବାକୁ ଚାହୁଁଛନ୍ତି ହେଲେ କୌଣସି ପ୍ରଯୋଜକ ତାଙ୍କୁ ଅଫର ଦେଉନାହାନ୍ତି।

■ନିକଟରେ ବରୁଣ ଧାୱନଙ୍କୁ ଗୋଟିଏ ଶଟ୍ ପାଇଁ ଦଶ ଥର ଟେକ୍ ଦେବାକୁ ପଡିଥିଲା। ଏକ ଗହଳିପୂର୍ଣ୍ଣ ବସ୍‌ରେ ତାଙ୍କୁ ଚଢ଼ିବାର ଥିଲା। ହେଲେ ସେ ପୋଜ୍ ଅନୁସାରେ ଚଢ଼ିବା ପାଇଁ ୧୦ ଥର ଶଟ ଦେବାକୁ ପଡିଥିଲା। ଯଶରାଜ ଫିଲ୍ମସ ବ୍ୟାନରେ ନିର୍ମିତ ହେଉଥିବା ଏହି ଫିଲ୍ମଟି ହେଲା 'ସୁଇ ଧାଗା', ଯାହାର ମେଲ୍ ଲିଡ୍‌ରେ ବରୁଣ ଅଭିନୟ କରୁଛନ୍ତି।

# ଶୁଟିଂ ଋତୁ

**ଚ**ଳିତ ବର୍ଷ ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ୧୫ଟି ସିନେମା ମୁକ୍ତିଲାଭ କରିସାରିଛି। ଅନ୍ୟପକ୍ଷରେ ଏବେ ଏକାଥରେ ୮ଟି ଓଡ଼ିଆ ସିନେମାର ଶୁଟିଂ ଚାଲୁ ରହିଛି। ବିନି ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି 'ସାଥୀ ତୁ ଫେରିଆ'। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶନାରେ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଜ୍ୟୋତି ନାୟକ, ଅନୁଭା ସୌର୍ଯ୍ୟା, ଶୁଭାଶିଷ, ଅନୀଷା, ଶ୍ରୀତମ୍ ପ୍ରମୁଖ କଳାକାର। କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ 'ଚାମ୍ପିୟନ୍'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଯାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅର୍ଚ୍ଚିତା। ପ୍ରଯୋଜକ ଶଚ୍ଚିକାନ୍ତ ଜେନା ଏବଂ ନିର୍ଦ୍ଦେଶକ ବିନି ପଟ୍ଟନାୟକଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ନୂଆ ଓଡ଼ିଆ ସିନେମା 'ଲଭ୍ ଏକ୍ସପ୍ରେସ୍'ର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ତଥା ସ୍ୱରାଜ-ସନମୀରାଙ୍କୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଅନୁଭବ ମହାନ୍ତି, ଶିବାନୀ, ତମନ୍ନାଙ୍କୁ ନେଇ ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ 'ପ୍ରେମ କୁମାର'ର ଶୁଟିଂ ଶେଷ ପର୍ଯ୍ୟାୟରେ। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ରତ୍ନା ଫିଲ୍ମ ଏବଂ ତରଙ୍ଗ ସିନେ ପ୍ରଡକ୍ସନର ମିଳିତ ପ୍ରଯୋଜନାରେ 'ଇସ୍କ ତୁ ହି ତୁ'ର ଯୋଡି ଅରିନ୍ଦମ-ଏଲିନାଙ୍କୁ ନେଇ ନୂଆ ସିନେମା 'ଇସ୍କ ପୁଣି ଥରେ'ର ଶୁଟିଂ ଚାଲୁରହିଛି। ଅରିନ୍ଦମଙ୍କ ପ୍ରଯୋଜିତ ଏହି ଫିଲ୍ମଟି ଚଳିତବର୍ଷ ଗଣେଶ ପୂଜାରେ ରିଲିଜ ହେବାର ଯୋଜନା ରହିଛି। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନରରେ ତଥା ରାଜେଶ ଟଚ୍‌ରିଭରଙ୍କ ନିର୍ଦ୍ଦେଶନାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଦ୍ୱିଭାଷୀ ଫିଲ୍ମ (ଓଡ଼ିଆ, ତାମିଲ) 'ପାଟଣାଗଡ'ର ଶୁଟିଂ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଧର ମାର୍ଥାଙ୍କ ପ୍ରଯୋଜନାରେ ଫିଲ୍ମର ମୁଖ୍ୟ ଭୂମିକାରେ ମନୋଜ ମିଶ୍ର ଏବଂ ବଲିଉଡ୍ ଅଭିନେତା ଅତୁଲ କୁଲକର୍ନି ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ 'ପ୍ରେମ ପାଇଁ ମହାଭାରତ' (ସମ୍ବିତ, ରିୟା, ଆରିଏନ୍) ଏବଂ 'ମୁଁ ଦେବଦାସ' (ଅସୀତ, ଭୂମିକା ଦାଶ)ର ଶୁଟିଂ ଚାଲୁ ରହିଛି।



'ପ୍ରେମ ପାଇଁ ମହାଭାରତ' ରେ ସମ୍ବିତ-ରିୟା



ତମନ୍ନା-ଅର୍ଦ୍ଧେନ୍ଦୁ



ପରିଣିତି

# କାହିଁକି ମନା କଲେ ପରିଣିତି

**ପ**ରିଣିତି ଚୋପ୍ରା ଏକ ବଡ ବ୍ୟାନରରୁ ମିଳିଥିବା ଅଫରକୁ ହାତଛଡା କରିଛନ୍ତି। ଯଦିଓ ଏହାର କାହାଣୀ ଏବଂ ମିଳିଥିବା ଭୂମିକା ତାଙ୍କୁ ପ୍ରଭାବିତ କରିଥିଲା ହେଲେ ଫିଲ୍ମଟିକୁ ଛାଡିବାକୁ ବାଧ୍ୟ ହୋଇଛନ୍ତି। ହେଲେ କାରଣ କ'ଣ ? ଏହି ଅନଟାଇଟଲ୍‌ଡ ଫିଲ୍ମରେ ନାୟକ ଭାବରେ ଅଭିନୟ କରିଥାଆନ୍ତେ ହ୍ରିତିକ ରୋଶନ। ଏକଥା ଶୁଣିବା ପରେ ପରିଣିତି କୁଆଡେ ରାଜି ହୋଇ ନ ଥିଲେ। ତେବେ ଏହି କଥା ପଛରେ କେତେ ସତ୍ୟତା ରହିଛି ତାହା ପରିଣିତିଙ୍କୁ ହିଁ ଜଣା।

## ଅପେରା ହାଲ୍‌ଚାଲ୍

# କମେଡି ଦେଇଛି ପରିଚୟ

**ସ**ରୋଜିନୀ ନାୟକ! ସମସ୍ତେ ଶ୍ରଦ୍ଧାରେ ଡାକନ୍ତି ଜିନା। ଜଗତ୍‌ସିଂହପୁର ଜିଲାର ଅପଣ୍ଡା ଗାଁରେ ଜନ୍ମହୋଇଥିବା ଜିନାଙ୍କର ପିଲାବେଳୁ ନାଚିବାରେ ରୁଚି ଥିଲା। ରୁଚି ଦେଖି ବାପାମା' ତାଙ୍କୁ ଓଡ଼ିଶୀ ଶିଖେଇଲେ। ଦଶମ ଶ୍ରେଣୀରେ ପଢୁଥାନ୍ତି ଜିନା। ଜଣେ ଡ୍ୟାନ୍ସର ଭାବରେ ଯୋଗଦେଲେ ତାରିଣୀ ଗଣନାଟ୍ୟରେ। ପ୍ରଥମେ ପ୍ରଥମେ ବେଖାପ ଲାଗୁଥିଲେ ବି କ୍ରମଶଃ ଯାତ୍ରାକୁ ଆପଣେଇ ନେଲେ ଜିନା। ତା'ପରେ ଜଣେ ଡ୍ୟାନ୍ସର ଭାବରେ ସେ ଯଥାକ୍ରମେ ଓମ୍‌ଶ୍ରୀ, ଶିବାନୀ, ତୁଳସୀ ଏବଂ ବିଶ୍ୱ ଦରବାରରେ ଯୋଗଦେଲେ। ଡ୍ୟାନ୍ସର ଭାବରେ କାମ କରୁଥିଲେ ବି ଅଭିନୟ କରିବାକୁ ତାଙ୍କ ଭିତରେ ପ୍ରବଳ ଇଚ୍ଛା ଥିଲା। ସେହି ସୁଯୋଗ ତାଙ୍କୁ ମିଳିଲା ଯାତ୍ରାଶ୍ରୀ ବିଶ୍ୱଦରବାରରେ। ପ୍ରଥମେ କମେଡ଼ି ଚରିତ୍ରରେ ଅଭିନୟ କଲେ ଜିନା। ନାଟକ ଥିଲା 'ଗୁପ୍ତ ସମ୍ପର୍କ'। କମେଡିଷ୍ଟାରରୁ ନାୟକ ପାଲଟିଥିବା ଦୟାନିଧି ଉପାଧ୍ୟାୟ ହେଲେ ତାଙ୍କର ଗଡ୍ ଫାଦର ଏବଂ ଗୁରୁ। ଆଉ ତାଙ୍କୁ ଅଭିନେତ୍ରୀ ହେବାର ତାଲିମ୍ ପ୍ରଦାନ କଲେ। ଚଳିତ ବର୍ଷ ଇନ୍ଦ୍ର ମହଲରେ ଯୋଗ ଦେଇଛନ୍ତି ଜିନା। ଭେଟେରାନ୍ ହର ବାରିକଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'ବଡ଼ଲୋକକୁ ଉତ୍ତର ନାହିଁ'ରେ ବର୍ଷା (କମେଡି), ସୁକାନ୍ତ ମଲ୍ଲିକଙ୍କ ରଚିତ ଏବଂ ଯୋଗେନ୍ଦ୍ର ମଲ୍ଲିକ ନିର୍ଦ୍ଦେଶିତ 'ଉର୍ବଶୀ ଆସୁଛନ୍ତି ଇନ୍ଦ୍ରମହଲ୍'ରେ ସାନ ଉର୍ବଶୀ (କମେଡି), ଅରୁଣ ବାରିକ ରଚିତ ତଥା ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ଗଙ୍ଗା ପାପକଲେ ଧୋଇବ କିଏ' ଭାନୁ (କମେଡି)ରେ ଅଭିନୟ କରିଥିବା ବେଳେ ଡାଇନାମିକ୍ ଡାଇରେକ୍ଟର ତାପସ ସ୍ୱାଇଁ ନିର୍ଦ୍ଦେଶିତ ତଥା ନିହାର ମହାନ୍ତିଙ୍କ ରଚିତ ନାଟକ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'ରେ ତାଙ୍କୁ ମିଳିଛି ପାର୍ଶ୍ୱନାୟିକା ଭୂମିକା। ଏଥିରେ ସେ ଜିନା ନାମରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଯାତ୍ରା 'ଇନ୍ଦ୍ରଭୁବନ'ର କି' ବୋର୍ଡ ପ୍ଲେୟାର ଦୀପୁଙ୍କ ପ୍ରେରଣାରେ ଆଗକୁ ଆଗଉଥିବା ଜିନାଙ୍କର ସ୍ୱପ୍ନ ଭବିଷ୍ୟତରେ ସେ ଜଣେ ଭଲ ନାୟିକା ହେବେ।



ଜିନା

| Dollar | Sensex | Nifty | Gold | Silver |
|---|---|---|---|---|
| 70.65 (49) | 38,722.93 (173) | 11,691.90 (46.60) | 31,080.00 (₹70) | 38,300.00 (₹170) |

ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଋଣ ୭୫ ବିଲିୟନକୁ ହ୍ରାସ ପାଇଛି । ଆସନ୍ତା ବର୍ଷ ଏହା ଋଣମୁକ୍ତ ହୋଇଯିବ ।

– ଅନିଲ ଅମ୍ବାନୀ, ଅଧ୍ୟକ୍ଷ ରିଲାଏନ୍ସ ଇନ୍‌ଫ୍ରା



ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିଥିଲେ ହେଁ ଏହା ସାମୟିକ।

– ସୁଭାଷ ଚନ୍ଦ୍ର ଗର୍ଗ, କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ



## ସଂକ୍ଷେପରେ

### ରେକର୍ଡ ନିମ୍ନ ସ୍ତରରେ ଟଙ୍କା

**ନୂଆଦିଲ୍ଲୀ,୨୯-୮ (ପି.ଟି):** ବିଗତ କିଛି ଦିନ ଧରି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ବୁଧବାର ଟଙ୍କା ମୂଲ୍ୟ ୪୯ ପଇସା ହ୍ରାସ ହୋଇଛି। ଏହା ଫଳରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତର ୭୦.୬୯ ଟଙ୍କାକୁ ଖସିଛି। ଡଲାର ଚାହିଦା ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାଗମନ ଫଳରେ ବଜାରରେ ଏଭଳି ସ୍ଥିତି ଉପୁଜିଛି। ଟଙ୍କା ୪୯ ପଇସା ହ୍ରାସ (୦.୭୦%) ଘଟି ୭୦.୬୫ ସ୍ତରରେ ରହିଛି। ଅଗଷ୍ଟ ୧୩ ପରଠାରୁ ଟଙ୍କା ମୂଲ୍ୟ ୧୦୧ ବା ୧.୬% ହ୍ରାସ ଘଟିଛି। ସୋମବାର ଟଙ୍କାର ନିମ୍ନ ସ୍ତର ୭୦.୧୬ ଟଙ୍କା ରହିଥିଲା। ଘରୋଇ ବଜାରର ବାଣିଜ୍ୟ ନିଅଣ୍ଟ ମଧ ଟଙ୍କା ମୂଲ୍ୟକୁ ପ୍ରଭାବିତ କରୁଛି। ବାଣିଜ୍ୟ ନିଅଣ୍ଟ ଗତ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତରରେ ରହି ୧୮ ବିଲିୟନ ଡଲାର ଛୁଇଁଛି। ବୁଧବାର ବିଦେଶୀ ପୁଞ୍ଜି ନିବେଶକମାନେ ବଜାରରୁ ୧୪୧୫ କୋଟି ପ୍ରତ୍ୟାହାର କରି ନେଇଛନ୍ତି। ମଙ୍ଗଳବାର ଟଙ୍କା ମୂଲ୍ୟରେ ୬ ପଇସା ସୁଧାର ଆସି ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୭୦.୧୦ ଟଙ୍କା ରହିଥିଲା। ବୁଧବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ବଜାର ଟଙ୍କା ୭୦.୩୨ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ପୂର୍ବରୁ ଟଙ୍କା ୭୦.୧୦ ସ୍ତରରୁ କାରବାର ଆରମ୍ଭ କରିଥିଲା। ମଧ୍ୟାହ୍ନ ସମୟରେ ଟଙ୍କା ମୂଲ୍ୟରେ ୫୫ ପଇସା ହ୍ରାସ ହେବା ଯୋଗୁ ଏହା ୭୦.୬୫ ଟଙ୍କା ଛୁଇଁଥିଲା।

### ପହିଲାରେ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯-୮(ପି.ଟି):** ସେପ୍ଟେମ୍ବର ପହିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୋଷ୍ଟ ପେମେଣ୍ଟ ବ୍ୟାଙ୍କକୁ ଶୁଭାରମ୍ଭ କରିବେ। ଉକ୍ତ ବ୍ୟାଙ୍କରେ ୬୫୦ ଶାଖା ଏବଂ ୩୨୫୦ ଆକ୍‌ସେସ ପଏଣ୍ଟ ରହିବ। ସଞ୍ଚୟ, କରେଣ୍ଟ ଆକାଉଣ୍ଟ, ମନି ଟ୍ରାନ୍ସଫର, ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି), ବିଲ୍, ୟୁଟିଲିଟି ପେମେଣ୍ଟ, ଏଣ୍ଟରପ୍ରାଇଜ୍, ମର୍ଚ୍ଚାଣ୍ଟ ପେମେଣ୍ଟ ଭଳି ବିଭିନ୍ନ ଆର୍ଥିକ ସୁବିଧା ଉକ୍ତ ବ୍ୟାଙ୍କରେ ଉପଲବ୍ଧ ହେବ। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୮୦% ଅତିରିକ୍ତ ଖର୍ଚ୍ଚ(୧୪୩୫ କୋଟି ଟଙ୍କା)କୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଥିବା ଜଣାଯାଇଛି। ବଜାରର ଅନ୍ୟ ପେମେଣ୍ଟ ବ୍ୟାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାକୁ ନଜରରେ ରଖି ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ୮୦୦ କୋଟି ପରିବର୍ତ୍ତେ ୧୪୩୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି। ବ୍ୟାଙ୍କ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ। ଏହି ଅବସରରେ ନୂଆଦିଲ୍ଲୀର ତଲକାଟୋରା ଷ୍ଟାଡିୟମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ଏୟାର ଇଣ୍ଡିଆରୁ ଏବେ ପୁଞ୍ଜି ପ୍ରତ୍ୟାହାର ହେବନି

**ନୂଆଦିଲ୍ଲୀ,୨୯-୮:** ଭାରି ଋଣବୋଝ ମୁଣ୍ଡାଇଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରୁ ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର ହେବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ବରିଷ୍ଠ ଟିଏମ୍‌ସି ସାଂସଦ ଡେରେକ ଓ'ବ୍ରାଏନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ପରିବହନ,ପର୍ଯ୍ୟଟନ ଓ ସଂସ୍କୃତି ସମ୍ପର୍କିତ ସଂସଦୀୟ କମିଟି ସମ୍ମୁଖରେ ହାଜର ହୋଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏୟାର ଇଣ୍ଡିଆ ସମ୍ପର୍କରେ ସରକାରଙ୍କ ସ୍ଥିତି ସ୍ପଷ୍ଟ କରିଛନ୍ତି। ତେବେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ଆର୍ଥିକ ସ୍ଥିତିକୁ ସଜାଡିବା ଲାଗି ସରକାର କେତେ ପୁଞ୍ଜିନିବେଶ କରିଛନ୍ତି ତାହା କମିଟି ଜାଣିବାକୁ ଚାହିଁଥିଲେ। କମିଟି ସମ୍ମୁଖରେ ହାଜର ହୋଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ଆର୍. ଏନ୍. ଚୌବେ କହିଛନ୍ତି ଯେ, ଏୟାର ଇଣ୍ଡିଆରୁ ଏବେ କିମ୍ବା ନିକଟ ଭବିଷ୍ୟତରେ ପୁଞ୍ଜି ପ୍ରତ୍ୟାହାର କରାଯିବନି। ଉପା ସରକାରଙ୍କ ସମୟରେ ଏୟାର ଇଣ୍ଡିଆକୁ ଲାଭଜନକ କରିବା ନେଇ ପ୍ରସ୍ତୁତ ଏକ ଯୋଜନାକୁ ଅନୁମୋଦନ କରାଯାଇଥିଲା।

### ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍‍ୟାଙ୍କିଙ୍ଗ୍‌ରେ ପରିବର୍ତ୍ତନ ଆସିପାରେ

**ନୂଆଦିଲ୍ଲୀ,୨୯-୮(ପି.ଟି):** ଚଳିତ ଆର୍ଥିକବର୍ଷରେ ଭାରତର ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍‍ୟାଙ୍କରେ ପରିବର୍ତ୍ତନ ଆସିପାରେ। ବିଶ୍ୱବ୍ୟାଙ୍କ ପକ୍ଷରୁ ହେଉଥିବା ଉକ୍ତ ର୍‍ୟାଙ୍କିଂରେ ଭାରତର ସ୍ଥିତିରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି। ଏହି ରିପୋର୍ଟ ଅକ୍ଟୋବରରେ ଆସିବ। ରିପୋର୍ଟରେ ଭାରତର ପ୍ରଦର୍ଶନ ଭଲ ହେବା ସହ ଏଥିରେ ଉନ୍ନତି ଆସିବା ନେଇ ଆଶାବାଦୀ ରହିଥିବା ତାଇୱାନ୍ ଇଣ୍ଡିଆ ବିଜନେସ୍ କୋଲାବରେଶନ ସମିଟ୍ ଅବସରରେ ଶିଳ୍ପ ନୀତି ଓ ପ୍ରୋତ୍ସାହନ ବିଭାଗ ସଚିବ ରମେଶ ଅଭିଶେକ ସୂଚନା ଦେଇଛନ୍ତି। ଗତ ବର୍ଷ ପ୍ରକାଶିତ ଇଜ୍ ଅଫ୍ ଡୁଇଁ ବିଜନେଶ ତାଲିକାରେ ଭାରତ ୩୦ଟି ସ୍ଥାନକୁ ଉନ୍ନତି ହେବା ସହ ୧୦୦ରେ ରହିଛି।

# ବ୍ୟାଙ୍କ ମିଶ୍ରଣ ଲାଗି ସଜବାଜ

**ନୂଆଦିଲ୍ଲୀ,୨୯-୮**

ଦେଶର ୨୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ଦେବା ଲାଗି ଏକ ତାଲିକା ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏନପିଏ ସମସ୍ୟାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମୁକ୍ତି ଦେବା ଲାଗି ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଚଳିତ ମାସ ଆରମ୍ଭରେ ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବୈଠକ ବସିଥିଲା। ମିଶ୍ରଣ ପାଇଁ ଏକ ସମୟସୀମା ନିର୍ଦ୍ଧାରଣ କରିବାକୁ ଅର୍ଥ ମନ୍ତ୍ରଣାଳୟ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇଛି। ଉଲ୍ଲେଖ କରାଯାଇପାରେ ଯେ, ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ବିଶ୍ୱ ସ୍ତରର ୪-୫ଟି ବୃହତ ବ୍ୟାଙ୍କ ପ୍ରତିଷ୍ଠା କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆଗେଇ ଚାଲିଛନ୍ତି। ଏହି କ୍ରମରେ ଗତ ବର୍ଷ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ସହ ୬ଟି ବ୍ୟାଙ୍କର ମିଶ୍ରଣ ହୋଇଥିଲା। ଭାରତ ବିଶ୍ୱର ୧୦ ବୃହତ୍ ଅର୍ଥନୀତି ମଧ୍ୟରେ ଇଟାଲୀ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯୋଗୁ ସର୍ବାଧିକ ଏନପିଏ ସୃଷ୍ଟି ହୋଇଛି। ୨୧ଟିରୁ ୧୧ଟି ବ୍ୟାଙ୍କ ଏବେ ଆର୍‌ବିଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛନ୍ତି। ସେମାନଙ୍କୁ ଋଣ ପ୍ରଦାନରୁ ରୋକାଯାଇଛି। ଘରୋଇ ବ୍ୟାଙ୍କ ସେମାନଙ୍କର ବଜାର ଅଂଶ ଉପରେ କବ୍ଜା କରି ନିଅନ୍ତୁ ଏହା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକ ଚାହୁଁନାହାନ୍ତି ବୋଲି ବ୍ୟାଙ୍କ ଅଫ ବରୋଦାର ବିଦାୟୀ ଅଧ୍ୟକ୍ଷ ରବି ଭେଙ୍କଟେଶନ ପ୍ରକାଶ କରିଛନ୍ତି। ଘରୋଇ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୭୦ ପ୍ରତିଶତ ଜମା ସଂଗ୍ରହ କରିବାରେ ସଫଳ ହୋଇଥିବା ବେଳେ ପ୍ରାୟ ୮୦ ପ୍ରତିଶତ ଋଣ ଦେଇଛନ୍ତି। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ୫୧ ପ୍ରତିଶତ ଶେୟାର ରହିଥିବାରୁ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ସେମାନେ ସରକାରଙ୍କ ଉପରେ ଭରସା କରିବାକୁ ବାଧ ହେଉଛନ୍ତି।

#### ତାଲିକା ତିଆରି କରିବ ଆର୍‌ବିଆଇ

- ୪-୫ଟି ବୃହତ୍ ବ୍ୟାଙ୍କ ପ୍ରତିଷ୍ଠା କରିବା ଲକ୍ଷ୍ୟ
- ୨୧ଟିରୁ ୧୧ଟି ବ୍ୟାଙ୍କ ଏବେ ଆର୍‌ବିଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି
- ଘରୋଇ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୭୦ ପ୍ରତିଶତ ଜମା ସଂଗ୍ରହ କରିବାରେ ସଫଳ




# ଡାଲମିଆ ଡିଏସ୍‌ପି ସିମେଣ୍ଟ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୯-୮**



ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ଓସିଏଲ୍ ଇଣ୍ଡିଆ ପକ୍ଷରୁ ରାଜଗାଙ୍ଗପୁରଠାରେ ତୃତୀୟ ସମନ୍ୱିତ ସିମେଣ୍ଟ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ନୂଆ ୟୁନିଟର ନାମ ଡାଲମିଆ ଡିଏସ୍‌ପି ୟୁନିଟ୍ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଚିବାଳୟରୁ ଭିଡିଓକନଫରେନ୍ସ ଯୋଗେ ଉକ୍ତ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଡାଲମିଆ ଭାରତ ସିମେଣ୍ଟର ଗ୍ରୁପ୍ ସିଇଓ ମହେନ୍ଦ୍ର ସିଂଘି, ଓସିଏଲ୍ ଇଣ୍ଡିଆର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅମନଦୀପ, କର୍ପୋରେଟ ବ୍ୟାପାର(ପୂର୍ବ) ମୁଖ୍ୟ ଜୟରାମ ମିଶ୍ର ଉପସ୍ଥିତ ଥିଲେ। ସେହିଭଳି ରାଜଗାଙ୍ଗପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନୁଫାକଚରିଂ (ପୂର୍ବ) ସୁନୀଲ ଗୁପ୍ତା ଏବଂ ଜିଲା ପ୍ରଶାସନର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବଭାରତର ଭିତ୍ତିଭୂମି ଅଭିବୃଦ୍ଧି ଯୋଗୁ ସିମେଣ୍ଟ ଚାହିଦାରେ ବୃଦ୍ଧି ହେଉଛି। ଉକ୍ତ ଚାହିଦାକୁ ପୂରଣ କରିବା ତଥା ନୂଆ ୟୁନିଟ ଜରିଆରେ ନୂତନ କ୍ଷମତାକୁ ଉପଯୋଗ କରିବା ଦିଗରେ ନୂଆ ୟୁନିଟ ବିଶେଷ ଭାବେ ସହାୟକ ହେବ ବୋଲି ସିଂଘି ସୂଚନା ଦେଇଛନ୍ତି।

# ଅଭିବୃଦ୍ଧି ୭.୪% ଛୁଇଁବ

## ଆରବିଆଇ ବାର୍ଷିକ ରିପୋର୍ଟ



**ମୁମ୍ବାଇ,୨୯-୮(ପି.ଟି)**

ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଜିଡିପି ଅଭିବୃଦ୍ଧି ୭.୪% ଛୁଇଁବ ବୋଲି ଆଶା କରାଯାଉଛି। ଶିଳ୍ପ କ୍ଷେତ୍ରରେ ଉନ୍ନତ ଅବସ୍ଥା ତଥା ମୌସୁମୀ ସ୍ଥିତିରେ ଉନ୍ନତି ହେବା ଯୋଗୁ ଜିଡିପି ଅଭିବୃଦ୍ଧି ଉନ୍ନତ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ ଏଭଳି ପ୍ରସଙ୍ଗ ସ୍ଥାନିତ ହୋଇଛି। ଖୁଚୁରା ମୁଦ୍ରାସ୍ଫୀତିକୁ ମଧ୍ୟବର୍ତ୍ତିକାଳୀନ ସମୟ ଲାଗି ୪%ରେ ସୀମିତ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଯୋଜନା ରହିଛି। ସେହିଭଳି ଏହି ଆଧାରରେ ମୁଦ୍ରାନୀତି ସଂକ୍ରାନ୍ତ ଯୋଜନା ଧାର୍ଯ୍ୟ ହେବ। ଅଭିବୃଦ୍ଧିକୁ ସୁହାଇଲା ଭଳି କେନ୍ଦ୍ରୀୟ ବ୍ୟାଙ୍କ ବିଭିନ୍ନ ଯୋଜନା ଉପରେ ଧ୍ୟାନ ଦେଉଥିବା କହିଛି।

ବିଶ୍ୱ ବଜାରର ସ୍ଥିତି ଘରୋଇ ବଜାରରେ ନକାରାତ୍ମକ ପ୍ରଭାବ ପକାଉଥିବା ବେଳେ ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ଉପରେ ଏହା ଗୁରୁତ୍ୱାରୋପ କରିଛି। ଚଳନ୍ତି ଖାତା ନିଅଣ୍ଟ ମୋଟ ଜିଡିପିର ୨% ରହିବ ବୋଲି ଆକଳନ କରାଯାଇଛି। କୃଷି ଉତ୍ପାଦନରେ ଉନ୍ନତି, ଶିଳ୍ପ ଅଭିବୃଦ୍ଧି, ମାନୁଫାକଚରିଂ, ଖଣି କାର୍ଯ୍ୟରେ ଉନ୍ନତି ସହ ସେବା କ୍ଷେତ୍ରରେ ଉନ୍ନତିଧାରା ଲାଗି ରହିବ ବୋଲି ଏହା ରିପୋର୍ଟରେ ପ୍ରକାଶ କରିଛି। ଇନସଲଭେନ୍ସି ବ୍ୟାଙ୍କରପ୍ସି କୋଡ, ବ୍ୟାଙ୍କ ପୁଞ୍ଜିକରଣ ଭଳି ବିଭିନ୍ନ ପଦକ୍ଷେପ ଅର୍ଥନୀତି ଉପରେ ଭଲ ପ୍ରଭାବ ପକାଇବ ବୋଲି ଆର୍‌ବିଆଇ କହିଛି।

### ୨୦୧୯ରେ ଏନ୍‌ପିଏ ବୃଦ୍ଧି ଘଟିବ

ବ୍ୟାଙ୍କଗୁଡ଼ିକ ଲାଗି ଅନାଦାୟ ଋଣ(ଏନ୍‌ପିଏ) ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହା ହ୍ରାସ ହେବାର ନାଁ ଧରୁ ନାହିଁ। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରରେ ଅବସ୍ଥା ଭଲ ନ ଥିବା ବେଳେ ଏନପିଏ ବୃଦ୍ଧି ଘଟିବ ବୋଲି ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି। ଏନପିଏ ବୃଦ୍ଧି ବ୍ୟାଙ୍କଗୁଡ଼ିକର ଲାଭ ଉପରେ ପ୍ରଭାବ ପକାଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ସରକାରଙ୍କୁ ଆର୍‌ବିଆଇ ଦେଇଛି ୫୦,୦୦୦ କୋଟି

୨୦୧୮ ଜୁନ ୩୦ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସରକାରଙ୍କୁ ୫୦,୦୦୦ କୋଟି ଟଙ୍କା ପ୍ରଦାନ କରିଛି। ଆରବିଆଇ ପ୍ରଦାନ କରୁଥିବା ଉକ୍ତ ଅର୍ଥରେ ୬୩.୦୮% ବୃଦ୍ଧି ଘଟିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଆରବିଆଇ ୩୦, ୬୫୯ କୋଟି ଟଙ୍କା ପ୍ରଦାନ କରିଥିଲା।

### ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଅଧିକ ଠକେଇ

ଦେଶର ଘରୋଇ ବ୍ୟାଙ୍କ ତୁଳନାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଅଧିକ ଠକେଇ ହେଉଛି। ବ୍ୟାଙ୍କଗୁଡ଼ିକରେ ହେଉଥିବା ମୋଟ ଠକେଇ ପରିମାଣ ମଧ୍ୟରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅଂଶ ୯୨.୯% ରହିଥିବା ଆର୍‌ବିଆଇ ରିପୋର୍ଟରେ ପ୍ରକାଶ ପାଇଛି। ଘରୋଇ ବ୍ୟାଙ୍କରେ ଏହା ୬% ରହିଛି। ଗତ ୧୦ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକରେ ୪୫୦୦ ଠକେଇ ସାମ୍ନାକୁ ଆସିଥିବା ବେଳେ ୨୦୧୭-୧୮ରେ ଏହା ୫୮୩୫କୁ ବୃଦ୍ଧି ଘଟିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇରେ ୪୧୦ ବିଲିୟନ ଅର୍ଥ କ୍ଷତି ହୋଇଥିବା ଜଣାପଡ଼ିଛି।

### ବଜାରରେ ୫୦ ଓ ୧୦୦ ଟଙ୍କିଆ ଜାଲ୍ ନୋଟ୍ ବୃଦ୍ଧି

ଦେଶରେ ୫୦ ଏବଂ ୧୦୦ ଟଙ୍କିଆ ଜାଲ୍ ନୋଟ୍ ଧରାପଡ଼ିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏଥିରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି। ବୁଧବାର ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୧୭-୧୮ରେ ୨୩,୪୪୭ ଜାଲ୍ ୫୦ ଟଙ୍କିଆ ନୋଟ୍ ଧରାପଡ଼ିଛି, ଯାହାକି ପୂର୍ବବର୍ଷ ତୁଳନାରେ ୧୫୪.୩ ପ୍ରତିଶତ ଅଧିକ। ୨୦୧୬-୧୭ରେ ଏହା ୯,୨୨୨ ଓ ୨୦୧୫-୧୬ରେ ୬୪୫୩ ଜାଲ୍ ନୋଟ୍ ଧରାପଡ଼ିଥିଲା। ସେହିଭଳି ଆଲୋଚ୍ୟ ବର୍ଷରେ ଦେଶରେ ୩୫% ହାରରେ ୧୦୦ ଟଙ୍କିଆ ଜାଲ୍ ନୋଟ୍ ଧରାପଡ଼ିଛି। ଏହି ସମୟରେ ୨,୩୯,୧୮୨ଟି ଜାଲ୍ ୧୦୦ ଟଙ୍କିଆ ନୋଟ୍ ଜବତ ହୋଇଛି। ତେବେ ଅଚଳ ହୋଇଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌ର ଜବତ ପରିମାଣ ଯଥାକ୍ରମେ ୫୯.୭ ପ୍ରତିଶତ ଓ ୫୯.୬ ପ୍ରତିଶତ ହ୍ରାସ ପାଇଛି।

### ୭୪,୧୦୬ କୋଟି ଟଙ୍କାର ଏନ୍‌ପିଏ ହ୍ରାସ

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୦୧୭-୧୮ ଆର୍ଥିକ ବର୍ଷରେ ସେମାନଙ୍କ ମୋଟ୍ ଅନାଦାୟ ଋଣ ମଧ୍ୟରୁ ୭୪,୧୦୬ କୋଟି ଟଙ୍କା ହ୍ରାସ କରିଛନ୍ତି। ଋଣ ଆଦାୟ ଦ୍ୱାରା ବ୍ୟାଙ୍କ ଗୁଡ଼ିକ ଏନ୍‌ପିଏ ହ୍ରାସ କରିଥିବା ଜଣା ପଡ଼ିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଏନ୍‌ପିଏ ୮.୯୫ ଲକ୍ଷ କୋଟି ଟଙ୍କା ରହିଥିବାରୁ ଏହି ଆଦାୟ ଅପେକ୍ଷାକୃତ ନଗଣ୍ୟ। ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟରୁ ଏହା ସାମ୍ନାକୁ ଆସିଛି। ୨୦୧୫-୧୬ ଏବଂ ୨୦୧୬-୧୭ ଆର୍ଥିକ ବର୍ଷରେ ଯଥାକ୍ରମେ ୫୩,୨୫୦ କୋଟି ଏବଂ ୪୦,୯୦୨ କୋଟି ଏନ୍‌ପିଏ ଆଦାୟ ହୋଇଥିବା ଆରବିଆଇ ତଥ୍ୟରୁ ଏହା ସାମ୍ନାକୁ ଆସିଛି। ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଗ୍ରସ୍ ଏନ୍‌ପିଏ ୨୦୧୫-୧୬ ଆର୍ଥିକ ବର୍ଷରେ ୫.୩୯ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହା ୨୦୧୬-୧୭ ଆର୍ଥିକ ବର୍ଷରେ ୬.୮୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି।

# ଓଡ଼ିଶା ୟୁନିଟର ସମ୍ପ୍ରସାରଣ କରିବ ଶ୍ରୀ ମାଲାନି ଗ୍ରୁପ୍

**ଭୁବନେଶ୍ୱର,୨୯-୮**



କମ୍ଫର୍ଟ ଓ ବେଡିଂ ଶିଳ୍ପ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଶ୍ରୀ ମାଲାନୀ ଗ୍ରୁପର ଅଂଶ ଶ୍ରୀ ମାଲାନୀ ଫୋମସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଖୋର୍ଦ୍ଧାସ୍ଥିତ ଉତ୍ପାଦନ ୟୁନିଟର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓକନଫରେନ୍ସ ଯୋଗେ ଉକ୍ତ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମାଲାନି, ଇଡ୍‌କୋ ସମେତ ଅନ୍ୟାନ୍ୟ ସରକାରୀ ଏଜେନ୍ସିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ୧୮.୫ ଏକର ପରିମିତ ସ୍ଥାନରେ ନିର୍ମାଣ ହେବାକୁ ଥିବା ଉକ୍ତ ପ୍ଲାଣ୍ଟରେ ୫୫ କୋଟି ବିନିଯୋଗ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୟୁନିଟର ବାର୍ଷିକ କ୍ଷମତା ୬ ହଜାର ଟନ୍ ରହିବ। ଏହି ୟୁନିଟ ଦ୍ୱାରା କମ୍ପାନୀ ଓଡ଼ିଶା ସମେତ ପୂର୍ବ ଭାରତରେ ଏହାର ଉପସ୍ଥିତିକୁ ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ୟୁନିଟ କାର୍ଯ୍ୟକାରୀ ହେଲେ ୧୫୦ ଜଣ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ସୁଯୋଗ ମିଳିବ। ସେହିଭଳି ପରୋକ୍ଷ ଭାବେ ୫୦୦ ଲୋକ ଏଠାରେ କର୍ମନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୨୦୧୫ରେ ମାଲାନୀ ଗ୍ରୁପ ଖୋର୍ଦ୍ଧାଠାରେ ଏହାର ଏକ ୟୁନିଟ ସ୍ଥାପନ କରିଥିବା ବେଳେ ଏଠାରେ ସେଞ୍ଚୁରୀ ମ୍ୟାଟ୍ରେସ ଉତ୍ପାଦନ କରୁଛି। ଅଭିବୃଦ୍ଧି ରଣ ନୀତିରେ ଉକ୍ତ ୟୁନିଟ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀର ଅଧ୍ୟକ୍ଷ ପୁରୁଷୋତ୍ତମ ମାଲାନି ସୂଚନା ଦେଇଛନ୍ତି।

# ବଡ଼ ପାଣ୍ଠି ଗଠନ ଲାଗି ଠିକ୍ ସ୍କିମ୍‌ରେ ନିବେଶ ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର: ମୋର ସ୍ୱଳ୍ପ ରୋଜଗାର ଓ ବୟସ ୪୧ ବର୍ଷ ଏବଂ ୬ ପ୍ରାଣୀଙ୍କୁ ନେଇ ମୋ ପରିବାରର ମାସିକ ଖର୍ଚ୍ଚ ୯୦୦୦/– ଟଙ୍କା। ସ୍ୱଳ୍ପ ଆୟ ହେତୁ କୌଣସି ପ୍ରକାରର ସଞ୍ଚୟ ନାହିଁ। ଜମି ବିକ୍ରି ଏବେ ୯ ଲକ୍ଷଟଙ୍କା ପାଇଛି। ଏହି ଅର୍ଥକୁ କେଉଁ ପ୍ରକାର ସ୍କିମ୍‌ରେ ନିବେଶ କରିବି? ନିରାପଦରେ ବାର୍ଷିକ ସୁଧ ପାଇପାରିବି ଓ ପରିବାରର ଗୁଜୁରାଣ ମେଣ୍ଟାଇ ପାରିବି? ଆପଣ ମୋତେ ନିର୍ଭରଯୋଗ୍ୟ ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସନାତନ ମାଝି, ନୟାଗଡ଼**

ଉ: ଆପଣଙ୍କ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମୁଦାୟ ପାଣ୍ଠିକୁ ସୁରକ୍ଷିତ ସ୍କିମରେ ନିବେଶ କରିବା ଉଚିତ୍ ହେବ। କୌଣସି ରିସ୍କ ବା କ୍ଷତି ହେବା ଭଳି ସ୍କିମ୍‌ରେ ନିବେଶ କରିବେ ନାହିଁ। ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଭଲ ଭାବରେ ବୁଝିବା ନିହାତି ଆବଶ୍ୟକ ଓ ଜରୁରୀ ମଧ୍ୟ। ଅଧିକ ସୁଧ ପାଇବା ଆଶାରେ କୌଣସି ଚିଟ୍‌ଫଣ୍ଡ ବା କମ୍ପାନୀରେ ନିବେଶ ନ କରିବା ପାଇବା ପାଇଁ ଆମର ପରାମର୍ଶ। ଆପଣ ଏହି ପାଣ୍ଠିର କିଛି କୌଣସି ବ୍ୟାଙ୍କରେ ସ୍ଥାୟୀଜମା କରିବା ଉଚିତ ହେବ। କିଛି ଟଙ୍କା ଡାକଘର ମାସିକ ଆୟ ଯୋଜନା(ପିଓ-ଏମ୍‌ଆଇଏସ୍) ସ୍କିମରେ ଜମା କରିବେ ଯାହାର ସୁଧହାର ବାର୍ଷିକ ୭.୩% ଅଛି। ଯଦି ୫ ଲକ୍ଷ ଟଙ୍କା ଏହି ସ୍କିମରେ ରଖନ୍ତି ତେବେ ୫ ବର୍ଷ ପର୍ଯ୍ୟନ୍ତ ସୁଧରାଶି ପାଇବେ ଓ ୫ ବର୍ଷ ପରେ ମୂଳଧନ ଫେରି ପାଇବେ।

ଯେହେତୁ ଆପଣଙ୍କ ଉପରେ ଏକ ବଡ ପରିବାର ଆର୍ଥିକ ଦୃଷ୍ଟିକୋଣରୁ ନିର୍ଭର କରୁଛି ଆପଣ ଏକ ଛୋଟ ଟର୍ମ ପ୍ଲାନ୍ ବା ଖାଣ୍ଟି ଜୀବନବୀମା କିଣିନେବା ଉଚିତ ହେବ। ଦେଖନ୍ତୁ, ଯେହେତୁ ଆପଣଙ୍କର ନିୟମିତ ଆୟ ନାହିଁ ତେଣୁ ଦୀର୍ଘକାଳୀନ ହିସାବରେ ପଲିସି ନେବେ ନାହିଁ। ଯଦି ସୁବିଧା ହେଉଛି ତେବେ ଗୋଟିଏ ମାତ୍ର ପ୍ରିମିୟମ ଦେବା ଭଳି (ସିଙ୍ଗଲ ପ୍ରିମିୟମ) ଏକ ଛୋଟ ପଲିସି କିଣିବା ଉଚିତ୍ ହେବ।

ଆମର ପରାମର୍ଶ ଆପଣ ଅଧିକ ସୁଧ ବା ଲାଭ ପାଇବା ଆଶାରେ କୌଣସି ଖରାପ ସ୍କିମରେ ନିବେଶ କରିବେ ନାହିଁ। ଯଦି ସ୍କିମ ବିଷୟରେ ସନ୍ଦେହ ଆସୁଛି ତେବେ ସମସ୍ତ ବିଷୟ ପଚାରି ବୁଝିବାକୁ ଚେଷ୍ଟା କରିବେ ଏବଂ କୌଣସି ହାତ ଉଧାରି ସ୍କିମରେ ରଖିବେ ନାହିଁ। ଆପଣଙ୍କ ପରିସ୍ଥିତି ଓ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଆପଣଙ୍କ ପାଇଁ ପ୍ରଥମତଃ ଓ ମୁଖ୍ୟ ଦିଗ ହେଉଛି ମୂଳଧନର ସୁରକ୍ଷା।

**ପ୍ର: ମୋର ବୟସ ୩୦ ବର୍ଷ ଏବଂ ଏକ ଛୋଟ ଦୋକାନ କରିଛି। ମୋର ବୁଢ଼ା ବୟସ ଖର୍ଚ୍ଚ ପାଇଁ କିଛି ବି ସଞ୍ଚୟ କରିନାହିଁ। ମୋର କୌଣସି ପେନ୍‌ସନ ନାହିଁ। ଯେହେତୁ ବ୍ୟବସାୟ କରୁଛି ପ୍ରତିଦିନ କିଛି ଟଙ୍କା ସଞ୍ଚୟ କରି ଏକ ପାଣ୍ଠି ଗଠନ କରିପାରିବି କି? ମୋର ଅନୁରୋଧ ଆପଣ ଏ ବିଷୟରେ ପରାମର୍ଶ ଲେଖିବେ।**

**– ଗୋଲକ ସ୍ୱାଇଁ, ବ୍ରହ୍ମପୁର**

ଉ: ଅନେକ ଲୋକଙ୍କର ଧାରଣା ଯେ ଏକ ବଡ ପାଣ୍ଠି ଗଠନ କରିବା ପାଇଁ ଅଧିକ ଟଙ୍କା ନିବେଶ କରିବା ଆବଶ୍ୟକ। ଯେତେବେଳେ ଆମେ ବହୁତ ବଡ ପାଣ୍ଠି ଗଠନ କଥା ଚିନ୍ତା କରିଥାଉ ସେତେବେଳେ ଆମେ ଭାବିଥାଉ ଯେ, ବହୁତ ଗୁଡାଏ ଟଙ୍କା ହେଲେ ହେଁ ଏକ ପାଣ୍ଠି ବା ସମ୍ପଦ ବା ଧନଶାଳୀ ସମ୍ଭବ ହେବ ଯାହାକି ଏକଦମ୍ ଭୁଲ୍ ଧାରଣା। ପ୍ରକୃତରେ ଏହା ବହୁତ ସହଜ ଓ ଆମ ଚିନ୍ତାଧାରାର ସମ୍ପୂର୍ଣ୍ଣ ଓଲଟା।

ଯଦିଆପଣ ଦୈନିକ ୪୦ ଟଙ୍କା ସଞ୍ଚୟ କରନ୍ତି ତେବେ ମଧ ଅବସରକାଳୀନ ପାଣ୍ଠି ଗଠନ କରିପାରିବେ। ଉପରୋକ୍ତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ।

ଦୈନିକ ୪୦ ଟଙ୍କା ହିସାବରେ ଆପଣ ମାସିକ ୧୨୦୦ଟଙ୍କା ଓ ବାର୍ଷିକ ୧୪୬୦୦/– ସଞ୍ଚୟ କରି ଏକ ବଡ ପାଣ୍ଠି ଗଠନ କରିପାରିବେ। ଆପଣଙ୍କୁ ପରାମର୍ଶ ନିୟମିତ ଓ ଶୃଙ୍ଖଳିତ ଭାବରେ ଠିକ୍ ସ୍କିମରେ ନିବେଶ କରନ୍ତୁ ଓ ନିଜ ପାଇଁ ଏକ ବଡ଼ ପାଣ୍ଠି ଗଠନ କରିପାରିବେ।

**ଯଦି ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସଞ୍ଚୟ ବା ନିବେଶ କରାଯାଏ**

| ସଞ୍ଚୟ ବା ନିବେଶ ସ୍କିମ | ଦୈନିକ ମାତ୍ର ୪୦/–ଟଙ୍କା ସଞ୍ଚୟ ବା ନିବେଶ |
|---|---|
| ପବ୍ଲିକ ପ୍ରୋଭିଡେଣ୍ଟଫଣ୍ଡ(ପିପିଏଫ) (ବର୍ତ୍ତମାନ ବାର୍ଷିକ ସୁଧହାର ୭.୬%) | ୧୫,୩୭,୪୩୨/– |
| ସେନସେକ୍ସ ଧରି ନେବା ବାର୍ଷିକ ୧୨% ସୁଧହାର | ୩୫,୨୩,୪୫୭/– |
| ମ୍ୟୁଚୁଆଲ ଫଣ୍ଡ– ଡାଇଭର୍ସିଫାଏଡ ଇକ୍ୟୁଟି ଫଣ୍ଡ ଧରିନେବା ବାର୍ଷିକ ୧୫/– ସୁଧହାର | ୬୩,୪୭,୨୭୯/– |

**ପ୍ର: ମୁଁ ୧ କୋଟି ଟଙ୍କର ଏକ ଟର୍ମ ପ୍ଲାନ୍ କିଣିବା ପାଇଁ ଇଚ୍ଛୁକ। କେଉଁ କମ୍ପାନୀର କିଣିଲେ ଭଲ ହେବ? କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ? ଏ ବିଷୟରେ ପରାମର୍ଶ ଦେବେ।**

**– ଅମର ସାହୁ, ଝାରସୁଗୁଡା**

ଉ: ଖାଣ୍ଟି ଜୀବନବୀମା କିଣିବା ବେଳେ ଜୀବନବୀମା କମ୍ପାନୀର ମୃତ୍ୟୁକାଳୀନ ବୀମା ରାଶି ପରିଶୋଧ ଅନୁପାତ (କ୍ଲେମ୍ ସେଟେଲମେଣ୍ଟ ରେସିଓ)କୁ ଦୃଷ୍ଟିଦେବା ନିହାତି ଜରୁରୀ। ବିଗତ ୧୦ ବର୍ଷର ମୃତ୍ୟୁକାଳୀନ ଜମାରାଶି ପରିଶୋଧ ଅନୁପାତକୁ ଦେଖିବା ଆବଶ୍ୟକ। ଆପଣ ଆଇଆର୍‌ଡିଏ ରିପୋର୍ଟ ଦେଖିପାରିବେ। ଯେଉଁ କମ୍ପାନୀ ବିଗତ ୧୦ ବର୍ଷରେ ସର୍ବାଧିକ ଅଛି ସେହି କମ୍ପାନୀର ପ୍ଲାନ କିଣି ପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦



# ସିଲ୍‌ଭର ଗର୍ଲ

**ତାରକା ମହିଳା ସ୍ପ୍ରିଣ୍ଟର ତଥା ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦଙ୍କ ପାଇଁ ଚଳିତ ଏସିଆନ୍ ଗେମ୍ସ ବେଶ୍ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି। ନିଜର ଫେଭରାଇଟ୍ ଇଭେଣ୍ଟ ୧୦୦ ଓ ୨୦୦ମିଟର ଦୌଡରେ ଦୂତୀ ଦମ୍‌ଦାର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଅସାଧାରଣ ସଫଳତା ତାଙ୍କ କ୍ୟାରିୟର ପାଇଁ ଆଉ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।**

ଜାକର୍ତ୍ତା, ୨୯।୮ (ପି.ଟି.)

ନିଜକୁ ଦେଶର ଦ୍ରୁତତମ ଧାବିକା ଭାବେ ପୂର୍ବରୁ ପ୍ରମାଣ କରିଥିବା ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ପୁଣି ଥରେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଇଣ୍ଡୋନେସିଆରେ ଚାଲିଥିବା ୧୮ତମ ଏସିଆନ ଗେମ୍ସରେ ଦୂତୀ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିବା ପରେ ୨୦୦ ମିଟର ଦୌଡରେ ମଧ୍ୟ ଅନୁରୂପ ସଫଳତା ହାସଲ କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ୧୧ତମ ଦିବସରେ ଦୂତୀ ୨୩.୨୦ ସେକେଣ୍ଡ ସମୟ ନେଇ ୨୦୦ ମିଟର ଦୌଡରେ ଦ୍ୱିତୀୟସ୍ଥାନ ଅଧିକାର କରି ରୌପ୍ୟ ଜିତିଛନ୍ତି। ପ୍ରଥମଥର ପାଇଁ ସେ ଏଭଳି ମେଜର ଇଭେଣ୍ଟରେ ଦୈତ ସଫଳତା ପାଇଛନ୍ତି।

ଆନ୍ତର୍ଜାତିକ କ୍ରୀଡ଼ାରେ ଦୂତୀ ସଫଳତା ହାସଲ କରିବା ଆଦୌ ନୂଆ ନୁହଁ। ଯଦିଓ ପୂର୍ବରୁ ସେ ଏସିଆନ ଗେମ୍ସରେ ଏଭଳି ଭାବେ ସଫଳତା ପାଇନାହାନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକା ଗୋପାଳପୁର ଗାଁରୁ ଅସିଥିବା ଦୂତୀ ଜୁନିୟରଠାରୁ ସିନିୟରସ୍ତର ପର୍ଯ୍ୟନ୍ତ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ଏକ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଦୂତୀ ଭାରତୀୟ ଆଥଲେଟିକ୍ସର ଶୀର୍ଷରେ ପହଞ୍ଚି ପାରିଛନ୍ତି। ଜାମାଇକା କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟଙ୍କୁ ନିଜର ଆଦର୍ଶ ମାନୁଥିବା ଦୂତୀ କିଟ୍ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ବର୍ଷରେ ଆଇନ ପଢୁଛନ୍ତି। ଚିତ୍ତରଞ୍ଜନ ମହାପାତ୍ର, ନୀଳମାଧବ ଦେଓ ଓ ପରେ ନାଗପୁରୀ ରମେଶଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଦୂତୀ ଆଜି ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ରାଜ୍ୟ, ଜୋନ, ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଦୂତୀ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି।

ରାଜ୍ୟ ଓ ଜାତୀୟସ୍ତର ପ୍ରତିଯୋଗିତାଗୁଡିକରେ ଅପ୍ରତିଦ୍ୱନ୍ଦ୍ୱୀ ମନେହେଉଥିବା ଦୂତୀ ୨୦୧୩ରେ ସଫଳତାର ସହ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଜୁଲାଇ ୭ ତାରିଖରେ ପୁନେରେ ଆୟୋଜିତ ହୋଇଥିବା ୨୦ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମହିଳା ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରି ଆନ୍ତର୍ଜାତିକ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ଆନ୍ତର୍ଜାତିକ ଇଭେଣ୍ଟ ପଦକ ହାସଲ କରି ସେ ନିଜକୁ ଅନ୍ୟତମ ଶ୍ରେଷ୍ଠ ମହିଳା ସ୍ପ୍ରିଣ୍ଟରଭାବେ ପ୍ରମାଣିତ କରିଛନ୍ତି।

ଦୂତୀ ଚଳିତ ଏସିଆନ ଗେମ୍ସ ସମେତ ଏସିଆନ ଆଥଲେଟିକ ଚାମ୍ପିୟନଶିପ୍ ସମେତ ଏସିଆନ ଇଣ୍ଡୋର ଆଥଲେଟିକ ଚାମ୍ପିୟନଶିପ୍, ଏସିଆନ ଜୁନିୟର ଆଥଲେଟିକ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଦୂତୀ ଯୋଗ୍ୟତା ହାସଲ କରିବା ମଧ୍ୟ ସେତେବେଳେ ଏକ ବଡ଼ ସଫଳତା ବିବେଚିତ ହୋଇଥିଲା। ଦୀର୍ଘ ୩୬ ବର୍ଷ ପରେ ଅଲିମ୍ପିକ୍ସରେ ସେ ଦେଶର ତୃତୀୟ ମହିଳାଭାବେ ୧୦୦ମିଟର ଦୌଡରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ତେବେ ସେ ୧୧. ୬୯ ସେକେଣ୍ଡ ସମୟ ନେଇ ହିଟ୍ ଅତିକ୍ରମ କରିପାରି ନ ଥିଲେ। ରିଓ ଅଲିମ୍ପିକ୍ସ ପରେ ସେ ହାଇଦ୍ରାବାଦରେ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କ ସମେତ ଅନ୍ୟ ଯୁବ ଆଥଲେଟମାନଙ୍କ ସହ ପ୍ରଶିକ୍ଷଣ ନେଇ ଆସୁଥିଲେ। ୨୦୧୨ରେ ଦୂତୀ ୧୮ ବର୍ଷରୁ କମ୍ ପ୍ରତିଯୋଗିତାରେ ଜାତୀୟ ଚାମ୍ପିୟନ ବିବେଚିତ ହୋଇଥିଲେ। ସେ ୧୦୦ ମିଟର ଇଭେଣ୍ଟରେ ୧୧.୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୩ରେ ସେ ୧୦୦ ଓ ୨୦୦ ମିଟର ଦୌଡରେ ଜାତୀୟ ଚାମ୍ପିୟନ ହୋଇଥିଲେ। ସେ ୧୧.୭୩ ଓ ୨୩. ୭୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ୧୦୦ ଓ ୨୦୦ ମିଟରରେ ବାଜି ମାରିଥିଲେ।

ପୁରୁଷ ହରମୋନ ହାଇପରଆଣ୍ଡ୍ରୋଜିନିଜମ୍ ବିବାଦରେ ଦୂତୀ ଛନ୍ଦି ହୋଇ ପଡିଥିଲେ ଓ ଆନ୍ତର୍ଜାତିକ ଆଥଲେଟିକ୍ସରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ। ତେବେ କୋର୍ଟ ଅଫ ଅର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ)ର ସହାୟତାରେ ଦୂତୀ ପ୍ରତ୍ୟାବର୍ତ୍ତନ କରି ଆହୁରି ଉନ୍ନତ ପ୍ରଦର୍ଶନ କରିଥିଲେ। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଏଫ) ଆଣ୍ଡ୍ରୋଜିନିଜମ୍ ନେଇ ଗତ ଏପ୍ରିଲରେ ନୂଆ ନିୟମ ଘୋଷଣା କରିବା ପରେ ଦୂତୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏବେ ଏହି ନିୟମ ୪୦୦, ୮୦୦, ୧୫୦୦ ମିଟର ଦୌଡ ପାଇଁ ପ୍ରଯୁଜ୍ୟ। ଫଳରେ ଦୂତୀଙ୍କୁ ଏହି ନୂଆ ନିୟମ ସମସ୍ୟାରେ ପକାଇବ ନାହିଁ। ଅଲିମ୍ପିକ୍ସ ଓ ବିଶ୍ୱଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ମହିଳା ତାରକା ସ୍ପ୍ରିଣ୍ଟର କାଷ୍ଟରଙ୍କୁ ହାଇପର ଆଣ୍ଡ୍ରୋଜିନିଜମ ନେଇ ଦୂତୀ ସମର୍ଥନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ଏବେ ୨୩ ବର୍ଷରେ ପଦାର୍ପଣ କରିଥିବାରୁ ଦୂତୀ ଆଗାମୀ କିଛିବର୍ଷ ଆଥଲେଟିକ୍ସରେ ବେଶ୍ ସକ୍ରିୟ ରହିବେ ଓ ଅବସର ନେବା ପୂର୍ବରୁ ବିଭିନ୍ନ ବିଶ୍ୱସ୍ତରୀୟ ଇଭେଣ୍ଟ ସମେତ ଅଲିମ୍ପିକ୍ସ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।



୨୦୦ ମିଟର ରେସ୍ ଫିନିଶ୍ ଲାଇନ୍ ଅତିକ୍ରମ କରିବା ଅବସରରେ ଦୂତୀ ଚାନ୍ଦ (ଡାହାଣ) ।

## ଆର୍ଥିକ ପୁରସ୍କାର ରାଶି ଘୋଷଣା

କଟକ ଅଫିସ,୨୯।୮

ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମ୍ସରେ ଦୁଇଟି ପଦକ ବିଜୟୀ ହୋଇଥିବା ଓଡ଼ିଆ ଝିଅ ଦୂତୀ ଚାନ୍ଦଙ୍କୁ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ(ଓଏଏ) ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ଦିଆଯିବ ବୋଲି ସମ୍ପାଦକ ଆଶୀର୍ବାଦ ବେହେରା ଘୋଷଣା କରିଛନ୍ତି । ପୂର୍ବରୁ ୧୦୦ମିଟର ଦୌଡ଼ରେ ଦୂତୀ ରୌପ୍ୟ ବିଜୟୀ ହେବା ପରେ ଓଏଏ ପକ୍ଷରୁ ୫୦ହଜାର ଟଙ୍କା ଦିଆଯିବ ବୋଲି ମଧ୍ୟ ଘୋଷଣା ହୋଇଥିଲା। ଅନ୍ୟପକ୍ଷରେ ବୁଧବାରର ସଫଳତା ପରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ମଧ୍ୟ ୫୦ହଜାର ଟଙ୍କା ଆର୍ଥିକ ପୁରସ୍କାର ଦିଆଯିବ ବୋଲି ସମ୍ପାଦକ ଏମ.ଏ ଆଲମ କହିଛନ୍ତି ।

**୨୦୦ ମିଟର ରେସ୍ ଫାଇନାଲ ଷ୍ଟାଣ୍ଡିଂ**

| ଆଥଲେଟ୍ | ଦେଶ | ସମୟ |
|---|---|---|
| ଓଡିଅଙ୍ଗ ଇଡିଡିଅଙ୍ଗ | ବାହାରିନ୍ | ୨୨.୯୬ |
| ଦୂତୀ ଚାନ୍ଦ | ଭାରତ | ୨୩.୨୦ |
| ୱେଇ ୱେଙ୍ଗଲି | ଚାଇନା | ୨୩.୨୭ |
| ନିଗିନା ଶାରିପୋଭା | ଉଜବେକିସ୍ତାନ | ୨୩.୩୨ |
| ଓଲ୍‌ଗା ସାଫ୍ରୋନୋଭା | କାଜାଖସ୍ତାନ | ୨୩.୪୩ |
| ନଟ୍ କ୍ରିଷ୍ଟିନା ମାରି | ଫିଲିପାଇନ୍ସ | ୨୩.୫୧ |
| କୋଙ୍ଗ ଲିଙ୍ଗୱେଇ | ଚାଇନା | ୨୩.୫୧ |
| କ୍ୱାଚ୍ ଥି ଲାନ | ଭିଏତନାମ | ୨୩.୭୭ |

**ସଂକ୍ଷେପରେ .....**

ପୂରା ନାମ: ଦୂତୀ ଚାନ୍ଦ
ଜନ୍ମ: ଚକା ଚାନ୍ଦପୁର, ଯାଜପୁର
ବୟସ: ୨୨ ବର୍ଷ (୩ ଫେବୃୟାରୀ, ୧୯୯୬)
ପିତା: ଚକ୍ରଧର ଚାନ୍ଦ
ମାତା: ଅଖୁଜି ଚାନ୍ଦ
ଉଚ୍ଚତା: ୫ ଫୁଟ୍ ୩ ଇଞ୍ଚ
ଓଜନ: ୫୦ କେ.ଜି.
ସ୍ପୋର୍ଟ୍ସ: ଆଥଲେଟିକ୍ସ
ଇଭେଣ୍ଟ: ୧୦୦, ୨୦୦ ମିଟର
ଶ୍ରେଷ୍ଠ ପ୍ରଦର୍ଶନ: ୧୦୦ ମିଟର (୧୧.୨୪), ୨୦୦ ମିଟର (୨୩.୦୦), ୪x ୧୦୦ମିଟର ରିଲେ (୪୩.୪୨)

**ମେଡାଲ ରେକର୍ଡ**

ଏସିଆନ ଗେମ୍ସ: ୧୦୦, ୨୦୦ ମିଟରରେ ରୌପ୍ୟ(୨୦୧୮ ଜାକର୍ତ୍ତା)।
ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍: ୨୦୦ ମିଟରରେ ବ୍ରୋଞ୍ଜ (୨୦୧୩ ପୁନେ), ୧୦୦ ମିଟରରେ ବ୍ରୋଞ୍ଜ୍ (୨୦୧୭ ଭୁବନେଶ୍ୱର), ୪x୪୦୦ ମିଟରରେ ବ୍ରୋଞ୍ଜ (୨୦୧୭ ଭୁବନେଶ୍ୱର)।
ଏସିଆନ ଇନ୍‌ଡୋର୍ ଆଥଲେଟିକ୍ସ ଚାମ୍ପିୟନଶିପ୍: ୬୦ ମିଟରରେ ବ୍ରୋଞ୍ଜ(୨୦୧୬ ଦୋହା)
ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍: ୨୦୦ ମିଟର ଓ ୪x ୪୦୦ ମିଟରରେ ରିଲେରେ ସ୍ୱର୍ଣ୍ଣ (୨୦୧୪ ତାଇପେ)।

## ଅଭିନନ୍ଦନର ସୁଅ

ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଦୂତୀଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟେଲିଫୋନ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରମାଗତଭାବେ ୧୦୦ ଏବଂ ୨୦୦ ମିଟର ଦୌଡରେ ପଦକ ଆଣି ଦୂତୀ ସାରା ଦେଶ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସାରା ଓଡିଶାବାସୀ ଖୁସୀ। ତାଙ୍କର ଏହି ଗୌରବମୟ ଅଧ୍ୟାୟ ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି ଯେ ଦୂତୀ ଭାରତର ଗୌରବ ବୃଦ୍ଧି କରିବା ସହ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟକୁ ଗୌରବାନ୍ୱିତ କରିଛି। ଭବିଷ୍ୟତରେ ଦୂତୀ ଅଲିମ୍ପିକ୍ସରେ ମଧ୍ୟ ପଦକ ଜିତିପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ଏବଂ କ୍ରୀଡ଼ାମନ୍ତ୍ରୀ ନୁହନ୍ତି, ଦୂତୀଙ୍କ ଏହି ସଫଳତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସ୍ୱପ୍ନା, ଅର୍ପିନ୍ଦରଙ୍କୁ ସ୍ୱର୍ଣ୍ଣ


ଅର୍ପିନ୍ଦର ସିଂ



ସ୍ୱପ୍ନା ବର୍ମନ

ଜାକର୍ତ୍ତା, ୨୯।୮ (ପି.ଟି.)

ଏସିଆନ ଗେମ୍ସର ଏକାଦଶ ଦିବସରେ ଭାରତୀୟ ଆଥଲେଟମାନେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୁଧବାର ହେପ୍ଟାଥଲନରେ ସ୍ୱପ୍ନା ବର୍ମନ ଭାରତ ପାଇଁ ପ୍ରଥମ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଟ୍ରିପଲ ଜମ୍ପରେ ଅର୍ପିନ୍ଦର ସିଂ ବାଜି ମାରି ୪୮ ବର୍ଷ ପରେ ପ୍ରଥମସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏଥିସହିତ ଭାରତ ୧୧ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୩ ବ୍ରୋଞ୍ଜ୍ ପଦକ ସହ ମୋଟ ଉପରେ ୫୪ଟି ପଦକ ହାସଲ କରି ଗତ ସଂସ୍କରଣଠାରୁ ଅପେକ୍ଷାକୃତ ଭଲ ପ୍ରଦର୍ଶନ ଲକ୍ଷ୍ୟରେ ରହିଛି।

ଦାନ୍ତରେ ଆଘାତ ପାଇବା ସହ ସଂକ୍ରମଣର ଶିକାର ହୋଇଥିଲେ ମଧ୍ୟ ହେପ୍ଟାଥଲେଟ୍ ସ୍ୱପ୍ନା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କ ମୁହଁକୁ ପ୍ଲାଷ୍ଟର କରାଯାଇଥିଲା। ତେବେ ଏହା ସତ୍ତ୍ୱେ ସେ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ଜିତି ଐତିହାସିକ ସଫଳତା ହାସଲ କରିଛନ୍ତି। ଜଣେ ରିକ୍ସା ଚାଳକଙ୍କ ଝିଅ ସ୍ୱପ୍ନା ଦୁଇଦିନ ଧରି ଚାଲିଥିବା ଏହି ୭ଟି ଇଭେଣ୍ଟରେ ମୋଟ ୬୦୨୬ ପଏଣ୍ଟ ହାସଲ କରିଥିଲେ। ୧୦୦୩ ପଏଣ୍ଟ କରି ହାଇଜମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେହିପରି ଜାଭେଲିନ୍ ଥ୍ରୋରେ ସେ ୮୭୨ ପଏଣ୍ଟ ସ୍କୋର କରି ଶୀର୍ଷରେ ରହିଥିବା ବେଳେ ଶଟ୍‌ପୁଟ୍ ଓ ଲଙ୍ଗଜମ୍ପରେ ଯଥାକ୍ରମେ ୭୦୭ ଓ ୮୬୫ ପଏଣ୍ଟ ସ୍କୋର କରି ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ସେ ୧୦୦ ମିଟରରେ ୯୮୧ ପଏଣ୍ଟ ସ୍କୋର କରି ପଞ୍ଚମ ଓ ୨୦୦ ମିଟରରେ ୭୯୦ ପଏଣ୍ଟ ସ୍କୋର କରି ସପ୍ତମ ସ୍ଥାନରେ ରହିଥିଲେ। ତେବେ ମୋଟାମୋଟି ପ୍ରଦର୍ଶନ ଭଲ ରହିବା କାରଣରୁ ସେ ସ୍ୱର୍ଣ୍ଣ ଜିତିଥିଲେ।

ଅପରପକ୍ଷରେ ପଞ୍ଜାବର ଅର୍ପିନ୍ଦର ୪୮ ବର୍ଷ ପରେ ଏସିଆନ ଗେମ୍ସ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ଜିତିଛନ୍ତି। ପୂର୍ବରୁ ୧୯୭୦ରେ ମୋହିନ୍ଦର ସିଂ ଗିଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫାଇନାଲ୍ସରେ ଅର୍ପିନ୍ଦର ଆଧିପତ୍ୟ ଜାହିର କରି ତୃତୀୟ ପ୍ରୟାସରେ ୧୬. ୭୭ ମିଟର ଜମ୍ପ କରିଥିଲେ। ଅନ୍ୟ କୌଣସି ପ୍ରତିଯୋଗୀ ତାଙ୍କୁ ଚ୍ୟାଲେଞ୍ଜ୍ କରିବାକୁ ସକ୍ଷମ ହୋଇ ନ ଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ଉଜବେକିସ୍ତାନର ରସଲାନ କୁର୍ବାନୋଭ ୧୬. ୬୨ ମିଟର ଡେଇଁ ରୌପ୍ୟ ଓ ଚାଇନାର ଶୁଓ କାଓ ୧୬. ୫୬ ମିଟର ଡେଇଁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**ପଦକ ତାଲିକା**

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୦୨ | ୬୭ | ୫୦ | ୨୧୯ |
| ଜାପାନ | ୫୨ | ୪୭ | ୬୩ | ୧୬୨ |
| ଦକ୍ଷିଣ କୋରିଆ | ୩୭ | ୪୨ | ୫୦ | ୧୨୯ |
| ଇଣ୍ଡୋନେସିଆ | ୩୦ | ୨୨ | ୩୬ | ୮୮ |
| ଇରାନ | ୧୯ | ୧୬ | ୧୭ | ୫୨ |
| ଚାଇନିଜ୍ ତାଇପେ | ୧୩ | ୧୭ | ୨୧ | ୫୧ |
| ଉଜବେକିସ୍ତାନ | ୧୨ | ୧୭ | ୧୬ | ୪୫ |
| ଉତ୍ତର କୋରିଆ | ୧୨ | ୮ | ୧୧ | ୩୧ |
| ଭାରତ | ୧୧ | ୨୦ | ୨୩ | ୫୪ |
| ଥାଇଲାଣ୍ଡ | ୯ | ୧୩ | ୩୬ | ୫୮ |
| ବାହାରିନ | ୯ | ୩ | ୬ | ୧୮ |

# ୨୦ ବର୍ଷ ପରେ ଫାଇନାଲରେ ଭାରତୀୟ ମହିଳା ହକି ଦଳ

ଜାକର୍ତ୍ତା, ୨୯।୮(ପି.ଟି.)

ଦୀର୍ଘ ୨୦ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଏସିଆନ ଗେମ୍ସ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ୩ଥର ଚାମ୍ପିୟନ ହୋଇଥିବା ଚାଇନାକୁ ହରାଇ ଭାରତ ଏହି ସଫଳତା ହାସଲ କରିଛି। ବୁଧବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଭାରତ ୧-୦ ଗୋଲରେ ଚାଇନାକୁ ହରାଇ ଫାଇନାଲକୁ ଉଠିଛି। ଫାଇନାଲରେ ଭାରତ ଏବେ ଜାପାନକୁ ଭେଟିବ। ଜାପାନ ଦ୍ୱିତୀୟ ସେମିଫାଇନାଲରେ ୫ଥର ଚାମ୍ପିୟନ ଦକ୍ଷିଣ କୋରିଆକୁ ୨-୦ ଗୋଲରେ ହରାଇ ଫାଇନାଲକୁ ଉଠିଛି। ଭାରତ ପକ୍ଷରୁ ୫୨ତମ ମିନିଟରେ ମିଳିଥିବା ଏକ ପେନାଲ୍ଟି କର୍ନର ସହାୟତାରେ ଗୁରୁଜିତ କୌର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହି ହାଇପ୍ରୋଫାଇଲ ସେମିଫାଇନାଲରେ ଉଭୟ ଭାରତ ଓ ଚାଇନା ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିଲେ। ଭାରତ ଅଷ୍ଟମ ମିନିଟରେ ପେନାଲ୍ଟି କର୍ନର ପାଇଥିଲା। ତେବେ ଗୁରଜିତଙ୍କ ଶଟ୍ ଜାପାନ ଗୋଲ କିପର ରୋକିବାକୁ ସକ୍ଷମ ହୋଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ପାଇଥବଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ୧୯୯୮ ପରେ ଭାରତ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି। ଭାରତ ୧୯୮୨ରେ ପ୍ରଥମଥର ପାଇଁ ଏସିଆନ ଗେମ୍ସ ଟାଇଟଲ ଜିତିଥିଲା ଓ ପଦାର୍ପଣରେ ହିଁ ଭାରତ ଏହି ସଫଳତା ପାଇଥିଲା।

ବିଜୟ ସତ୍ତ୍ୱେ ଭାରତୀୟ କୋଚ୍ ଜୋଏର୍ଡ ମାରିଜନେ ନିଜ ଅସନ୍ତୋଷ ଛୁପାଇ ପାରି ନଥିଲେ। ପ୍ରଥମାର୍ଦ୍ଧରେ ଆମେ ଦକ୍ଷତା ଅନୁରୂପ ଖେଳି ନ ଥିଲୁ। ଫାଇନାଲରେ ଜାପାନକୁ ହରାଇବା ନିଶ୍ଚିତ ଭାବେ କଷ୍ଟକର ହେବ। ତେବେ ଏଥିପାଇଁ ଆମେ ଯୋଜନା ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି।



ଚାଇନାକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଦଳର ଖେଳାଳିମାନେ ।



“ଅଧିନାୟକ ଭାବେ କୋହଲିଙ୍କ ପ୍ରଦର୍ଶନ ବହୁତ ଭଲ ରହିଛି। ଭବିଷ୍ୟତରେ ସେ ଭାରତର ଅନ୍ୟତମ ଶ୍ରେଷ୍ଠ ଅଧିନାୟକ ହୋଇପାରିବେ।
–ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



“ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କଠାରୁ ବହୁତ କିଛି ଶିଖିବାର ଅଛି।
–ମହମ୍ମଦ ସାମି, ଭାରତୀୟ ଦ୍ରୁତ ବୋଲର

## ସଂକ୍ଷେପରେ

### ଶିବ ସୁନ୍ଦରଙ୍କୁ ମ୍ୟାଚ୍ ରେଫରି ଯୋଗ୍ୟତା

**କଟକ ଅଫିସ,୨୯।୮:** ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଶିବ ସୁନ୍ଦର ଦାସ ମ୍ୟାଚ୍ ରେଫରି ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ମାସରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ହୋଇଥିବା ମ୍ୟାଚ୍ ରେଫରି ପରୀକ୍ଷାରେ ଶିବସୁନ୍ଦର କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଏହି ପରୀକ୍ଷାରେ ଶିବସୁନ୍ଦରଙ୍କୁ ମିଶାଇ ରାଜ୍ୟର ଅନ୍ୟଜଣେ ପୂର୍ବତନ କ୍ରିକେଟର ପ୍ରଦୀପ ଦାସ ମଧ୍ୟ ପରୀକ୍ଷା ଦେଇଥିଲେ। ମାତ୍ର ପ୍ରଦୀପ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶିବସୁନ୍ଦରଙ୍କୁ ମିଶାଇ ଓଡ଼ିଶାରେ ୪ଜଣ ବିସିସିଆଇ ଯୋଗ୍ୟତା ପ୍ରାପ୍ତ ମ୍ୟାଚ୍ ରେଫରି ହୋଇଛନ୍ତି। ପୂର୍ବରୁ ପ୍ରଶାନ୍ତ ମହାପାତ୍ର, ସଞ୍ଜୟ ରାଉଳ, ଓ ପି. ଜୟଚନ୍ଦ୍ର ଏହି ତାଲିକାରେ ରହିଛନ୍ତି। ଶିବସୁନ୍ଦରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ବର୍ତ୍ତମାନ ପର୍ଯ୍ୟନ୍ତ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇବାକୁ କୌଣସି ଯୋଜନା ନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### ଇଣ୍ଡିଆ ବି’ ଚାମ୍ପିୟନ

**ବେଙ୍ଗାଲୁରୁ, ୨୯।୮(ପି.ଟି.):** ଅଷ୍ଟ୍ରେଲିଆ ଏ’କୁ ୯ ଉଇକେଟ୍‌ରେ ପରାସ୍ତ କରି ମନିଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବି’ ଏଠାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ସିରିଜ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଏ’ ୪୭.୫ ଓଭରରେ ୨୨୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ଡି ଆର୍ସି ଶର୍ଟ (୭୨) ଓ ଉଇକେଟ୍‌କିପର ଆଲେକ୍ସ କେରୀ (୫୩) ଅର୍ଦ୍ଧଶତକ ହାସଲ କରିଥିଲେ। ଇଣ୍ଡିଆ ବି’ ତରଫରୁ ଶ୍ରେୟାସ ଗୋପାଳ ୩ଟି ଏବଂ ସିଦ୍ଧାର୍ଥ କାଉଲ, ନବଦୀପ୍ ସାଇନି ଓ ଦୀପକ ହୁଡା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ ବି’ ୮୧ଟି ବଲ୍ ଓ ୯ଟି ଉଇକେଟ୍ ସୁରକ୍ଷିତ ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ମନିଷ ପାଣ୍ଡେ ୭୩ ଓ ଯୁବ ତାରକା ଶୁବମନ ଗିଲ ୬୬ ରନ କରି ଅପରାଜିତ ରହିଥିଲେ। ଓପନର୍ ମୟଙ୍କ ଅଗ୍ରୱାଲ (୬୯ ରନ, ୬୭ ବଲ୍) ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ।

### ଦ୍ୱିତୀୟ ରାଉଣ୍ଡରେ ଫେଡେରର

**ନ୍ୟୁୟର୍କ,୨୯।୮(ଏଏଫ୍‌ପି):** ପାଞ୍ଚ ଥର ଚାମ୍ପିୟନ ରୋଜର ଫେଡେରର ଚଳିତ ୟୁଏସ୍ ଓପନର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ କିମ୍ବଦନ୍ତୀ ଖେଳାଳି ୬-୨, ୬-୨, ୬-୪ ସେଟ୍‌ରେ ଜାପାନର ୟୋଶିହିତୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି। ସୁଇଜରଲାଣ୍ଡ ଖେଳାଳି ଫେଡେରର କ୍ରମାଗତ ୧୮ଟି ସଂସ୍କରଣରେ ପ୍ରଥମ ରାଉଣ୍ଡ ମୁକାବିଲାକୁ ଜିତି ରେକର୍ଡ କରିଛନ୍ତି। ଭାରତର ୟୁକି ଭାମ୍ବ୍ରି ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି।

# ବାଜିଲା ହକି ବିଶ୍ୱକପ ବିଗୁଲ

ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି)







ହକି ବିଶ୍ୱକପ୍‌ର ୯୦ ଦିନିଆ ଅବଗଣନା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ ପରିସରରେ ‘ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି’’ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

- ୯୦ ଦିନିକିଆ ଅବଗଣନା ଆରମ୍ଭ
- ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି ଅଭିଯାନର ଶୁଭାରମ୍ଭ

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୁଧବାର ଭୁବନେଶ୍ୱରରେ ବାଜିଛି ହକି ବିଶ୍ୱକପ ବିଗୁଲ। ଏଥିସହିତ ଏହି ମେଗା ପ୍ରତିଯୋଗିତା ପାଇଁ ଆରମ୍ଭ ହୋଇଛି ଅବଗଣନା। ହକି ବିଶ୍ୱକପ ଆଉ ୯୦ ଦିନ ରହିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗଣନା ଘଣ୍ଟାକୁ ବୁଧବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ‘ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି, ଆଉ ଆପଣଙ୍କର’’ ଅଭିଯାନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ନିଜର ବାର୍ତ୍ତା ମାଧ୍ୟମରେ ହକି ବିଶ୍ୱକପକୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ଅତିଥିମାନେ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଏହି ହକି ମହାକୁମ୍ଭ।

‘‘ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି ଏବଂ ଅବଗଣନା ଘଣ୍ଟାକୁ ଉନ୍ମୋଚନ କରି ମୁଁ ବେଶ୍ ଆନନ୍ଦିତ। ହକି ବିଶ୍ୱକପ ଆଉ ୯୦ ଦିନ ରହିଲା ବୋଲି ଅବଗଣନା ଘଣ୍ଟା ସୂଚନା ଦେଉଛି। ଏହି ମେଗା କ୍ରୀଡ଼ା ଇଭେଣ୍ଟ ପାଇଁ ଏବେ ଓଡ଼ିଶା ଓ ସମଗ୍ର ଭାରତର ହୃଦୟ ସ୍ପନ୍ଦିତ ହେବାରେ ଲାଗିଛି। ଜାତୀୟ କ୍ରୀଡ଼ା ଦିବସରେ ଆମେ ଆଜି କିମ୍ବଦନ୍ତୀ ଖେଳାଳି ଧ୍ୟାନ ଚାନ୍ଦଙ୍କର ଜନ୍ମଦିବସ ମଧ୍ୟ ପାଳନ କରୁଛୁ। କୋଟି କୋଟି ହକି ପ୍ରେମୀଙ୍କ ହୃଦୟରେ ସ୍ଥାନ ପାଇଥିବା ଏବଂ ଆଦର୍ଶର ଉତ୍ସ ହୋଇଥିବା ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଭୁବନେଶ୍ୱରରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଭଲପାଇବା ବଢ଼ାଇବା ଏବଂ ଏଥିପ୍ରତି ଆକୃଷ୍ଟ କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ‘ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି, ଆଉ ଆପଣଙ୍କର’ କହିବା ସହ ହକିପ୍ରତି ସମର୍ଥନ ଜଣାଇବାକୁ ଏହି ଅଭିଯାନ ମାଧ୍ୟମରେ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ଓଡ଼ିଶା କ୍ରୀଡ଼ା ଇତିହାସରେ ହକି ଏକ ପ୍ରମୁଖ ସ୍ଥାନ ଦଖଲ କରିଛି। ଓଡ଼ିଶାରୁ ସୃଷ୍ଟି ହୋଇଥିବା ଅନେକ ହକି ଖେଳାଳି ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ଦେଶପାଇଁ ସୁନାମ ଆଣିଛନ୍ତି। ବିଶ୍ୱକପ ହେଉଛି ହକିର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ। ଏହି ପ୍ରତିଯୋଗିତାକୁ ସ୍ମୃତିମଧୁର ଏବଂ ସଫଳତାର ସହ ସମ୍ପନ୍ନ କରାଇବା ପାଇଁ ମୋ ସରକାର ସମସ୍ତ ପଦକ୍ଷେପ ନେଉଛି। ଏହି ଅବସରରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ସମସ୍ତ ବ୍ୟକ୍ତିଙ୍କୁ ମୁଁ ଅଭିନନ୍ଦନ ଜଣାଉଛି’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକିକୁ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ସରକାର ଉଭୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ହୋଇ ଉଦାହରଣ ସୃଷ୍ଟି କରିଛି। ହକି ବିଶ୍ୱକପ ଆୟୋଜନ ପାଇଁ ଆମେ ଆଗ୍ରହର ସହିତ ଅପେକ୍ଷା କରିଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଆଜି ଓଡ଼ିଶାରେ କ୍ରୀଡ଼ା ନିମନ୍ତେ ଅତ୍ୟନ୍ତ ଅନୁକୂଳ ଓ ଆକର୍ଷଣୀୟ ବାତାବରଣ ସୃଷ୍ଟି ହୋଇ ପାରିଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନରେ ଆମକୁ ସାରା ବିଶ୍ୱ ପ୍ରଶଂସା କରିଛି। ପ୍ରଥମଥର ପାଇଁ ଆମେ ଜନଜାତି କ୍ରୀଡ଼ା ଆୟୋଜନ କରି ଜାତୀୟସ୍ତରରେ ମାନ୍ୟତା ଅର୍ଜନ କରିଛୁ। ଆମ କ୍ରୀଡ଼ାବିତ୍‌ମାନେ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ସୁନାମ ଆଣିବାରେ ସକ୍ଷମ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଫଳରେ ସମଗ୍ର ପୂର୍ବ ଭାରତରେ ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇପାରିଛି। ପୁରୁଷ ହକି ବିଶ୍ୱକପ ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ମାଇଲଖୁଣ୍ଟ। ଭବିଷ୍ୟତରେ ଏହା ଆମର ଖେଳାଳି ଓ ଜନତାଙ୍କୁ ଉଦ୍‌ବୁଦ୍ଧ କରିବ। ଆମ ରାଜ୍ୟରେ ହକି ଜୀବନର ଅଙ୍ଗ ପାଲଟିଛି। ଓଡ଼ିଶା ହେଉଛି ହକିର ପ୍ରୟୋଗଶାଳା। ହକି ବିଶ୍ୱକପ ଆୟୋଜନ ପରେ ଓଡ଼ିଶା ସାରା ବିଶ୍ୱର ହୃଦୟ ଜୟ କରିବ। ହକି ପାଇଁ ମୋ ହୃଦୟ ସ୍ପନ୍ଦିତ ହେଉଛି। ଆପଣମାନଙ୍କର ମଧ୍ୟ ସ୍ପନ୍ଦନ ଓ ସହଯୋଗ ଆବଶ୍ୟକ କରୁଛୁ ବୋଲି ଚନ୍ଦ୍ରସାରଥି କହିଛନ୍ତି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ରୀଡ଼ା ସଚିବ ବିଶାଳ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ପଦ୍ମଶ୍ରୀ ଦିଲୀପ ତିର୍କୀ, ଏମପି ପ୍ରସନ୍ନ ପାଟଶାଣୀ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଅନେକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୁଧବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ଯୁଗ୍ମଭାବେ ଏଥର ପୁରସ୍କାର ପାଇବାକୁ ଥିବା ହକି ଖେଳାଳି ସୁନୀତା ଲାକ୍ରା ଓ ଅମିତ ରୋହି ଦାସ ସମ୍ପ୍ରତି ଜାକର୍ତ୍ତାରେ ଏସିଆନ ଗେମ୍ସରେ ଖେଳୁଥିବାରୁ ଅନୁପସ୍ଥିତ ଥିଲେ। ସେମାନଙ୍କ ନିକଟକୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି, ଫଳକ ଓ ମାନପତ୍ର ପଠାଇ ଦିଆଯିବ ବୋଲି ପ୍ରକାଶ କରାଯାଇଛି। କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ବିଶେଷ ଅବଦାନ ରଖିଥିବା ୨ଟି ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁରର ବୀର ହନୁମାନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଫଳକ ଏବଂ ମାନପତ୍ର ଦିଆ ଯାଇଥିଲା। ସମାନ ପୁରସ୍କାର ଦିଆଯାଇ ଓଡ଼ିଶା ମାଇନିଂ କର୍ପୋରେଶନକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ କୋଚ୍‌ଭାବେ ସଞ୍ଜୀୟ ଗଡ଼ନାୟକଙ୍କୁ ୧ ଲକ୍ଷ ଟଙ୍କା, ଫଳକ, ମାନପତ୍ର ଏବଂ ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଭାବେ ସୁଜିତ କୁମାର ଦାସଙ୍କୁ ୫୦ ହଜାର ଟଙ୍କା, ଫଳକ ଓ ମାନପତ୍ର ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମମତା ଦଳାଇ, ପଙ୍କଜ କୁମର ମହନ୍ତ ଓ ବିଶ୍ୱଜିତ ପୁହାଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସମସ୍ତଙ୍କୁ ୧ ଲକ୍ଷ ଟଙ୍କା, ପଦକ ଓ ମାନପତ୍ର ଦିଆ ଯାଇଥିଲା। ସମାଜ ସେବା ପାଇଁ ପୂର୍ଣ୍ଣ ଚନ୍ଦ୍ର ବେହେରା, ପ୍ରିୟବ୍ରତ ପଣ୍ଡା, ଏନ.ସନ୍ତୋଷ କୁମାର ଓ କ୍ଷୀରୋଦ ସାହୁଙ୍କୁ ୨୫,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ୨୦୧୮ ଜାନୁୟାରୀରେ ଅନୁଷ୍ଠିତ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ ଭାରତୀୟ ଦଳର ସଦସ୍ୟ ଥିବା ଦୁଇ ଓଡ଼ିଆ ଖେଳାଳି ଜାଫର ଇକବାଲ ଓ ପଙ୍କଜ ଭୁଏଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏଭରେଷ୍ଟ ଆରୋହଣ କରିଥିବା ପତିପତ୍ନୀ ପ୍ରଦୀପ ସାହୁ ଓ ଚେତନା ସାହୁ ମଧ୍ୟ ପୁରସ୍କାର ପରିସରରେ ରହିଥିଲେ। ପ୍ରଦୀପ ସାହୁ ମୃତ୍ୟୁବରଣ କରିଥିବାରୁ ତାଙ୍କ ପତ୍ନୀ ଚେତନା ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ।



ସଞ୍ଜୀୟ ଗଡ଼ନାୟକ



ସୁଜିତ କୁମାର ଦାସ

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

ସାଉଥାମ୍ପଟନ, ୨୯।୮(ପି.ଟି.)

### ଚତୁର୍ଥ ଟେଷ୍ଟ ଆଜିଠାରୁ

ଇଂଲଣ୍ଡ ବିପକ୍ଷ ହାଇ ପ୍ରୋଫାଇଲ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିବା ଭ୍ରମଣକାରୀ ଭାରତ ଏବେ ତା’ର ବିଜୟଧାର ବଜାୟ ରଖିବା ଲକ୍ଷ୍ୟରେ ରହିଛି। ପ୍ରଥମ ଦୁଇଟି ଟେଷ୍ଟରେ ପରାସ୍ତ ହେବା ପରେ ଭାରତ ତୃତୀୟ ଟେଷ୍ଟକୁ ବୃହତ୍ ବ୍ୟବଧାନରେ ହାତେଇବା ସହ ସିରିଜକୁ ବଞ୍ଚାଇ ରଖିବାକୁ ସକ୍ଷମ ହୋଇଥିଲା। ଗୁରୁବାର ସ୍ଥାନୀୟ ରୋଜ ବଲ ଗ୍ରାଉଣ୍ଡରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ସିରିଜରେ ଭାରତ ୨–୧ରେ ପଛରେ ପଡିଥିବା ବେଳେ ଏହି ମ୍ୟାଚ ଉଭୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ଇଂଲଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି।

ଏଜବାଷ୍ଟନରେ ପ୍ରଥମ ମ୍ୟାଚରେ ଭାରତ ୩୧ ରନରେ ପରାସ୍ତ ହେବା ପରେ ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଇନିଂସ ପରାଜୟବରଣ କରିଥିଲା। ତେବେ ନଟିଂହାମ୍‌ରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୨୦୩ରେ ରନରେ ଇଂଲଣ୍ଡକୁ ତୃତୀୟ ଟେଷ୍ଟରେ ପରାସ୍ତ କରିଥିଲା। ଏବେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସାର ଡନ୍ ବ୍ରାଡମ୍ୟାନଙ୍କ ଅଷ୍ଟ୍ରେଲିଆ ଦଳର ଆଶେସ ସିରିଜ ବିଜୟକୁ ଦୋହରାଇବ ବୋଲି କୁହାଯାଉଛି। ୧୯୩୬ରେ ଅଷ୍ଟ୍ରେଲିଆ ୦–୨ରେ ପଛରେ ପଡିଥିଲେ ମଧ୍ୟ ଶେଷରେ ସିରିଜ ହାତେଇ ନେଇଥିଲା।

ତୃତୀୟ ମ୍ୟାଚରେ ଭାରତୀୟ ଦ୍ରୁତ ବୋଲରମାନେ ଇଂଲଣ୍ଡ ଟପ୍ ଅର୍ଡରର ବ୍ୟାଟିଂ ଦୁର୍ବଳତାକୁ ପଦାରେ ପକାଇଥିଲା। ପୁଣି କୋହଲି ଟେଷ୍ଟ ବ୍ରିଜ୍‌ରେ ପ୍ରଥମ ଇନିଂସରେ ୯୭ ଓ ଦ୍ୱିତୀୟ ଇନିଂସରେ ୧୦୩ ରନ କରି ଇଂଲଣ୍ଡ ବୋଲରଙ୍କ ନିଦ ହଜାଇଛନ୍ତି। ସିରିଜରେ ଏପର୍ଯ୍ୟନ୍ତ ଦ୍ରୁତ ବୋଲରମାନେ ୪୬ରୁ ୩୮ଟି ଉଇକେଟ ଅକ୍ତିଆର କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ଗସ୍ତରେ ମଧ୍ୟ ଭାରତୀୟ ଦ୍ରୁତ ବୋଲରମାନେ ଏହିଭଳି କମାଲ କରିଥିଲେ। ଚତୁର୍ଥ ଟେଷ୍ଟରେ ମଧ୍ୟ ଏକ ସବୁଜ ଉଇକେଟ ଉପରେ ଖେଳାଯିବ। ଫଳରେ ଭାରତୀୟ ଦ୍ରୁତ ବୋଲର ପୁଣି ଦମ୍ ଦେଖାଇବା ଆଶା କରାଯାଉଛି।

ଗତ ୪୫ଟି ଟେଷ୍ଟରେ ଭାରତୀୟ ଦଳରେ ଅଦଳବଦଳ ଲକ୍ଷ୍ୟ କରାଯାଇଆସୁଅଛି। ତେବେ ଏଥର ଦଳରେ ଅଧିନାୟକ କୋହଲି ଓ କୋଚ୍ ରବି ଶସ୍ତ୍ରୀ ସେଭଳି କୌଣସି ପରିବର୍ତ୍ତନ ନ କରିବା ମନେହୁଏ। ତେବେ ଯଦି ବି କୌଣସି ପରିବର୍ତ୍ତନ କରାଯାଏ ତାହାଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ମଙ୍ଗଳବାର ନେଟ୍ସରେ ଭାରତୀୟ କ୍ରିକେଟରମାନେ ଝାଳ ବୁହାଇଛନ୍ତି। ତାରକା ଦ୍ରୁତ ବୋଲରମାନେ ବ୍ୟାଟିଂ ଅଭ୍ୟାସ କରିଥିଲେ ମଧ୍ୟ ଯଶପ୍ରୀତ ବୁମରା ପ୍ୟାଡ ପିନ୍ଧି ନ ଥିଲେ। ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ନେଟ୍ସରେ ଅଭ୍ୟାସ କରିଥିଲେ ଓ ଦଳକୁ ଫେରିବାର ସୂଚନା ଦେଇଛନ୍ତି। ସାଉଥାମ୍ପଟନରେ ଘାସୁଆ ଉଇକେଟ ଥିବାରୁ ଉମେଶ ଦଳକୁ ଫେରିବାର ସମ୍ଭାବନା ରହିଛି। ଭାରତୀୟ ଦଳରେ ପରିବର୍ତ୍ତନ ହେବ ନାହିଁ ବୋଲି କୋହଲି ସ୍ପଷ୍ଟ କରିଛନ୍ତି। ଇଂଲଣ୍ଡର ସମସ୍ୟା ଅଧିକଥିବା ପରି ମନେହେଉଛି। ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଏହି ମ୍ୟାଚ ବେଶ୍ ମଜାଦାର ହେବ ବୋଲି ଆଶା କରାଯାଉଛି।



ପୃଥ୍ୱୀ ଶ’

**ସମୟ: ଅପରାହ୍ଣ ୩.୩୦**
**ସ୍ଥାନ: ରୋଜ ବଲ ଗ୍ରାଉଣ୍ଡ, ସାଉଥାମ୍ପଟନ**
**ପ୍ରସାରଣ: ସୋନୀ ନେଟଓ୍ୱାର୍କ**

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା।
- **ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗ୍ସ, ଜନି ବେୟାରଷ୍ଟୋ,ଜୋଶ ବଟଲର, ଓଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରୋଡ୍, କ୍ରିସ୍ ଓ୍ୱୋକ୍ସ, ବେନ୍ ଷ୍ଟୋକ୍ସ ଓ ଜେମ୍ସ ଭିନ୍ସି।

■ ଏଫ୍‌ଆଇଏଚ୍ ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ୍ ଅଫିସର

# ବିଶ୍ୱରଞ୍ଜନ ପ୍ରଥମ ଓଡ଼ିଆ

ଭୁବନେଶ୍ୱର, ୨୯।୮(ସ୍ପୋର୍ଟ୍ସ ବ୍ୟୁରୋ)



ବିଶ୍ୱରଞ୍ଜନ ଷଡ଼ଙ୍ଗୀ

ଏଫ୍‌ଆଇଏଚ୍ (ଅନ୍ତର୍ଜାତୀୟ ହକି ଫେଡେରେଶନ) ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ ଅଫିସର ପାହ୍ୟାକୁ ପଦୋନ୍ନତି ପାଇଥିବା ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ବୁଧବାର ହକି ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ପକ୍ଷରୁ ବିଶ୍ୱରଞ୍ଜନଙ୍କ ପଦୋନ୍ନତି ନେଇ ମଙ୍ଗଳବାର ଘୋଷଣା କରାଯାଇଥିଲା। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ହୋଇଥିବା ପୁରୁଷ ୟୁଥ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଲାଗି ବିଶ୍ୱରଞ୍ଜନଙ୍କୁ ଜଜ୍ ଭାବେ ନିଯୁକ୍ତ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ମାର୍ଚ୍ଚରେ ମାଲେସିଆର ଇପୋଠାରେ ଖେଳାଯାଇଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାର ୨୭ତମ ସଂସ୍କରଣ ଲାଗି ତାଙ୍କୁ ଟେକ୍‌ନିକାଲ୍ ଅଫିସିଆଲ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପ୍ରଥମ ଅଫିସିଆଲ ଭାବେ କଟକର ବିଶ୍ୱରଞ୍ଜନ ଏଫ୍‌ଆଇଏଚ୍ ଇଣ୍ଟରନ୍ୟାଶନାଲ ଟେକ୍‌ନିକାଲ ଅଫିସିଆଲ୍ ପଦରେ ନିଯୁକ୍ତ ପାଇଛନ୍ତି। ‘୨୦୧୫ରେ ହୋଇଥିବା ହକି ଇଣ୍ଡିଆ ଲିଗ୍ ଟେକ୍‌ନିକାଲ ଅଫିସିଆଲଭାବେ ମୋତେ ଉପରକୁ ନେବାରେ ସହାୟକ ହୋଇଥିଲା। ଏହାପରେ ଘରୋଇ ଅନ୍ତର୍ଜାତୀୟସ୍ତରରେ ଅନେକ ମ୍ୟାଚ୍‌ରେ ଅଫିସିଆଲ ଦାୟିତ୍ୱ ତୁଲାଇଛି। ହକି ଇଣ୍ଡିଆ ଅମ୍ପାୟର ଓ ମୋ ପରିବାର ମୋତେ ବହୁତ ସାହାଯ୍ୟ କରିଛନ୍ତି’ ବୋଲି ବିଶ୍ୱରଞ୍ଜନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୩୦/୨୦୧୮ Sambalpur, Thursday, August 30/ 2018

## ସଂକ୍ଷେପରେ

### ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଟେନସା,୨୯।୮(ଡି.ଏନ୍.ଏ.): ଗୁଣିଆ ସନ୍ଦେହରେ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ତଥା କେବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ପଞ୍ଚାୟତ ନୂଆତନ୍ତରା ଗ୍ରାମର ସୋନୁ ନାୟକ (୬୫)ଙ୍କୁ ଗତ ରବିବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡ ରବିବାର ଘଟିଥିଲେ ମଧ ଗ୍ରାମଟି ଉପାନ୍ତ ଅଞ୍ଚଳରେ ହୋଇଥିବାରୁ ଖବର ପଦାକୁ ଆସିପାରି ନ ଥିଲା। କୌଣସି ସୂତ୍ରରୁ ଖବର ପାଇ ବୁଧବାର ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଅଧିକାଂଶ ସମୟରେ ପୂର୍ଣ୍ଣଚନ୍ଦ୍ରଙ୍କ ସାନଭାଇଙ୍କ ଦେହ ଖରାପ ରହୁଥିଲା। ଯେତେ ଔଷଧ ଦେଲେ ମଧ ତାଙ୍କ ଦେହ ଭଲ ହେଉ ନ ଥିଲା। ସୋନୁ ଗୁଣିଗାରେଡ଼ି କରିଥିବାରୁ ଭାଇଙ୍କ ଦେହ ଭଲ ହେଉ ନ ଥିବା ପୂର୍ଣ୍ଣଚନ୍ଦ୍ର ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପୂର୍ଣ୍ଣଚନ୍ଦ୍ର ସୋନୁଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ବିରୋଧରେ ଏକ ମାମଲା (ନଂ. ୫୧/୧୮) ରୁଜୁ କରାଯାଇଛି।

### ମାଡ଼ିଗଲା ଟ୍ରକ୍, ଆଦିତ୍ୟ ଆଲୁମିନିୟମ କର୍ମଚାରୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଉତ୍ତେଜନା

ଝାରସୁଗୁଡ଼ା ଅଫିସ,୨୯।୮

ଝାରସୁଗୁଡ଼ା ବାଇପାସ୍‌ରେ ବୁଧବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଚାପାରେ ସ୍କୁଟି ଆରୋହୀ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବାସିନ୍ଦା ତଥା ସମ୍ବଲପୁର ଖିଣ୍ଡାସ୍ଥିତ ଆଦିତ୍ୟ ଆଲୁମିନିୟମର କର୍ମଚାରୀ ବିକାଶ କୁମାର ବାରିକ (୨୯)ଙ୍କ ମୃତ୍ୟୁ ହୋଇଛି। ବାଇକ୍ ପଛରେ ବସିଥିବା ବିକାଶଙ୍କ ଜଣେ ବନ୍ଧୁ ଏଥିରେ ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ଜିଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଦିତ୍ୟ ଆଲୁମିନିୟମ କର୍ମଚାରୀମାନେ ହସ୍ପିଟାଲ ପରିସରରେ ଭିଡ଼ ଜମାଇବା ସହ ବିକାଶଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ଟାଉନଥାନା ଏବଂ ବଡ଼ମାଲ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ସୂଚନା ମୁତାବକ, ବିକାଶ ଝାରସୁଗୁଡ଼ାରେ ଘରଭଡ଼ା ନେଇ ପରିବାର ସହ ରହୁଥିଲେ। ସମ୍ବଲପୁର ଆଦିତ୍ୟ ଆଲୁମିନିୟମରେ ସେ କାମ କରୁଥିଲେ। ତେବେ କିଛିଦିନ ତଳେ ବିକାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।


ହସ୍ପିଟାଲ ପରିସରରେ ଉତ୍ତ୍ୟକ୍ତ କର୍ମଚାରୀ ଘେରି ରହିଛନ୍ତି।

ବୁଧବାର ପୂର୍ବାହ୍ନ ୧୦ଟାରେ ଜଣେ ବନ୍ଧୁଙ୍କ ସହ ବିକାଶ ଏକ ସ୍କୁଟି (ନଂ. ଓଡି୨୩-ଏ ୦୦୨୮)ରେ ଝାରସୁଗୁଡ଼ାରୁ ସମ୍ବଲପୁର ଆଡ଼କୁ ଯାଉଥିଲେ। ବାଇପାସ୍‌ର ସଞ୍ଜୀବନୀ ହସ୍ପିଟାଲ ସାମ୍ନାରେ ରାସ୍ତାର ବାମପାର୍ଶ୍ୱରେ ଏକ ବସ୍ ଅଟକି ରହିଥିଲା। ପଛରେ ଆସୁଥିବା ବିକାଶ ଡାହାଣକୁ ଯିବା ସମୟରେ ସ୍କୁଟି ସ୍ଲିପ୍ ହୋଇ ରାସ୍ତା ଉପରେ ପଡ଼ିଯାଇଥିଲେ। ପଛରୁ ଆସୁଥିବା ଏକ ଟ୍ରକ୍ (ନଂ. ଓଡି୦୫-କ୍ୟୁ୪୭୩୩) ଚକ ବିକାଶଙ୍କ ମୁଣ୍ଡ ଉପରେ ମାଡ଼ି ଯାଇଥିଲା। ହେଲ୍‌ମେଟ ପିନ୍ଧିଥିବା ସତ୍ତ୍ୱେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଠାଇ ଜିଲା ହସ୍ପିଟାଲକୁ ନେଇଯାଇଥିଲା। କିଛି ସମୟ ପରେ ହସ୍ପିଟାଲରେ ବିକାଶଙ୍କ ସହକର୍ମୀଙ୍କ ଭିଡ଼ ଜମିଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିକାଶଙ୍କ ଜଣେ ସମ୍ପର୍କୀୟ ଭାଇଙ୍କ ଅଭିଯୋଗ ଅନୁସାରେ, କମ୍ପାନୀ ବିକାଶଙ୍କୁ ନିଲମ୍ବନ କରିଥିବାରୁ ସେ ମାନସିକ ଚାପରେ ଥିଲେ। ଟ୍ରକ୍ ଚାପାରେ ମୃତ୍ୟୁ ହୋଇଥିଲେ ମଧ ପରୋକ୍ଷରେ ମାନସିକ ଚାପ ଯୋଗୁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଥିଲେ। ତେଣୁ କମ୍ପାନୀ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ସ୍ତ୍ରୀଙ୍କୁ ଚାକିରି ପ୍ରଦାନ କରିବାକୁ ଦାବି କରିଥିଲେ। ପରେ ଝାରସୁଗୁଡ଼ା ଟାଉନଥାନାରେ ପୋଲିସ, କମ୍ପାନୀ କର୍ତ୍ତୃପକ୍ଷ ଓ ବିକାଶଙ୍କ ସମ୍ପର୍କୀୟଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ଏ. ସତ୍ୟନାରାୟଣ ବିକାଶଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ସ୍ତ୍ରୀଙ୍କୁ ଚାକିରି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ସର୍ବଦଳୀୟ ଦାବି

ନୂଆପଡା ଅଫିସ,୨୯।୮

ନୂଆପଡା ଏକ ଜିଲା ହେଡକ୍ୱାର୍ଟର ହେବା ସତ୍ତ୍ୱେ ରେଳ ବିଭାଗ ତରଫରୁ ସବୁ ପ୍ରକାର ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଛି । ଦିନକୁ ଦିନ ଏଠିକାର ରେଳ ଷ୍ଟେଶନର ଅବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ପରିସ୍ଥିତି ଖରାପ ହେବାକୁ ବସିଛି । ଏଠାରେ କୌଣସି ଏକ୍ସପ୍ରେସ ଟ୍ରେନ ରହଣୀ ବ୍ୟବସ୍ଥା ନ ଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଏହା ଉପରେ ଦୃଷ୍ଟି ଦେବାକୁ ନୂଆପଡା ସର୍ବଦଳୀୟ ନାଗରିକ କମିଟି ଅଣ୍ଟା ଭିଡିଛି। ବୁଧବାର ଏକ ଟିମ ନୂଆପଡା ରେଳ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ଇଷ୍ଟକୋଷ୍ଟ ରେଳ ବିଭାଗ ଜେନେରାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ପୂର୍ବାହ୍ନରେ ଟିଟୁ ପଣ୍ଡା ଏବଂ ସରୋଜ କୁମାର ସାହୁଙ୍କ ଆହ୍ୱାନରେ ଏକ ଟିମ ରେଳ ଷ୍ଟେଶନକୁ ଯାଇଥିଲେ। ଏଥିରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, କଂଗ୍ରେସର ଆଲୋକ ଗୁରୁ, ଡ. କମଳ ପଣ୍ଡା, ଶମ୍ଭୁ ଗୁପ୍ତା, ଶ୍ରୀକାନ୍ତ ଗୁପ୍ତା ପ୍ରମୁଖ ସାମିଲ ଥିଲେ । ପୂର୍ବାହ୍ନ ୧୧ଟାରେ ଷ୍ଟେଶନରେ ପହଞ୍ଚିଥିଲେ । ଷ୍ଟେଶନର ପାରିପାର୍ଶ୍ୱିକ ପରିସ୍ଥିତି ଦେଖି କର୍ମକର୍ତ୍ତାମାନେ ମର୍ମାହତ ହୋଇଥିଲେ । ଜିଲା ଗଠନର ୨୫ ବର୍ଷ ପରେ ମଧ୍ୟ ରେଳ ବିଭାଗ ନୂଆପଡା ପ୍ରତି ଆଖି ବୁଜିଦେଇଛି। ଫଳରେ ଏଠିକାର କୌଣସି ଉନ୍ନତି ହୋଇପାରୁନାହିଁ। ଯାତ୍ରୀମାନେ ଅନ୍ଧାରରେ ଯିବା ଆସିବା କରୁଛନ୍ତି । ଏକ୍ସପ୍ରେସ ଟ୍ରେନ ରହୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ୧୦/୧୫ କି.ମି. ଦୂର ବାହାରକୁ ସହରକୁ ଯାଇ ଟ୍ରେନ ଚଢିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ବର୍ତ୍ତମାନ ଏହା ଉପରେ କାର୍ଯ୍ୟାନୁଷ୍ଠାନ କରିବାର ସମୟ ଆସିଛି। ଆଗକୁ ବିଭାଗ ପଦକ୍ଷେପ ନ ନେଲେ ବାରମ୍ବାର ଏଠାରେ ରେଳ ରୋକୋ କରି ଆନ୍ଦୋଳନ କରାଯିବ । ଏଥିପାଇଁ ଆସନ୍ତା ୩୦ଦିନ ମଧ୍ୟରେ ପଦକ୍ଷେପ ନ ନେଲେ ରେଳ ରୋକୋ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ଅଧିକାରୀଙ୍କୁ ଚେତାଇ ଦେଇଛନ୍ତି ।


ଷ୍ଟେଶନ ମାଷ୍ଟରଙ୍କୁ ସର୍ବଦଳୀୟ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି ।

### କ୍ୟାନ୍‌ସର ହସ୍ପିଟାଲ, ସବ୍‌ଡିଭିଜନ ମାନ୍ୟତା ଦାବି

# ୧୨ ଘଣ୍ଟିଆ ବରପାଲି ବନ୍ଦ

ବରପାଲି,୨୯।୮(ଡି.ଏନ୍.ଏ.)

ବରଗଡ଼ରେ କ୍ୟାନସର ହସ୍ପିଟାଲ ଓ ବରପାଲିକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ସ୍ଥାନୀୟ ବଣିକ ସଂଘ ଓ ଓକିଲ ସଂଘ ପକ୍ଷରୁ ବୁଧବାର ବରପାଲିରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରିଥିବା ବେଳେ ବରପାଲିର ସମସ୍ତ ଦୋକାନ, ବଜାର, ସ୍କୁଲ କଲେଜ ବନ୍ଦ ରହିଥିଲା। ଏହି ପରିପ୍ରେକ୍ଷୀରେ ବଣିକ ସଂଘ ସଭାପତି ନନ୍ଦଲାଲ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଯୁଧିଷ୍ଠିର ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଭୟ ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ବଣିକ ସଂଘ ସମ୍ପାଦକ ସୁରେନ୍ଦ୍ର କୁମାର ହୋତା ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବରଗଡ଼ ଜିଲାରେ କ୍ୟାନସର ବ୍ୟାଧି ବଢ଼ିଚାଲିଛି। ଏହି ବ୍ୟୟବହୁଳ ଚିକିତ୍ସା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଗରିବ ଲୋକଙ୍କ ପକ୍ଷେ ଏହାର ଚିକିତ୍ସା କରିବା ସମ୍ଭବ ହେଉନାହିଁ। ଏଣୁ ବରଗଡ଼ରେ ଏକ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି। ଏହାସହ ବିଭିନ୍ନ ସମୟରେ ବରପାଲିକୁ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ଓକିଲ ସଂଘ ଓ ଜନସାଧାରଣଙ୍କ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। କିନ୍ତୁ ଆଜିପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ବରପାଲି ବଣିକ ସଂଘ ଓ ଓକିଲ ସଂଘ ମିଳିତ ଭାବେ ରାଜରାସ୍ତାକୁ ଓହ୍ଲାଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ । ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି ।

- ଚାଣକ୍ୟ

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ଜଣେ ମୃତ

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)-** କଳାହାଣ୍ଡି ଜିଲାର ଅଭ୍ୟନ୍ତରିଣ ଓ ଦୁର୍ଗମ ଅଞ୍ଚଳରେ ଜ୍ୱର ଓ ଝାଡାବାନ୍ତି ପ୍ରଦୁର୍ଭାବ ଦେଖାଦେଉଛି । ବିଶେଷ କରି ଜିଲାର ଥୁ.ରାମପୁର ବ୍ଲକରେ ବିଭନ୍ନ ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଅଳ୍ପ ଦିନତଳେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସିମେଲପଦର ଗ୍ରାମର ୩ଜଣ ମୃତ୍ୟୁବରଣ କରିଥିବା ଖବର ପ୍ରଚାରିତ ହେବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ସିମେଲପଦର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସିତ କରିଥିଲେ। ସିମେଲପଦର ଗ୍ରାମରେ ଝାଡାବାନ୍ତି ନିୟନ୍ତ୍ରଣ ହୋଇଥିବା ବେଳେ ଏବେ ଥୁ.ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ପୋଖରୀଭଟାଗୁଡା ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ଖବର ମିଳିଛି। ଭଟାଗୁଡା ଗ୍ରାମରେ ୬ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ସୋମବାର ଉଲମାଇ ମାଝି (୫୦)ଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁ ରାସ୍ତାଘାଟ ଧୋଇ ହୋଇଯିବା ସହ ବିଭିନ୍ନ ଛୋଟବଡ ନାଳରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଆମ୍ବୁଲାନ୍ସ ପୋଖରୀଭଟାଗୁଡା ଗ୍ରାମକୁ ପହଞ୍ଚିପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଝାଡାବାନ୍ତିରେ ଆକ୍ରାନ୍ତ ଉଲମାଇ ମାଝିଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇ ପରି ନ ଥିଲା। ଫଳରେ ଉଲମାଇ ମାଝିଙ୍କ ଚିକିତ୍ସା ଅଭାବରୁ ଗାଁରେ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପୋଖରୀଭଟାଗୁଡା ଗ୍ରାମରେ ଆହୁରି ୫ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ସହ ଆକ୍ରାନ୍ତମାନଙ୍କୁ ତୁରନ୍ତ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାରେ ଲଘୁଚାପଜନିତ ପ୍ରବଳ ବର୍ଷା ଓ ବନ୍ୟା ପରେ ଏବେ ଜ୍ୱର ଓ ଝାଡାବାନ୍ତି ପ୍ରଦୁର୍ଭାବ ଦେଖାଦେଉଛି ।

# ବୌଦ୍ଧରେ ଜାତୀୟ କ୍ରୀଡ଼ା ଦିବସ

**ବୌଦ୍ଧ,୨୯।୮(ସ୍ୱ.ପ୍ର)**

ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସର୍କିଟ ହାଉସ ଠାରୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ଖେଳାଳି ଶିବନାରାୟଣ ଦାସ, ତାଇକୋଣ୍ଡୁର ପ୍ରଶିକ୍ଷକ ଅମୀତ କୁମାର ସାହୁ, ତୀରନ୍ଦାଜ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ, ଡିଏସ୍‌ଓ ପବିତ୍ର କୁମାର ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ, ମାନସ ରଞ୍ଜନ ସେଠୀ, ଯଜ୍ଞେଶ୍ୱର ମିଶ୍ର, ଅରୁଣ କୁମାର ମେଣ୍ଡଲି ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବୌଦ୍ଧ ଜିଲା ତାଇକୋଣ୍ଡୁ ସଂଘ, ତୀରନ୍ଦାଜ ସଂଘ, ବିଜୁ ଯୁବ ବାହିନୀ ଓ କେ.ବି. ହିଷ୍ଟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ସେହିପରି ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ହରେକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ରମାନେ କ୍ରୀଡା ଦିବସ ଓ ଧ୍ୟାନଚାନ୍ଦଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଶିବ ନାରାୟଣ ଦାସ ଯୋଗଦେଇ ଖେଳର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବେ ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ଅନିମା ପଟ୍ଟନାୟକ ଆସନ, ବ୍ୟାୟାମ ଓ ପ୍ରଣାୟାମ ମାଧ୍ୟମରେ ନିଜ ଶରୀରକୁ ସୁସ୍ଥ ରଖିବା ସହିତ ମନକୁ ଠିକ ମାର୍ଗରେ ପରିଚାଳିତ କରାଯାଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଭାରତ ସ୍ୱାଭିମାନ ନ୍ୟାସ ସଭାପତି ଦେବାଶିଷ ପୁରୋହିତ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ପ୍ରଚେଷ୍ଟାକୁ ଦୃଢୀଭୂତ କରି କାର୍ଯ୍ୟରେ ଲଗାଇ ପାରିଲେ ସଫଳତା ମିଳିପାରିବ ବୋଲି କହିଥିଲେ । ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର କୁମାର ଦାସ, ମାନସ କୁମାର ସେଠୀ, ଲକ୍ଷ୍ମୀପ୍ରୀୟା ପ୍ରଧାନ ଓ ଶଶୀଭୂଷଣ ମହାପାତ୍ର ପ୍ରମୁଖ ଖେଳ ସହିତ ପାଠପଢାର ସମ୍ପର୍କ ରହିଥିବା ପ୍ରକାଶ କରିଥିଲେ।



ବୌଦ୍ଧରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଛି ।

# କୂଳ ଲଂଘୁଛି ମହାନଦୀ

**ବୀରମହାରାଜପୁର,୨୯।୮ (ଡି.ଏନ୍.ଏ.)**

ହୀରାକୁଦ ଡ୍ୟାମରୁ ୨୫ଟି ଗେଟ ଖୋଲାଯାଇଥିବାରୁ ଏହାର ପ୍ରଭାବରେ ମହାନଦୀ ଫୁଲିଛି । ତେବେ ତେଲ ନଦୀରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସୋନପୁର ସହର ତଳି ସଙ୍ଗମସ୍ଥଳୀରେ ନିମ୍ନଭାଗରେ ମହାନଦୀ ପ୍ରଖର ରୂପ ନେଇଛି । ଏଥିଯୋଗୁ ବୀରମହାରାଜପୁର ଉପଖଣ୍ଡର ବିଭିନ୍ନସ୍ଥାନରେ ମହାନଦୀ କୂଳଲଂଘନ କରିଥିବା ଦେଖାଯାଇଛି । ବିଶେଷତଃ ବୀରମହାରାଜପୁର ତହସିଲ ଅନ୍ତର୍ଗତ ଖମ୍ବେଶ୍ୱରୀପାଲି, ବୁରୋଘଥାଟ, ଦେଉଳି, ନୂଆଗଡ, କେଉଟିପାଲି, କେଲଗାଁ , ସୁବଳୟା, ଟେଭାପଦର ଓ କୁଞ୍ଜାମହୁଲ ଭଳି ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତେବେ ବର୍ତ୍ତମାନ ଭୟଭୀତ ହେବାର କୌଣସି କାରଣ ନ ଥିଲେ ମଧ୍ୟ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି ବୋଲି ଉପଜିଲାପାଳ ସୁବ୍ରତ କୁମାର ବେହେରା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ଥିବା କହିଛନ୍ତି ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀଙ୍କ ସହ ଉପଖଣ୍ଡ ଜରୁରୀକାଳୀନ ଅଧିକାରୀ ଅମୂଲ୍ୟ କୁମାର ସାହୁ। ତେଣେ ମହାନଦୀର ପିଛିଲା ପାଣି ଯୋଗୁ ଏହାର ଶାଖା ନଦୀ ତଥା ଯୋର ଓ ନାଳଗୁଡିକରେ ଜଳସ୍ତର ବୃଦ୍ଧି ପାଉଛି ।

# ୨ ମାସର ଶିଶୁ ପେଟରେ ଚେଙ୍କ

**ଖଡିଆଳ,୨୯।୮(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଧରଣୀମାଲ ଗାଁରେ ଜଣେ ୨ ମାସର ଶିଶୁର ପେଟରେ ଚେଙ୍କ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଧରଣୀମାଲ ଗାଁ ରୂପସିଂକଟା ଓ ତାଙ୍କ ସ୍ତ୍ରୀ ମନ୍ଦାର କଟାଙ୍କ ୨ ମାସର ପୁଅଙ୍କୁ ଥଣ୍ଡା ଜ୍ୱର ହୋଇ ପେଟ ଫୁଲିବାକୁ ଲାଗିଲା । ଲୁହା ଚେଙ୍କ ଦେଲେ ଭଲ ହୋଇଥାଏ ବୋଲି ଗାଁର କିଛି ଲୋକଙ୍କ କହିବା ପରେ ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଗତ ଦୁଇ ଦିନ ତଳେ ପେଟରେ ଲୁହା ଚେଙ୍କ ଦେଇଥିଲେ । ଶିଶୁ ଅସୁସ୍ଥ ହୋଇ ପଡିବାରୁ ମଙ୍ଗଳବାର ଖଡିଆଳ ଡାକ୍ତରଖାନାକୁ ଆସି ଶିଶୁ ରୋଗ ବିଶେଷଜ୍ଞ ଡା. ପି. ଚନ୍ଦ୍ର ଆଚାରୀଙ୍କ ସହ ପରାମର୍ଶ କରି ଚିକିତ୍ସା ହୋଇଥିଲେ। ତେବେ ଶିଶୁର ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧିନ ଥିବା ଡା. ପି. ଚନ୍ଦ୍ର ଆଚାରୀ ପ୍ରକାଶ କରିଛନ୍ତି ।


ENERGY IS LIFE — BEE — CONSERVE IT

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**

Department of Energy

TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

09-AA

INVITING LEADERS IN THE FIELD OF ENERGY CONSERVATION OF ODISHA

**Odisha State Energy Conservation Awards-2018**

The Department of Energy, Govt. of Odisha through the Office of Engineer-in-Chief cum Principal Chief Electrical Inspector as the State Designated Agency (SDA), Odisha invites applications from MSMEs, IT Industries, Hospitals, Educational Institutions, Commercial Buildings, Hotels and Power Generation Companies (IPP) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2018 based on their performance during Financial Year 2017-2018. The last date of receipt of completed applications is 5th **November 2018.**

For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in

The authority reserves the right to accept / reject any application without assigning any reasons thereof.

Sd/-
EIC E)-cum-PCEI & SDA (Odisha)

04004/11/0001/1819



FORM NO.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 394/2013**

State Bank of India, Jagmohan Nagar Branch .............. Applicant
Versus
M/s. Nikshita Associates (P) Ltd. & Others ........... Defendant(s)

To

**5/A, Sanghamitra Dash**, W/o- Late Sandeep Dash, At- Police Line Road, P.O- Puri, P.S- Kumbharapada, Dist.- Puri

**5/B, Nikshita Dash**, D/o- Late Sandeep Dash, C/o- Sanghamitra Dash, At- Police Line Road, P.O- Puri, P.S- Kumbharapada, Dist.- Puri

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 394/2013 in the court of the Debts of Recovery Tribunal, Cuttack for recovery of Rs. 10,85,812.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorized agent, in support of their defence to show cause within 30 days from the date of publication or on 03.10.2018 at 10.30 AM as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this tribunal on this 18th day of Aug. 2018.

**Sd./- (Srikanta Kumar Maikap), Registrar**



**URGENTLY REQUIRED FOR A CCI**

- **Counsellor (One)** - M.A (Sociology / Child Psychology) and 3 years experience in child development institution, Remuneration Rs. 17,500/- as per ICPS guidelines.
- **Probation Officer - One** M.A. in Sociology / MBA and 3 years experience in Child Care Institutions. Remuneration Rs. 13,000/-.
- **Compounder / Pharmacist - One** Diploma qualification with experience in first Aid. Remuneration 9000/-.
- **Store Keeper & Accountant- One** PG in commerce, experience in child Development, Remuneration Rs. 14,000/-.
- Upper Age limit for all posts is 35 years.
- Candidates who are willing to work in the CCI of **Banabasi Vidya Sabha, G.V. Ashram, Vedvyas** apply within 7 days of this advertisement to the ADM, Sundargarh by Post. Salary as per ICPS guide lines. Attach Bio-Data along with one colour passport size photograph with copies of academic qualification and experiences.

**Superintendent**
**Banabasi Vidya Sabha**
**Vedvyas, Rourkela**



Bank of Baroda बैंक ऑफ़ बड़ौदा

ମୁଖ୍ୟ କାର୍ଯ୍ୟାଳୟ : ମାଣ୍ଡଭି, ବରୋଦା
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଟେଣ୍ଡର ନୋଟିସ୍**

ବିଭିନ୍ନ କାର୍ଯ୍ୟ ନିମନ୍ତେ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ପାଇଁ ବିଜ୍ଞାପନ

**ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର** ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କର ଆବାସିକ ଏବଂ ବ୍ୟବସାୟିକ ଗୃହ ପରିସରରେ ସିଭିଲ, ଇଲେକ୍ଟ୍ରିକାଲ, ସାଜସଜ୍ଜା, ଶୀତତାପ ନିୟନ୍ତ୍ରଣ ଏବଂ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ଆର୍କିଟେକ୍ଟ, କଣ୍ଟ୍ରାକ୍ଟର, ଡିଲର ଏବଂ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି।

ଟେଣ୍ଡର କାଗଜପତ୍ର ବ୍ୟାଙ୍କର ୱେବ୍‌ସାଇଟ୍ :
**www.bankofbaroda.com** ରେ ଉପଲବ୍ଧ ଅଟେ।

ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ : **୨୪.୦୯.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।**
କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛି।

ସ୍ଥାନ: ଭୁବନେଶ୍ୱର
ତା.୩୦.୦୮.୨୦୧୮

ଉପ-ମହାପ୍ରବନ୍ଧକ



**PENSION ADALAT BY INCOME TAX DEPARTMENT, ODISHA**

It has been decided to hold Pension Adalat in respect of pensioners / family pensioners on **18.09.2018** at 11 AM in Kalinga Conference Hall, 4th Floor, AAYAKAR Bhawan, Vani Vihar, Bhubaneswar to ventilate grievances relating to pension / family pension. The pensioners / family pensioners who are having grievance in the matter of pension may forward their grievances in the following format **to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, AAYAKAR Bhawan, Vani Vihar, Bhubaneswar for facilitation.**

1. Name of the employee with address:
2. Name of the Pension / family pension holder:
3. PPO No. if any:
4. Mobile No. for communication:
5. Office from which retired / expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- (Narayan Nayak)**
**Income Tax Officer (Legal)**
**O/o the Pr. CCIT, Bhubaneswar**



INDIAN RAILWAYS

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/12 ତା. 27.08.2018 ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।

PR-332/J/18-19

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ଼

ପତ୍ର ସଂଖ୍ୟା ୧୪୪୦ — ତା ୨୭.୮.୨୦୧୮

ଏତଦ୍ୱାରା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୨୦.୦୯.୨୦୧୮ଠାରୁ ୨୯.୧୦.୨୦୧୮ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା (୧ ଅକ୍ଟୋବର ୨୦୧୭ରୁ ୩୧ ମାର୍ଚ୍ଚ ୨୦୧୮) । ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମଗୁଡିକରେ ସକାଳ ୯ ଘଟିକାଠାରୁ ଆରମ୍ଭ ହେବ । ତେଣୁ ଆପଣମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ସହିତ ସର୍ବସାଧାରଣ ନାଗରିକ, କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆପଣଙ୍କ ଜରିଆରେ ନିବେଦନ କରାଯାଉଛି ।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା: ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| ପ୍ରଥମ | ବିଜେପୁର, ବାଞ୍ଜିପଦର, ଭାଲେଗାଁ, ଘଣ୍ଟବାହାଲି, ଲୁଥୁରବନ୍ଧ, କତରକେଲା | ୨୦।୦୯।୨୦୧୮ | ୨୬।୦୯।୨୦୧୮ | ୨୬।୦୯।୨୦୧୮ | ୨୯।୧୦।୨୦୧୮ | ବିଜେପୁର AE, ବାଞ୍ଜିପଦର APO, ଭାଲେଗାଁ AEE, ଘଣ୍ଟାବାହାଲି GPEO, ଲୁଥୁରବନ୍ଧ AFO, କତରକେଲା PA |
| ଦ୍ୱିତୀୟ | ବାନ୍ଧୁପଲା, ଶଗଡଘାଟ, ମନିଗାଁ, ମହୁଲପଡା, ଜଗୁଆ | ୨୭।୦୯।୨୦୧୮ | ୦୪।୧୦।୨୦୧୮ | ୦୪।୧୦।୨୦୧୮ | | ବାନ୍ଧୁପଲା AFO, ଶଗଡାଘାଟ WEO, ମନିଗାଁ PA, ମହୁଲପଡା AE, ଜଗୁଆ AEE |
| ତୃତୀୟ | ନାରେନ , ଖୋଲାନ , ପରାସରା, ଅଦାବାହାଲ, ସିହିନି, ସୁର୍ଡା | ୦୫।୧୦।୨୦୧୮ | ୧୧।୧୦।୨୦୧୮ | ୧୧।୧୦।୨୦୧୮ | | ନାରେନ AFO, ଖୋଲାନ GPEO,ସରାସରା APO, ଅଦାବାହାଲ AEE, ସିହିନୀ PA, ସୁର୍ଡା ABDO |
| ଚତୁର୍ଥ | ଘୋଡାର, ମାର୍ଲାଡ, ବିନେକେଲା, ସିଲୁଆଁ, କୁଶକେଲା, କୁରସୁଡ, ଦିଗ୍‌ସିରା | ୨୩।୧୦।୨୦୧୮ | ୨୯।୧୦।୨୦୧୮ | ୨୯।୧୦।୨୦୧୮ | | ଘୋଡାର WEO, ମାର୍ଲାଡ ABDO, ବିନେକେଲା PA, ସିଲୁଆଁ AE, କୁଶକେଲା AEE, କୁରସୁଡ GPEO, ଦିଗ୍‌ସିରା APO |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ



**OFFICE OF THE DISTRICT JUDGE, GAJAPATI, PARALAKHEMUNDI**

**ADVERTISEMENT**

**Dated 29th August, 2018**

Application in the prescribed format given below is invited for filling up of the following Group "C" posts governed under the Orissa District & Sub-ordinate Courts" Non-Judicial Staff Services (Method of Recruitment and Conditions of Services) Rules, 2008 read with Amendment Rules, 2010.

| Sl. No. | Name of the post | Group | Scale of pay & Grade Pay | CATEGORY: ST | U.R. | S.E.B.C. | S.C. | Total |
|---|---|---|---|---|---|---|---|---|
| 1 | Junior Clerk / Copyist | C | Rs. 19900/- (Pre-revised scale of Rs. 5200-20200/- & Rs. 1900/-) | 07 (W-3) | 03 (W-2) | 05 (W-1) | 01 (W-1) | 16 |
| 2 | Stenographer Gr.III | C | Rs. 25500/- (Pre-revised Scale of Rs. 5200-20200/- & Rs. 2400/-) | 01 | 02 | 02 | -- | 05 |
| 3 | Junior Typist | C | Rs. 19900/- (Pre-revised Scale of Rs. 5200-20200/- & Rs. 1900/-) | 01(W) | 01(W) | 02 (W-1) | -- | 04 |
| 4 | Salaried Amin | C | Rs. 21700/- (Pre-revised Scale of Rs. 5200-20200/- & Rs. 2000/- | -- | 01 | -- | -- | 01 |

The reservation for Women / Physically Handicapped / Ex-Serviceman / Sports Person is as per rule. The number of posts in each cadre may increase or decrease in future. For details, please visit our official website i.e. **www.ecourts.gov.in/gajapati** and **www.gajapati.nic.in**.

**Warning:- The last date of receipt of application duly filled-in is 29.09.2018 during office hours. Applications received thereafter shall not be accepted.**

**Sd./- District Judge-cum-Chairman,**
**District Recruitment Committee, Gajapati**



सिंडिकेटबैंक SyndicateBank — Faithful, Friendly — A Govt. of India Undertaking

**ସିଣ୍ଡିକେଟ୍ ବ୍ୟାଙ୍କ**

କ୍ଷେତ୍ରୀୟ କାର୍ଯ୍ୟାଳୟ-୨, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ୍, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
ଆକ୍ଟ (ରୁଲ୍ ୮(୧))ର ପରିଶିଷ୍ଟ ୪

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସମ୍ପତ୍ତି ମାଲିକମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ସମସ୍ତ ଅର୍ଥ ସହିତ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସମ୍ପତ୍ତି ମାଲିକମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଉପରକଥିତ ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି ।

ଏତଦ୍‌ଦ୍ୱାରା ବିଶେଷକରି ସମ୍ପତ୍ତିମାଲିକ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ ପାଇଁ **ସିଣ୍ଡିକେଟ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସମ୍ପତ୍ତି ମାଲିକ / ଗ୍ୟାରେଣ୍ଟିଦାତା(ମାନ)ଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥୀ,** ସ୍ୱାମୀ: ଶଙ୍କର ପ୍ରସାଦ ଶତପଥୀ, ସା: ପ୍ରହଲ୍ଲାଦ ନଗର (ପୁରୁଣା ବ୍ରହ୍ମପୁର), ୫ମ ଲେନ୍, ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଧରିତ୍ରୀ ଶତପଥୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଙ୍କର ପ୍ରସାଦ ଶତପଥୀ,** ପିତା: ୰ ବାବାଜୀ ଶତପଥି, ସା: କୃପାସିନ୍ଧୁପୁର ଶାସନ, ଗୌଡ ଷ୍ଟ୍ରିଟ୍, ବୃନ୍ଦାବନପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୨,୯୬,୫୧୪/- + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ଖାତା ନଂ.: ୨୪୩/୪୫୩୦, ପ୍ଲଟ୍ ନଂ.: ୮୦୧/୨୩୩୧ ଏବଂ ୮୦୧/୨୭୫୮, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଥାନା: ବଡବଜାର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲେନ୍, ପଶ୍ଚିମ: ଏମ୍‌ଓ ଫୁଟ୍ ଚଉଡା ରାସ୍ତା, ଦକ୍ଷିଣ: ଏମ୍. ପଦ୍ମାବତୀଙ୍କ ଜମି, ଉତ୍ତର: ନରସିଂହ ଜେନାଙ୍କ ଜମି |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଚୁକା ରବି କୁମାର,** ପିତା: ଚୁକା ସାରବନ୍ଧୁ, ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଚୁକା ରବି କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଚୁକା ଲୀଳା,** ସ୍ୱାମୀ: ଚୁକା ରବି କୁମାର, ଉଭୟଙ୍କ ଠିକଣା- ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ୧୩.୧୨.୨୦୧୭ / ୨୪.୦୮.୨୦୧୮ | ଟ.୭,୫୭,୩୮୯/- + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁକୁଣ୍ଡା, ଖାତା ନଂ.: ୧୦୪/୧୧୦, ପ୍ଲଟ୍ ନଂ.: ୧୩୨/୯୭୭, କ୍ଷେତ୍ର: ଏକର୦.୦୨୧ଡିସିମିଲି, ଥାନା: ବ୍ରହ୍ମପୁର ଟାଉନ୍, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଦକ୍ଷିଣ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଉତ୍ତର: ରାସ୍ତା |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବେହେରା,** ପିତା: ୰ ରାମହରି ବେହେରା, ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଅମୂଲ୍ୟା ବେହେରା, ଶ୍ରୀ ପ୍ରଶାନ୍ତ କୁମାର ବେହେରା ଏବଂ ଶ୍ରୀ ଶ୍ରୀକାନ୍ତ ବେହେରା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଅମୂଲ୍ୟା ବେହେରା,** ସ୍ୱାମୀ: ୰ ରାମହରି ବେହେରା, **୨) ଶ୍ରୀ ଶ୍ରୀକାନ୍ତ ବେହେରା,** ପିତା: ୰ ରାମହରି ବେହେରା, ଉଭୟଙ୍କ ଠିକଣା ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୮,୪୧,୭୪୮.୯୯ + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ ବଜାର, ତହସିଲ: ବ୍ରହ୍ମପୁର, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୬୧୭, କିସମ: ଘରବାରୀ-୨, କ୍ଷେତ୍ର: ଏକର୦.୦୧୯ଡିସିମିଲି, ଥାନା: ବଡ ବଜାର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସିପାଲ୍ ଲେନ୍, ପଶ୍ଚିମ: ରାଜ ଦାଣ୍ଡ, ଦକ୍ଷିଣ: ରାଧାମୋହନ ବେହେରାଙ୍କ ଗୃହ, ଉତ୍ତର: ହରିଶ ଚନ୍ଦ୍ର ଗୌଡଙ୍କ ଗୃହ |
| **ବି.କେ. ରୋଡ୍ ଶାଖା, କଟକ /** **ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ମହାରଣା,** ପିତା: ବେଣୁଧର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ ଏବଂ **ସମ୍ପତ୍ତିର ମାଲିକ: ଅକ୍ଷୟ କୁମାର ମହାରଣା / ଗ୍ୟାରେଣ୍ଟିଦାତାମାନେ: ୧) ବିଷ୍ଣୁପ୍ରିୟା ମହାରଣା,** ସ୍ୱାମୀ: ଅକ୍ଷୟ କୁମାର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ, **୨) ସେକ୍ ଜାଭେଦ,** ସା/ପୋ.: ନୟାପଡା, ଥାନା: ଟାଙ୍ଗୀ, ଜିଲ୍ଲା: କଟକ | ୧୪.୦୫.୨୦୧୮ / ୨୭.୦୮.୨୦୧୮ | ଟ.୨୪,୭୩,୬୮୧/- + ସେବାବଦ୍ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଦୀକୂଳ ସାହି, ଖାତା ନଂ.: ୬୬୦/୧୧୦୪, ପ୍ଲଟ୍ ନଂ.: ୧୧୨/୮୮୨୫, କ୍ଷେତ୍ର: ୧୨୩୧.୨୫ ବର୍ଗଫୁଟ, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଙ୍ଗାଧର ମହାରଣା ଏବଂ ବିଜୟ କୁମାର ମହାରଣା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ମହାରଣା ଏବଂ ଅଶୋକ କୁମାର ମହାରଣା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୯.୦୮.୨୦୧୮

କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ

ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମନୋବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

**ବରଗଡ଼ ଅଫିସ୍,୨୯।୮:** ବରଗଡ଼ ପଞ୍ଚାୟତ କଲେଜରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା ନିଶାସେବନ ଓ ଏହାର ନିରାକରଣ । କଟକ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲର ଆସୋସିଏଟ ପ୍ରଫେସର ଡା. ମିହିର ରଞ୍ଜନ ନାୟକ ଆଲୋଚନାଚକ୍ରର ପୃଷ୍ଠପୋଷକତା କରିଥିଲେ । ନିଶାସେବନ ଓ ନିରାକରଣ ଉପରେ ସେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । କଲେଜର ମନୋବିଜ୍ଞାନ ବିଭାଗ ମୁଖ୍ୟ ଡା. ମନସ୍ୱିନୀ ଦାଶ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷା ମଧ୍ୟ ସବୁଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ମନୋବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ ।

### ସ୍କୁଲକୁ ପହଞ୍ଚିଲା ଶହୀଦଙ୍କ ସ୍ମୃତିଫଳକ

**ବରଗଡ଼ ଅଫିସ୍,୨୯।୮:** ସିଆରପିଏଫ ପକ୍ଷରୁ ବୁଧବାର ବରଗଡ଼ ରାଣାପ୍ରତାପ ସ୍କୁଲର ପୂର୍ବତନ ଛାତ୍ର ତଥା ଶହୀଦ ପଦ୍ମଲୋଚନ ମାଝୀଙ୍କ ସ୍ମୃତିଫଳକ ସ୍ଥାନୀୟ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସିଆରପିଏଫର ସବ୍‌ଇନ୍ସପେକ୍ଟର ଏସ. କେ ମହାନ୍ତି, ଦିଲୀପ କୁମାର ପଣ୍ଡା ପ୍ରମୁଖ ସ୍କୁଲକୁ ପହଞ୍ଚି ସ୍ମୃତିଫଳକ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ଶହୀଦ ପଦ୍ମଲୋଚନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ମନୋରମା ଷଡ଼ଙ୍ଗୀ, ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ, ମୀନା ପଣ୍ଡା, ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସିଆରପିଏଫ ଅଧିକାରୀମାନେ ଶହୀଦ ପଦ୍ମଲୋଚନଙ୍କ ଘରକୁ ଯାଇ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ ।

■ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଦାବି

# ଜିଲାପାଳଙ୍କୁ ଭେଟିଲେ ମହିଳା ପୁରୁଷ

**ବରଗଡ଼ ଅଫିସ୍,୨୯।୮**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁଲିତାଟୁକୁରା ପଞ୍ଚାୟତ ୱାର୍ଡ଼ ନଂ-୪ରେ ଆଉ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ଦାବି ହୋଇଛି । ଏହି ଦାବି ନେଇ ବୁଧବାର ଉକ୍ତ ୱାର୍ଡ଼ର ବହୁସଂଖ୍ୟକ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ବର୍ଗର ମହିଳା ପୁରୁଷ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ଅତିରିକ୍ତ ଜିଲାପାଳ ତପିରାମ ମାଝୀ ସେମାନଙ୍କଠାରୁ ଏକ ସ୍ମାରକପତ୍ର ଗ୍ରହଣ କରିଥିଲେ । କୁଲିତାଟୁକୁରା ପଞ୍ଚାୟତରେ ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକ ରହିଛି, ସେଠାରେ ଅନୁସୂଚୀତ ଜାତି, ଜନଜାତି ବର୍ଗର ପିଲାଙ୍କ ପ୍ରତି ଅଣଦେଖା କରାଯାଉଛି। ଏପରିକି ଛୁଆଁ ଅଛୁଆଁ ଭେଦଭାବ ଦେଖାଇ ସେମାନଙ୍କୁ ଅନ୍ୟତ୍ର ବସାଯାଉଥିବାବେଳେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁଖାଦ୍ୟ ମଧ୍ୟ ଠିକ୍ ଭାବେ ଦିଆଯାଉନାହିଁ । ସେହିପରି ଉକ୍ତ ୱାର୍ଡ଼ର ଅଙ୍ଗନୱାଡ଼ି କେନ୍ଦ୍ର-୧ର ସହାୟିକା ନିଯୁକ୍ତିରେ ମଧ୍ୟ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏହି ପଦବୀରେ ଅନୁସୂଚୀତ ଜାତି ବର୍ଗର ମହିଳା ଆବେଦନ କରିଥିବାବେଳେ ସମସ୍ତ ଯୋଗ୍ୟତା ସତ୍ତ୍ୱେ ଜାତିଆଣ ଦର୍ଶାଇ ଜାଣିଶୁଣି ସେଥିରୁ ତାଙ୍କୁ ବଞ୍ଚିତ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସେଭଳି ଘଟିଥିଲେ ମଧ୍ୟ ସେ ନୀରବ ଦର୍ଶକ ସାଜିଥିଲେ ଏବଂ ଅନୁସୂଚୀତ ଜାତି ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆ ନ ଯିବା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ଅଭିଯୋଗ ହୋଇଛି । ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅନୁସୂଚୀତ ବର୍ଗର ପିଲାଛୁଆଙ୍କ ପାଇଁ ୱାର୍ଡ଼ ନଂ-୪ରେ ଆଉ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ପଡ଼ାବାସୀ ଦାବି କରିଛନ୍ତି । ଏହାର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ମାଝୀ କହିଥିଲେ । ସ୍ମାରକପତ୍ରରେ ୱାର୍ଡ଼ସଭ୍ୟ ବବିତା ମୁଗ୍ରୀ, ସୁମିତ୍ରା କୁମ୍ଭାର, ଅଞ୍ଜନା ଭୋସାଗର, ବାସନ୍ତୀ ସିଂ, ଶୁଭ ଲୁହା ପ୍ରମୁଖଙ୍କ ସ୍ୱାକ୍ଷର ରହିଛି ।

**ଅତାବିରା ବ୍ଲକ**



ଅଙ୍ଗନୱାଡ଼ି କେନ୍ଦ୍ର ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ବିଭିନ୍ନ ଅନୁଷ୍ଠାନରେ ଜାତୀୟ କ୍ରୀଡ଼ା ଦିବସ

**ବରଗଡ଼ ଅଫିସ୍,୨୯।୮**

ବରଗଡ଼ର ବିକାଶ ଆବାସିକ ସ୍କୁଲରେ ବୁଧବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ସଭାରେ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏବଂ ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାରେ ଏକ ଲକ୍ଷ୍ୟ ରଖି ଅନବରତ ପ୍ରୟାସ ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ(ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ(ସେକେଣ୍ଡାରୀ) ମନୋରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଅପରାହ୍ନରେ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ବିକାଶ ଆବାସିକ ସ୍କୁଲ(ସିନିୟର ସେକେଣ୍ଡାରୀ) ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡ଼ି ପ୍ରତିଯୋଗିତା ହୋଇଥିଲା । ଅନୁଷ୍ଠାନର କ୍ରୀଡ଼ା ସଂଯୋଜକ ପିତାମ୍ବର ପ୍ରଧାନ ତଥା ବିଭାଗର କ୍ରୀଡ଼ା ପ୍ରଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିକାଶ ଡିଗ୍ରୀ କଲେଜର ହ୍ୟୁମାନିଟି ବିଭାଗ ଦ୍ୱାରା ସ୍ପୋର୍ଟିଂ କଲଚର ଇନ ଇଣ୍ଡିଆ ଶୀର୍ଷକ ଏକ ସେମିନାର ହୋଇଥିଲା । ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଆବାସିକ ସ୍କୁଲର ଶାରୀରିକ ଶିକ୍ଷକ ଅଜୟ ସରକାର ଏବଂ କ୍ରୀଡ଼ା ସଂଯୋଜକ ପିତାମ୍ବର ପ୍ରଧାନ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସେମିନାର ବିଷୟବସ୍ତୁ ଉପରେ ନିଜ ମତ ରଖିଥିଲେ । ସେମିନାରରେ ଇଞ୍ଜିନିୟରିଂ କଲେଜ କୋ ଅର୍ଡ଼ିନେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର କୋ ଅର୍ଡ଼ିନେଟର ଆରଏସଭି କ୍ରୀଷ୍ଣା, ବିକାଶ କ୍ରୀଡ଼ା ବିଭାଗ, ଡିଗ୍ରୀ କଲେଜର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ସେହିପରି ବରଗଡ଼ରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡ଼ି ପ୍ରତିଯୋଗିତା ହୋଇଥିଲା । ବାଳିକା ବିଭାଗରେ ବରଗଡ଼ ଦଳ ବିଜେତା ଓ ବାଳକ ବିଭାଗରେ ବରଗଡ଼ ସିନିୟର ଦଳ ବିଜେତା ହୋଇଥିଲା । ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡ଼ା ସଂସଦ କ୍ରିକେଟ ସମ୍ପାଦକ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡ଼ା ସଂସଦ ଆଉଟଡୋର ଗେମ୍ ସମ୍ପାଦକ ରବି ପଣ୍ଡା ସଭା ପରିଚାଳନା କରିଥିଲେ। ଟାଙ୍ଗରପାଲିରେ ଜିଲା ହକି ଆସୋସିଏଶନ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ହୋଇଥିଲା । ବରଗଡ଼ ଓ ଅତାବିରା ରୁନିପାଲି ମଧ୍ୟରେ ହୋଇଥିବା ଏହି ପ୍ରତିଯୋଗିତାରେ ବରଗଡ଼ ୩-୦ ଗୋଲରେ ବିଜୟୀ ହୋଇଥିଲା ।



ବରଗଡ଼ ରାଣାପ୍ରତାପ ସ୍କୁଲର ପୂର୍ବତନ ଛାତ୍ର ତଥା ଶହୀଦ ପଦ୍ମଲୋଚନ ମାଝୀଙ୍କ ସ୍ମୃତିଫଳକ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କୁ ପ୍ରଦାନ କରାଯାଉଛି ।

# ପୋଲିସ ପରିଚୟ ଦେଇ ମହିଳା ଚାଷୀଙ୍କ ଘରୁ ଲୁଟ୍‌ପାଟ୍

**ବରଗଡ଼ ଅଫିସ୍,୨୯।୮**

କିଛି ଦୁର୍ବୃତ୍ତ ପୋଲିସ ପରିଚୟ ଦେଇ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମର ରାମବାଈଙ୍କ ଘରୁ ନଗଦ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ନଗଦ ୮୩୦୦ ଟଙ୍କା, ରୁପା ପାୟଲ ଏବଂ ୨ଟି ମୋବାଇଲ ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ଟାଉନ ଥାନାରେ ଏତଲା ହେବା ପରେ ପୋଲିସ ଏହାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ଜମୁର୍ଡ଼ା ଗାଁ ମୁଣ୍ଡରେ ମହିଳା ଚାଷୀ ଭାବେ ଜଣାଶୁଣା ରାମ ବାଈ, ଝିଅ ପୁଷ୍ପାଞ୍ଜଳି ଏବଂ ମା ଉମାବତୀ ରୁହନ୍ତି । ଚାଷକାର୍ଯ୍ୟରେ ବିନିଯୋଗ କରିବା ପାଇଁ ମଙ୍ଗଳବାର ସେ ଜଣେ ଲୋକଙ୍କଠାରୁ ନଗଦ ୧୦ହଜାର ଟଙ୍କା ଆଣିଥିଲେ। ସେଥିରୁ ସେ ଶ୍ରମିକଙ୍କ ମଜୁରୀ ବାବଦ କିଛି ଟଙ୍କା ପ୍ରଦାନ କରିଥିଲେ ଏବଂ ବାକିତକ ଘରେ ରଖିଥିଲେ। ରାତ୍ରି ପ୍ରାୟ ସାଢ଼େ ୧୨ଟାରେ ୫ଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ଘୋଡ଼ାଇ ରାମବାଈଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ ପୋଲିସ ପରିଚୟ ଦେଇ ଘରେ ଗଞ୍ଜେଇ ରଖିଛ, ଖାନତଲାସୀ ହେବ ବୋଲି କହିଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ଘର ଭିତରକୁ ପଶିଥିବାବେଳେ ଅନ୍ୟ ୨ଜଣ ବାହାରେ ଥିଲେ। ଘରକୁ ପଶିଥିବା ଦୁର୍ବୃତ୍ତମାନେ ଭୟଭୀତ କରି ମୋବାଇଲ ଓ ନଗଦ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ । ବୁଧବାର ଥାନାକୁ ଆସି ରାମବାଈ ଏ ନେଇ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହିତ ଏହାର ତଦନ୍ତ ଚାଲିଛି । ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ କହିଛନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ । (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SUHANA FINANCE
ଭାରତ ସରକାର ରେଜିଷ୍ଟଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
7325861595
7325861352

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ



### ପ୍ରାଥମିକ ସ୍କୁଲ କୋଠରି ଭାଙ୍ଗିଲା

**ପାଇକମାଳ, ୨୯।୮(ଡି.ଏନ.ଏ):** ଲଗାଣ ବର୍ଷା ଯୋଗୁ ପାଇକମାଳ ବ୍ଲକ ମୁନିକେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖପର ଛାଉଣୀ ଶ୍ରେଣୀ କୋଠରୀ ଭାଙ୍ଗିଯାଇଛି । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ଜଣ ଛାତ୍ରୀଛାତ୍ର ଥିବାବେଳେ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଏହାସହିତ ପକ୍କାଘର ଛାତରୁ ମଧ ପାଣି ଝରୁଛି । ଶ୍ରେଣୀ କୋଠରୀ ଅଭାବ ଯୋଗୁ ପାଠ ପଢ଼ ବ୍ୟାହତ ହେଉଛି । ତୁରନ୍ତ ନୂତନ ଶ୍ରେଣୀ କୋଠରୀ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ୮ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଅତାବିରା, ୨୯।୮ (ଡି.ଏନ.ଏ):** ଅତାବିରା ତହସିଲ ପକ୍ଷରୁ ବୁଧବାର ଝାଉଁଯୋର କାଦୋବାହାଲ ବାଲିଘାଟରେ ଚଢ଼ାଉ କରି ୮ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯିବା ସହିତ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏ ନେଇ ତହସିଲଦାର ହୃଦାନନ୍ଦ ଅର୍ଡାଙ୍କୁ ପଚରାଯିବାରୁ କାଦୋବାହାଲ ବାଲି ଘାଟ ନିଲାମ ହୋଇ ନ ଥିଲା । ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ସୂଚନା ପାଇ ଚଢ଼ାଉ କରାଯାଇଥିଲା ବୋଲି କହିଥିଲେ । ସୂଚନାଯୋଗ୍ୟ, ଅତାବିରା ଓ ଭେଡେନ ତହସିଲ ଅଧୀନ ବିଭିନ୍ନ ବାଲି ଘାଟରୁ ମାଫିଆମାନେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଧରିତ୍ରୀରେ ପ୍ରକାଶ ପାଇଥିଲା ।

### ବ୍ଲକସ୍ତରୀୟ କ୍ରୀଡା ଶିକ୍ଷକ ସଂଘ ଗଠିତ

**ବିଜେପୁର, ୨୯।୮(ଡି.ଏନ.ଏ.):** ବିଜେପୁର ବ୍ଲକସ୍ତରୀୟ କ୍ରୀଡା ଶିକ୍ଷକ ସଂଘ ଗଠିତ ହୋଇଛି । ଏହି ଅବସରରେ ପହଣ୍ଡି ହାଇସ୍କୁଲରେ ବରିଷ୍ଠ କ୍ରୀଡା ଶିକ୍ଷକ ସରୋଜ ପୁରୋହିତଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ମନୋନୟନ ହୋଇଥିଲା । ସଚ୍ଚିଦାନନ୍ଦ ପଧାନ ସଭାପତି, ଦଶରଥ ଗଡତିଆ ଓ ବିଶ୍ୱମ୍ଭର ପ୍ରଧାନ ଯୁଗ୍ମ ଭାବେ ଉପସଭାପତି, ଅମୂଲ୍ୟ ସେଠୀ ସମ୍ପାଦକ, ସଞ୍ଜୟ ସାହୁ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି । ସରୋଜ ପୁରୋହିତ, ସୁରେନ୍ଦ୍ର ପଧାନ, ଲିଙ୍ଗରାଜ ଖମାରୀ, ବିଶିକେଶନ ମେହେର, ଉପଦେଷ୍ଟା ସଦସ୍ୟ ରହିଛନ୍ତି । ଏହି ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରେ କାର୍ଯ୍ୟରତ କ୍ରୀଡା ଶିକ୍ଷକ ଯୋଗ ଦେଇଥିଲେ । ଦଶରଥ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

■ କ୍ଷତିଗ୍ରସ୍ତ କମଗାଁ ପଞ୍ଚାୟତ ଚାଷୀ ଦେଲେ ସ୍ମାରକପତ୍ର

# ବୀମା ତାଲିକାରେ ସାମିଲ କର

**ବରଗଡ଼ ଅଫିସ୍, ୨୯।୮**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଦିଗହରା ହୋଇ ପଡ଼ିଛି । ଏହି ଯୋଜନାରେ ଉପୁଜିଥିବା ନାନା ବିଭ୍ରାଟରୁ ଏହା ସ୍ପଷ୍ଟ ହୋଇ ପଡ଼ିଛି । ଫସଲକ୍ଷତି ସତ୍ତ୍ୱେ ବରଗଡ଼ ଜିଲାର ଅନେକ ପଞ୍ଚାୟତକୁ ଏହି ଯୋଜନାର ବୀମା ସହାୟତାରୁ ବଞ୍ଚିତ କରାଯାଇ ଥିବାବେଳେ ଯେଉଁ ପଞ୍ଚାୟତକୁ ସାମିଲ କରାଯାଇଛି, ସେଠାକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ମଧ୍ୟ ଆଶାନୁରୂପ ତଥା ପ୍ରାପ୍ୟ ବୀମା କ୍ଷତିପୂରଣ ମିଳୁ ନ ଥିବା ଅଭିଯୋଗ ହୋଇଛି । ଫସଲ ଆରମ୍ଭରୁ ଚାଷୀଙ୍କଠାରୁ ବୀମା ପ୍ରିମିୟମ ଅସୁଲି କରାଯାଉଥିବା ବେଳେ ଫସଲକ୍ଷତି ପରେ ବୀମା କ୍ଷତିପୂରଣ ପ୍ରଦାନ ସମୟରେ ବୀମା କମ୍ପାନୀର ଏତାଦୃଶ ମନୋଭାବ ଏବଂ ଏଥିରେ ଜନ ପ୍ରତିନିଧି, ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ନୀରବତା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି ।

ବୁଧବାର ଜିଲାର ଭଟଲି ପଞ୍ଚାୟତ ଅନ୍ତର୍ଗତ କମଗାଁ ପଞ୍ଚାୟତର ଚାଷୀମାନେ ଜିଲାପାଳ ଅଫିସକୁ ଆସି ଏଭଳି ଅଭିଯୋଗ କରିଥିଲେ ।



କମଗାଁ ପଞ୍ଚାୟତର ଚାଷୀଙ୍କଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

୨୦୧୭ ଖରିଫରେ କମଗାଁ ପଞ୍ଚାୟତରେ ବ୍ୟାପକ ଫସଲକ୍ଷତି ହୋଇଥିଲା । ମାତ୍ର ବୀମା କ୍ଷତିପୂରଣ ତାଲିକାରେ ଏହି ପଞ୍ଚାୟତକୁ ସାମିଲ କରାଯାଇ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ବୀମା କ୍ଷତିପୂରଣ ତାଲିକାରେ ଏହା ନଜରକୁ ଆସିବା ପରେ ଉକ୍ତ ପଞ୍ଚାୟତ ଚାଷୀମାନେ ଜିଲା ପ୍ରଶାସନକୁ ଜଣାଇଥିଲେ । ସେତେବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବୀମା କ୍ଷତିପୂରଣ ତାଲିକାରେ ସେହି ପଞ୍ଚାୟତକୁ ସାମିଲ କରାଯିବ ବୋଲି କୁଆଡ଼େ ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ଏବେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବା ସହିତ ବୀମା ସହାୟତା ରାଶି ବିତରଣ ଆରମ୍ଭ ହୋଇଯାଇଥିଲେ ମଧ କମଗାଁ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ସେଥିରେ ସାମିଲ କରାଯାଇନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ବୀମା କ୍ଷତିପୂରଣ ତାଲିକାରେ ଆସନ୍ତା ସେପ୍ଟେମ୍ବର ୫ତାରିଖ ସୁଦ୍ଧା କମଗାଁ ପଞ୍ଚାୟତକୁ ସାମିଲ କରିବା ସହିତ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ଅଞ୍ଚଳର ଚାଷୀମାନେ ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହା ସହିତ ଅଞ୍ଚଳର ସେବା ସମବାୟ ସମିତିକୁ ମଧ୍ୟ ସେମାନେ ଅଚଳ କରିବେ ବୋଲି କହିଛନ୍ତି । ଦୁଷ୍ମନ୍ତ ମହାପାତ୍ର, ରକ୍ଷାକାରୀ ଭୁଏ, ହିମାଂଶୁ ପ୍ରଧାନ, ଦୈତାରୀ ପ୍ରଧାନ, ସରୋଜ ସାହୁଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଚାଷୀ ମୃତ୍ୟୁ ପରେ ଶସ୍ୟବୀମା ଟଙ୍କା ଆସିଲା

**ପାଇକମାଳ, ୨୯।୮ (ଡି.ଏନ.ଏ)**

ପାଇକମାଳ ବ୍ଲକ ପଲସଦା ଗ୍ରାମର ଚାଷୀ ଗୋବିନ୍ଦ ବିଶ୍ୱାଳଙ୍କ ମୃତ୍ୟୁ ପରେ ମଙ୍ଗଳବାର ଚାଷୀମାନେ ପଦ୍ମପୁର-ପାଇକମାଳ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଶସ୍ୟବୀମା ଟଙ୍କା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଏହି କ୍ରମରେ ମଙ୍ଗଳବାର ରାତିରେ ପଲସଦା ପଞ୍ଚାୟତର ୬୫୩ଜଣ ଚାଷୀଙ୍କ ୨କୋଟି ୭୨ଲକ୍ଷ, ଜାମସେଠ ପଞ୍ଚାୟତର ୫୦୬ ଜଣ ଚାଷୀଙ୍କ ୨କୋଟି ୫୨ଲକ୍ଷ ଟଙ୍କା, ଝିଟିକି ପଞ୍ଚାୟତର ୨୪୧ଜଣ ଚାଷୀଙ୍କ ୧କୋଟି ୩୮ଲକ୍ଷ ଶସ୍ୟବୀମା ଟଙ୍କା ବ୍ୟାଙ୍କରେ ଜମା ହୋଇଛି । ଟଙ୍କା ଉଠାଇବା ପାଇଁ ବୁଧବାର ସମ୍ବଲପୁର ଜିଲା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ଲିଃ ପାଇକମାଳ ଶାଖାରେ ଚାଷୀମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଏ ନେଇ ଶାଖା ପରିଚାଳକ କିଶୋର ଚନ୍ଦ୍ର ପତିଙ୍କୁ ପଚାରିବାରୁ ଦିନକୁ ପ୍ରାୟ ୨୫୦ ଜଣ ଚାଷୀଙ୍କୁ ଟଙ୍କା ଦେବାର ସୁବିଧା ହୋଇପାରୁଛି । କିନ୍ତୁ ପ୍ରତିଦିନ ହଜାରେରୁ ଉର୍ଦ୍ଧ୍ୱ ବ୍ୟାଙ୍କକୁ ଆସୁଛନ୍ତି । ଧୀରେ ଧୀରେ ସମସ୍ତ ଚାଷୀଙ୍କୁ ଶସ୍ୟବୀମା ଟଙ୍କା ଦିଆଯିବ ବୋଲି ସେ କହିଥିଲେ ।

# ଚିକିତ୍ସକ ଅଭାବ, ପ୍ରାଣୀଧନ ଚିକିତ୍ସାରେ ବାଧା

**ଗଣ୍ଡତୁରୁମ, ୨୯।୮(ଡି.ଏନ.ଏ.)**

**ଭେଡେନ ବ୍ଲକ**

ଭେଡେନ ବ୍ଲକ ଅଞ୍ଚଳରେ ପ୍ରାଣୀଧନ ଚିକିତ୍ସାରେ ବିଭ୍ରାଟ ଦେଖାଦେଇଛି । ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

ଭେଡେନ ବ୍ଲକରେ ୩ଟି ପ୍ରାଣୀ ଚିକିତ୍ସାଳୟ ଏବଂ ୧୨ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି । ଏହିସବୁ କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ପଦବୀ ଖାଲି ପଡିଛି। ଏଠାରେ ୫ଜଣ ପ୍ରାଣୀ ଚିକିତ୍ସକ ସ୍ଥାନରେ ୩ଜଣ ଏବଂ ୧୨ଜଣ ପ୍ରାଣୀଧନ ନିରୀକ୍ଷକଙ୍କ ସ୍ଥାନରେ ୮ ଜଣ ରହିଛନ୍ତି। ସଂକ୍ରୀଡା, ବୁନ୍ଦା, କୁବେଡେଗା ଏବଂ ରେଶମ ପ୍ରାଣୀ ସହାୟକ କେନ୍ଦ୍ରରେ ଦୀର୍ଘ ୧୦ବର୍ଷ ହେଲା ନିରୀକ୍ଷକ ପଦବୀ ଖାଲି ପଡିଛି । ପପଙ୍ଗା ଚିକିତ୍ସାଳରେ ୬ବର୍ଷ ହେଲା ପ୍ରାଣୀ ଚିକିତ୍ସକ ଏବଂ ସମସ୍ତ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଏବଂ ରାତ୍ର ଜଗୁଆଳି ନାହାନ୍ତି । ବର୍ତ୍ତମାନ ବର୍ଷା ଋତୁରେ ପ୍ରାଣୀମାନଙ୍କଠାରେ ଦେଖା ଦେଇଥିବା ଫାଟୁଆ, ଗଳାଫୁଲା ରୋଗ ମହାମାରୀ ରୂପ ନେଇଥିବା ବେଳେ ଆବଶ୍ୟକ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଛନ୍ତି । ଫଳରେ ପ୍ରାଣୀପାଳକମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଅପରପକ୍ଷରେ ବେସରକାରୀ ଦୁଗ୍ଧ ଉତ୍ପାଦକ ସଂସ୍ଥାଗୁଡିକ ଅଣତାଲିମପ୍ରାପ୍ତ ଲୋକଙ୍କ ହାତରେ ଟୀକାକରଣ କରୁଥିବା ଏବଂ ଏଥିରେ ମଧ୍ୟ ପ୍ରାଣୀମାନେ ବିଭିନ୍ନ ରୋଗରେ ପଡି ମୃତ୍ୟୁବରଣ କରୁଛନ୍ତି । ଏ ସମ୍ପର୍କରେ ଜିଲା ପ୍ରାଣୀଧନ ମୁଖ୍ୟ ଡା. ତରୁଣ କୁମାର ସାହୁଙ୍କୁ ପଚରାଯିବାରୁ ସେ କହିଲେ, ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ୨୧ ଡାକ୍ତର ଏବଂ ୩୨ଜଣ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡିଛି। ଚଳିତବର୍ଷ ନୂତନ ପଦବୀ ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ତେବେ ଅଣତାଲିମପ୍ରାପ୍ତ କର୍ମଚାରୀଙ୍କ ଟିକାକରଣ ଉପରେ ଖୁବ୍‌ଶୀଘ୍ର ରୋକ୍ ଲଗାଯିବ ବୋଲି ସିଡିଭିଓ ଡା. ସାହୁ ପ୍ରକାଶ କରିଥିଲେ ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ




ସିପିଆଇ କର୍ମୀମାନେ ଏକ ଶୋଭାଯାତ୍ରାରେ ଜିଲାପାଳ ଅଫିସକୁ ଯାଉଛନ୍ତି ।

**ବରଗଡ଼ ଅଫିସ୍, ୨୯।୮**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ବରଗଡ଼ ଜିଲା ପକ୍ଷରୁ ବୁଧବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ୨୭ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲ । ଅତିରିକ୍ତ ଜିଲାପାଳ ତପିରାମ ମାଝୀ ସ୍ମାରକପତ୍ର ଗ୍ରହଣ କରିଥିଲେ । ଶତାଧିକ ସିପିଆଇ କର୍ମୀ ସ୍ଥାନୀୟ ଗାନ୍ଧୀଛକରୁ ଏକ ବିଶାଳ ରାଲିରେ ବାହାରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦଳିତ ଆଦିବସୀ, ସଂଖ୍ୟାଲଘୁ, ପଛୁଆବର୍ଗ ଓ ମହିଳାଙ୍କ ଉପରେ ଚାଲିଥିବା ଅତ୍ୟାଚାର ବନ୍ଦ କରିବା, ବିଦେଶରୁ କଳାଟଙ୍କା ଫେରାଇ ଆଣିବା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ପ୍ରଦାନ, ଧାନ କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କାକୁ ବୃଦ୍ଧି ସହିତ କୃଷିଋଣ ଛାଡ଼ କରିବାକୁ ସେମାନେ ଦାବି କରିଥିଲେ । ସିପିଆଇର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂ ଦେଓ, ଜିଲା ସଭାପତି ଦେବେନ୍ଦ୍ର ଶତପଥୀ, ନିର୍ମାଣ ଶ୍ରମିକ ମହାସଂଘର ଜିଲା ସଭାପତି ଗୁଣନିଧି ମିଶ୍ର, ଜେଠୁ ଭୋଇ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

### ଗଙ୍ଗାଧର ମେହେର ଜୟନ୍ତୀ

**ଭେଡ଼େନ, ୨୯।୮(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଜାଣ୍ଡୋଲ ସ୍ଥିତ ମେହେର ଭୁଲିଆ ସମାଜ ତରଫରୁ ବୁଧବାର ଅପରାହ୍ନରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଛି। ସଭାପତି ଗୋବର୍ଦ୍ଧନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଏହି ସାରସ୍ୱତ ସଭାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଅଧ୍ୟାପକ ମୋହନ ସାହୁ ମୁଖ୍ୟ ବକ୍ତା, ଅଧ୍ୟାପକ ମାନଭଞ୍ଜନ ପ୍ରଧାନ, ମଦନ ସୁନ୍ଦର ଖେତି, ଉତ୍ପନ୍ନ ଭୋଇ ସମ୍ମାନିତ ବକ୍ତା, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଆତ୍ମା କମିଟି ଅଧ୍ୟକ୍ଷ ହରିଶଙ୍କର ବେହେରା, ଏମ୍‌ପି ପ୍ରତିନିଧି ତୁଷବନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମେହେର ସାହିତ୍ୟର ବିଭିନ୍ନ ଦିଗ ତଥା ସାମ୍ପ୍ରତିକ ପରିସ୍ଥିତିରେ ତାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଜାରୁ ମେହେର ସଭା ପରିଚାଳନା କରିଥିବା ବେଳେ ବିପିନ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଛୁରିଆ ଗଙ୍ଗାଧର ମେହେର କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ ।

# ପ୍ରୋତ୍ସାହନ ରାଶି ପାଇଲେ ହିତାଧିକାରୀ

**ଭଟଲି, ୨୯।୮(ଡି.ଏନ୍.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅଫିସ ପରିସରରେ ସରକାରୀ ଯୋଜନାରେ ଧାର୍ଯ୍ୟ ସମୟ ଭିତରେ ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଛି । ଶକ୍ତି, ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରୋତ୍ସାହନ ରାଶି ବାବଦରେ ପ୍ରତି ହିତାଧିକାରୀଙ୍କୁ କୋଡ଼ିଏ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଥିଲେ। ଏହାସହିତ ଯେଉଁମାନେ ଆଗକୁ ମଧ ଧାର୍ଯ୍ୟ ସମୟରେ କାର୍ଯ୍ୟ ସମାପ୍ତ କରି ସରକାରୀ ଯୋଜନାର ଲାଭ ଉଠାଇବେ ସେମାନଙ୍କୁ ମଧ ଏହିପରି ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ଉପାଧ୍ୟକ୍ଷ ମଦନ ସାହୁ, ବିଡିଓ ଧିରେନ୍ଦ୍ର କୁମାର ସେଠୀ, ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ୪୦୦ ହିତାଧିକାରୀଙ୍କୁ ଚେକ୍ ବଣ୍ଟନ କରାଯାଇଥିଲା । ଏବିଡିଓ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚଳାନା କରିଥିବାବେଳେ ଜିପିଇଓ ରଞ୍ଜିତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଫସଲ ବୀମାରାଶି ମିଳିନି

# ସମବାୟ ବ୍ୟାଙ୍କରେ ତାଲା ପକାଇଲେ ଚାଷୀ

**ଅତାବିରା, ୨୯।୮ (ଡି.ଏନ.ଏ)**

କ୍ଷୟକ୍ଷତି ଅନୁସାରେ ଚାଷୀଙ୍କ ଆକାଉଣ୍ଟକୁ କ୍ଷତିପୂରଣ ବୀମା ରାଶି ଆସି ନ ଥିବାରୁ ବୁଧବାର ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ଗ୍ରାମପଞ୍ଚାୟତର ଚାଷୀମାନେ ଗୋଡଭଗା ସମବାୟ ବ୍ୟାଙ୍କ ଫାଟକରେ ତାଲା ପକାଇ ଦେଇଛନ୍ତି। ଫଳରେ ବ୍ୟାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋଡଭଗା ଫାଣ୍ଡି ଅଧିକାରୀ ଦିଲୀପ କୁମାର ବେହେରା ସଦଳବଳ ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତି ପ୍ରତି ସର୍ତକ ଦୃଷ୍ଟି ରହିଛନ୍ତି । ପୂର୍ବାହ୍ନ ୧୧ଟାରେ ଶତାଧିକ ଚାଷୀ ବ୍ୟାଙ୍କରେ ପହଞ୍ଚିଶାଖା ପରିଚାଳକଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କୁ ବାହାରକୁ ଆସିବା ପାଇଁ କହିଥିଲେ । ସମସ୍ତେ ବାହାରକୁ ଆସିବା ପରେ ସେମାନେ ବ୍ୟାଙ୍କ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ଲହଣ୍ଡା ପଞ୍ଚାୟତର ୨୫୧ ଜଣ ଚାଷୀ ସମବାୟ ସମିତିରୁ ଚାଷ ଋଣ ନେଇଥିଲେ। ଋଣ ନେବା ସମୟରେ ସେମାନେ ବୀମା ରାଶି ପଇଠ କରିଥିଲେ । ଧାନ ଫସଲ ଉଜୁଡିଯିବାରୁ କ୍ଷୟକ୍ଷତି ଆକଳନ ତ୍ରୁଟିପୂର୍ଣ୍ଣ ଯୋଗୁ ସଠିକ ସେମାନେ ବୀମା ରାଶି ପାଉନାହାନ୍ତି । ଫଳରେ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଚାଷୀ ଅମୂଲ୍ୟ ମହାକୁର, ପୂର୍ବତନ ସରପଞ୍ଚ ସଦାଶିବ ପ୍ରଧାନ, ଦୟାସାଗର ମେଣ୍ଡୁଲି, ନରେନ୍ଦ୍ର ଦାଶ, ପଞ୍ଚାନନ ପ୍ରଧାନ, ପ୍ରମୋଦ ବେହେରା, ଗୋପାଳ ସାହୁ, କାହ୍ନୁଚରଣ ମହାକୁର, ରାଧେଶ୍ୟାମ ମହାକୁର, ଶଶୀଭୂଷଣ ମେଣ୍ଡଲି ପ୍ରମୁଖ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନ ଆଗକୁ ଜୋରଦାର କରାଯିବ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ମାଡ଼ି ଆସିଲା ପଛୁଆ ପାଣି

**ଅମ୍ଭାଭୋନା ବ୍ଲକ**



ହୀରାକୁଦର ପଛୁଆ ପାଣି ଅମ୍ଭାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି ସ୍କୁଲକୁ ମାଡ଼ିଛି ।

**ଅମ୍ଭାଭୋନା, ୨୯।୮(ଡି.ଏନ.ଏ)**

ଅମ୍ଭାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି, ଅନ୍ତରାଡ଼ି, ବେନିଆପାଲି ଗ୍ରାମରେ ବନ୍ୟା ଆଶଙ୍କା ଦେଖାଯାଇଛି । ମହାନଦୀ ଉପରମୁଣ୍ଡ ତଥା ଛତିଶଗଡ଼ରେ ପ୍ରବଳ ବର୍ଷା ଏବଂ ସେଠାକାର ମହାନଦୀ ବ୍ୟାରେଜରୁ ପାଣି ନିଷ୍କାସନ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି । ଉପରୋକ୍ତ ଗ୍ରାମରେ ବନ୍ୟାସ୍ଥିତି ଦେଖାଯାଇ ନ ଥିଲେ ମଧ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ଗାଁ ପଟକୁ ମାଡ଼ି ଆସିଛି। ଉପରୋକ୍ତ ତିନିଗ୍ରାମର ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇସାରି ଥିବାବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ଚିଖିଲି ସ୍କୁଲ ପର୍ଯ୍ୟନ୍ତ ପଛୁଆ ପାଣି ପହଞ୍ଚି ସାରିଛି। ବନ୍ୟା ଆଶଙ୍କା ଦେଖାଯାଇ ଥିବାରୁ ତାର ମୁକାବିଲା ପାଇଁ ପ୍ରଶାସନ ମଧ୍ୟ ସଜାଗ ରହିଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅମ୍ଭାଭୋନା ତହସିଲଦାର ସଦାକର କୁମ୍ଭାର, ବିଡ଼ିଓ ସହଦେବ ସମାଧିଆ ପ୍ରମୁଖ ସେଠାରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ତେବେ ଏପର୍ଯ୍ୟନ୍ତ ଉପରୋକ୍ତ ଗ୍ରାମର ଗାଁ ଲୋକେ ଗ୍ରାମ ଛାଡ଼ି ନ ଥିବାବେଳେ ସେମାନଙ୍କୁ ଆଶ୍ରୟ ଦେବା ପାଇଁ ଅନ୍ତରାଡ଼ି ଓ ଚିଖିଲି ବନ୍ୟା ଆଶ୍ରୟସ୍ଥଳୀରେ ସମସ୍ତ ପ୍ରସ୍ତୁତି କରାଯାଇଛି । ରିଲିଫ ଯୋଗାଇବା ପାଇଁ ସବୁ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା. ରିଲିଫ ସାମଗ୍ରୀ, ଆମ୍ବୁଲାନ୍ସ ସହିତ ଅଗ୍ନିଶମ ବାହିନୀ ଉପସ୍ଥିତ ରହିଛନ୍ତି ବୋଲି ତହସିଲଦାର କୁମ୍ଭାର କହିଛନ୍ତି। ମହାନଦୀ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

# ସବ୍‌ଜୋନ ସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା

**ପାଇକମାଳ, ୨୯।୮(ଡି.ଏନ.ଏ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ଖେଳ ପଡିଆଠାରେ ସବ୍ ଜୋନସ୍ତରୀୟ କବାଡି ଓ ଖୋଖୋ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥଲେ । ଏଥିରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଉଭୟ ବାଳିକା ବାଳକ ବର୍ଗରେ ମୋଟ ୩୧୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ସୁଦର୍ଶନ ମହାକୁର, ହେମସାଗର ସାହୁ, ପଦ୍ମଲୋଚନ ମାଝୀ,




ପାଇକମାଳ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ପ୍ରତିଯୋଗିତାରେ ଉପସ୍ଥିତ ଅତିଥିବୃନ୍ଦ ।

ପ୍ରଫୁଲ୍ଲ ମେହେର, ସ୍ୱତନ୍ତ୍ର ସାହୁ, ଜଗଦୀଶ ରଣା, ଚମ୍ପେଶ୍ୱର ହଂସ, ଭେରୁନାଥ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀ ବ୍ଲକସ୍ତରରେ ଖେଳିବା ପାଇଁ ମନୋନିତ ହୋଇଥିଲେ। ଶିକ୍ଷକ କୃଷ୍ଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍

## ସଂକ୍ଷେପରେ

### ସୁବଳାୟା କଲେଜରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ

**ବୀରମହାରାଜପୁର,୨୯।୮ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳାୟା କଲେଜ ଆନୁକୂଲ୍ୟରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ଦେଖ ମଧୁମୟରେ ଜୀବନ ସଙ୍ଗୀତ ଗାନ କରିଥିଲେ। ଉତ୍ସବରେ କଲେଜ ଅଧକ୍ଷ ଭୋଳାନାଥ କର୍ମୀ ପୌରୋହିତ୍ୟ କରିଥିଲେ। ଏଥିରେ ସୋନପୁର କଲେଜର ସଂସ୍କୃତ ବିଭାଗ ମୁଖ୍ୟ ଭାସ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ କାବ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ। କଲେଜର ଓଡ଼ିଆ ପ୍ରାଧାପକ ଡ. ମୀନକେତନ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିଙ୍କ ବିଶ୍ୱ ମଧୁମୟ ବର୍ଣ୍ଣନା କରିବା ଯୁକ୍ତିଯୁକ୍ତ ବୋଲି ମତବ୍ୟକ୍ତ କରିଥିଲେ। ସାଂସ୍କୃତିକ ବିଭାଗ ଉପସଭାପତି ଅଧାପକ ରମାକାନ୍ତ ପୁରୋହିତ ସଭା ସଂଯୋଜନା କରିଥିବା ବେଳେ ଶେଷରେ ଅଧାପକ ଦେବାଶିଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତୀ ସଭାରେ ଅନ୍ୟମାନଙ୍କ ମଧରେ କଲେଜର ଅଧାପକ ଗିରିଧାରୀ ମିଶ୍ର, ଶିବଶଙ୍କର ମହାନନ୍ଦ, ଅନ୍ନଦା ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଗଞ୍ଜେଇ ଚାଲାଣ ମାମଲା:ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୯।୮(ସ୍ୱ.ପ୍ର):** ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ଗୌରିମାଳି ମହାରଣା ବୁଧବାର ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ଗତ ତା୧୬।୧୦।୧୫ରିଖରେ ମନମୁଣ୍ଡା ପୋଲିସ ଏକ କାର ସୋନପୁର ଆଡକୁ ଯାଉଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବହିରା ଛକରେ ତାକୁ ଅଟକାଇଥିଲା । ଯାଞ୍ଚବେଳେ କାର୍ ଭିତରେ ୩ଟି ବସ୍ତାରେ ୧୧୩ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ପୋଲିସ ଉକ୍ତ ଗଞ୍ଜେଇ ଜବତ କରିବା ସହ କାର୍‌ରେ ଥିବା ବଲାଙ୍ଗୀର ପାଟଣାଗଡର ମୋହନ ନାଗ ଓ ଗଞ୍ଜାମର ସୁଶାନ୍ତ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଏହି ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାର ହୋଇଥିଲା । ଏହି ମାମଲାରେ ଅଭିଯୁକ୍ତ ସୁଶାନ୍ତ ସିଂ ଜାମିନରେ ଥିବା ବେଳେ ମୋହନ ଜାମିନ ପାଇ ନ ଥିଲେ । କିନ୍ତୁ ଅଭିଯୁକ୍ତଙ୍କ ଜମାନବନ୍ଦୀ ସମୟରେ ସୁଶାନ୍ତ ନ ଆସିବାରୁ ତାଙ୍କ ନାମରେ ୱାରେଣ୍ଟ ହୋଇଥିଲା ଏବଂ ସେ ଫେରାର ଅଛନ୍ତି। ଉକ୍ତ ମାମଲାରେ ବୁଧବାର ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜ୍ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ମୋହନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତ କୋର୍ଟକୁ ଆସି ନ ଥିବାରୁ ଅତିରିକ୍ତ ଜିଲା ଦୌରାଜଜ ଭିଡିଓ କନଫରେନ୍‌ସିଂ ମାଧ୍ୟମରେ ରାୟ ଶୁଣାଇଥିଲେ ।

## ସୁବର୍ଣ୍ଣପୁରରେ ମୁଁ ହିରୋ ମୁଁ ଓଡ଼ିଶା ଅଭିଯାନର ଶୁଭାରମ୍ଭ

# ୫ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୨୯।୮(ନି.ପ୍ର.)**

ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଜୁ ଯୁବ ବାହିନୀ ଅନ୍ତର୍ଗତ ନୂଆ କାର୍ଯ୍ୟକ୍ରମ ମୁଁ ହିରୋ ମୁଁ ଓଡ଼ିଶା ଅଭିଯାନ ସୁବର୍ଣ୍ଣପୁର ଜିଲାରେ ବୁଧବାର ଶୁଭାରମ୍ଭ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସୋନପୁର ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଭ୍ରାମ୍ୟମାଣ ଗାଡ଼ିର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସୁବର୍ଣ୍ଣପୁର ଜିଲାର ପ୍ରତି ଘରେ ବୀରମାନେ ରହିଛନ୍ତି। ଏହି ଜିଲା ଖାଦ୍ୟଶସ୍ୟ ଉତ୍ପାଦନ ଏବଂ ଶାଢୀ ପ୍ରସ୍ତୁତିରେ ପ୍ରସିଦ୍ଧି ଲାଭ କରିଛି। ବିଜୁ ପଟ୍ଟନାୟକ ଯୁବ ମାନସର ପ୍ରତୀକ। ବିଜୁ ଯୁବ ବାହିନୀ ଗଠନ ଓ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଆଗରେ ରହିଛି। ପ୍ରତି ପଞ୍ଚାୟତରେ ୫୦ଜଣଙ୍କୁ ନେଇ ୧୧୮ ବିଜୁ ଯୁବ ବାହିନୀ ଗଠନ କରାଯାଇଛି। ୧୫ରୁ ୩୫ ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଥିବା ଅନ୍ତଃଶକ୍ତିକୁ ଚିହ୍ନଟ କରି ତାକୁ ସ୍ୱୀକୃତି ଦେବା ହେଉଛି ମୁଁ ହିରୋ ମୁଁ ଓଡ଼ିଶା ଅଭିଯାନର ଲକ୍ଷ୍ୟ ବୋଲି



ଅଭିଯାନର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ଓ ଏସ୍‌ପି ପ୍ରମୁଖ ଉପସ୍ଥିତ ରହିଛନ୍ତି।

ମନ୍ତ୍ରୀ ପୂଜାରୀ କହିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର କହିଥିଲେ, ସାଧାରଣ ଲୋକଟିଏ ମଧ ବହୁତ ବଡ଼ କାମ କରି ପାରିଥାଏ। ଏମାନେ ହେଉଛନ୍ତି ନୀରବ କର୍ମୀ । ପ୍ରକୃତ ହିରୋ। ଜିଲାର ପ୍ରତି ଘରେ ଥିବା ବୀରମାନଙ୍କୁ ଚିହ୍ନଟ କରାଯିବ ବୋଲି ଜିଲାପାଳ ମିଶ୍ର କହିଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟୁନିସିପାଲିଟି ଅଧକ୍ଷା ସିମନ୍ତିନୀ ନାଏକ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷ ମକରଧ୍ୱଜ ସାହୁ, ବିନିକା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୫ଜଣ ଯୁବ ପ୍ରତିଭା ଏହେଶାସ ହୋତା, ରମାକାନ୍ତ କର୍ମୀ, ସୁରେଶ ରଥ, ଶୁଭକାନ୍ତି ବରିହା ଓ ପ୍ରଭାସ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସୋନପୁର କଲେଜରେ ସଭା, ପ୍ରତିଭା ଅନ୍ୱେଷଣ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁସ୍ଥ ପରିବେଶ, ସୁସ୍ଥ ଗାଁ ଓ ପରିମଳ ସମ୍ପର୍କରେ ସଚେତନ କରାଯାଇଥିଲା। ଯୁବତୀଯୁବକମାନେ ଅନ୍‌ଲାଇନ ଆବେଦନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଡିଆଇପିଆର୍‌ଓ ଭୁଜଙ୍ଗ ଭୂଷଣ ରାଓ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ ଖାନ ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଉଲୁଣ୍ଡାରେ ଲମ୍‌ଙ୍କ ଦିଶା ବୈଠକ

# ଉନ୍ନୟନମୂଳକ କାମର ସମୀକ୍ଷା

**ଉଲୁଣ୍ଡା,୨୯।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହଠାରେ ଏମ୍‌ପିଙ୍କ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର, ଜିଲାପରିଷଦ ଅଧକ୍ଷା ଉଷା କୁମାରୀ, ପିଡିଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାସଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏଥିରେ ଜିଲାର ଉନ୍ନୟନମୂଳକ କାମର ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ହେଉଥିବା ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ କହିଥିଲେ। ଏପରି କି ଉଲୁଣ୍ଡା- କୋଟସମଲାଇ, କୋଟସମଲାଇ- ଠେଙ୍ଗୋ, ଧର୍ମଶାଳା- ଠେଙ୍ଗୋ ଏବଂ ଉଲୁଣ୍ଡା- ବିନିକାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରି ରାସ୍ତାର ଉନ୍ନତିକରଣ କରିବାକୁ ଏମ୍‌ପି ସିଂଦେଓ ଆର୍‌ଡି ଓ କ୍ଷୁଦ୍ର ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୋନପୁର- ସମ୍ବଲପୁର ମୁଖ୍ୟରାସ୍ତାର ବଡମାଲଠାରୁ ଏସ୍‌ପତ୍ରାପାଲି ମଧ୍ୟରେ ନୂତନ ଭାବେ ତିଆରି ହୋଇଥିବା ପୋଲ ଉପରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ତାକୁ ଶୀଘ୍ର ମରାମତି କରିବାକୁ କହିଥିଲେ। ସେହିପରି ୨୦୧୭ ଖରିଫ ମରୁଡିର ଭୁଲ ଆକଳନ ଏବଂ ଉପଯୁକ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ ଉଲୁଣ୍ଡା ବ୍ଲକବାସୀ ବଞ୍ଚିତ ହୋଇଥିବା ଅଭିଯୋଗ ଉପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ୟୁରିଆ ସାର ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ସେ ବିଭାଗୀୟ ଅଧିକାରୀଙ୍କୁ ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ ବିଦ୍ୟୁତ୍ ସମସ୍ୟା ଜଟିଳହୋଇପଡିଥିବା ବେଳେ ଟ୍ରାନ୍ସଫର୍ମର ଟ୍ରାନ୍ସପୋଟେଶନ ଖର୍ଚ୍ଚ ଚାଷୀଙ୍କଠାରୁ ଅସୁଲି କରାଯାଉଥିବା ଅଭିଯୋଗ ପାଇ ବିଭାଗୀୟ ଅଧିକାରୀଙ୍କ ଉପରେ ସିଂଦେଓ ଅସନ୍ତୋଷ ପ୍ରକାଶ କରିଥିଲେ। ଠିକ୍ ସେହିପରି ଉଲୁଣ୍ଡାରେ ହେବାକୁ ଥିବା ମେଗା ଲିଫ୍ଟ ପଏଣ୍ଟ କାମ ଆସନ୍ତା ୪ରୁ ୫ ମାସ ଭିତରେ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷେ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର କୌଣସି ଅଧିକାରୀ ଆସି ନ ଥିବାରୁ ସିଂଦେଓ ବିରକ୍ତ ପ୍ରକାଶ କରିଥିଲେ। ଏହି ଅବସରରେ କୃଷି ଉଦ୍ୟାନ, ଏମ୍‌ଜିଏନ୍‌ଆର୍‌ଇଜିଏମ୍, ଜଙ୍ଗଲ, ଲିଫ୍ଟ ଇରିଗେସନ, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ପ୍ରଭୃତି ବିଭାଗର ସମୀକ୍ଷା କରାଯାଇଥିଲା।

# ସୁବର୍ଣ୍ଣପୁରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ସୋନପୁର,୨୯।୮(ନି.ପ୍ର.)**

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ବୁଧବାର ଜାତୀୟ କ୍ରୀଡ଼ା ଦିବସ ସୁବର୍ଣ୍ଣପୁରରେ ପାଳିତ ହୋଇଯାଇଛି। ଦିବସକୁ ସ୍ମରଣୀୟ ରଖିବା ପାଇଁ ଜିଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସକାଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଡକର ଛକଠାରୁ ସକାଳ ୮ଟାରେ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟାଉନହଲଠାରେ ପହଞ୍ଚିଥିଲା। କଲେଜ, ସ୍କୁଲର ଛାତ୍ରୀଛାତ୍ର ଓ ଯୁବକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଡିଆଇପିଆର୍‌ଓ ଭୁଜଙ୍ଗ ଭୂଷଣ ରାଓ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିନାରାୟଣ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର, ପ୍ରଦ୍ୟୁମ୍ନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଟାଉନହଲ ଠାରେ ଧ୍ୟାନଚାନ୍ଦଙ୍କ ଜୀବନୀକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲାରେ କ୍ରୀଡ଼ାର ବିକାଶ ଓ ଭଲ କ୍ରୀଡାବିତ୍ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାପାଳ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

### ମହିଳାଙ୍କୁ ଶୋଷୁଛି ମାଇକ୍ରୋ ଫାଇନାନ୍ସ

**ଜହ୍ନାପଙ୍କ, ୨୯।୮ (ଡି.ଏନ.ଏ)**

ମହିଳା ସଶକ୍ତିକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳକୁ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିବାରୁ ଅନେକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଏହାର ସୁଯୋଗ ନେଉଛନ୍ତି। ସେମାନେ ଉଚ୍ଚ ସୁଧ ହାରରେ ମହିଳାମାନଙ୍କୁ ଋଣ ଦେଇ ସପ୍ତାହିକ, ପାକ୍ଷିକ ଏବଂ ମାସିକିଆ ଟଙ୍କା ଅସୁଲି କରୁଛନ୍ତି । ସରକାରୀ ବ୍ୟାଙ୍କ ତୁଳନାରେ ବହୁଗୁଣ ଅଧିକ ସୁଧ ନେଉଥିବା ଜାଣି ମଧ ମହିଳାମାନେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଶୋଷଣର ଶିକାର ହେଉଛନ୍ତି। ଏଭଳି ସ୍ଥଳେ ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗ୍ରାମରେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଟଙ୍କା ପଇଠ ପାଇଁ ଋଣ ଗ୍ରହୀତା ନିଜ ଝିଅର ସାଇକେଲ ବିକିବା ଭଳି ଘଟଣା ଘଟିଛି । ଏହା ଜଣାପଡିବା ପରେ ଗ୍ରାମ୍ୟ ବିକାଶ ପରିଷଦ ସଂସ୍ଥାର ସଭାପତି ସମ୍ପୃକ୍ତ ମହିଳା ଗୋଷ୍ଠୀଙ୍କ ସହିତ ଆଲୋଚନା କରି ଏହାର ସମାଧାନ କରିଥିଲେ । ୧୦ରୁ ୧୨ଜଣ ଲେଖାଏ ମହିଳା ଗୋଷ୍ଠୀ ଗଠନ କରି ଏହି କମ୍ପାନୀ ଗୁଡିକରୁ ପ୍ରାୟ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ଗ୍ରହଣ କରିଛନ୍ତି । ଜଣେ ଜଣେ ମହିଳା ଏକାଧିକ ମାଇକ୍ରୋଫାଇନାନ୍ସରୁ ପ୍ରାୟ ୭୦ ହଜାର ଟଙ୍କା ଲେଖାଏଁ ଋଣ ଗ୍ରହଣ କରିଥିବା ଜଣାଯାଇଛି ।





ସିପିଆଇ କର୍ମୀମାନେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍‌କୁ ଯାଉଛନ୍ତି ।

## ୨୫ ଦଫା ନେଇ ସିପିଆଇର ବିଶାଳ ରାଲି

# ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନରେ ବସିଲେ

**ବୌଦ୍ଧ,୨୯।୮(ସ୍ୱ.ପ୍ର)**

ବୌଦ୍ଧ ଜିଲାକୁ ୨୫ ବର୍ଷ ପୂରଣ ହୋଇଥିଲେ ସୁଦ୍ଧା ଜିଲାର ଜନସାଧାରଣ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପାଇପାରିନାହାନ୍ତି । ଜିଲାରେ ଗରିବ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍, ପାନୀୟଜଳ ଓ ମୋବାଇଲ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ବୁଧବାର ସିପିଆଇ ପକ୍ଷରୁ ୨୫ ଦଫା ଦାବି ନେଇ ଏକ ବିଶାଳ ଶୋଭାଯାତ୍ରା ହୋଇଛି । ଏ ନେଇ ପ୍ରଶାସନକୁ ଜଣାଇଥିଲେ ମଧ କିଛି ପଦକ୍ଷେପ ନ ନେବାରୁ ଦଳ ପକ୍ଷରୁ ଗତ ୨୭ ତାରିଖ ଠାରୁ ଜିଲା ସମ୍ପାଦକ ଅବକାଶ ସାହୁଙ୍କ ନେତୃତ୍ୱରେ ତଳଗାଁ ପଞ୍ଚାୟତରୁ ଏକ ବିରାଟ ସାଇକେଲ ରାଲି ବାହାରି ହରଭଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ସଚେତନ ସଭା କରି ବୁଧବାର ବୌଦ୍ଧରେ ପହଞ୍ଚିଥିଲା । ଏହି ରାଲି ବୌଦ୍ଧରେ ପହଞ୍ଚିବା ପରେ ସହରର ରାମେଶ୍ୱର ମନ୍ଦିର ଠାରୁ ବିରାଟ ପଟୁଆରେ ବାହାରି ଜିଲାପାଳଙ୍କ ଅଫିସ୍‌କୁ ଯାଇଥିଲା। ଜିଲାପାଳଙ୍କ ଅଫିସ୍ ଆଗରେ ସିପିଆଇ କର୍ମୀ ଓ ସାଧାରଣ ଲୋକମାନେ ପହଞ୍ଚିବା ପରେ ଏକ ପ୍ରତିବାଦ ସଭା ହୋଇଥିଲା। ଏହି ସଭାରେ ଜିଲା ସମ୍ପାଦକଙ୍କ ସମେତ ସିପିଆର ରାଜ୍ୟ ସମ୍ପାଦକ ତଥା ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ଅଧକ୍ଷ ଅଭୟ ସାହୁ ଯୋଗ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତରଣୀସେନ ନାଏକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ପ୍ରତିବାଦ ସଭାସ୍ଥଳକୁ ଆସିଥିଲେ ସୁଧା ଆଲୋଚନା କରି ନ ଥିଲେ । ଫଳରେ ସିପିଆଇ କର୍ମୀମାନେ ଜିଲାପାଳଙ୍କ ଅଫିସ୍ ଆଗରେ ଦାବି ପୂରଣ ପାଇଁ ଆମରଣ ଅନଶନରେ ବସିରହିଛନ୍ତି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏସଡିପିଓ ସାଲେଷ୍ଟିନ ଡିଗା, ବୌଦ୍ଧ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

# ଜିଲାପାଳଙ୍କ ବନ୍ୟା ଅଞ୍ଚଳ ପରିଦର୍ଶନ

**ବୌଦ୍ଧ,୨୯।୮(ସ୍ୱ.ପ୍ର)**

ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ନଦୀକୂଳିଆ ଗ୍ରାମଗୁଡିକର ସ୍ଥିତି ଆକଳନ କରାଯାଇଛି। ଏହି କ୍ରମରେ ବୁଧବାର ଜିଲାପାଳ ସୀତାଂଶୁ ରାଉତ ହରଭଙ୍ଗାରେ ପହଞ୍ଚି ବନ୍ୟାସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ସମୟରେ ଉପଜିଲାପାଳ ଏନ୍‌ସି ଜ୍ୟୋତି ରଞ୍ଜନ ନାଏକ, ହରଭଙ୍ଗା ବିଡିଓ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାରଠାରୁ ଲଗାଣ ବର୍ଷା ଥମିଯାଇଥିବାରୁ ବନ୍ୟାଜଳ ଧୀରେ ଧୀରେ କମୁଥିବା ଲକ୍ଷ୍ୟ କରାଯାଇଥିଲା । ମାତ୍ର କୁଶଙ୍ଗ ପଞ୍ଚାୟତର ଜଗନ୍ନାଥ ସଡକର ଉଦଣ୍ଡି ନାଳରେ ପ୍ରାୟ ୨୦ ଫୁଟ ଉପରେ ପାଣି ପ୍ରବାହିତ ହେଉଥିବାରୁ ମାରଡା ଗାଁ ସମ୍ପୂର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଥିବା ଜଣାପଡିଛି। ତୀରଡରୁ କୁମାରୀ ତୀରଡ ବଡଜୁର ଓ ତୀରଡରୁ ଭଗାମୁଣ୍ଡାକୁ ଯିବାଆସିବା ରାସ୍ତାରେ ପାଣି ପ୍ରବାହିତ ହେଉଥିବାରୁ ମାରଡା ଗ୍ରାମଟି ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି । ସେହିପରି ଜଗନ୍ନାଥ ସଡକର ସାମ୍ଭୋଚ ନାଳ ଓ ହାଟଗାଁ ନାଳରେ ୫ ଫୁଟ ପାଣି ପ୍ରବାହିତ ହେଉଥିବାରୁ ଲୋକେ ଡଙ୍ଗାରେ ବିପଦଶଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା।



ଜିଲାପାଳ ହରଭଙ୍ଗାରେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# ୨୪ଦିନ ପରେ ଧାରଣା ପ୍ରତ୍ୟାହୃତ

## ଡେପୁଟେଶନରେ ଆସିଲେ ୨ ଡାକ୍ତର



ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

**ସିଂଘିଯୁବା,୨୯।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଏଚ୍‌ସି ଏବଂ ପିଏଚ୍‌ସିରେ ଦୀର୍ଘଦିନ ହେଲା ଡାକ୍ତର ପଦବୀ ଖାଲି ଥିବା ଯୋଗୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିଥିଲା। ଏନେଇ ବିନିକା ସାମ୍ବାଦିକ ସଂଘ ପକ୍ଷରୁ ଗତ ୬ତାରିଖରୁ ବିନିକା ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏହି ଧାରଣା ବୁଧବାର ୨୪ଦିନରେ ପହଞ୍ଚିଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ସୁବର୍ଣ୍ଣପୁର ପଡିଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ, ସୁବର୍ଣ୍ଣପୁର ଏସ୍‌ଡିପିଓ ମିହିର ପଣ୍ଡା, ବିନିକା ଥାନା ଆଇଆଇସି କଲ୍ୟାଣୀ ବେହେରା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨ଜଣ ବିଶେଷଜ୍ଞ ଡାକ୍ତର ଡେପୁଟେସନରେ ଆସି ସପ୍ତାହକୁ ୫ଦିନ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା। ଆନ୍ଦୋଳନସ୍ଥଳରେ ପଶ୍ଚିମ ଓଡ଼ିଶା ବର୍ଷୀୟାନ କଳାକାର ତଥା ଅଭିନେତା ଅଟଳ ବିହାରୀ ପଣ୍ଡା, ବିନିକା ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଡାକ୍ତର ନିଯୁକ୍ତ ଦାବି ନେଇ ବିନିକା ବନ୍ଦ ପାଳନ କରାଯାଇଥିଲା। ଏନେଇ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା।

# ଡାକ୍ତର ଡେପୁଟେଶନରେ ଯିବାକୁ ନାଇକେନପାଲିରେ ବିରୋଧ

**ସୋନପୁର,୨୯।୮(ନି.ପ୍ର.)**

ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ସୁବର୍ଣ୍ଣପୁର ଜିଲା ବିନିକାରେ ଗତ ୨୪ ଦିନ ଧରି ଆନ୍ଦୋଳନ ଚାଲିଥିଲା। ବୁଧବାର ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସମୀର କୁମାର ବାଘେଲ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହରେ ୨ ଦିନ ଚିକିତ୍ସା କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ବିନିକା ସାମ୍ବାଦିକ ସଂଘ ଆନ୍ଦୋଳନରୁ ହଟିଛି। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ନିଯୁକ୍ତ ଡାକ୍ତର ବାଘେଲ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ଯିବା ନେଇ ସିଡିଏମ୍‌ପିଏଚ୍‌ଓ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ ବୁଧବାର ଆଦେଶନାମା ଜାରି କରିଛନ୍ତି। ତେବେ ଏହି ଆଦେଶନାମାକୁ ନାଇକେନପାଲି ଅଞ୍ଚଳରେ ତୀବ୍ର ବିରୋଧ କରାଯାଇଛି। ନାଇକେନପାଲିରେ ମେଡିକାଲ ଅଫିସର ପଦବୀ ସମେତ ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡିଛି। ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ନବକିଶୋର ବେହେରା ଏଠାରେ ମେଡିକାଲ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ବାଘେଲ ହିଁ ଏକମାତ୍ର ଡାକ୍ତର ଭାବେ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି । ସେ ୨ ଦିନ ବିନିକା ଗଲେ ଲଛିପୁର, ରେଙ୍ଗାଲି, ଛକୋରମାଲ, ଖଲିଆପାଲି, ବଲାଡି, ନାରାୟଣପର, ଦେଉଳପଦର, ମେଣ୍ଡା ଓ ଖାରୀ ଅଞ୍ଚଳର ଅଧିବାସୀ ହଇରାଣ ହେବେ। ସ୍ଥାନୀୟ ଅଞ୍ଚଳରେ ଚିକିତ୍ସା ସେବା ବାଧାପ୍ରାପ୍ତ ହେବ ବୋଲି ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି ଓ ଜୟନାରାୟଣ ନେଗୀ କହିଛନ୍ତି। ଆଦେଶନାମା ବାତିଲ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବୁଧବାର ଚେତାବନୀ ଦେଇଛନ୍ତି । ଜିଲା ପରିଷଦ ସଭ୍ୟ ବିଶିଙ୍କ ସମେତ ରାମେଶ୍ୱର ପଧାନ, ପ୍ରଭୁଦତ୍ତ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ନନ୍ଦି ମହାକୁଡ଼, ଶିବ ସାହୁ, ସୁଧୀର ମିଶ୍ର, ମହେନ୍ଦ୍ର ପାଢୀ ପ୍ରମୁଖ କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ଓ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଭେଟି ଆଲୋଚନା କରିବା ସହିତ ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ୭ ଦିନ ସମୟ ମାଗିଥିବା ଜଣାପଡିଛି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ଜଣେ ମୃତ

**ଭବାନୀପାଟଣା,୨୯।୮ (ଡି.ଏନ.ଏ.)-** କଳାହାଣ୍ଡି ଜିଲାର ଅଭ୍ୟନ୍ତରିଣ ଓ ଦୁର୍ଗମ ଅଞ୍ଚଳରେ ଜ୍ୱର ଓ ଝାଡାବାନ୍ତି ପ୍ରଦୁର୍ଭାବ ଦେଖାଦେଉଛି । ବିଶେଷ କରି ଜିଲାର ଥୁ.ରାମପୁର ବ୍ଲକରେ ବିଭନ୍ନ ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଅଳ୍ପ ଦିନତଳେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସିମେଲପଦର ଗ୍ରାମର ୩ଜଣ ମୃତ୍ୟୁବରଣ କରିଥିବା ଖବର ପ୍ରଚାରିତ ହେବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ସିମେଲପଦର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସିତ କରିଥିଲେ। ସିମେଲପଦର ଗ୍ରାମରେ ଝାଡାବାନ୍ତି ନିୟନ୍ତ୍ରଣ ହୋଇଥିବା ବେଳେ ଏବେ ଥୁ.ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ପୋଖରୀଭଟାଗୁଡା ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ଖବର ମିଳିଛି। ଭଟାଗୁଡା ଗ୍ରାମରେ ୬ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ସୋମବାର ଉଲମାଇ ମାଝି (୫୦)ଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁ ରାସ୍ତାଘାଟ ଧୋଇ ହୋଇଯିବା ସହ ବିଭିନ୍ନ ଛୋଟବଡ ନାଳରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଆମ୍ବୁଲାନ୍ସ ପୋଖରୀଭଟାଗୁଡା ଗ୍ରାମକୁ ପହଞ୍ଚିପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଝାଡାବାନ୍ତିରେ ଆକ୍ରାନ୍ତ ଉଲମାଇ ମାଝିଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇ ପରି ନ ଥିଲା। ଫଳରେ ଉଲମାଇ ମାଝିଙ୍କ ଚିକିତ୍ସା ଅଭାବରୁ ଗାଁରେ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପୋଖରୀଭଟାଗୁଡା ଗ୍ରାମରେ ଆହୁରି ୫ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ସହ ଆକ୍ରାନ୍ତମାନଙ୍କୁ ତୁରନ୍ତ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାରେ ଲଘୁଚାପଜନିତ ପ୍ରବଳ ବର୍ଷା ଓ ବନ୍ୟା ପରେ ଏବେ ଜ୍ୱର ଓ ଝାଡାବାନ୍ତି ପ୍ରଦୁର୍ଭାବ ଦେଖାଦେଉଛି ।

# ୩ ଦିନ ପରେ ମୃତଦେହ ମିଳିଲା

- ଡ୍ୟାମ କର୍ତ୍ତୃପକ୍ଷଙ୍କୁ ଦୋଷାରୋପ
- ବୁଦାମୂଳେ ଲାଗି ରହିଥିଲା ମୃତଦେହ

**ନୂଆପଡା ଅଫିସ,୨୯।୮**

ନୂଆପଡା ବ୍ଲକ ସାରାବଙ୍ଗ ନଦୀ ବଢି ପାଣିରେ ମୟଙ୍କୁ ତାଣ୍ଡି (୩୨) ନାମକ ଜଣେ ଯୁବକ ଭାସିଯିବାର ୩ ଦିନ ପରେ ବୁଧବାର ମୃତଦେହ ମିଳିଛି । ୩ ଦିନ ଧରି ଲଗାତର ପୋଲିସ ଏବଂ ଅଗ୍ନିଶମ ବିଭାଗ ଖୋଜାଖୋଜି ପରେ ମଧ୍ୟ ମିଳି ନ ଥିବାବେଳେ ନଦୀରେ ଗାଧୋଇବାକୁ ଯାଇଥିବା ସ୍ଥାନୀୟ ଲୋକମାନେ ଦେଖି ଉଦ୍ଧାର କରିଥିଲେ । ସନ୍ଧ୍ୟାରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି । ଛତିଶଗଡର କାସାକେରା ଗାଁର ମୟଙ୍କୁ ଶ୍ୱଶୁର ଘର ସ୍ଥାନୀୟ ଭଏଁଷାଦରା ଗାଁକୁ ଆସିଥିଲେ । ସେଠାରୁ ନିଜ ଶାଳକ ତୋଷ କୁମାରଙ୍କ ସହ ରବିବାର ସନ୍ଧ୍ୟାରେ ନୂଆପଡା ସିର୍ଚୋଲକୁ ଯାଇ ରାତି ୮ଟାରେ ବାଇକରେ ଆସୁଥିବା ବେଳେ ନଦୀ ପାଣିରେ ଭାସି ଯାଇଥିଲେ। ପୋଲିସ ଏବଂ ଅଗ୍ନିଶମ ବିଭାଗ ନଦୀରେ ଖୋଜିଥିଲେ ହେଁ ମିଳି ନ ଥିଲେ । ମଙ୍ଗଳବାର ନଦୀରେ ଜୀବିତ ଅବସ୍ଥାରେ ତୋଷ କୁମାର ମିଳିଥିଲେ । ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ଗାଧୋଇବା ସମୟରେ ବାଇକକୁ ପାଇଥିବା ବେଳେ ବ୍ରିଜ ନିକଟରୁ ୨ କି.ମି. ଦୂରରେ ମୟଙ୍କୁଙ୍କ ମୃତଦେହକୁ ଉଦ୍ଧାର କରିଥିଲେ । ପୋଲିସ ମୃତଦେହକୁ ଜବତ କରି ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ପତୋରା ଡ୍ୟାମରୁ ଆଜକୁ ୫ବର୍ଷ ପରେ ପ୍ରଥମ ଥର ପାଇଁ ୪ଟି ଗେଟ ଖୋଲି ଦିଆଯାଇଥିଲା । ଅଞ୍ଚଳରେ କୌଣସି ସୂଚନା ଦିଆଯାଇ ନ ଥିବାରୁ ଏଭଳି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି ।

# ଉତ୍ତମ ଶିକ୍ଷା ଆମକୁ ମଣିଷପଣିଆ ଶିଖାଇଥାଏ

**ନୂଆପଡ଼ା ଅଫିସ,୨୯।୮**

ମଣିଷ ଯେତିକି ସଭ୍ୟ ସମାଜ ଆଡକୁ ଯାଉଥିବା କୁହାଯାଉଥିବା ବେଳେ ଆମରି ଭିତରେ ସେତିକି ମଣିଷ ପଣିଆ କମିଯାଉଥିବା ଦେଖାଯାଉଛି । ଏଥିପାଇଁ ଉତ୍ତମ ଶିକ୍ଷାର ଆବଶ୍ୟକତା ରହିଛି । ଉତ୍ତମ ଶିକ୍ଷା ଆମକୁ ମଣିଷ ପଣିଆ ଶିକ୍ଷା ଦେଇଥାଏ । ସେଥିସକାଶେ ଶିକ୍ଷା ଏବଂ ଶିକ୍ଷାୟତନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ସ୍ଥାନୀୟ

**କୁରୁମପୁରୀ ସାଇଜୁନିୟର କଲେଜ**

କୁରୁମପୁରୀସ୍ଥିତ ଶ୍ରୀସାଇ ସ୍ନାତକ ଏବଂ ଜୁନିୟର କଲେଜର ସ୍ୱାଗତ ସମାରୋହ ଉତ୍ସବରେ ବକ୍ତାମାନେ ଏହି ମତ ରଖିଛନ୍ତି । ବୁଧବାର ପୂର୍ବାହ୍ନ ୧୧ଟାରେ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଇନେଶ୍ୱରୀ ଅହୀର ମୁଖ୍ୟଅତିଥି, କଲେଜ ପରିଚାଳନା ଅଧ୍ୟକ୍ଷ ମୁକେଶ କୁମାର ଭସାଣୀ ବିଶେଷ ଅତିଥି, ନୂଆପଡା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟାପକ ପ୍ରବୋଧ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ପ୍ରଥମେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଏବଂ ଡିଗ୍ରୀ କଲେଜ ବିଜ୍ଞାନ, କଳା ଏବଂ ବାଣିଜ୍ୟ ବିଭାଗର ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ନୂତନ ଏବଂ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ। ବକ୍ତାମାନେ ଶିକ୍ଷାର ଉଦ୍ଦେଶ୍ୟ ଏବଂ ଗୁରୁଛାତ୍ର ସମ୍ପର୍କ ଉପରେ ବ୍ୟାପକ ଭାବରେ ଆଲୋଚନା କରିଥିଲେ। ଅତିଥିମାନେ କହିଥିଲେ ଯେ, ପ୍ରକୃତ ସଫଳ ମଣିଷ ତାଙ୍କୁ କହିବା ଯିଏ ଅନ୍ୟଙ୍କୁ ପ୍ରକୃତ ସମ୍ମାନ ଦିଏ, ପାରସ୍ପରିକ ସହାନୁଭୂତି ବଜାୟ ରଖିବା ସହ ତ୍ୟାଗ କରିବାର ମାନସିକତା ରଖିଥାଏ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର ପ୍ରତିନିଧି ତୁନେଶ କୁମାର ରଣା, ପ୍ରକାଶ କୁମାର ଛତ୍ରି, ହିମାଂଶୁ ନାଏକ, ଗଜିନ୍ଦ୍ର ବଲଦାର, ଓମ ରାଠୋଡ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ କଲେଜ ସମସ୍ତ କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇଥିଲେ । ଶ୍ରୀରାମ ପୋମାର ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

# ୨ ମାସର ଶିଶୁ ପେଟରେ ଚେଙ୍କ

**ଖଡିଆଲ,୨୯।୮(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଧରଣୀମାଳ ଗାଁରେ ଜଣେ ୨ ମାସର ଶିଶୁର ପେଟରେ ଚେଙ୍କ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଧରଣୀମାଳ ଗାଁ ରୂପସିଂକଟା ଓ ତାଙ୍କ ସ୍ତ୍ରୀ ମନ୍ଦାର କଟାଙ୍କ ୨ ମାସର ପୁଅଙ୍କୁ ଥଣ୍ଡା ଜ୍ୱର ହୋଇ ପେଟ ପୁଲିବାକୁ ଲାଗିଲା । ଲୁହା ଚେଙ୍କ ଦେଲେ ଭଲ ହୋଇଥାଏ ବୋଲି ଗାଁର କିଛି ଲୋକଙ୍କ କହିବା ପରେ ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଗତ ଦୁଇ ଦିନ ତଳେ ପେଟରେ ଲୁହା ଚେଙ୍କ ଦେଇଥିଲେ । ଶିଶୁ ଅସୁସ୍ଥ ହୋଇ ପଡିବାରୁ ମଙ୍ଗଳବାର ଖଡିଆଳ ଡାକ୍ତରଖାନାକୁ ଆସି ଶିଶୁ ରୋଗ ବିଶେଷଜ୍ଞ ଡା. ପି. ଚନ୍ଦ୍ର ଆଚାରୀଙ୍କ ସହ ପରାମର୍ଶ କରି ଚିକିତ୍ସା ହୋଇଥିଲେ। ତେବେ ଶିଶୁର ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧିନ ଥିବା ଡା. ପି. ଚନ୍ଦ୍ର ଆଚାରୀ ପ୍ରକାଶ କରିଛନ୍ତି ।


ENERGY IS LIFE — BEE — CONSERVE IT

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

Department of Energy

09-AA

INVITING LEADERS IN THE FIELD OF ENERGY CONSERVATION OF ODISHA

**Odisha State Energy Conservation Awards-2018**

The Department of Energy, Govt. of Odisha through the Office of Engineer-in-Chief cum Principal Chief Electrical Inspector as the State Designated Agency (SDA), Odisha invites applications from MSMEs, IT Industries, Hospitals, Educational Institutions, Commercial Buildings, Hotels and Power Generation Companies (IPP) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2018 based on their performance during Financial Year 2017-2018. The last date of receipt of completed applications is **5th November 2018.**

For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in

The authority reserves the right to accept / reject any application without assigning any reasons thereof.

Sd/-
EIC E)-cum-PCEI & SDA (Odisha)

04004/11/0001/1819



FORM NO.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 394/2013**

**State Bank of India, Jagmohan Nagar Branch ............... Applicant**
Versus
**M/s. Nikshita Associates (P) Ltd. & Others ........... Defendant(s)**

To
**5/A, Sanghamitra Dash**, W/o- Late Sandeep Dash, At- Police Line Road, P.O- Puri, P.S- Kumbharapada, Dist.- Puri
**5/B, Nikshita Dash**, D/o- Late Sandeep Dash, C/o- Sanghamitra Dash, At- Police Line Road, P.O- Puri, P.S- Kumbharapada, Dist.- Puri

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 394/2013 in the court of the Debts of Recovery Tribunal, Cuttack for recovery of Rs. 10,85,812.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorized agent, in support of their defence to show cause within 30 days from the date of publication or on 03.10.2018 at 10.30 AM as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this tribunal on this 18th day of Aug. 2018.

**Sd./- (Srikanta Kumar Maikap), Registrar**



**URGENTLY REQUIRED FOR A CCI**

- **Counsellor (One)** - M.A (Sociology / Child Psychology) and 3 years experience in child development institution, Remuneration Rs. 17,500/- as per ICPS guidelines.
- **Probation Officer - One** M.A. in Sociology / MBA and 3 years experience in Child Care Institutions. Remuneration Rs. 13,000/-.
- **Compounder / Pharmacist - One** Diploma qualification with experience in first Aid. Remuneration 9000/-.
- **Store Keeper & Accountant- One** PG in commerce, experience in child Development, Remuneration Rs. 14,000/-.
- Upper Age limit for all posts is 35 years.
- Candidates who are willing to work in the CCI of **Banabasi Vidya Sabha, G.V. Ashram, Vedvyas** apply within 7 days of this advertisement to the ADM, Sundargarh by Post. Salary as per ICPS guide lines. Attach Bio-Data along with one colour passport size photograph with copies of academic qualification and experiences.

**Superintendent**
**Banabasi Vidya Sabha**
**Vedvyas, Rourkela**



Bank of Baroda बैंक ऑफ़ बड़ौदा

ମୁଖ୍ୟ କାର୍ଯ୍ୟାଳୟ : ମାଣ୍ଡଭି, ବରୋଦା
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଟେଣ୍ଡର ନୋଟିସ୍**

ବିଭିନ୍ନ କାର୍ଯ୍ୟ ନିମନ୍ତେ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ପାଇଁ ବିଜ୍ଞାପନ

**ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର** ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କର ଆବାସିକ ଏବଂ ବ୍ୟବସାୟିକ ଗୃହ ପରିସରରେ ସିଭିଲ, ଇଲେକ୍ଟ୍ରିକାଲ, ସାଜସଜ୍ଜା, ଶୀତତାପ ନିୟନ୍ତ୍ରଣ ଏବଂ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ଆର୍କିଟେକ୍ଟ, କଣ୍ଟ୍ରାକ୍ଟର, ଡିଲର ଏବଂ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି।
ଟେଣ୍ଡର କାଗଜପତ୍ର ବ୍ୟାଙ୍କର ୱେବ୍‌ସାଇଟ୍ :
**www.bankofbaroda.com** ରେ ଉପଲବ୍ଧ ଅଟେ।
ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ : **୨୪.୦୯.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।**
କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛି।

ସ୍ଥାନ: ଭୁବନେଶ୍ୱର
ତା.୩୦.୦୮.୨୦୧୮
ଉପ-ମହାପ୍ରବନ୍ଧକ



**PENSION ADALAT BY INCOME TAX DEPARTMENT, ODISHA**

It has been decided to hold Pension Adalat in respect of pensioners / family pensioners on **18.09.2018** at 11 AM in Kalinga Conference Hall, 4th Floor, AAYAKAR Bhawan, Vani Vihar, Bhubaneswar to ventilate grievances relating to pension / family pension. The pensioners / family pensioners who are having grievance in the matter of pension may forward their grievances in the following format **to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, AAYAKAR Bhawan, Vani Vihar, Bhubaneswar for facilitation.**

1. Name of the employee with address:
2. Name of the Pension / family pension holder:
3. PPO No. if any:
4. Mobile No. for communication:
5. Office from which retired / expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- (Narayan Nayak)**
**Income Tax Officer (Legal)**
**O/o the Pr. CCIT, Bhubaneswar**



INDIAN RAILWAYS

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/12 ତା. 27.08.2018 ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।

PR-332/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ଼

ପତ୍ର ସଂଖ୍ୟା ୧୪୪୦ ତା ୨୭.୮.୨୦୧୮

ଏତଦ୍ୱାରା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୨୦.୦୯.୨୦୧୮ଠାରୁ ୨୯.୧୦.୨୦୧୮ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା (୧ ଅକ୍ଟୋବର ୨୦୧୭ରୁ ୩୧ ମାର୍ଚ୍ଚ ୨୦୧୮) । ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମଗୁଡିକରେ ସକାଳ ୯ ଘଟିକାଠାରୁ ଆରମ୍ଭ ହେବ । ତେଣୁ ଆପଣମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ସହିତ ସର୍ବସାଧାରଣ ନାଗରିକ, କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆପଣଙ୍କ ଜରିଆରେ ନିବେଦନ କରାଯାଉଛି ।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବିଜେପୁର, ବାଞ୍ଜିପଦର, ଭାଲେଗାଁ, ଘଣ୍ଟବାହାଲି, ଲୁଥୁରବନ୍ଧ, କତରକେଲା | ୨୦।୦୯।୨୦୧୮ | ୨୬।୦୯।୨୦୧୮ | ୨୬।୦୯।୨୦୧୮ | ୨୯।୧୦।୨୦୧୮ | ବିଜେପୁର AE, ବାଞ୍ଜିପଦର APO, ଭାଲେଗାଁ AEE, ଘଣ୍ଟାବାହାଲି GPEO, ଲୁଥୁରବନ୍ଧ AFO, କତରକେଲା PA |
| ଦ୍ୱିତୀୟ | ବାନ୍ଧୁପଲା, ଶଗଡଘାଟ, ମନିଗାଁ, ମହୁଲପଡା, ଜଗୁଆ | ୨୭।୦୯।୨୦୧୮ | ୦୪।୧୦।୨୦୧୮ | ୦୪।୧୦।୨୦୧୮ | | ବାନ୍ଧୁପଲା AFO, ଶଗଡାଘାଟ WEO, ମନିଗାଁ PA, ମହୁଲପଡା AE, ଜଗୁଆ AEE |
| ତୃତୀୟ | ନାରେନ , ଖୋଲାନ , ପରାସରା, ଅଦାବାହାଲ, ସିହିନି, ସୁର୍ଡା | ୦୫।୧୦।୨୦୧୮ | ୧୧।୧୦।୨୦୧୮ | ୧୧।୧୦।୨୦୧୮ | | ନାରେନ AFO, ଖୋଲାନ GPEO,ସରାସରା APO, ଅଦାବାହାଲ AEE, ସିହିନୀ PA, ସୁର୍ଡା ABDO |
| ଚତୁର୍ଥ | ଘୋଡାର, ମାର୍ଲାଡ, ବିନେକେଲା, ସିଲୁଆଁ, କୁଶକେଲା, କୁରସୁଡ, ଦିଗ୍‌ସିରା | ୨୩।୧୦।୨୦୧୮ | ୨୯।୧୦।୨୦୧୮ | ୨୯।୧୦।୨୦୧୮ | | ଘୋଡାର WEO, ମାର୍ଲାଡ ABDO, ବିନେକେଲା PA, ସିଲୁଆଁ AE, କୁଶକେଲା AEE, କୁରସୁଡ GPEO, ଦିଗ୍‌ସିରା APO |

ସ୍ୱା/– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ



**OFFICE OF THE DISTRICT JUDGE, GAJAPATI, PARALAKHEMUNDI**

**ADVERTISEMENT**

**Dated 29th August, 2018**

Application in the prescribed format given below is invited for filling up of the following Group "C" posts governed under the Orissa District & Sub-ordinate Courts" Non-Judicial Staff Services (Method of Recruitment and Conditions of Services) Rules, 2008 read with Amendment Rules, 2010.

| Sl. No. | Name of the post | Group | Scale of pay & Grade Pay | CATEGORY ST | U.R. | S.E.B.C. | S.C. | Total |
|---|---|---|---|---|---|---|---|---|
| 1 | Junior Clerk / Copyist | C | Rs. 19900/- (Pre-revised scale of Rs. 5200-20200/- & Rs. 1900/-) | 07 (W-3) | 03 (W-2) | 05 (W-1) | 01 (W-1) | 16 |
| 2 | Stenographer Gr.III | C | Rs. 25500/- (Pre-revised Scale of Rs. 5200-20200/- & Rs. 2400/-) | 01 | 02 | 02 | -- | 05 |
| 3 | Junior Typist | C | Rs. 19900/- (Pre-revised Scale of Rs. 5200-20200/- & Rs. 1900/-) | 01(W) | 01(W) | 02 (W-1) | -- | 04 |
| 4 | Salaried Amin | C | Rs. 21700/- (Pre-revised Scale of Rs. 5200-20200/- & Rs. 2000/- | -- | 01 | -- | -- | 01 |

The reservation for Women / Physically Handicapped / Ex-Serviceman / Sports Person is as per rule. The number of posts in each cadre may increase or decrease in future. For details, please visit our official website i.e. **www.ecourts.gov.in/gajapati** and **www.gajapati.nic.in**.

**Warning:- The last date of receipt of application duly filled-in is 29.09.2018 during office hours. Applications received thereafter shall not be accepted.**

**Sd./- District Judge-cum-Chairman,**
**District Recruitment Committee, Gajapati**



सिंडिकेटबैंक SyndicateBank — Faithful. Friendly — भारत सरकार का उपक्रम A Govt. of India Undertaking

**ସିଣ୍ଡିକେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ-୨, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ୍, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
ଆକ୍ଟ (ରୁଲ୍ ୮(୧))ର ପରିଶିଷ୍ଟ ୪

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସମ୍ପତ୍ତି ମାଲିକମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ସମସ୍ତ ଅର୍ଥ ସହିତ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସମ୍ପତ୍ତି ମାଲିକମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଉପରକଥିତ ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି ।

ଏତଦ୍ଦ୍ୱାରା ବିଶେଷକରି ସମ୍ପତ୍ତିମାଲିକ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ ପାଇଁ **ସିଣ୍ଡିକେଟ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସମ୍ପତ୍ତି ମାଲିକ / ଗ୍ୟାରେଣ୍ଟିଦାତା(ମାନ)ଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥୀ,** ସ୍ୱାମୀ: ଶଙ୍କର ପ୍ରସାଦ ଶତପଥୀ, ସା: ପ୍ରହଲ୍ଲାଦ ନଗର (ପୁରୁଣା ବ୍ରହ୍ମପୁର), ୫ମ ଲେନ୍, ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଧରିତ୍ରୀ ଶତପଥୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଙ୍କର ପ୍ରସାଦ ଶତପଥୀ,** ପିତା: ୰ ବାବାଜୀ ଶତପଥି, ସା: କୃପାସିନ୍ଧୁପୁର ଶାସନ, ଗୌଡ ଷ୍ଟ୍ରିଟ, ବୃନ୍ଦାବନପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୨,୯୬,୫୧୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ଖାତା ନଂ.: ୨୪୩/୪୫୩୦, ପ୍ଲଟ୍ ନଂ.: ୮୦୧/୨୩୩୧ ଏବଂ ୮୦୧/୨୭୫୮, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଥାନା: ବଡବଜାର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲେନ୍, ପଶ୍ଚିମ: ଏମ୍‌ଓ ଫୁଟ୍ ଚଉଡା ରାସ୍ତା, ଦକ୍ଷିଣ: ଏମ୍. ପଦ୍ମାବତୀଙ୍କ ଜମି, ଉତ୍ତର: ନରସିଂହ ଜେନାଙ୍କ ଜମି |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ଚୁକା ରବି କୁମାର,** ପିତା: ଚୁକା ସାରବନ୍ଧୁ, ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଚୁକା ରବି କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଚୁକା ଲୀଳା,** ସ୍ୱାମୀ: ଚୁକା ରବି କୁମାର, ଉଭୟଙ୍କ ଠିକଣା- ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ୧୩.୧୨.୨୦୧୭ / ୨୪.୦୮.୨୦୧୮ | ଟ.୭,୫୭,୩୮୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁକୁଣ୍ଡା, ଖାତା ନଂ.: ୧୦୪/୧୧୦, ପ୍ଲଟ୍ ନଂ.: ୧୩୨/୯୭୭, କ୍ଷେତ୍ର: ଏକର୦.୦୨୧ଡିସିମିଲି, ଥାନା: ବ୍ରହ୍ମପୁର ଟାଉନ୍, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଦକ୍ଷିଣ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଉତ୍ତର: ରାସ୍ତା |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବେହେରା,** ପିତା: ୰ ରାମହରି ବେହେରା, ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଅମୂଲ୍ୟା ବେହେରା, ଶ୍ରୀ ପ୍ରଶାନ୍ତ କୁମାର ବେହେରା ଏବଂ ଶ୍ରୀ ଶ୍ରୀକାନ୍ତ ବେହେରା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଅମୂଲ୍ୟା ବେହେରା,** ସ୍ୱାମୀ: ୰ ରାମହରି ବେହେରା, **୨) ଶ୍ରୀ ଶ୍ରୀକାନ୍ତ ବେହେରା,** ପିତା: ୰ ରାମହରି ବେହେରା, ଉଭୟଙ୍କ ଠିକଣା ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୮,୪୧,୭୪୮.୯୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ ବଜାର, ତହସିଲ: ବ୍ରହ୍ମପୁର, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୬୧୭, କିସମ: ଘରବାରୀ-୨, କ୍ଷେତ୍ର: ଏକର୦.୦୧୯ଡିସିମିଲି, ଥାନା: ବଡ ବଜାର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସିପାଲ୍ ଲେନ୍, ପଶ୍ଚିମ: ରାଜ ଦାଣ୍ଡ, ଦକ୍ଷିଣ: ରାଧାମୋହନ ବେହେରାଙ୍କ ଗୃହ, ଉତ୍ତର: ହରିଶ ଚନ୍ଦ୍ର ଗୌଡଙ୍କ ଗୃହ |
| **ବି.କେ. ରୋଡ୍ ଶାଖା, କଟକ / ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ମହାରଣା,** ପିତା: ବେଣୁଧର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ ଏବଂ **ସମ୍ପତ୍ତିର ମାଲିକ: ଅକ୍ଷୟ କୁମାର ମହାରଣା / ଗ୍ୟାରେଣ୍ଟିଦାତାମାନେ: ୧) ବିଷ୍ଣୁପ୍ରିୟା ମହାରଣା,** ସ୍ୱାମୀ: ଅକ୍ଷୟ କୁମାର ମହାରଣା, ସା: ନଦୀକୂଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ, **୨) ସେକ୍ ଜାଭେଦ,** ସା/ପୋ.: ନୟାପଡା, ଥାନା: ଟାଙ୍ଗୀ, ଜିଲ୍ଲା: କଟକ | ୧୪.୦୫.୨୦୧୮ / ୨୭.୦୮.୨୦୧୮ | ଟ.୨୪,୭୩,୬୮୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଦୀକୂଳ ସାହି, ଖାତା ନଂ.: ୬୬୦/୧୧୦୪, ପ୍ଲଟ୍ ନଂ.: ୧୧୨/୮୮୨୫, କ୍ଷେତ୍ର: ୧୨୩୧.୨୫ ବର୍ଗଫୁଟ, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଙ୍ଗାଧର ମହାରଣା ଏବଂ ବିଜୟ କୁମାର ମହାରଣା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ମହାରଣା ଏବଂ ଅଶୋକ କୁମାର ମହାରଣା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୯.୦୮.୨୦୧୮

କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

**ସଂକ୍ଷେପରେ**




## ଏଟିଏମରେ ଟଙ୍କା ନାହିଁ, କାଉଣ୍ଟରେ ତାଲା

**ଖଡିଆଲ,୨୯।୮ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଲ ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମଗୁଡିକରେ ଗତ କିଛିଦିନ ହେଲା ଟଙ୍କା ନାହିଁ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ଲୋକଙ୍କୁ ଏଟିଏମ ମାଧ୍ୟମରେ ଟଙ୍କା ଉଠାଣ ସହ ବ୍ୟାଙ୍କ କାରବାର ପାଇଁ ସହରର ମିଶନ ହସ୍ପିଟାଲଠାରୁ ଆରମ୍ଭ କରି ଷ୍ଟେଟବ୍ୟାଙ୍କର ଖଡିଆଲ ଶାଖା ପରିସର ସହ ବ୍ଲକ ଅଫିସ, ପୁରୁଣା ଷ୍ଟେଟବ୍ୟାଙ୍କ ନିକଟ ଓ ଆଜାଦ ଚୌକ ଓ ଆମ୍ବେଦକର ଛକ ନିକଟରେ ଏହିପରି ମୋଟ ୬ଟି ଏଟିଏମର ବ୍ୟବସ୍ଥା କରାଯାଇଛି । ତେବେ କୌଣସି ଏଟିଏମରେ ଟଙ୍କା ନାହିଁ । ଏଟିଏମ କାଉଣ୍ଟରଗୁଡିକରେ ତାଲା ପଡ଼ିଛି । ଅନେକ ଲୋକେ ଟଙ୍କା ପାଇଁ ବିଶେଷ କରି ଏଟିଏମ ଉପରେ ଭରସା କରୁଥିବା ବେଳେ ଏଟିଏମରେ ଟଙ୍କା ନ ଥିବା ଯୋଗୁ ଅସନ୍ତୋଷ ବଢିବାରେ ଲାଗିଛି। ଏଟିଏମରେ ଟଙ୍କା ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ କି କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ଏଥିପ୍ରତି ବ୍ୟାଙ୍କ ତରଫରୁ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଯେ ଲୋକେ ନ କରିବେ ତାହା ଏଡାଇ ଦିଆଯାଇ ନ ପାରେ ।

### କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବି

# ପ୍ରଧାନମନ୍ତ୍ରୀଙ୍କୁ ପଠାଗଲା ଦାବିପତ୍ର

**ନୂଆପଡା ଅଫିସ,୨୯।୮**

ନୂଆପଡା ଜିଲା ସଦର ମହକୁମାରେ ୮ ବର୍ଷ ତଳେ ସରକାର ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଛି । ହେଲେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଅଦ୍ୟାବଧି ନିଜସ୍ୱ ଗୃହ ନିର୍ମାଣ ହୋଇପାରି ନାହିଁ । ଫଳରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ବହୁଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଉପରେ ଅଭିଭାବକମାନେ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜିଲାପାଳଙ୍କ ଜରିଆରେ ଜଣାଇଛନ୍ତି । ବୁଧବାର ଅପରାହ୍ନରେ ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଆଜକୁ ୮ ବର୍ଷ ପରେ ମଧ୍ୟ ନିଜସ୍ୱ ଗୃହ ନିର୍ମାଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରାଯାଇଛି । ଏହି ବିଦ୍ୟାଳୟ ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହରେ ଚାଲିଛି । ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଶ୍ରେଣୀଗୃହ ନ ଥିବାରୁ ସେକସନ କରାଯାଇ ପାରୁନାହିଁ । ଫଳରେ ବହୁ ଗରିବ ପରିବାରର ଛାତ୍ରୀଛାତ୍ର ପାଠ ପଢାରୁ ବଞ୍ଚିତ ରହୁଛନ୍ତି । ଛାତ୍ରୀଛାତ୍ରମାନଙ୍କ ସକାଶେ ଠିକ ଭାବେ ଖେଳ ପଡିଆ କି ଶ୍ରେଣୀ ଗୃହ ଅଭାବ ହେତୁ ବିଭିନ୍ନ ଶିକ୍ଷାଗ୍ରହଣରେ ଅସୁବିଧା ହେଉଛି। ଏଥିସକାଶେ ଆଜକୁ ୨ ବର୍ଷ ତଳେ ଜାଗା ଚିହ୍ନଟ ହୋଇସାରିଥିଲେ ସୁଦ୍ଧା ଗୃହ ନିର୍ମାଣ ସକାଶେ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ । ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ବିଦ୍ୟାଳୟରୁ ତିନିଟି ମାଟ୍ରିକ ବ୍ୟାଚ ବାହାରି ସାରିଥିବା ବେଳେ ଦ୍ୱାଦଶ ଶ୍ରେଣୀ ଖୋଲି ନ ଥିବାରୁ ପିଲାମାନେ ଅଧାରେ ପାଠପଢା ଛାଡିବା ଭଳି ପରିସ୍ଥିତି ଉପୁଜିଛି । ତୁରନ୍ତ ବିଦ୍ୟାଳୟ ଗୃହ ନିର୍ମାଣ କରି ଦ୍ୱାଦଶ ଶ୍ରେଣୀ ଖୋଲିବା ଦିଗରେ ପଦକ୍ଷେପ ନେଲେ ନୂଆପଡାବାସୀ ଉପକୃତ ହେବେ ବୋଲି ଦାବି ଉଠାଇଛନ୍ତି । ଅଭିଭାବକମାନଙ୍କ ମଧ୍ୟରେ ନୂଆପଡାର ସୀମାଞ୍ଚଳ ମହାପାତ୍ର, ମଦନ ସୁନ୍ଦର ସାହୁ, ମନୋଜ କୁମାର ମହାରଣା, ମୋହନ ବାଗ, ଦୃଷ୍ଟି ଚନ୍ଦ୍ର ମାଝି, ଜିତୁ ହୋତା, ବି. ନାଏକ, ଅରବିନ୍ଦ ରାଓ, କାର୍ତିକ ଖୁଣ୍ଟିଆ, ଶୈଳେଶ ବାରିକଙ୍କ ସମ ବିଦ୍ୟାଳୟର ଅଧ୍ୟକ୍ଷ ଆର.ପି. ଦ୍ୱିବେଦୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ ।

**ଜିଲାପାଳଙ୍କୁ ଭେଟିଲେ ଅଭିଭାବକ**



କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ଅଭିଭାବକମାନେ ଜିଲାପାଳଙ୍କୁ ଭେଟୁଛନ୍ତି ।

# ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ

**ନୂଆପଡା ଅଫିସ,୨୯।୮**

ସ୍ଥାନୀୟ ମିନିଷ୍ଟାଡିୟମରେ ଜିଲା କ୍ରିଡାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବୁଧବାର ଜିଲାସ୍ତରୀୟ ଜାତୀୟ କ୍ରିଡା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନ ୯ଟାରେ କ୍ରିଡାବିତ, ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ମିନିଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲା । ଏହାକୁ ଜିଲା କୋଷାଗାର ଅଧିକାରୀ ପତାକା ଦେଖା ଶୁଭାରମ୍ଭ କରିଥିଲେ । ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡାଧିକାରୀ ଅଜୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପାଧ୍ୟକ୍ଷ ସରୋଜ କୁମାର ସାହୁ ମୁଖ୍ୟଅତିଥି, ଜିଲା କୋଷାଗାର ଅଧିକାରୀ ସାମନ୍ତରାୟ, ସିଡିଭିଓ ରଞ୍ଜିତ ସାମନ୍ତରାୟ, କ୍ଷିତୀଶ ବୋଧନକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ହକି ତାରକା ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଅତିଥିମାନେ ଜୀବନରେ କ୍ରିଡାର ମହତ୍ୱ ଉପରେ ଆଲୋକପାତ କରିଥିବା ବେଳେ କ୍ରିଡାର ବିକାଶ ପାଇଁ ସରକାର ସବୁବେଳେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏଥିପାଇଁ ଏହି ଅଭିଯାନରେ ଆଜିର ଯୁବ ସମାଜ ଆଗକୁ ଆସି ସାମିଲ ହେବାକୁ ଆହ୍ୱାନ କରିଥିଲେ । ଶେଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ହୋଇଥିଲା । ଏହାକୁ ସହରର ବହୁ ଲୋକ ଆସି ଉପଭୋଗ କରିଥିଲେ ।




ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।



ମଙ୍ଗଳବାରୀ ନାୟକଙ୍କୁ ଜିଲାପାଳ ପ୍ରମାଣପତ୍ରକୁ ପ୍ରଧାନଶିକ୍ଷକ ପ୍ରଦାନ କରୁଛନ୍ତି ।

# ଗୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

- ସଂଗୃହୀତ ହେଲା ୨ ଲକ୍ଷ ଟଙ୍କା
- ଆର୍ଥିକ ରାଶି ଅନୁଦାନ ବ୍ୟକ୍ତିଙ୍କୁ ପ୍ରମାଣପତ୍ର

**ସିନାପାଲି,୨୯।୮ (ଡି.ଏନ.ଏ.)**

ସରକାର ବିଦ୍ୟାଳୟଗୁଡିକର ଉନ୍ନତି ପାଇଁ ଆରମ୍ଭ କରିଥିବା ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଗୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସର୍ବମୋଟ ୨ ଲକ୍ଷ ୧ ଟଙ୍କା ସଂଗୃହିତ ହୋଇଛି । ସିନାପାଲି ବ୍ଲକ ଗୋଡାଲସ୍ଥିତ ଏହି ବିଦ୍ୟାଳୟର ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟରେ ଏହି ଅନୁଦାନ ଖର୍ଚ୍ଚ କରାଯାଇ ଏକ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ିବା ପାଇଁ ସଂକଳ୍ପ ଦେଇଥିବା ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ ପ୍ରକାଶ କରିଛନ୍ତି । ଏହି ବିଦ୍ୟାଳୟ ଶିକ୍ଷାବିତ, ରାଜନୈତିକ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ପୁରାତନ ଛାତ୍ରୀଛାତ୍ର, ଅବସରପ୍ରାପ୍ତ କର୍ମଚାରୀ ଓ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବ୍ୟକ୍ତି ବିଶେଷ ଅନୁଦାନ ରାଶି ପ୍ରଦାନ କରିଛନ୍ତି।

ଏହି ସଂଗୃହିତ ରାଶି ପାଇଁ ନୂଆପଡା ଜିଲାରେ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଗୋଡାଲ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଷୀ ପ୍ରକାଶ କରିଛନ୍ତି । ଗୋଡାଲ ଗ୍ରାମର ଜଗନ୍ନାଥ ନାୟକ ଶିକ୍ଷାବିତ ଭାବେ ଭୁବନେଶ୍ୱରସ୍ଥିତ ରେଜିଓନାଲ କଲେଜରେ ଅଧ୍ୟାପନା କରୁଥିବା ବେଳେ ତାଙ୍କର ବାପା ସ୍ୱର୍ଗତ ରତନ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ପର୍ଯ୍ୟାୟରେ ସର୍ବମୋଟ ୨୮ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଏହି ଅନୁଦାନ ରାଶିରେ ବିଦ୍ୟାଳୟର ମୁଖ୍ୟ ଫାଟକ ନିର୍ମାଣ କରାଯିବା ସହିତ ଅନୁସୂଚୀତ ଜନଜାତି ଛାତ୍ରାବାସରେ ସିସିଟିଭି ଲାଗିବ ବୋଲି ଜଣାପଡିଛି । ନାୟକଙ୍କୁ ଜିଲାପାଳ ଡ. ପୋମା ଟୁଡୁ ବିଦ୍ୟାଳୟର ସହଯୋଗ ରାଶି ପ୍ରଦାନ କରିଥିବାରୁ ତାଙ୍କୁ ଏକ ପ୍ରମାଣପତ୍ର ପ୍ରଧାନଶିକ୍ଷକ ଜରିଆରେ ପ୍ରଦାନ କରିଛନ୍ତି। ନାୟକ ଅନୁପସ୍ଥିତ ଥିବାରୁ ତାଙ୍କର ମା' ମଙ୍ଗଳବାରୀ ନାୟକଙ୍କୁ ଏହି ପ୍ରମାଣପତ୍ର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ ପ୍ରଦାନ କରିଛନ୍ତି । ଏହି ପ୍ରମାଣ ପତ୍ର ଦେବା ବେଳେ ପରିବାରବର୍ଗ ଓ ଗ୍ରାମ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଭଳି ଭାବେ ୫ଜଣ ବ୍ୟକ୍ତିଙ୍କୁ ମଧ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ । (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ। (କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SUHANA FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
7325861595
7325861352

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି।
- ଚାର୍ଲସ ବକ୍



## ସଂକ୍ଷେପରେ

### କଣ୍ଟାବାଞ୍ଜିରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ

**କଣ୍ଟାବାଞ୍ଜି,୨୯।୮(ଡି.ଏନ୍.ଏ.):** କଣ୍ଟାବାଞ୍ଜି ସହରର ଅଗ୍ରଣୀ ଅନୁଷ୍ଠାନ ପ୍ରତିଧ୍ୱନି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏନ୍ଏସି କଲ୍ୟାଣ ମଣ୍ଡପଠାରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମହନ୍ତ ଅଦ୍ୱୈତ ପ୍ରସାଦ ଦାଶ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରିଷିଡ଼ା ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଦାଶରଥି ଆଚାର୍ଯ୍ୟ, ଅନୁଷ୍ଠାନର ଉପସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ବିରଞ୍ଚି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ସଂଗୀତ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏପରି କି ଗଙ୍ଗାଧର ମେହେରଙ୍କ ଉପରେ ଆଧାରିତ କବିତା ପାଠୋତ୍ସବରେ କବି ରବିନାରାୟଣ ତ୍ରିପାଠୀ, ଶ୍ୟାମସୁନ୍ଦର ଗୁରୁ, ବିଭୁଦତ୍ତ ସାହୁ, ସମ୍ଭାରୁ ସାହୁ, ସୁରଥ ବେହେରା, ସତ୍ୟବ୍ରତ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ବିରଞ୍ଚି ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରଜଶ୍ୟାମ ଗୁରୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# କ୍ରୀଡ଼ାର ସଂଘର୍ଷ, ଲଢ଼େଇର ସ୍ୱାଦ ଭିନ୍ନ

**ବଲାଙ୍ଗୀର ଅଫିସ, ୨୯।୮**

**ଜାତୀୟ କ୍ରୀଡ଼ା ଦିବସ**
- ବରିଷ୍ଠ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ
- ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ



ଜାତୀୟ କ୍ରୀଡା ଦିବସ ଅବସରରେ ବରିଷ୍ଠ କୃତୀ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଜିଲା ହକି ଆସୋସିଏଶନ, ପଶ୍ଚିମ ଓଡ଼ିଶା ମାଷ୍ଟର ଆଥ୍‌ଲେଟ ଓ କ୍ରୀଡାପ୍ରେମୀ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବୁଧବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ମାଷ୍ଟର ଆଥ୍‌ଲେଟ ଆସୋସିଏଶନ୍ ତଥା କ୍ରୀଡା ପ୍ରେମୀ ଆସୋସିଏସନ୍ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ସନ୍ତୋଷିନୀ ବେହେରା, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ, କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ବିଶ୍ୱଜିତ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ କ୍ରୀଡ଼ା ଦିବସର ତାତ୍ପର୍ଯ୍ୟ ଓ ହକି ଖେଳ ତାରକା ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କ୍ରୀଡ଼ାର ସଂଘର୍ଷ ଏବଂ ସ୍ୱାଦ ଭିନ୍ନ ବୋଲି ସେ କହିଥିଲେ। ମୁଖ୍ୟଅତିଥି ପୌରାଧ୍ୟକ୍ଷା ବେହେରା ବକ୍ତବ୍ୟରେ କ୍ରୀଡା ଭ୍ରାତୃତ୍ୱ ସୃଷ୍ଟି କରେ ଏବଂ ସହଭାଗିତା ବଢ଼ାଏ ବୋଲି କହିଥିଲେ। ଏହି ଅବସରରେ ଆଥ୍‌ଲେଟିକରେ କେଶବ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର କଲେତ୍, ଫୁଟବଲରେ ସଦାନନ୍ଦ ନାଏକ, ହକିରେ ସୁରେଶ ଚନ୍ଦ୍ର ପରିଛା, ଖୋ-ଖୋରେ ଦୀପ୍ତିପ୍ରିୟା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ସଂଘ ସଭାପତି ସମୀର ସାହାଣୀ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଥ୍‌ଲେଟ ଆସୋସିଏଶନର ସମ୍ପାଦିକା ତଥା ଆନ୍ତର୍ଜାତୀୟ କ୍ରୀଡ଼ାବିତ ଆନନ୍ଦିନି ଦର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କବିତା ପ୍ରଧାନ, ସନ୍ଧ୍ୟାରାଣୀ, ପ୍ରିନ୍ସିରାଣୀ ବାଗଙ୍କୁ କୃତୀ ପ୍ରତିଯୋଗୀ ଭାବେ ପୁରସ୍କୃତ କରାଯାଇଥିଲା। ହକି ସଂଘ ସମ୍ପାଦକ ପ୍ରଫୁଲ୍ଲ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଧର୍ମବ୍ରତ ରଥ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଚରଣ ଆଚାର୍ଯ୍ୟ, ବ୍ରଜ ବିହାରି ନାଗ, ପ୍ରଭାକର ମିଶ୍ର, କୃଷ୍ଣଚନ୍ଦ୍ର ନାଏକ, ଶତ୍ରୁଘ୍ନ ସିଂ, କୁଶ ନାଗ, ଦ୍ୱାରିକା ପଟେଲ, ନୀଳମଣି ପଟେଲ, ପେଟୁ ସାହାଣୀ, ସଞ୍ଜୀବ ସାହୁ ସହଯୋଗ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ
## ଆଦିବାସୀ ଲୋଇସିଂହା ବିଜୟୀ

**ଲୋଇସିଂହା,୨୯।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଫୁଟବଲ ଲିକ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ ଗ୍ରୁପ 'ବି'ର ଆଦିବାସୀ ଲୋଇସିଂହା ଏବଂ ସୁଜିଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବସୀ ଲୋଇସିଂହା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଲୋଇସିଂହା ଆଇଆଇସି ଏଲ୍.ଏଲ୍ ବାର୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭୂତି ଭୂଷଣ ସାହାଣୀ, ବିଶ୍ୱ ଭୂୟାଁ, ବ୍ରଜ ବିଷୋଇ, ବ୍ରଜ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖେଳକୁ ବିଜୟ ରଣା, ପ୍ରଦୀପ ବଗର୍ତ୍ତୀ, ଅଞ୍ଜନ ବେଶ୍ରା, ଭୁଲାନାଥ ମିର୍ଦ୍ଧା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଲାଞ୍ଚ ମାମଲାରେ ପୂର୍ବତନ ସରପଞ୍ଚଙ୍କୁ ଜେଲ୍‌ଦଣ୍ଡ

**କଟକ ଅଫିସ,୨୯।୮**

ଆଗତ ଏକ ଲାଞ୍ଚ ମାମଲାର ଶୁଣାଣି କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଜଣେ ଅଭିଯୁକ୍ତ ପୂର୍ବତନ ସରପଞ୍ଚଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୈଳାସ ଚନ୍ଦ୍ର ଚିଣ୍ଡା । ସେ ବଲାଙ୍ଗୀର ଜିଲା ବଡ଼ବନ୍ଧ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ । ସରପଞ୍ଚ ଥିବା ସମୟରେ ସିଲେଟକେଣି ଗ୍ରାମର ଶ୍ୟାମ ବାରିକ ନାମକ ବ୍ୟକ୍ତିଙ୍କଠାରୁ ସେ ୮ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଶ୍ୟାମଙ୍କ ନାମରେ ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟାଦେଶ ଦେବା ପାଇଁ ଚିଣ୍ଡା ଏହି ଲାଞ୍ଚ ଗ୍ରହଣ କରୁଥିଲେ । ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୬୨/୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଅଭିଯୁକ୍ତ ଚିଣ୍ଡାଙ୍କୁ ପୃଥକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗୋଟିଏ ଦଫାରେ ତାଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି । ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଆଉ ଏକ ଦଫାରେ ଅଭିଯୁକ୍ତ ଚିଣ୍ଡାଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଆଦାୟ ନ ହେଲେ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି । ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଉମେଶ ଚନ୍ଦ୍ର ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ଭୁଲେନ୍‌କଁର ଘରେ ପୁହୁଁଚିଲେ ଡାକ୍‌ତରି ଦଲ୍

**ବଙ୍ଗୋମୁଣ୍ଡା,୨୯।୮(ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**


ଭୁଲେନ ଯୁଗ୍ନିଆକୁଁ ଡାକ୍‌ତରି ଦଲ୍ ତାକର ଘରେ ଚିକିତ୍ସା କରୁଛନ୍।

ବଙ୍ଗୋମୁଣ୍ଡା ବ୍ଲକ୍ ଚୁଲିଫୁଙ୍କା ପଁନ୍‌ଚେତ୍ ମମିଆଁ ଗାଁର ନିସାହା ଭୁଲେନ ଯୁଗ୍ନିଆକଁର ପାସ୍‌କେ ସିନ୍ଧେକେଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ସୁଆସ୍ତିଅ ବିଭାଗ୍‌ର ଗୁଟେ ଟିମ୍ ପୁହୁଁଚି ତାଁକର ଚିକିତ୍ସା କରିଛନ୍। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆନନ୍ଦ ମିଶ୍ର, ଡ.ଅନ୍ନଦା ଶଙ୍କର ଦାସ, ଆଶା କର୍‌ମୀ ସେବତି ଜାନି, ଅଙ୍ଗନୱାଡି କର୍‌ମୀ ଚନ୍ଦ୍ରିକା ମାଝି ପର୍‌ମୁଖ୍ ସାମିଲ ଥିଲେ। ଭୁଲେନ ଯୁଗ୍ନିଆ ଝନେ ନିସାହା ମହିଲା ହେଇଥିଲା ବେଲେ ସେ ରୋଗ୍ ଲାଗି ଖଟେ ପଡି କଲ୍‌ବଲ୍ ହେଉଥିଲେ। ଇ ବାବ୍‌ଦେ ଗଲା ୧୧.୮.୨୦୧୮ ଶନିବାର ଦିନ ଧରିତ୍ରୀ ସମ୍ବଲପୁର ସଁସ୍କରନ୍‌ରେ 'ଘରର୍ ବୋଝ୍ ଉଠଉଛେ ୧୨ ବଛର୍‌ର ଝି' ଶୀର୍‌ଷକ୍‌ରେ ଖବର ବହାରିଥିଲା। ଖବର ବହାର୍‌ଲା ଉତାରୁ ସୁଆସ୍ତିଅ ବିଭାଗ୍ ଘଟ୍‌ନାକେ ଗୁରୁତ୍ ଦେଇ ଭୁଲେନକଁର ଚିକିତ୍ସା ଲାଗି ଗୁଟେ ଟିମ୍ ପଠେଇଥିଲା। ଭୁଲେନକଁର ସ୍ନାୟବିକ୍ ଦୁର୍‌ବଲ୍‌ତା ଥିବାର ଲାଗି ସେ ଚଲାବୁଲା ନାଇଁ କରିପାରୁଥିବାର ଡାକ୍‌ତର କହିଛନ୍। ତାକର ଚିକିତ୍ସା ଲାଗି ଉଷୋ ଆର୍ ଇଂଜେକ୍ସନ୍ ଦିଆଯିବାର ସଂଗେ ଗାଁ କଲ୍ୟାଣ ସମିତି ତର୍‌ଫୁ ୫ଶହ ଟଁକା ସାହାଯ୍ ଯୁଗେଇ ଦିଆଯାଇଛେ।

ସୂଚ୍‌ନା ହିସାବେ ମନିଗାଁର ଭୁଲେନ ଯୁଗ୍ନିଆକଁର ଗୁଟେ ପୁରନାକାଲିଆ ଚାଲ୍‌ଛପର ଘର୍ ଅଛେ। ତାକର ଆଧାର କାର୍ଡ, ଭୋଟ କାର୍ଡ ଅଛେ, ହେଲେ ଖାଏଦ୍ ସୁରକ୍ଷା ଆଇନରେ ସାମିଲ ନାଇଁ ହେଇ। ତାକର ବଡ଼ଖା ଝି ଗୀତା ଯୁଗ୍ନିଆ(୧୨) ଘରର୍ ଏନ୍‌ତା ଅବସ୍‌ତା ଲାଗି ପାଠ୍‌ପଢ଼ା ଛାଡିଦେଇ ଘର୍ ସମ୍‌ଭାଲୁଛନ୍। ସେନ୍‌ତା ତାକର ପିଠିର ଭାଇ ଗୁରୁବାରୁ(୯) ଟଁକା ପଏସା ଅଭାବ୍ ଲାଗି ସ୍କୁଲ୍ ବାରନ୍‌ଡା ମାଡି ନାଇଁପାରବାର। କଷ୍‌ଟେ ମଷ୍ଟେ ସବୁଥିରୁ ସାନ୍ ଶୁକ୍ରବାରୁ(୬) ସ୍କୁଲ୍ ଯିବାର ଆରମ୍ କରିଛନ୍। ଭୁଲେନକଁର ଆପ୍‌ନେ ବିଜୟ ନାଗପୁରରେ ଦାଦନ୍ ଖଟୁଥିଲେ ଆର୍ ୨୦୧୬ରେ ସେଠାନେ ତାକର ମୁରୁତ୍ ହେଇଥିଲା। ହେଲେ ଶିକ୍ଷାର ଅଭାବ୍ ସଂଗେ ପର୍‌ଶାସନିକ୍ ସହଯୋଗ୍ ଅଭାବ୍‌ରୁ ସେ ଆପ୍‌ନେର ମୁରୁତ୍ ପର୍‌ମାନ୍ ପତରବି ଜୁଗାଡ କରି ନାଇଁପାର୍‌ଲେ। ଯେନ୍‌ଥିର୍‌ଲାଗି ସରକାରୀ ସୁବିଧା ସୁଯୋଗ୍‌ରୁ ଭୁଲେନ୍ ବଁଚତ୍ ହେଇଛନ୍। ସେନ୍‌ତା ଭୁଲେନ୍‌ର ଦିହି ଖରାପ୍ ହେଲାରୁ ଟଁକା ପଏସା ଅଭାବ୍ ଲାଗି ଚିକିତ୍ସିତ୍ ନାଇଁ ହେଇପାରି କରି ଖଟେ ପଡି ରହିଥିଲେ। ଯେନ୍‌ଥିର୍‌ଲାଗି ତାକର ବଡ଼ଖା ଝି ପାଠ୍‌ପଢ଼ା ଛାଡି ଘର୍ ସମ୍‌ଭାଲୁଛନ୍। ଜିଲା ପର୍‌ଶାସନ୍ ଇ ଘଟ୍‌ନାକେ ଗୁରୁତ୍ ଦେଇ ପରିବାରକେ ସବୁ ପର୍‌କାର ସରକାରୀ ସାହାଯ୍ ଯୁଗେଇ ଦେବାର ସଂଗେ ଛୁଆକର ପାଠ୍‌ପଢ଼ାର ବେବସ୍‌ତା କର୍‌ବାକ ସାଧାରନ୍‌ରେ ଦାବି ହେଉଛେ।

## ତେଲନଦୀ ଆଡିବନ୍ଧ ଭାଙ୍ଗିବା ଘଟଣା
# କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କଲେ ଉପଜିଲାପାଳ


ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକଙ୍କ ସହ ଅନ୍ୟ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

**ଟିଟିଲାଗଡ଼,୨୯।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଅଧୀନ ବେଲଗାଁ ତେଲନଦୀରେ ନିର୍ମିତ ୬.୧୯୦ କିଲୋମିଟର ଆଡିବନ୍ଧର ବିଭିନ୍ନ ସ୍ଥାନ ଭୁଶୁଡି ଘାଇ ସୃଷ୍ଟି ହୋଇଥିଲା। ଫଳରେ ଶିଶେକଲା ପଞ୍ଚାୟତ ଅଞ୍ଚଳର ଶିଶକେଲା, ଜାମତରା, ସିଂହବାହାଲି ଆଦି ଗ୍ରାମର ଚାଷୀଙ୍କ ଶତାଧିକ ଏକର ଚାଷ ଜମି ବାଲିଚର ହେବା ସହ ଫସଲ ନଷ୍ଟ ହୋଇଯାଇଥିଲା। ବୁଧବାର ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ସେ ବଲାଙ୍ଗୀର ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ଉପଜିଲାପାଳଙ୍କ ସହ ଟିଟିଲାଗଡ଼ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀ ତଥା ଶିଶକେଲା ସରପଞ୍ଚ ଉମାକାନ୍ତ ରଣା, ବେଲଗାଁ ସମିତି ସଭ୍ୟ ଦୀପକ ଅଗ୍ରୱାଲ, ବରିଷ୍ଠ ଚାଷୀନେତା ବାଲକୃଷ୍ଣ ଷାଣ୍ଢ, ସତ୍ୟନାରାୟଣ ପଣ୍ଡା, ଜିତୁ ସାହୁ, ଘିନୁ ଆଉୟୁଆଡ, ଶିବ ବିଶି ପ୍ରମୁଖ ଅଧିକାରୀମାନଙ୍କୁ ଭେଟି ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଏବଂ ନିମ୍ନମାନର ଆଡିବନ୍ଧ ନିର୍ମାଣ ଯୋଗୁ ଏହା ଭୁଶୁଡି ପଡି ଚାଷୀଙ୍କ ଶତାଧିକ ଏକର ଚାଷଜମି ବାଲିଚର ହୋଇ ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଥିଲେ। କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିଲେ।

### ଜଳବାୟୁ ପରିବର୍ତ୍ତନ ସାକ୍ଷରତା କର୍ମଶାଳା

**ଟିକ୍ରାପଡ଼ା,୨୯।୮(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଚ୍ଛାପଡ଼ା ପଞ୍ଚାୟତ ଅଧୀନ ଇଚ୍ଛାପଡାସ୍ଥିତ ମହାତ୍ମାଗାନ୍ଧୀ ହାଇସ୍କୁଲରେ ନାବାର୍ଡ, ଜଙ୍ଗଲ ବିଭାଗ ଓ ଚକାଡୋଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନ ସାକ୍ଷରତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଆଶିଷ କୁମାର ଖମାରୀ ସଭା ସଂଯୋଜନା କରିଥିଲେ। ଗୁଡିଘାଟ ବନପାଳ ସୁଧୀର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଅରବିନ୍ଦ ଦାଶ, କିଶୋର କୁମାର ନାଥ, ସିନ୍ଧୁସୁତା ପଣ୍ଡା, ବନରକ୍ଷୀ ସୁରେଶ କୁମାର ବୈଠାରୁ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଜଙ୍ଗଲ ନଷ୍ଟ, ଯାନବାହନରୁ ବାହାରିଥିବା ଧୂଆଁ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଉପ ସଭାପତି ଚକ୍ରାୟୁଧ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରୀଛାତ୍ରମାନେ ହାଇସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ନନ୍ଦକିଶୋର ପାଢ଼ୀ, ଉଜ୍ଜ୍ୱଳ ପ୍ରଧାନି, ସୁରେନ୍ଦ୍ର କୁମାର ବିଶି, ଡୋଳାମଣି ଚିନ୍ଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିର ଚତୁର୍ଥ ବୈଠକ

**ବଙ୍ଗୋମୁଣ୍ଡା,୨୯।୮(ଡି.ଏନ୍.ଏ.)**


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧି।

ବଙ୍ଗୋମୁଣ୍ଡା ବ୍ଲକ ସଭାଗୃହଠାରେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ ସ୍ୱାଗତ ଭାଷଣ ଏବଂ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମିତ୍ରଭାନୁ ମେହେର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଅଧ୍ୟକ୍ଷା ବେହେରା, ବିଡିଓ ପ୍ରଧାନ, ଉପାଧ୍ୟକ୍ଷ ମାମରାଜ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ପାନୀୟଜଳ, ଶିକ୍ଷା, କୃଷି, ପ୍ରାଣୀଧନ, ସମନ୍ୱିତ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ଭତ୍ତା ତଥା ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକରେ ଶିକ୍ଷା ଅନୁଷ୍ଠାନଗୁଡିକରେ ଶ୍ରେଣୀଗୃହର ଅଭାବ ଥିବା ନେଇ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏଥିରେ ୨୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଭ୍ୟ ଉଦ୍ଧବ ବେହେରା, ଛନ୍ଦାରାଣୀ ମେହେର, ଯୋଗାଣ ଅଧିକାରୀ ଅସିତ ମହାନ୍ତି, ଜଳପରିମଳ ବିଭାଗ ଯନ୍ତ୍ରୀ ସାରଦା ମହାନ୍ତି, ମଞ୍ଜୁଲତା ଗଉଡ, କୃଷି ସମ୍ପର୍କ ଅଧିକାରୀ ଅମିତ ପୁଟେଲ, ପ୍ରାଣୀଧନ ଚିକିତ୍ସକ ସନ୍ୟାସୀ ଶତପଥୀ, ଏବିଇଓ ବୈକୁଣ୍ଠନାଥ ଶବର, ଜୟନ୍ତ ପଧାନ, ଏପିଓ ସୁଶାନ୍ତ ଦାସ, ଆଇପିଓ ସନାତନ ଦାସ, ଉନ୍ନୟନ ବିଭାଗର ଶିଶିର ବହିଦାରଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ ଯୋଷୀ ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବସ୍‌ଷ୍ଟପ୍ ଏବଂ ପ୍ରବେଶ, ପ୍ରସ୍ଥାନ ଦ୍ୱାରା ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ବେହେରା ବଙ୍ଗୋମୁଣ୍ଡା ବ୍ଲକକୁ ମଦମୁକ୍ତ ଅଞ୍ଚଳ କରାଯିବ ବୋଲି କହିଥିଲେ।

## ଆଗଲପୁର କଲେଜରେ ବନ ମହୋତ୍ସବ

**ଲୋଇସିଂହା,୨୯।୮(ଡି.ଏନ୍.ଏ.)**

ଆଗଲପୁରସ୍ଥିତ ଯୁକ୍ତ ୩ ବିଜ୍ଞାନ କଲେଜ ଓ ତ୍ରିରଙ୍ଗା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ କୁଳମଣି ମେହେର ସଭାରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟକ୍ଷ ଶ୍ରୀମହେର ଏବଂ ଯୁବକ ସଂଘର ସଭାପତି ବ୍ୟାସଦେବ ବାରିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଅଧ୍ୟାପକ, କର୍ମଚାରୀ, ଯୁବକସଂଘର ସଦସ୍ୟ ଏବଂ କଲେଜର ଛାତ୍ରୀଛାତ୍ରମାନେ କଲେଜ ପରିସରରେ ଓ ବାହାରେ ୧୨ଶହ ଚାରା ରୋପଣ କରିଥିଲେ। ଶେଷରେ ଆଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଭୀମ ଭୋଇ ମେଡିକାଲ କଲେଜ ନାମକରଣକୁ ନେଇ ସ୍ୱାଗତ

**ବଲାଙ୍ଗୀର ଅଫିସ,୨୯।୮** - ରାଜ୍ୟ ସରକାର ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଏବଂ ହସପିଟାଲକୁ ବିଶ୍ୱପ୍ରସିଦ୍ଧ ସନ୍ଥକବି ଭୀମ ଭୋଇଙ୍କ ନାମରେ ନାମକରଣ କରିଥିବାରୁ ବଲାଙ୍ଗୀର ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥି ଓ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ ଏକ ମିଳିତ ବିବୃତିରେ ଏହାକୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀଦଳ ନେତା ନରସିଂହ ମିଶ୍ର, ଜଳସେଚନ ଏବଂ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଜିଲା ପ୍ରଶାସନର ଉଦ୍ୟମକୁ କମିଟି ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

## ବଲାଙ୍ଗୀର ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ
# ବରକାନୀ, ଲୋଇସିଂହା, ଶାନ୍ତିପଡ଼ା, ଖୁଣ୍ଟସମଲାଇ, ଚାଣ୍ଟିମୁଣ୍ଡା ବିଜୟୀ

**ବଲାଙ୍ଗୀର ଅଫିସ,୨୯।୮**


ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଖେଳାଳିଙ୍କ ସହ ଅତିଥି।

କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ବଲାଙ୍ଗୀର ଫୁଟ୍‌ବଲ ଲିଗ୍ ଜିଲାର ୬ଟି ପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଫାଓ ଓଡ଼ିଶା ତଥା ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, କ୍ରୀଡ଼ାବିତ ସୁଧୀର ଚନ୍ଦ୍ର ପଣ୍ଡା, ସଦସ୍ୟ ଜୟରାମ ମିଶ୍ର ଓ ଡ.ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ଏନ୍‌ୱାଇଏସ୍ ବରକାନୀ ବନାମ ରୁରାଲଷ୍ଟାରସ୍ ଖେଳ ୧-୧ ଗୋଲରେ ଡ୍ର ରହିଥିଲା। ପରେ ଟ୍ରାଇବ୍ରେକରରେ ଏନ୍‌ୱାଇଏସ ବିଜୟୀ ହୋଇଥିଲା। ରୁରାଲଷ୍ଟାରସ ପକ୍ଷରୁ ଶୁକଦେବ ଭୋଇ ଗୋଲ ଦେଇଥିବା ବେଳେ, ବରକାନୀ ପକ୍ଷରୁ ଫକୀର ଖାଙ୍କର ଗୋଲ ଦେଇଥିଲେ। ଖେଳକୁ ସୁଶାନ୍ତ ନାଗ, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏବିଏଫଏ ଲୋଇସିଂହା ଦଳର ଦେବବ୍ରତ ବିଶ୍ୱାଳଙ୍କ ଗୋଟିଏ ଗୋଲ ବଳରେ ୱାଇଏସ୍ ସୁଜିଆକୁ ହରାଇ ବିଜୟୀ ହୋଇଥିଲା। ଏଠାରେ ଅତିଥି ଭାବେ ଲୋଇସିଂହା ଥାନା ଆଇଆଇସି ଲଳିତା ନିଲିମା ବାର୍ଲା, ବିଭୂତି ଭୂଷଣ ସାହାଣୀ, ବିଶ୍ୱନାଥ ଭୂୟାଁ, ଉତ୍ତର ହେମ୍ବ୍ରା ଯୋଗ ଦେଇଥିଲେ। ଖେଳକୁ ବିଜୟ କୁମାର ରଣା, ପ୍ରଦୀପ ବଗର୍ତ୍ତୀ, ଅଞ୍ଜନ ବେଶ୍ରା, ବିନୟ ବଡପଣ୍ଡା ପରିଚାଳନା କରିଥିଲେ। ମିଶନ ପଡ଼ିଆରେ ଅନୁଷ୍ଠିତ ଖେଳରେ ଟିୱାଇସି ଶାନ୍ତିପଡ଼ାର କିରନ ସେଠ ଓ ବି ହେମ୍ବ୍ରମଙ୍କ ଗୋଲ ବଳରେ ରିଲାଇନ୍ସଏଫସିକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡ଼ାସଂସଦର ବରିଷ୍ଠ ସଦସ୍ୟ ଶତ୍ରୁଘନ ସିଂ, ସିଏଫ୍‌ଏ ସଭାପତି ଜ୍ୟୋତିରାଜ ନାଗ, ଶ୍ରୀଧର ସେଠ, ଭଞ୍ଜ କିଶୋର ନାଗ, ପ୍ରଭାତ କୁମାର ଦାସ, ଜୀବନ ସୁନା, ବିରେନ୍ଦ୍ର ସୁନା, ହେମନ୍ତ କୁମାର ବେହେରା ଅତିଥିଭାବେ ଯୋଗଦେଇଥିଲେ । ଖେଳକୁ ଦେବାଶିଷ ବାଗ, ପ୍ରଫୁଲ୍ଲ ବଗର୍ତ୍ତୀ, କାର୍ତ୍ତିକ ବାରିକ, ଅବଦୁଲ ମୁଜିବ, ନିସାରକାନ୍ତ ନାଗ ପରିଚାଳନା କରିଥିଲେ। ପାଟଣାଗଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ଆର୍‌ୱାଇଏସ୍‌ଏସ୍ ଖୁଣ୍ଟସମଲେଇ ୫-୦ ଗୋଲରେ ରାଇଜିଂଷ୍ଟାର ପାଟଣାଗଡ଼କୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଯୋଗେଶ୍ୱର କୁମ୍ଭାର, ଲିଙ୍ଗରାଜ ଭୁଏ ଓ ଦେବାଶିଷ ସାହୁ ଗୋଲ ଦେଇଥିଲେ। ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିଜୟ ପ୍ରଧାନୀ, ଗୁଣନିଧି ପ୍ରଧାନ ଓ ପୂର୍ଣ୍ଣ ଚନ୍ଦ୍ର ମେହେର ଯୋଗଦେଇଥିଲେ। ଖେଳକୁ ରାଜେନ୍ଦ୍ର ଧରୁଆ, ଦୀପକ ରାଜହଂସ, ବିଜୟ ଖମାରୀ, ଚୈତନ୍ୟ ସାହୁ, ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ। ଜରାସିଂହା ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏସ୍‌ଏଫଏ କରେଲଧୁଆ ୨-୧ ଗୋଲରେ ଏଜେଏସ୍ ବର୍ଲ୍ଲକୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମନୋଜ ପ୍ରଧାନ, ଶ୍ରୀରାମ ମାଝି ଗୋଲଦେଇଥିବା ବେଳେ ବର୍ଲ୍ଲା ପକ୍ଷରୁ ମଣ୍ଟୁ ଧରୁଆ ଗୋଲ ଦେଇଥିଲେ। ଅତିଥିଭାବେ ଦୁର୍ଗା ପ୍ରସାଦ ସିଂଦେଓ, କ୍ରୀଡ଼ାବିତ ସନ୍ତୋଷ ଥନାପତି, ଡିଏସ୍‌ଓ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ନିରଞ୍ଜନ ପୁଟେଲ, ସୁନ୍ଦର ମଣି ଦଣ୍ଡସେନା ଯୋଗଦେଇଥିଲେ। ଖେଳକୁ ପ୍ରଶାନ୍ତ ଥନାପତି, ଲକ୍ଷ୍ମୀଧର ମହାନ୍ତି, କୈଳାଶ ଚନ୍ଦ୍ର କର୍ଣ୍ଣ, ସୁଶାନ୍ତ ଥନାପତି ପରିଚାଳନା କରିଥିଲେ। ସେହିପରି ଚୁଡାପାଲି ପଡ଼ିଆରେ ଅନୁଷ୍ଠିତ ଖେଳରେ ଆର୍‌କେୱାଇଏସ୍ ଚାଣ୍ଟିମୁଣ୍ଡା ବନାମ କେଏଫସି ଭଇଁଷା ଖେଳ ୧-୧ ଗୋଲରେ ଡ୍ର ହୋଇଥିଲା। ଟ୍ରାଇବ୍ରେକର ଚାଣ୍ଟିମୁଣ୍ଡା ୨-୧ ଗୋଲରେ ବିଜୟୀ ହୋଇଥିଲା। ଅତିଥିଭାବେ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ଲୋକନାଥ କୁମୁରା ଯୋଗଦେଇଥିଲେ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର



# ନିୟମଗିରି ଆଦିବାସୀଙ୍କ ପାଇଁ ମୌଳିକ ସୁବିଧା ସ୍ୱପ୍ନ

ଭବାନୀପାଟଣା,୨୯।୮(ଡି.ଏନ.ଏ.)



ନିୟମଗିରି ପାହାଡ ଉପରେ ରହୁଥିବା ଜନଜାତି ଡଙ୍ଗରିଆ ଓ ଝରଣିଆ କନ୍ଧଙ୍କ ପାଇଁ ସବୁଦିନିଆ ରାସ୍ତା, ସ୍ୱଚ୍ଛ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ସ୍ୱପ୍ନ ହୋଇ ରହିଯାଇଛି । ନିୟମଗିରି ଜଙ୍ଗଲର ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ବଞ୍ଚୁଛନ୍ତି । ସେମାନେ ଯାହାବି ଚାଷ ଏବଂ ଜଙ୍ଗଲରୁ ଦ୍ରବ୍ୟ ସଂଗ୍ରହ କରନ୍ତି ତାହା ବିକ୍ରି କରିବା ପାଇଁ ପାଖରେ କୌଣସି ବଜାର ବ୍ୟବସ୍ଥା ନାହିଁ । ତେଣୁ ବାଧ୍ୟ ହୋଇ ଦଲାଲ ପାଖରେ କମ୍ ମୁଲ୍ୟରେ ବିକ୍ରି କରି ଶୋଷଣର ଶିକାର ହୋଇଥାନ୍ତି । ଦଲାଲମାନେ ଆଦିବାସୀମାନେ ଅମଳ କରିଥିବା କୃଷିଜାତ ଦ୍ରବ୍ୟକୁ କମରେ କ୍ରୟ କରି ବାହାରେ ଅଧିକ ମୂଲ୍ୟରେ ବିକ୍ରି କରି ମାଲମାଲ ହୋଇଥାନ୍ତି । କଠିନ ପରିଶ୍ରମ କରି ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ନ ପାଇ ଆଦିବାସୀମାନେ ଶୋଷଣର ଶିକାର ହେଉଛନ୍ତି। ଫଳରେ ସେମାନଙ୍କ ଅର୍ଥନୈତିକସ୍ଥିତି ବଦଳି ପାରୁନାହିଁ। ଆର୍ଥିକ ଅନାଟନରେ ଏମାନଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି । କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତରେ ଥିବା ନିୟମଗିରି ପର୍ବତ ଉପରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ଡଙ୍ଗରିଆ ଓ ଝରଣିଆ ପରିବାର ବାସ କରୁଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ଏମାନେ ମୁଖ୍ୟତଃ କାନ୍ଦୁଲ, ମାଣ୍ଡିଆ, ଝୁଡୁଙ୍ଗା, ମକା ଆଦି ଜଙ୍ଗଲରେ ଉତ୍ପାଦନ କରିବା ସହ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି। ସେ ମଧ୍ୟରେ ସପୁରି ପଣସ ଏମାନଙ୍କ ମୁଖ୍ୟ ଚାଷ । ଏହି ଚାଷ କରି ଏମାନେ ବର୍ଷକର ଜୀବନ ଜିବିକା ଚଳାଇଥାନ୍ତି । ତାଙ୍କ ଉତ୍ପାଦିତ ଜିନିଷଗୁଡିକ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ପର୍ବତର ଶିଖରରେ ଡଙ୍ଗରିଆ ଓ ଝରଣି କନ୍ଧମାନେ ସପୁରୀ ଚାଷକୁ ଗୁରୁତର ସହ କରିଥାନ୍ତି । ସପୁରୀରୁ ଭଲ ଦୁଇ ପଇସା ରୋଜଗାର କରି ବର୍ଷ ଯାକ ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ଦଲାଲମାନଙ୍କ କବଜାରେ ପଡି ତାଙ୍କ ଉପାର୍ଜିତ ଦ୍ରବ୍ୟର ଠିକ୍ ମୂଲ୍ୟ ପାଇପାରୁନାହାନ୍ତି । ସରକାର ଆଦିବାସୀ ପରିଷଦ ଗଠନ କରି ଆଦିବାସୀଙ୍କ ବିକାଶ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି । କିନ୍ତୁ କ'ଣ କଲେ ଆଦିବାସୀଙ୍କ ଅର୍ଥନୈତିକ ବିକାଶ ଘଟିବ ତାହା ଚିନ୍ତା କରୁନାହାନ୍ତି। ଆଦିବାସୀଙ୍କ ଅର୍ଥନୈତିକ ବିକାଶ କରିବାକୁ ଗଲେ ଆଦିବାସୀମାନେ କରୁଥିବା କୃଷିଜାତ ଦ୍ରବ୍ୟର ମାର୍କେଟିଂ ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ । ଯେଉଁ ଜିନିଷ ଆଦିବାସୀମାନେ ଉତ୍ପାଦନ କରି ୨ ଟଙ୍କାରେ ବିକ୍ରି କରୁଛନ୍ତି । ଦଲାଲମାନେ ସେହି ପଦାର୍ଥକୁ ବଜାରରେ ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ନିୟମଗିରି ଶିଖରରେ ଏହି ଜନଜାତି ସମ୍ପ୍ରଦାୟର ଲୋକମାନେ କରୁଥିବା ସପୁରୀ ଚାଷକୁ ଦଲାଲମାନେ ଶୋଷଣ କରୁଛନ୍ତି । ଆଦିବାସୀମାନେ ସପୁରୀ ଚାଷ କରି ଲାଞ୍ଜିଗଡ ପାଦଦେଶରେ ବିକ୍ରି କରିଥାନ୍ତି। ଦଲାଲମାନେ ତାଙ୍କଠାରୁ ଗୋଟାକୁ ୨ ଟଙ୍କାରେ କ୍ରୟ କରି ବାହାରେ ୨୦ ଟଙ୍କାରେ ବିକ୍ରି କରୁଛନ୍ତି । ଆଦିବାସୀ ଝରଣିଆ ଓ ଡଙ୍ଗରିଆ ସମ୍ପ୍ରଦାୟ ଜନଜାତି କଠିନ ପରିଶ୍ରମ କରି ସପୁରୀ ଚାଷ କରୁଥିବା ବେଳେ ଉପାର୍ଜିତ ସପୁରୀକୁ କଳାହାଣ୍ଡି ଓ ରାୟଗଡା ଅଞ୍ଚଳର ଦଲାଲମାନେ କମ୍ ମୂଲ୍ୟରେ କ୍ରୟ କରୁଛନ୍ତି । ଯଦି ଲାଞ୍ଜିଗଡଠାରେ ମାର୍କେଟିଂ ବ୍ୟବସ୍ଥା ହୋଇଥାନ୍ତା ତେବେ ସପୁରୀ ଚାଷ କରୁଥିବା ଆଦିବାସୀମାନେ ଅଧିକ ଲାଭ ପାଆନ୍ତେ । ଏହା ସମସ୍ତ ପ୍ରଶାସନିକ ଅଧିକାରୀ ଜିଲାର ନିର୍ବାଚିତ ଲୋକ ପ୍ରତିନିଧୀ ସମସ୍ତଙ୍କ ଗୋଚରରେ ରହିଛି । ହେଲେ ଏମାନଙ୍କର ସମସ୍ୟାକୁ ସମାଧାନ କରିବାକୁ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ଆଜି ମଧ୍ୟ ନିୟମଗିରି ଅଞ୍ଚଳର ଆଦିବାସୀମାନେ ଅଭିଶପ୍ତ ଜୀବନ ବିତାଉଛନ୍ତି । ଝରଣା ପାଣି, ଗୁଣିଗାରେଡି ଉପରେ ଭରସା କରି ଏମାନେ ବଞ୍ଚୁଛନ୍ତି ।

## ସଂକ୍ଷେପରେ



### ଲଗାଣ ବର୍ଷାରେ ୨୩ ଘର ଭାଙ୍ଗିଲା

ରିଷିଡା,୨୯।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ରାଜସ୍ୱ ସର୍କଲରେ ଲଗାଣ ବର୍ଷା ଯୋଗୁ ୨୩ଟି ଘର ଭାଙ୍ଗିଥିବା ଜଣାପଡିଛି । ରିଷିଡା ରାଜସ୍ୱ ସର୍କଲର କୁନ୍ଦେଇପାଲି, ଜଟିଆପଡା, ଶିରାବାହାଲ, ଅବୁଜବାହାଲ, ଗଜବାହାଲ, ଧଅଁରାଖମନ, ବୁଢ଼ିପଦର, ଖରଝୁରା ଗାଁକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସସ୍ମିତା ରଣା ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଦିପ୍ତିଶ୍ରୀ ବାରିକ ଗସ୍ତକରି କ୍ଷୟକ୍ଷତି ଆକଳନ କରିଛନ୍ତି । ଶିରାବାହାଲ ଗ୍ରାମର ଦିବ୍ୟାଙ୍ଗ ଟିକେବାସ ଧରୁଆ ଓ ସୁବାଷ ଦଣ୍ଡସେନାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ତାଙ୍କୁ ତାରପୋଲିନ ପ୍ରଦାନ କରାଯାଇଥିଲା ।

### ୨୪ ୟୁନିଟ ରକ୍ତ ସଂଗ୍ରହ

କଲମପୁର,୨୯।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କଲମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରଜତ ଜୟନ୍ତୀ ସମାରୋହ ସମିତି ସଭାପତି ରାମ ପ୍ରଶାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଡିଓ ଗୋପାଳ କୃଷ୍ଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ଜୀବନ ପାଢୀ ପରିଚୟ ପ୍ରଦାନ, ସମ୍ପାଦକ ମନ୍ମଥ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିନୋଦ ବିହାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପରିଚାଳନା ସମିତି ସଭାପତି ଚନ୍ଦ୍ର ଶେଖର ସାହୁ ଶିବିର ପରିଚାଳନା କରିଥିଲେ । ଶିବିରରେ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିଶୁ ମନ୍ଦିର ଆଚାର୍ଯ୍ୟାଆଚାର୍ଯ୍ୟ, ଅଭିଭାବକ ଓ ଶୁଭେଚ୍ଛୁମାନେ ରକ୍ତ ଦାନ କରିଥିଲେ। ଭବାନୀପାଟଣା ରକ୍ତ ଭଣ୍ଡାର ଡା. ସିଦ୍ଧେଶ୍ୱର ସାହୁଙ୍କ ନେତୃତ୍ୱରେ ସଞ୍ଜୀବ କୁମାର ମହାକୁଡ, କୃଷ୍ଣ ଚନ୍ଦ୍ର ସାହୁ, ସଂଘମିତ୍ରା ସୁନା ରକ୍ତ ସଂଗ୍ରହ କରିଥିଲେ। ଶିଶୁ ମନ୍ଦିର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଶିବିରରେ ସହଯୋଗ କରିଥିଲେ ।

### ନିଖୋଜ ଯୁବକଙ୍କ ୩ ଦିନ ପରେ ଶବ ଉଦ୍ଧାର

କେସିଙ୍ଗା,୨୯।୮(ଡି.ଏନ.ଏ.)

କେସିଙ୍ଗା ଥାନା ଅନ୍ତର୍ଗତ କୁଲୁପଡା ଗ୍ରାମର ଉପରପଡାର ଶତ୍ରୁଘନ ସାହାଙ୍କ ପୁଅ ସତ୍ୟନାରାୟଣ (୧୭) ଗତ ସୋମବାରରୁ ନିଖୋଜ ଥିଲେ । ପରିବାର ଆଖପାଖ ଅଞ୍ଚଳ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ । ଏ ନେଇ କେସିଙ୍ଗା ଥାନାରେ ପରିବାବର୍ଗ ପକ୍ଷରୁ ନିଖୋଜ ବୋଲି ଲିଖିତ ଅଭିଯୋଗ କରାଯାଇଥିଲା । ବୁଧବାର ଅପରାହ୍ନ ୪ଟାରେ ଶତ୍ରୁଘନଙ୍କ ବଡ ପୁଅ

**ପୋଲିସର ତଦନ୍ତ ଜାରି**

କନ୍ତେଶିର ଗ୍ରାମର କୁମରପୁର ଜଙ୍ଗଲରେ ତାଙ୍କ ମଝିଆ ଭାଇ ସତ୍ୟନାରାୟଣଙ୍କ ଶବ ଦେଖି ଚିହ୍ନଟ କରିଥିଲେ। ପରେ କେସିଙ୍ଗା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ଶବ ଜବତ କରିଥିଲା। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନାର ଆଇଆଇସି ବାସୁଦେବ ଛତ୍ରିଆଙ୍କୁ ପଚାରିବାରୁ ତଦନ୍ତ କରି ରହିଛି ବୋଲି କହିଛନ୍ତି ।

## ଡେଙ୍ଗୁ, ମ୍ୟାଲେରିଆ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ

ଜୁନାଗଡ,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲାଠାରେ ବୁଧବାର ଡେଙ୍ଗୁ, ମ୍ୟାଲେରିଆ ନିରାକାରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଚଲା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ବେହେରା, ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଧାଧର ମେହେର,ମହିଳା ସ୍ୱାସ୍ଥ୍ୟକର୍ମୀ ମିନାକ୍ଷୀ ଚିନ୍ଦା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୱାର୍ଡମେମ୍ବର ପ୍ରମୁଖ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି ନିରାକରଣ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଇଥିଲେ। ଏହାସହ ସମସ୍ତଙ୍କୁ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରାମ୍ୟ ପରିକ୍ରମା କରାଯାଇ ଏହା ଉପରେ ଲୋକଙ୍କୁ ସଚେତନତା କରାଯାଇଥିଲା।




ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ।

## କୃଷକ ସଂଘର ଜରୁରୀ ବୈଠକ

ଜୁନାଗଡ଼,୨୯।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ଆରଏମ୍‌ସି ପ୍ରାଙ୍ଗଣରେ ମା' ଲଙ୍କେଶ୍ୱରୀ କୃଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଅଖିଳ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ନେଇ ଆଲୋଚନା ହୋଇଥିଲା । ଜୁନାଗଡ଼ ଅଞ୍ଚଳରେ ଲଘୁଚାପ ଜନିତବର୍ଷାରେ ବିଭିନ୍ନ ଅଞ୍ଚଳର ଚାଷୀ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି । ସେଥି ମଧ୍ୟରୁ ବ୍ଲକର ତଳମଲା, ଆଟିଗାଁ, କଲିଆକୁଣ୍ଡଲ, ମାଲିଗୁଡ଼ା, ଭଇଁରୀଗୁଡ଼ା, ନାନ୍ଦୋଲ, କେନ୍ଦୁପାଟି, ଚିଙ୍ଗୁଡିସର, ବଣିଜରା, ଦାସିଗାଁ ପ୍ରଭୃତି ଅଞ୍ଚଳର ଚାଷୀମାନେ ବିଶେଷ ଭାବରେ ପ୍ରଭାବିତ ହୋଇଛନ୍ତି । ଚାଷୀମାନଙ୍କ ପାଖରେ ଏହି ସବୁ ଜମି ମରାମତି କରିବା ପାଇଁ ସମ୍ବଳ ନାହିଁ । ସରକାର ଏହାର ଅନୁସନ୍ଧାନ ଏ ପର୍ଯ୍ୟନ୍ତ କରୁନାହାନ୍ତି । ଆସନ୍ତା ସେପ୍ଟେମ୍ବର ୫ ତାରୀଖରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି ନେଇ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ବରିଷ୍ଠ ଚାଷୀ ଉପେନ୍ଦ୍ର ସିଂ, ବ୍ୟାସଦେବ ପାଣିଗ୍ରାହୀ, ଧ୍ରୁବଚରଣ ନାଏକ, ପୂର୍ଣ୍ଣଚନ୍ଦ୍ର ସାହୁ, ସିନ୍ଧୁରାମ ଗୁରୁ, ଚିନ୍ମୟ ମେହେର, ଅଗସ୍ତି ଗହିର, ଚିତ୍ରସେନ ଛତ୍ରିଆ, ଗଣେଷ ବାଗ, କୁଞ୍ଜ ବିହାରୀ ଜାନୀ, ଦିଲ୍ଲିପ କୁମାର ବାଣୁଆ, କୈବଲ ଚଲାନ, ଗଙ୍ଗା ରାଉତ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଂଘ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ନାଏକ ଏହାକୁ ପରିଚାଳନା କରିଥିଲେ ।

## କ୍ଲଷ୍ଟରସ୍ତରୀୟ ବିଜ୍ଞାନ, ଶିକ୍ଷଣ ସାମଗ୍ରୀ ମେଳା

ଭବାନୀପାଟଣା,୨୯।୮(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଗଣନାଥପୁର କ୍ଲଷ୍ଟର ବିଜ୍ଞାନ ଓ ଶିକ୍ଷଣ ସାମଗ୍ରୀ ମେଳା ଇଚ୍ଛାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାକୁ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଏଲଏସଏନ ଅଚାରୀ ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝି ଓ ଗୟାଧର ପରିଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ରଜିତ ମହାଖୁଡ, ଉଦେପୁର ଉନ୍ନୀତ ଉଚ୍ଚବିଦ୍ୟାଳୟ ପ୍ରଦୀପ କୁମାର ସାହୁ, ଦେପୁର ସିଆରସିସି ଜୟନ୍ତ କୁମାର ପତି, ମେଦିନିପୁର ସିଆସିସି ରାଧେଶ୍ୟାମ ଦାସ, ଇଚ୍ଛାପୁର ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି ତଥା ସଭାପତି ଶୂନ୍ୟ ମଙ୍ଗରାଜ ଯୋଗଦେଇଥିଲେ। ଗଣନାଥପୁର କ୍ଲଷ୍ଟରର ପ୍ରାୟ ୧୬ଟି ବିଦ୍ୟାଳୟର ୫୦ ଜଣ ଛାତ୍ରୀଛାତ୍ର ଏହି ବିଜ୍ଞାନ ଓ ଶିକ୍ଷଣ ସାମଗ୍ରୀ ମେଳାରେ ଭାଗନେଇ ସେମାନଙ୍କ ପ୍ରସ୍ତୁତ ମଡେଲଗୁଡିକ ପ୍ରଦର୍ଶନ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି ଛାତ୍ରୀଛାତ୍ରମାନଙ୍କ ଏଭଳି ଦକ୍ଷତାକୁ ଉଚ୍ଚପ୍ରଶଂସା କରିଥିଲେ ।

ଇଚ୍ଛାପୁର ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଓ ତାହାର ପ୍ରତିଷେଧକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ କ୍ଷୁଦ୍ର ନାଟକ ପ୍ରଦର୍ଶନ କରିଥିଲେ । ଗଣନାଥପୁର ସିଆରସିସି ଜଗନ୍ନାଥ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ବରିଷ୍ଠ ଶିକ୍ଷକ ଆଲେକ୍ସ ଫିଲିଫ, ପ୍ରଣତି ମିଶ୍ର ଯୋଗଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ଇଚ୍ଛାପୁର ଉପ୍ରା ବିଦ୍ୟାଳୟ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀରେ ଗଣନାଥପୁର ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଆୟୋଜିତ ମେଳାର ସମସ୍ତ କାର୍ଯ୍ୟକ୍ରମକୁ ଇଚ୍ଛାପୁର ଉପ୍ରା ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଲଡୁଗାଁ,୨୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ବଡପୋଡାଗୁଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରଏନଗୁଡାରେ ଇକୋ କ୍ଲବ୍ ତରଫରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା ରାଲି ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ରବି ନାରାୟଣ ଧଲଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଛାତ୍ରୀଛାତ୍ରାମାନଙ୍କୁ ନେଇ ଗାଁ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମତେ ଲକ୍ଷ୍ମୀଧର ସେନାପତି, ଶୋଲପାଣି ଦାସ, କପିଳେନ୍ଦ୍ର ସିଂ, ଭରତ ବୋମାଲ, ଉଦୟ ପଣ୍ଡା ଏବଂ ବିଦ୍ୟାଳୟର ଅନ୍ୟ କର୍ମଚାରୀ ଯୋଗଦେଇଥିଲେ।




ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକମୁକ୍ତ ନେଇ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ଜୁନାଗଡ,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ସ୍ଥାନୀୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ମିଳିତ ଶିକ୍ଷକ ସଂଘ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜେଶ କୁମାର ସେଠ୍‌ଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକବର୍ଗର ଶିକ୍ଷକମାନେ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ସଂଘ ଆହ୍ୱାନକ୍ରମେ ଆଗାମୀ ୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହାସହ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇ ୬ ତାରିଖ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ସର୍ବସମ୍ମତିକ୍ରମେ ମିଳିତ ଶିକ୍ଷକ ସଂଘ ସଭାପତି ଭାବେ ଚିତ୍ତ ରଞ୍ଜନ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଦିବସ କୁମାର କୁମାର ମୁଣ୍ଡ, ସମରେନ୍ଦ୍ର ଶେଖର ଦାଶ, ଲଳିତ ମୋହନ ନେଗୀ, ନନ୍ଦିକୃଷ୍ଣ ନାଏକ, କୈଳାସ ବିଷି, ରମେଶ ରାଉତ, ସୁନୀଲ ମେହେର, ଅରୁଣ ମୁଣ୍ଡ, ରାଜେନ୍ଦ୍ର ଲହଜଲ, କିଶନ ଶର୍ମା, ଅଭୟ କୁମାର ବେହେରା, ବସନ୍ତ କୁମାର ନିଆଲ, ନିର୍ମଳ ଖଟୁଆ, ଶୁସାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଭବାନୀପାଟଣାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଭବାନୀପାଟଣା,୨୯।୮(ଡି.ଏନ.ଏ.)

ଭବାନୀପାଟଣାଠାରେ ଜିଲା କ୍ରୀଡା ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର, ବ୍ରଜବିହାରଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ସରସ୍ୱତୀ ଶିଶୁମନ୍ଦିର ବ୍ରଜବିହାର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପାଢୀ ଓ ଜିଲା କ୍ରୀଡା ଛାତ୍ରାବାସର ମୁଖ୍ୟ ଆଲୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ହକିର ଯାଦୁକର ଧ୍ୟାନଚାନ୍ଦଙ୍କ ଜୀବନୀ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୁଇଜ୍ ପ୍ରତିଯୋଗିତାରେ ଓମ୍ ଆତ୍ମନ ବେହେରା ଓ ପ୍ରିୟାଂଶୁ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଦର୍ଶ ଧଙ୍ଗଡାମାଝି ଓ ଅମିର କୁମାର ପ୍ରଧାନ ଦ୍ୱିତୀୟ ସ୍ଥାନ, ସତ୍ୟବ୍ରତ ମେହେର ଓ ଅଙ୍କିତ ରିଷିରାଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବକ୍ତୃତା ପ୍ରତିଯୋଗିତାରେ ଭାଗ୍ୟ ଜ୍ୟୋତି କିଲାକା ପ୍ରଥମ, ନିତିନ କୁମାର ନାଗ ଦ୍ୱିତୀୟ ଓ ତୃପ୍ତିମୟୀ ଦୁର୍ଗା ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କୁଇଜ୍ ପ୍ରତିଯୋଗିତାରେ ଶିକ୍ଷକ ଶୁଭେନ୍ଦୁ କୁମାର ବେହେରା ଓ ପ୍ରଦୀପ କୁମାର ନେଗୀ ଓ ବକ୍ତୃତା ପ୍ରତିଯୋଗିତାକୁ ଡ.ଉମେଶ ଶତପଥୀ ଓ ଦୁର୍ଗାଚରଣ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ । କଳାହାଣ୍ଡି ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ଜିଲାସ୍ତରୀୟ ଦଳ ସହଯୋଗ କରିଥିଲେ ।



ଜାତୀୟ କ୍ରୀଡା ଦିବସରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

## ଖାଦ୍ୟ ଯୋଗାଣ ସଚିବଙ୍କ ଲାଞ୍ଜିଗଡ଼ ବ୍ଲକ ଗସ୍ତ

# ବିଭିନ୍ନ ଉନ୍ନୟନ କାମର ସମୀକ୍ଷା

ଲାଞ୍ଜିଗଡ,୨୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକକୁ ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ସଚିବ ବୀର ବିକ୍ରମ ଯାଦବ ଗସ୍ତ କରିଛନ୍ତି । ସଚିବ ବ୍ଲକର ଅନେକ ଗାଁ ଗସ୍ତ କରି ସରକାରଙ୍କ ପ୍ରଣିତ ଯୋଜନାଗୁଡିକ କେତେ କାର୍ଯ୍ୟକାରୀ ହେଉଛି ତାହା ସମୀକ୍ଷା କରିଥିଲେ । ମଙ୍ଗଳବାର ରାତି ୧୦ଟାରେ ସଚିବ ଆସି ବେଦାନ୍ତ ଅତିଥି ଶାଳାରେ ରାତି ଯାପନ କରିଥିବା ବେଳେ ମଙ୍ଗଳବାର ସକାଳୁ ପ୍ରଥମେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଉ ଥିବା ମାନ୍ନା ଟ୍ରଷ୍ଟକୁ ଯାଇ ରୋଷେଇଶାଳ ଦେଖିବା ସହ ମଧ୍ୟାହ୍ନ ଭୋଜନ ଯାଞ୍ଚ କରିଥିଲେ । ପରେ ନିୟମଗିରି ବେଦାନ୍ତ ନଗରରେ ଥିବା ଅଙ୍ଗନୱାଡିକେନ୍ଦ୍ରକୁ ଯାଇ ପ୍ରିସ୍କୁଲ ପିଲାଙ୍କୁ ଭେଟି ଶିଶୁ ବିକାଶ ଯୋଜନାରେ ଚାଲିଥିବା ବିକେନ୍ଦ୍ରୀକରଣ ଯୋଜନା ଉପରେ ଅଙ୍ଗନୱାଡି କେନ୍ଦ୍ର ଯାଞ୍ଚ କମିଟି ସଦସ୍ୟାଙ୍କ ସହିତ ଆଲୋଚନା କରିଥିଲେ । ସେହିପରି କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଡେଙ୍ଗସରଗି ଗାଁକୁ ଯାଇ ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ଓ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଅର୍ନ୍ତଭୁକ୍ତ କରାଯାଇଛି କି ନାହିଁ ତଦାରଖ କରିଥିଲେ । ପରେ ଲାଞ୍ଜିଗଡ ଡାକ୍ତରଖାନାକୁ ଯାଇ ନିରାମୟ ଯୋଜନାରେ ଔଷଧ ମିଳୁଛି କି ନାହିଁ ଲୋକଙ୍କୁ ପଚାରି ବୁଝିଥିଲେ । ମେଡିକାଲରେ ଖାଲିଥିବା ପଦବୀ ପୂରଣ କରାଯାଉ ବୋଲି ଅଞ୍ଚଳବାସୀ ସଚିବଙ୍କୁ ଅନୁରୋଧ କରିଥିଲେ। ଲାଞ୍ଜିଗଡ ବ୍ଲକ ବାତେରଲିମା ଗାଁକୁ ଯାଇ ସୋଲାରରେ ପାନୀୟ ଜଳ ଯୋଗାଣ, ଓଏଲ୍‌ଏମର ଜିପିଏଲଏଫ୍ ଓ ସିଏଫ୍‌ସି କାର୍ଯ୍ୟକ୍ରମ ବିଷୟରେ ଏସଏସଜି ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ । ଚମ୍ପାଦେଇପୁରଠାରେ ନିର୍ମାଣ ଶ୍ରମିକଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ଯୋଜନାରେ କୌଣସି ଶ୍ରମିକ ମଧ୍ୟ ଉପକୃତ ହେଉନାହାନ୍ତି । ଏହି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ସବୁ କାଗଜ କଲମରେ ଚାଲିଛି ବୋଲି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦିଶ ବେନିଆ ଅଭିଯୋଗ କରିଥିଲେ । ଅଞ୍ଚଳରେ ଚାଲିଥିବା ଆରଡି ବିଭାଗ ଓ ପିଡବ୍ଲ୍ୟୁଡି ବିଭାଗର ନିମ୍ନମାନର ରାସ୍ତା କାମକୁ ନେଇ ହାତୀଶାଳ ଘାଟିରେ ମାଓବାଦୀମାନେ ଗଛ ପକାଇ ରାସ୍ତା ଅବରୋଧ କରିବା ଯୋଗୁ ସଚିବ ଦୁର୍ଗମ ଅଞ୍ଚଳକ ଗସ୍ତ କରିପାରି ନ ଥିଲେ । ଅପରାହ୍ନ ୪ଟାରେ ବ୍ଲକ କନଫରେନ୍ସ ହଲ୍‌ରେ କଳାହାଣ୍ଡି ଜିଲର ସମସ୍ତ ବିଡିଓ ଓ ଯୋଗାଣ ଅଧିକାରୀଙ୍କୁ ଡାକି ଖାଦ୍ୟ ସୁରକ୍ଷା ଉପରେ ରିଭ୍ୟୁ ମିଟିଙ୍ଗ୍ କରିଥିଲେ । ଏହି ଗସ୍ତରେ ଜିଲାପାଳ ଗାଭାଲ ପରାଗ ହର୍ଷଦ, ଉପ ଜିଲାପାଳ ମିର୍ଦ୍ଧା ଟୋପୋ, ସିଡିଏମ୍‌ଓ ଡ.ସରୋଜ କୁମାର ତିହାରୀ, ସିଏସ୍‌ଓ ଶିବ ପ୍ରସାଦ ଦୋରା, ଲାଞ୍ଜିଗଡ ବିଡିଓ ବାସୁଦେବ ନାଏକ, ଏବିଡିଓ ବିଭୁତି ଭୁଷଣ ଶତପଥୀ, ସିଡିପିଓ କୁସୁମ ମଞ୍ଜରୀ ପ୍ରହରାଜ, ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି, ପାନୀୟ ଜଳ ବିଭାଗ ଯନ୍ତ୍ରୀ ଯଶମନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ଜିଲା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ
- କାଳିନ୍ଦୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ବେସରକାରୀ କଲେଜ ସଂଘର ସଭା

**ଝାରସୁଗୁଡା ଅଫିସ,୨୯।୮** - ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ଝାରସୁଗୁଡା ଜିଲାସ୍ତରୀୟ ସମାବେଶ ସ୍ଥାନୀୟ ଲକ୍ଷ୍ମୀନାରାୟଣ କଲେଜରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଚୀରବ୍ରତ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ଡ. ସୁଦର୍ଶନ ପାଣିଗ୍ରାହୀ, ପ୍ରଣୟ ତ୍ରିପାଠି, ଅଶ୍ୱିନୀ ସୁପକାର, ଅଶୋକ କୁମାର ଦିହିରିଆ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷକ ମାରଣ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ଣ୍ଣ ଅନୁଦାନ, ୟୁଜିସି ସହାୟତା ପ୍ରଦାନ, ଅବସର ସମୟ ୬୦ରୁ ୬୨କୁ ବୃଦ୍ଧି, ବଜେଟରେ ୧୦% ଅର୍ଥ ରାଶି ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। ସେପ୍ଟେମ୍ବର ୭ରେ ରାଜ୍ୟସ୍ତରୀୟ ଧାରଣାରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ଡ. ସରୋଜ କୁଅଁର ଧନ୍ୟବାଦ ଦେଇଥିଲେ।

### ଗଙ୍ଗାଧର ମେହେର ଜୟନ୍ତୀ

**ଝାରସୁଗୁଡା ଅଫିସ,୨୯।୮** - ଜିଲା ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସଂସ୍କୃତି ଭବନରେ ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଏକାଡେମୀ ସଦସ୍ୟ ଜୟ ନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସୀତାରାମ ବିର୍ତିଆ, ରାଧାମୋହନ ତ୍ରିପାଠି, ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ବକ୍ତାଭାବେ ତାପସ ରାୟଚୌଧୁରୀ, ଟହଲୁ ସାହୁ, ଗୌରୀଶଙ୍କର ତିୱାରୀ, ନିକୁଞ୍ଜ ବିହାରୀ ମିଶ୍ର, ମଦନାନନ୍ଦ ସେଠ୍, ରାଧାମୋହନ ପାଣ୍ଡେ, କଳାକାହ୍ନୁ ଦାସ, ତାପସ ମିଶ୍ର, ଉପେନ୍ଦ୍ର ସରାଫ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଅଞ୍ଜଳି ପଟ୍ଟନାୟକ, ସରୋଜ କୁଅଁର ପ୍ରମୁଖ ଗଙ୍ଗାଧରଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ ମନ୍ଦାକିନୀ ଶତପଥୀ ସଂଯୋଜନା କରିଥିବାବେଳେ ପ୍ରେମସାଗର ଦେହେରିଆ ଧନ୍ୟବାଦ ଦେଇଥିଲେ। ସେହିପରି ବୁଧବାର ହଂ.କଟାପାଲି ସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ହୋଇଥିଲା।



ଆୟୋଜକ ଟାଟା ଷ୍ଟିଲ୍‌ର ପ୍ରତିନିଧି ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଟାଟା ଷ୍ଟିଲ କୁଇଜ୍ ଓ ପଠାଣି ସାମନ୍ତ ଜ୍ୟୋତିର୍ବିଜ୍ଞାନୀ ମେଧା ଅନ୍ୱେଷଣ ପ୍ରତିଯୋଗିତା

ବେଲପାହାଡ଼,୨୯।୮(ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ସ୍ଥିତ ବି.ଆର୍.ଉଚ୍ଚ ବିଦ୍ୟାଳୟରେ ବୁଧବାର ଟାଟା ଷ୍ଟିଲ ଓ ପଠାଣୀ ସାମନ୍ତ ପ୍ଲାନେଟୋରିୟମ ମିଳିତ ଆନୁକୂଲ୍ୟରେ କୁଇଜ୍ ଓ ମେଧା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବ ଜ୍ୟୋତିର୍ବିଜ୍ଞାନୀ ମେଧା ଅନ୍ୱେଷଣ ପ୍ରତିଯୋଗିତାରେ ୩୭ଜଣ ଓ କୁଇଜରେ ୩୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଆୟୋଜିତ କୁଇଜ ପ୍ରତିଯୋଗିତାରେ ଠିକ ଉତ୍ତର ରଖିଥିବା ଛାତ୍ରୀଛାତ୍ରଙ୍କୁ ତତ୍‌କ୍ଷଣାତ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ତନୁଶ୍ରୀ ଦତ୍ତ, ଅଗ୍ନିପ୍ରଭା ଦାସ, କୁସୁମାଞ୍ଜଳି ସାହୁ, ଶିକ୍ଷକ ଗିରିଶ ତ୍ରିପାଠୀ, ରବୀନ୍ଦ୍ର ପ୍ରଧାନ ଓ ସୁରେଶ ପ୍ରଧାନ ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଉପରୋକ୍ତ ପ୍ରତିଯୋଗିତା ରାଜ୍ୟର ମୋଟ ୩୦୦ଟି ବିଦ୍ୟାଳୟରେ ଆୟୋଜିତ ହେଉଛି। ଏଥିମଧ୍ୟରୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତା ଆସନ୍ତା ମାସ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।

ଜିଲା ଯୋଜନା କମିଟି ବୈଠକ

# ବିହନ ପ୍ରୋସେସିଂ ୟୁନିଟ ସ୍ଥାପନ ନିଷ୍ପତ୍ତି

ଝାରସୁଗୁଡା ଅଫିସ,୨୯।୮

ଚଳିତ ଖରିଫ ଋତୁରେ ଜିଲାରେ ବିହନ ଅଭାବୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାର ଆବଶ୍ୟକତା ଅନୁସାରେ ଯୋଗାଣ ହୋଇଥିଲା ପ୍ରାୟ ଅଧା ବିହନ। ସେଥିପାଇଁ ଚାଷୀ ଉତ୍କଟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଜିଲାରେ ବିହନ ପ୍ରୋସେସିଂ ୟୁନିଟ୍ ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। କେବଳ ଏକ ଘରୋଇ ପ୍ରୋସେସିଂ ୟୁନିଟ୍ ଏବଂ ରାଜ୍ୟ ବିହନ ନିଗମ ଉପରେ ନିର୍ଭରଶୀଳ ଝାରସୁଗୁଡା ଜିଲାର ଚାଷୀ ଚଳିତବର୍ଷ ହତାଶ ହୋଇଥିଲେ। ତେଣୁ ଜିଲାରେ ଏକ ବିହନ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ବୁଧବାର ଜିଲା ଯୋଜନା କମିଟି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସଭାପତିତ୍ୱରେ ବୈଠକ ହୋଇଯାଇଛି। ଏହି ବୈଠକରେ ଜିଲା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଆଦି ବିଷୟରେ ଆଲୋଚନା ପୂର୍ବକ ବିହିତ ନିଷ୍ପତ୍ତି ନିଆଯାଇଛି।

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ଜିଲା ମୁଖ୍ୟ ହସ୍ପିଟାଲରେ ଆଉ ୨ଟି ଡାଏଲିସିସି ମେଶିନ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହାକୁ ମନ୍ତ୍ରୀ ମଲିକ ସହମତି ପ୍ରକାଶ କରିଛନ୍ତି। ଜିଲାର ୫ଟି ବ୍ଲକରୁ ଆସିଥିବା ୭୫୦.୦୮ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ୨୯୯ଟି ପ୍ରକଳ୍ପ ପାଇଁ ଆଲୋଚନା ହୋଇଥିଲା। ଗ୍ରାମୀଣ ଗୋପବନ୍ଧୁ ଯୋଜନା ଅନ୍ତର୍ଗତ ୨୨୪ଟି ସଡକ ପ୍ରକଳ୍ପ, ୬୬ଟି ପାଣି ପ୍ରକଳ୍ପ, ୮ଟି ବିଜୁଳି ଏବଂ ଅନ୍ୟାନ୍ୟ ଗୋଟିଏ ପ୍ରକଳ୍ପ ରହିଛି। ସେହିପରି ୧୮-୧୯ ବର୍ଷ ପାଇଁ ୫୮ ଲକ୍ଷ ଟଙ୍କାର କ୍ରିଟିକାଲ ଗେପ୍ ଫଣ୍ଡ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଅନ୍ୟାନ୍ୟ ବିଭାଗ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବରଗଡ ଏମ୍‌ପି ଡା. ପ୍ରଭାସ ସିଂ, ବିଧାୟକ ନବକିଶୋର ଦାସ, ରାଧାରାଣୀ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ପିଡି ସତ୍ୟନାରାୟଣ ଦାଶ, ପୌରାଧ୍ୟକ୍ଷ ହରିଶ ଗଣତ୍ରା ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


## URGENTLY REQUIRED FOR A CCI

- **Counsellor (One)** - M.A (Sociology / Child Psychology) and 3 years experience in child development institution, Remuneration Rs. 17,500/- as per ICPS guidelines.
- **Probation Officer - One** M.A. in Sociology / MBA and 3 years experience in Child Care Institutions. Remuneration Rs. 13,000/-.
- **Compounder / Pharmacist - One** Diploma qualification with experience in first Aid. Remuneration 9000/-.
- **Store Keeper & Accountant- One** PG in commerce, experience in child Development, Remuneration Rs. 14,000/-.
- Upper Age limit for all posts is 35 years.
- Candidates who are willing to work in the CCI of **Banabasi Vidya Sabha, G.V. Ashram, Vedvyas** apply within 7 days of this advertisement to the ADM, Sundargarh by Post. Salary as per ICPS guide lines. Attach Bio-Data along with one colour passport size photograph with copies of academic qualification and experiences.

**Superintendent**
**Banabasi Vidya Sabha**
**Vedvyas, Rourkela**

FORM NO.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 394/2013**

**State Bank of India, Jagmohan Nagar Branch .............. Applicant**
**Versus**
**M/s. Nikshita Associates (P) Ltd. & Others .......... Defendant(s)**

To

**5/A, Sanghamitra Dash**, W/o- Late Sandeep Dash, At- Police Line Road, P.O- Puri, P.S- Kumbharapada, Dist.- Puri

**5/B, Nikshita Dash**, D/o- Late Sandeep Dash, C/o- Sanghamitra Dash, At- Police Line Road, P.O- Puri, P.S- Kumbharapada, Dist.- Puri

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A. No. 394/2013 in the court of the Debts of Recovery Tribunal, Cuttack for recovery of Rs. 10,85,812.00 only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorized agent, in support of their defence to show cause within 30 days from the date of publication or on 03.10.2018 at 10.30 AM as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this tribunal on this 18th day of Aug. 2018.

**Sd./- (Srikanta Kumar Maikap), Registrar**

ENERGY IS LIFE BEE CONSERVE IT

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in

Department of Energy

09-AA

INVITING LEADERS IN THE FIELD OF ENERGY CONSERVATION OF ODISHA

**Odisha State Energy Conservation Awards-2018**

The Department of Energy, Govt. of Odisha through the Office of Engineer-in-Chief cum Principal Chief Electrical Inspector as the State Designated Agency (SDA), Odisha invites applications from MSMEs, IT Industries, Hospitals, Educational Institutions, Commercial Buildings, Hotels and Power Generation Companies (IPP) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2018 based on their performance during Financial Year 2017-2018. The last date of receipt of completed applications is **5th November 2018.**

For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in

The authority reserves the right to accept / reject any application without assigning any reasons thereof.

Sd/-
04004/11/0001/1819 EIC E)-cum-PCEI & SDA (Odisha)

## PENSION ADALAT BY INCOME TAX DEPARTMENT, ODISHA

It has been decided to hold Pension Adalat in respect of pensioners / family pensioners on **18.09.2018** at 11 AM in Kalinga Conference Hall, 4th Floor, AAYAKAR Bhawan, Vani Vihar, Bhubaneswar to ventilate grievances relating to pension / family pension. The pensioners / family pensioners who are having grievance in the matter of pension may forward their grievances in the following format **to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, AAYAKAR Bhawan, Vani Vihar, Bhubaneswar for facilitation.**

1. Name of the employee with address:
2. Name of the Pension / family pension holder:
3. PPO No. if any:
4. Mobile No. for communication:
5. Office from which retired / expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- (Narayan Nayak)**
**Income Tax Officer (Legal)**
**O/o the Pr. CCIT, Bhubaneswar**

Bank of Baroda बैंक ऑफ़ बड़ौदा

ମୁଖ୍ୟ କାର୍ଯ୍ୟାଳୟ : ମାଣ୍ଡଭି, ବରୋଦା
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

## ଟେଣ୍ଡର ନୋଟିସ୍

ବିଭିନ୍ନ କାର୍ଯ୍ୟ ନିମନ୍ତେ ଭେଣ୍ଡରମାନଙ୍କ ତାଲିକାଭୁକ୍ତି ପାଇଁ ବିଜ୍ଞାପନ

**ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର** ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କର ଆବାସିକ ଏବଂ ବ୍ୟବସାୟିକ ଗୃହ ପରିସରରେ ସିଭିଲ, ଇଲେକ୍ଟ୍ରିକାଲ, ସାଜସଜ୍ଜା, ଶୀତତାପ ନିୟନ୍ତ୍ରଣ ଏବଂ କମ୍ପୋଜିଟ୍ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠିତ ଆର୍କିଟେକ୍ଟ, କଣ୍ଟ୍ରାକ୍ଟର, ଡିଲର ଏବଂ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତମାନ ଆହ୍ୱାନ କରାଯାଉଅଛି।

ଟେଣ୍ଡର କାଗଜପତ୍ର ବ୍ୟାଙ୍କର ୱେବ୍‌ସାଇଟ୍ :
**www.bankofbaroda.com** ରେ ଉପଲବ୍ଧ ଅଟେ।

ଦରଖାସ୍ତ ଦାଖଲର ଶେଷ ତାରିଖ ଓ ସମୟ : **୨୪.୦୯.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।** କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛି।

ସ୍ଥାନ: ଭୁବନେଶ୍ୱର
ତା.୩୦.୦୮.୨୦୧୮
ଉପ-ମହାପ୍ରବନ୍ଧକ

INDIAN RAILWAYS

## ପୂର୍ବ ତଟ ରେଳପଥ

### 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/12 ତା. 27.08.2018 ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-332/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ଼

ପତ୍ର ସଂଖ୍ୟା ୧୪୪୦ ତା ୨୭.୮.୨୦୧୮

ଏତଦ୍ୱାରା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ ଗୋଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା ୨୦.୦୯.୨୦୧୮ଠାରୁ ୨୯.୧୦.୨୦୧୮ରିଖ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଗ୍ରାମସଭା (୧ ଅକ୍ଟୋବର ୨୦୧୭ରୁ ୩୧ ମାର୍ଚ୍ଚ ୨୦୧୮)। ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମଗୁଡିକରେ ସକାଳ ୯ ଘଟିକାଠାରୁ ଆରମ୍ଭ ହେବ। ତେଣୁ ଆପଣମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ସହିତ ସର୍ବସାଧାରଣ ନାଗରିକ, କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆପଣଙ୍କ ଜରିଆରେ ନିବେଦନ କରାଯାଉଛି।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନଶୁଣାଣି (ବ୍ଲକସ୍ତରୀୟ) | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | | |
| ପ୍ରଥମ | ବିଜେପୁର, ବାଞ୍ଜିପଦର, ଭାଲେଗାଁ, ଘଣ୍ଟବାହାଲି, ଲୁଥୁରବନ୍ଧ, କତରକେଲା | ୨୦।୦୯।୨୦୧୮ | ୨୬।୦୯।୨୦୧୮ | ୨୬।୦୯।୨୦୧୮ | ୧୭।୧୦।୨୦୧୮ | ବିଜେପୁର AE, ବାଞ୍ଜିପଦର APO, ଭାଲେଗାଁ AEE, ଘଣ୍ଟାବାହାଲି GPEO, ଲୁଥୁରବନ୍ଧ AFO, କତରକେଲା PA |
| ଦ୍ୱିତୀୟ | ବାନ୍ଧୁପଲା, ଶଗଡଘାଟ, ମନିଗାଁ, ମହୁଲପଡା, ଜଗୁଆ | ୨୭।୦୯।୨୦୧୮ | ୦୪।୧୦।୨୦୧୮ | ୦୪।୧୦।୨୦୧୮ | | ବାନ୍ଧୁପଲା AFO, ଶଗଡାଘାଟ WEO, ମନିଗାଁ PA, ମହୁଲପଡା AE, ଜଗୁଆ AEE |
| ତୃତୀୟ | ନାରେନ, ଖୋଲାନ, ପରାସରା, ଅଦାବାହାଲ, ସିହିନି, ସୁର୍ଡା | ୦୫।୧୦।୨୦୧୮ | ୧୧।୧୦।୨୦୧୮ | ୧୧।୧୦।୨୦୧୮ | | ନାରେନ AFO, ଖୋଲାନ GPEO,ସରାସରା APO, ଅଦାବାହାଲ AEE, ସିହିନୀ PA, ସୁର୍ଡା ABDO |
| ଚତୁର୍ଥ | ଘୋଡାର, ମାର୍ଲାଡ, ବିନେକେଲା, ସିଲୁଆଁ, କୁଶକେଲା, କୁରସୁଡ, ଦିଗସିରା | ୨୩।୧୦।୨୦୧୮ | ୨୯।୧୦।୨୦୧୮ | ୨୯।୧୦।୨୦୧୮ | | ଘୋଡାର WEO, ମାର୍ଲାଡ ABDO, ବିନେକେଲା PA, ସିଲୁଆଁ AE, କୁଶକେଲା AEE, କୁରସୁଡ GPEO, ଦିଗସିରା APO |

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ

## OFFICE OF THE DISTRICT JUDGE, GAJAPATI, PARALAKHEMUNDI

**ADVERTISEMENT**

**Dated 29th August, 2018**

Application in the prescribed format given below is invited for filling up of the following Group "C" posts governed under the Orissa District & Sub-ordinate Courts" Non-Judicial Staff Services (Method of Recruitment and Conditions of Services) Rules, 2008 read with Amendment Rules, 2010.

| Sl. No. | Name of the post | Group | Scale of pay & Grade Pay | CATEGORY | | | | Total |
|---|---|---|---|---|---|---|---|---|
| | | | | ST | U.R. | S.E.B.C. | S.C. | |
| 1 | Junior Clerk / Copyist | C | Rs. 19900/- (Pre-revised scale of Rs. 5200-20200/- & Rs. 1900/-) | 07 (W-3) | 03 (W-2) | 05 (W-1) | 01 (W-1) | 16 |
| 2 | Stenographer Gr.III | C | Rs. 25500/- (Pre-revised Scale of Rs. 5200-20200/- & Rs. 2400/-) | 01 | 02 | 02 | -- | 05 |
| 3 | Junior Typist | C | Rs. 19900/- (Pre-revised Scale of Rs. 5200-20200/- & Rs. 1900/-) | 01(W) | 01(W) | 02 (W-1) | -- | 04 |
| 4 | Salaried Amin | C | Rs. 21700/- (Pre-revised Scale of Rs. 5200-20200/- & Rs. 2000/- | -- | 01 | -- | -- | 01 |

The reservation for Women / Physically Handicapped / Ex-Serviceman / Sports Person is as per rule. The number of posts in each cadre may increase or decrease in future. For details, please visit our official website i.e. **www.ecourts.gov.in/gajapati** and **www.gajapati.nic.in.**

**Warning:- The last date of receipt of application duly filled-in is 29.09.2018 during office hours. Applications received thereafter shall not be accepted.**

**Sd./- District Judge-cum-Chairman,**
**District Recruitment Committee, Gajapati**

सिंडिकेटबैंक SyndicateBank

## ସିଣ୍ଡିକେଟ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ-୨, ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍

(ସ୍ଥାବର ସମ୍ପତ୍ତି ନିମନ୍ତେ)
ଆକ୍ଟ (ରୁଲ୍ ୮(୧))ର ପରିଶିଷ୍ଟ ୪

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସମ୍ପତ୍ତି ମାଲିକମାନଙ୍କୁ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ସମସ୍ତ ଅର୍ଥ ସହିତ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସମ୍ପତ୍ତି ମାଲିକମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଉପରକଥିତ ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି।

ଏତଦ୍‌ଦ୍ୱାରା ବିଶେଷକରି ସମ୍ପତ୍ତିମାଲିକ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ ପାଇଁ **ସିଣ୍ଡିକେଟ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସମ୍ପତ୍ତି ମାଲିକ / ଗ୍ୟାରେଣ୍ଟିଦାତା(ମାନ)ଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥୀ,** ସ୍ୱାମୀ: ଶଙ୍କର ପ୍ରସାଦ ଶତପଥୀ, ସା: ପ୍ରହଲ୍ଲାଦ ନଗର (ପୁରୁଣା ବ୍ରହ୍ମପୁର), ୫ମ ଲେନ୍, ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଧରିତ୍ରୀ ଶତପଥୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଙ୍କର ପ୍ରସାଦ ଶତପଥୀ,** ପିତା: ଵ ବାବାଜୀ ଶତପଥି, ସା: କୃପାସିନ୍ଧୁପୁର ଶାସନ, ଗୌଡ ଷ୍ଟ୍ରିଟ୍, ବୃନ୍ଦାବନପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୨,୯୬,୫୧୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁସୂଦନପୁର, ଖାତା ନଂ.: ୨୪୩/୪୫୩୦, ପ୍ଲଟ୍ ନଂ.: ୮୦୧/୨୩୩୧ ଏବଂ ୮୦୧/୨୭୫୮, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଥାନା: ବଡବଜାର, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲେନ୍, ପଶ୍ଚିମ: ଏମ୍‌ଓ ଫୁଟ୍ ଚଉଡା ରାସ୍ତା, ଦକ୍ଷିଣ: ଏମ୍. ପଦ୍ମାବତୀଙ୍କ ଜମି, ଉତ୍ତର: ନରସିଂହ ଜେନାଙ୍କ ଜମି |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ଚୁକା ରବି କୁମାର,** ପିତା: ଚୁକା ସାରବନ୍ଧୁ, ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଚୁକା ରବି କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଚୁକା ଲୀଳା,** ସ୍ୱାମୀ: ଚୁକା ରବି କୁମାର, ଉଭୟଙ୍କ ଠିକଣା- ସା: ମୋଚି ଷ୍ଟ୍ରିଟ୍, କର୍ପୋରେସନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ୧୩.୧୨.୨୦୧୭ / ୨୪.୦୮.୨୦୧୮ | ଟ.୭,୫୭,୩୮୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁକୁଣ୍ଡା, ଖାତା ନଂ.: ୧୦୪/୧୧୦, ପ୍ଲଟ୍ ନଂ.: ୧୩୨/୯୭୭, କ୍ଷେତ୍ର: ଏକର୦.୦୨୧ଡିସିମିଲି, ଥାନା: ବ୍ରହ୍ମପୁର ଟାଉନ୍, ତହସିଲ: କୁକୁଡାଖଣ୍ଡି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଦକ୍ଷିଣ: ଇ. ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଜମି, ଉତ୍ତର: ରାସ୍ତା |
| **ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ଶାଖା /** **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ବେହେରା,** ପିତା: ଵ ରାମହରି ବେହେରା, ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୧ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀମତୀ ଅମୂଲ୍ୟା ବେହେରା, ଶ୍ରୀ ପ୍ରଶାନ୍ତ କୁମାର ବେହେରା ଏବଂ ଶ୍ରୀ ଶ୍ରୀକାନ୍ତ ବେହେରା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଅମୂଲ୍ୟା ବେହେରା,** ସ୍ୱାମୀ: ଵ ରାମହରି ବେହେରା, **୨) ଶ୍ରୀ ଶ୍ରୀକାନ୍ତ ବେହେରା,** ପିତା: ଵ ରାମହରି ବେହେରା, ଉଭୟଙ୍କ ଠିକଣା ସା: ସୀତାରାମ ଷ୍ଟ୍ରିଟ୍, ପୋ.: ପାଣିଗ୍ରାହୀ ପେଣ୍ଠ, ଥାନା: ବଡ ବଜାର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୧୪.୦୫.୨୦୧୮ / ୨୪.୦୮.୨୦୧୮ | ଟ.୧୮,୪୧,୭୪୮.୯୯ + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ ବଜାର, ତହସିଲ: ବ୍ରହ୍ମପୁର, ଖାତା ନଂ.: ୩୯୦, ପ୍ଲଟ୍ ନଂ.: ୬୧୭, କିସମ: ଘରବାରୀ-୨, କ୍ଷେତ୍ର: ଏକର୦.୦୧୯ଡିସିମିଲି, ଥାନା: ବଡ ବଜାର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସ୍‌ପାଲ୍ ଲେନ୍, ପଶ୍ଚିମ: ରାଜ ଦାଣ୍ଡ, ଦକ୍ଷିଣ: ରାଧାମୋହନ ବେହେରାଙ୍କ ଗୃହ, ଉତ୍ତର: ହରିଶ ଚନ୍ଦ୍ର ଗୌଡଙ୍କ ଗୃହ |
| **ବି.କେ. ରୋଡ୍ ଶାଖା, କଟକ /** **ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ମହାରଣା,** ପିତା: ବେଣୁଧର ମହାରଣା, ସା: ନଦୀକୁଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ ଏବଂ **ସମ୍ପତ୍ତିର ମାଲିକ: ଅକ୍ଷୟ କୁମାର ମହାରଣା / ଗ୍ୟାରେଣ୍ଟିଦାତାମାନେ: ୧) ବିଷ୍ଣୁପ୍ରିୟା ମହାରଣା,** ସ୍ୱାମୀ: ଅକ୍ଷୟ କୁମାର ମହାରଣା, ସା: ନଦୀକୁଳ ସାହି, ପୋ.: ନୟାବଜାର, ଜିଲ୍ଲା: କଟକ, **୨) ସେକ୍ ଜାଭେଦ,** ସା/ପୋ.: ନୟାପଡା, ଥାନା: ଟାଙ୍ଗୀ, ଜିଲ୍ଲା: କଟକ | ୧୪.୦୫.୨୦୧୮ / ୨୭.୦୮.୨୦୧୮ | ଟ.୨୪,୭୩,୬୮୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଦୀକୁଳ ସାହି, ଖାତା ନଂ.: ୬୬୦/୧୧୦୪, ପ୍ଲଟ୍ ନଂ.: ୧୧୨/୮୮୨୫, କ୍ଷେତ୍ର: ୧୨୩୧.୨୫ ବର୍ଗଫୁଟ, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଙ୍ଗାଧର ମହାରଣା ଏବଂ ବିଜୟ କୁମାର ମହାରଣା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ମହାରଣା ଏବଂ ଅଶୋକ କୁମାର ମହାରଣା |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୯.୦୮.୨୦୧୮
କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଅଗଷ୍ଟ ୩୦/୨୦୧୮



ଜୀବନରେ ଭୟ କରିବାର କିଛି ନାହିଁ କେବଳ
ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### ପାହାଡି ଚିତି ଉଦ୍ଧାର

ରାଉରକେଲା ଅଫିସ,୨୯।୮-ସେକ୍ଟର-୧୫ ବି/୪୪ ବାସିନ୍ଦା ସଦାଶିବ ଗରୁଡ଼ଙ୍କ ବି/୪୪ କ୍ୱାଟର୍ସ ଭିତରକୁ ପଶିବାକୁ ଯାଉଥିବା ଏକ ଦେଢ ଫୁଟିଆ ପାହାଡି ଚିତିକୁ ସ୍ନେକ ହେଲ୍ପ ଲାଇନର ଦେବାନନ୍ଦ ବେହେରା ବୁଧବାର ରାତିରେ ଉଦ୍ଧାର କରିଛନ୍ତି। ଏହି ବିଷଧର ସାପଟି ଘରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ଗରୁଡ଼ ଏହାକୁ ଅଟକାଇ ରଖିଥିଲେ। ପରେ ଖବରପାଇ ସାପ ଧରାଳି ବେହେରା ଘଟଣାସ୍ଥଳରେ ପହଞ୍ଚି ଏହାକୁ ଧରିଥିଲେ।

### ଟ୍ରକକୁ ଧକ୍କା ଦେଲା ଅଲଟୋ, ୧ ମୃତ

ସବଡେଗା/ ବାଲିଶଙ୍କରା,୨୯।୮ (ଡି.ଏନ.ଏ.)- ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ବଣ୍ଡାବ୍ରିଜ ନିକଟରେ ବୁଧବାର ୧୮ଚକିଆ ଟ୍ରକ ପଛପଟୁ ଅଲଟୋ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧ଗୁରୁତର ହୋଇଛନ୍ତି । ମୃତକ ହେଲେ ତଳସରା ଗ୍ରାମର ଶିଶିର ଖାମଡିଆଁ (୨୪)। ପ୍ରକାଶ ଯେ,ତଳସରା ଗ୍ରାମର କେଦାର ସାହୁ(୨୨)ଓ ଶିଶିର ଖାମଡିଆଁ(୨୪) ଅଲଟୋ ଗାଡିରେ ସବଡେଗାକୁ ବଜାର କରିବାକୁ ଯାଇଥିଲେ। ଜିନିଷ କିଣି ନିଜ ଘରକୁ ଫେରୁଥିବା ସମୟରେ ବଣ୍ଡା ବ୍ରିଜ ନିକଟରେ ୧୮ଚକିଆ କୋଇଲା ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ପରିବାରଲୋକେ ମିଶି ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ଦ୍ୱୟଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶିଶିର ଖାମଡିଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ କେଦାର ସାହୁ ଗୁରୁତରଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏହାକୁ ନେଇ କିଛି ସମୟ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ବାଲିଶଙ୍କାର ତହସିଲଦାର ବାସନ୍ତୀ ଲାକଡା ଘଟଣାସ୍ଥଳକୁ ଯାଇ ରାସ୍ତାରୋକୋ ହଟାଇ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତ ପରିବାରଙ୍କୁ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

■ ଛତିଶଗଡ଼ରେ ପ୍ରବଳ ବର୍ଷା ପ୍ରଭାବ

# ହୀରାକୁଦ ତଳମୁଣ୍ଡରେ ବନ୍ୟା ଚିନ୍ତା

- ଉପରମୁଣ୍ଡରେ ଆଶଙ୍କା
- ଛତିଶଗଡ଼ର ଡ୍ୟାମ ଜଳ ନିଷ୍କାସନ

ଝାରସୁଗୁଡା ଅଫିସ, ୨୯।୮

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବ୍ୟାରେଜ୍, ଡ୍ୟାମ ନିର୍ମାଣ ଦ୍ୱାରା କେବଳ ଅଣମୌସୁମୀ ସମୟରେ ଓଡ଼ିଶା ପ୍ରଭାବିତ ହେବ ବୋଲି ରାଜ୍ୟ ସରକାର ଅଭିଯୋଗ କରିଆସିଛି। ଏବେ ମୌସୁମୀରେ ଛତିଶଗଡ଼ର ସରକାର ଅକସ୍ମାତ ଡ୍ୟାମ ଜଳ ନିଷ୍କାସନ ଓଡ଼ିଶା ପାଇଁ ବିପଦ ଡାକିଆଣୁଛି। ଗତ କିଛିଦିନ ହେବ ଛତିଶଗଡର ମହାନଦୀ ବେସିନ୍ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଛି। ଏହା ଦ୍ୱାରା ବିଭିନ୍ନ ଡ୍ୟାମରେ ପାଣି ଭର୍ତ୍ତି ହୋଇଛି। ଫଳରେ ଛତିଶଗଡ଼ରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସେଠାକାର ବିଭିନ୍ନ ଡ୍ୟାମର ଜଳକୁ ପୂର୍ବସୂଚନା ନ ଦେଇ ନିଷ୍କାସନ କରାଯାଇଛି। ଯାହାର ସିଧାସଳଖ ପ୍ରଭାବରେ ମହାନଦୀ ତଳମୁଣ୍ଡରେ ଥିବା ୧୧ ଜିଲାରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। କେବଳ ହୀରାକୁଦ ଜଳଭଣ୍ଡାରର ତଳମୁଣ୍ଡରେ ନୁହଁ, ଏହାର ଉପରମୁଣ୍ଡରେ ଥିବା ଝାରସୁଗୁଡା ଏବଂ ବରଗଡ ଜିଲାର ବିଭିନ୍ନ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ମିଳିଥିବା ତଥ୍ୟ ଏବଂ ସୂଚନା ମୁତାବକ, ଛତିଶଗଡ଼ର ମହାନଦୀ ଉପର ମୁଣ୍ଡରେ ଗତ ୨୪ ଘଣ୍ଟା ମଧ୍ୟରେ ମହାସମୁଦ ଜିଲାର ପିଥୋରାରେ ୨୦୫ ମି.ମି, ଧମତରିରେ ୨୦୦, ମୈନପୁରରେ ୧୯୫, ବାଲୁଦରେ ୧୫୭, ଦୁର୍ଗରେ ୧୩୬, ରାୟପୁରରେ ୧୩୩, ରାଜନନ୍ଦଗାଓଁରେ ୧୧୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ମହାନଦୀ ଉପରମୁଣ୍ଡରେ ହୋଇଥିବା ଏହି ପ୍ରବଳ ବର୍ଷା ଯୋଗୁ ଛତିଶଗଡର ଅନ୍ୟତମ ବୃହତ୍ତ ଡ୍ୟାମ ଗଙ୍ଗରେଲ୍‌ର ୧୧ଟି ଗେଟ୍ ଦେଇ ୧ ଲକ୍ଷ ୭୭ ହଜାର କ୍ୟୁସେକ୍ ବନ୍ୟାଜଳ ନିଷ୍କାସନ କରାଯାଇଛି। ଫଳରେ ଛତିଶଗଡର ମହାନଦୀ ଅବବାହିକାରେ ଥିବା ମହାସମୁଦ, ରାୟପୁର, ଗରିଆବନ୍ଧ, ଜାଞ୍ଜଗିର୍-ଚାମ୍ପା, ରାୟଗଡ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ପଡୋଶୀ ସୀମାନ୍ତ ଜିଲା ରାୟଗଡର ପୁଷୋର, ସାରଙ୍ଗଗଡ, ବରମକେଲା ବ୍ଲକର ୩୨ଟି ବନ୍ୟା ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ତରଫରୁ ୧୨ଟି ବନ୍ୟାଆଶ୍ରୟ ସ୍ଥଳୀରେ ପ୍ରଭାବିତ ଲୋକଙ୍କୁ ଥଇଥାନ କରାଯାଇଛି।

ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ। ବର୍ତ୍ତମାନ ଜଳଭଣ୍ଡାରରେ ୬୨୨ ଫୁଟ୍ ଜଳ ରହିଥିବାରୁ ମହାନଦୀରେ ଆସୁଥିବା ବନ୍ୟାଜଳ ନିଷ୍କାସନଯୋଗ୍ୟ ହୋଇପାରିଛି। ତଥାପି ପଡୋଶୀ ଜିଲାରେ ବନ୍ୟା ପରିସ୍ଥିତି ଯୋଗୁ ଓଡ଼ିଶା ସୀମାନ୍ତ ବରଗଡ ଜିଲାର ଅମ୍ବାଭୋନା ଏବଂ ଝାରସୁଗୁଡା ଜିଲାର ଲଖନପୁର ବ୍ଲକ୍‌ର ସୁଖାସୋଡା, ସେମିଲିଆ, ମୋହଦି, ଶରଧା, ଚିଖିଲି ଭଳି ଗାଁ ପ୍ରଭାବିତ ହେବାର ସର୍ବାଧିକ ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ବନ୍ୟା ପରିସ୍ଥିତି ଅନୁଧ୍ୟାନ ପାଇଁ ଲଖନପୁର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଲଖନପୁର ତହସିଲଦାର ହେମସାଗର ଭୋଇ ଏବଂ ବିଡିଓ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନା ଉପରୋକ୍ତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାସହ ସମସ୍ତ ପଞ୍ଚାୟତଗୁଡିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ପ୍ରଶାସନ ମଧ୍ୟ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ଜିଲାପାଳ ପଟ୍ଟନାୟକ କହିଛନ୍ତି।



ଛତିଶଗଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଉପରମୁଣ୍ଡରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି।




ଖିଲ ସିଟିର ବଣିଆ ଗେଟ ନିକଟ ରାତ୍ରି ଆଶ୍ରୟସ୍ଥଳ ସମ୍ମୁଖ ସ୍ଥାନ: ଉପରେ ଲାଗିଛି ସ୍ୱାସ୍ଥ୍ୟ ସଚେତନତାର ହୋର୍ଡିଂ, ତଳେ ଜମା ହୋଇଛି ଆବର୍ଜନା।

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

କିର୍ମିରା, ୨୯।୮ (ଡି.ଏନ.ଏ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ କୁବାପଡା ଗ୍ରାମରେ ମଙ୍ଗଳବାର ଜଣେ ୧୮ ରୁ ୨୦ ବର୍ଷିୟା ଯୁବତୀଙ୍କ ମୃତଦେହ ଠାବ ହୋଇଥିଲା। କେହି ଏହାକୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରୁଥିବା ବେଳେ କେତେକ ଅସାମାଜିକ କାର୍ଯ୍ୟକଳାପର କୁପରିଣତି ବୋଲି ସନ୍ଦେହ କରୁଥିଲେ। ମଙ୍ଗଳବାର ପ୍ରକାଶିତ ଖବର ସତ ପ୍ରମାଣିତ ହୋଇଛି। ଅଭିଯୁକ୍ତ ସେହି ଗ୍ରାମର ବୀରଜି ବାଗଙ୍କ ପୁଅ ରଞ୍ଜିତ (୨୨)ଙ୍କୁ ଲଇକେରା ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ଅଭିଯୁକ୍ତଙ୍କ ପ୍ରାଥମିକ ସୂଚନା ହିସାବରେ ଝିଅ ସୁନ୍ଦରଗଡ ରାୟବଗା ଅଞ୍ଚଳର ଏବଂ ଉଭୟଙ୍କ ପ୍ରେମ ସମ୍ପର୍କ ଥିଲା। ଘଟଣା ଶନିବାର ରାତି ରଞ୍ଜିତ ଯୁବତୀଙ୍କୁ ନେଇ ଖେତକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁବତୀ ପ୍ରଥମେ ରଞ୍ଜିତକୁ ପିଟିବାରୁ ରଞ୍ଜିତ ଉତକ୍ଷିପ୍ତ ହୋଇ ପଛପଟେ ଗୋଟିଏ ବିଧା ମାରିଥିଲା। ଏହା ପରେ ଯୁବତୀ ନିସ୍ତେଜ ହୋଇଯାଇଥିଲେ। ଏହା ପରେ ରଞ୍ଜିତ ପାଖ ଗାତରେ ପୋତି ମାଟି ଦେଇ ଚାଲିଆସିଥିଲେ। ମଙ୍ଗଳବାର ଅଭିଯୁକ୍ତ ଘରୁ ଫେରାର ଥିବାବେଳେ ବୁଧବାର ଘରକୁ ଆସି ସାମାନ୍ୟ ବ୍ୟବହାର ଦେଖାଇବା ବାହାନା କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏସଡିପିଓ କୈଳାସ ଆଚାର୍ଯ୍ୟ, ମାଜିଷ୍ଟ୍ରେଟ ବି. ପାଣ୍ଡେ, ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କ ଉପସ୍ଥିତିରେ ଶବ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଯୁବତୀଙ୍କ ପରିବାର ବର୍ଗକୁ ସୂଚନା ଦିଆଯାଇଥିବା ବେଳେ ଗୁରୁବାର ଶବ ଚିହ୍ନିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲଇକେରା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା,୨୯।୮(ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ମନ୍ଦିରା ଡ୍ୟାମ୍‌ର ଡୁମେରଯୋର ପାର୍ଶ୍ୱରୁ ବୁଧବାର ଏକ ଅଜଣା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି । ପୋଲିସ ଏ ନେଇ କେସ ନଂ ୩୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଯୁବକଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଫାଣ୍ଡି ଅଧିକାରୀ ମନୋଜ ନାଏକ ସୂଚନା ଦେଇଛନ୍ତି ।

### ବାଲିଯୋରୀ ସ୍କୁଲରେ ଜୀବନ କୌଶଳ କାର୍ଯ୍ୟକ୍ରମ

ଝାରସୁଗୁଡା ଅଫିସ,୨୯।୮

ସ୍ଥାନୀୟ ବାଲିଯୋରୀ ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟରେ ସର୍ବଶିକ୍ଷା ଅଭିଯାନ ତରଫରୁ ପ୍ରଦତ୍ତ ପାଣ୍ଠିରେ ଛାତ୍ରଛାତ୍ରୀଙ୍କ ପାଇଁ ଜୀବନ କୌଶଳ କାର୍ଯ୍ୟକ୍ରମ ବୁଧବାର ଦିନ ହୋଇଯାଇଛି। ଶିକ୍ଷକ ତାପସ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ତିନିଦିନ ଧରି ପାଳନ ହୋଇଥିଲା। ପ୍ରଥମ ଦିନରେ ଶିକ୍ଷାବିତ୍ ବ୍ୟାସଦେବ ପଣ୍ଡା, ସ୍ଥାନୀୟ କାଉନସିଲର୍ ତ୍ରିନାଥ ଗୁଆଲ, ଦ୍ୱିତୀୟ ଦିବସରେ ପୋଲିସ ଅଧିକାରୀ ଶିଶିର କୁମାର ପାଣିଗ୍ରାହୀ ଓ ଜୟଶ୍ରୀ ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାଏକ ଏବଂ ତୃତୀୟ ତଥା ଅନ୍ତିମ ଦିବସରେ ଡା. ରୂପଶ୍ରୀ ତ୍ରିପାଠୀ ଯୋଗଦେଇ ପିଲାଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନସେବା, ବିଭିନ୍ନ କୌଶଳ ବୁଝାଇଥିଲେ। ତିନି ଦିନ ଧରି ପିଲାଙ୍କୁ ମନିଷ ରାୟ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଚିତ୍ରାଙ୍କନ, ଗୀତ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

ରାଜା ଅଣ୍ଡା ଶାସ୍ତ୍ରୀ
9911436726, 8750311430



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩/୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ଫ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ଋଣ ପାସ୍ ହେବା ପରେ ଜନକଲ୍ୟାଣ ଜନଧନ ଯୋଜନା ଅଧୀନରେ
Mahinder Finance
ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଏଜୁକେଶନ୍ ଓ ସମସ୍ତ ଋଣ 24 ଘଣ୍ଟାରେ 1% ସୁଧ, 40% ସବ୍‌ସିଡିରେ (ମହିଳା, ବିଦ୍ୟାର୍ଥୀ, ଚାଷୀଙ୍କ ପାଇଁ ବିଶେଷ ରିହାତି) ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର ବିଶ୍ୱାସ ଆପଣଙ୍କର)
9911250162
9953846186

SUHANA FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
7325861595
7325861352

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶରୀରଟି କାମନା ଦ୍ୱାରା ନିଜ କଥା କହିଲା ଭଳି, ଆତ୍ମା ତା' କଥା କହେ ବିବେକ ଜରିଆରେ।

- ରୁଷୋ

## ସଂକ୍ଷେପରେ

### ହୋମ ଆଣ୍ଡ ହୋପ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

**ରାଉରକେଲା ଅଫିସ,୨୯।୮**-ସେକ୍ଟର-୧୭ ଠାରେ ଥିବା ହୋମ ଏଣ୍ଡ ହୋପ ପ୍ରାଙ୍ଗଣରେ ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ଓ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏଥିରେ ୭ଟି ବିଭାଗରୁ ୯୦ ଜଣ ଦିବ୍ୟାଙ୍ଗ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ପାଦଚଲା ପ୍ରତିଯୋଗିତାରେ ମହମ୍ମଦ ଇମ୍ରାନ ୧ମ, ବିଶ୍ୱନାଥ ଗୋଚ୍ଛାୟତ ୨ୟ ଓ କମଲେଶ ସମାସୀ ୩ୟ ସ୍ଥାନ ଅଧିକାର କରିଥିଲେ। ଉଚ୍ଚ ଡିଆଁରେ ଶୁଭ୍ରାଂଶୁ ମହାରଣା ୧ମ, ଭୋଲାରମଣ ସିଂ ୨ୟ ଓ ନେଲସନ ମାଣ୍ଡଲା ୩ୟ ସ୍ଥାନ ଅଧିକାର କରିଥିଲେ। ପଛୁଆ ଚଲା ପ୍ରତିଯୋଗିତାରେ ମହମ୍ମଦ ବିଲାଲ ୧ମ ସ୍ଥାନ ଅଧିକାର କରିଥିବା ବେଳେ ୱାସିଂମ ମହମ୍ମଦ ୨ୟ ଓ ବାଦଲ ବାରିକ ୩ୟ ସ୍ଥାନ ହାସଲ କରିଥିଲେ। ସଙ୍ଗୀତ ଚୌକି ପ୍ରତିଯୋଗିତାରେ ବର୍ଷାରାଣୀ ଜେନା ୧ମ, ଆର ଭୂଷଣ ମହାନ୍ତି ୨ୟ ଏବଂ ନେହା କୁମାରୀ ୩ୟ, ମୋନାଲିସା ସାହୁ ୪ର୍ଥ ସ୍ଥାନ ହାସଲ କରି ପଦକ ଓ ପୁରସ୍କାର ଗ୍ରହଣ କରିଥିଲେ। ଏହି କ୍ରୀଡାକୁ ପ୍ରଶିକ୍ଷକ ସରୋଜ ମହାନ୍ତି, ମନୋଜ ପଣ୍ଡା ପରିଚାଳନା କରିଥିଲେ। ଏଥିରେ ରୀନା ଛତ୍ରିଆ, ସୁରେନ୍ଦ୍ର ସାହୁ, ତାରା ବିଭାର, ରାଜୁ ସୋନି ଓ ଅନ୍ୟ ଅଭିଭାବକ ସହଯୋଗ କରିଥିଲେ।

### କେରଳ ବନ୍ୟା ପ୍ରଭାବିତଙ୍କୁ ଛାତ୍ର ବିଜେଡିର ସହଯୋଗ

**ରାଉରକେଲା ଅଫିସ, ୨୯।୮**-କେରଳ ବନ୍ୟା ପ୍ରଭାବିତଙ୍କୁ ସହଯୋଗ ନେଇ ସୁନ୍ଦରଗଡ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦଳର ସଭାପତି ରାଣାପ୍ରତାପ ସିଂଙ୍କ ନେତୃତ୍ୱରେ ଅର୍ଥ ଆକାରରେ ସାହାର୍ଯ୍ୟ ପ୍ରଦାନ କରାଯାଇଛି। ରାଜ୍ୟ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଉପସଭାପତି ଦୁଷ୍ମନ୍ତ ରାଉତରାୟ, ସମ୍ବଲପୁର ଜୋନାଲ ସଭାପତି ବୈକୁଣ୍ଠ ନାୟକ, ଦେବବ୍ରତ ନାୟକ୍, ବିଶ୍ୱପ୍ରକାଶ ବେହେରା ଓ ପ୍ରମିୟସ ଏକ୍କା ପ୍ରମୁଖଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ଲକ୍ଷ ୩୭ ହଜାର ୯୪ଟଙ୍କା ଡ୍ରାଫ୍ଟ ଆକାରରେ ପ୍ରଦାନ କରାଯାଇଛି।



ଉଦିତନଗର ପରେଡ ପଡିଆରେ ଏକାଠି ହୋଇଛନ୍ତି ଶତାଧିକ ବାସଚ୍ୟୁତ ପରିବାର ସଦସ୍ୟ।

# ଆର୍‌ଏସ୍‌ପି ବିସ୍ଥାପିତଙ୍କ ସମାବେଶ

- ସମସ୍ୟା ସମାଧାନ ଦାବି ନେଇ ଆସିଥିଲେ
- ଅତିରିକ୍ତ ଜିଲାପାଳଙ୍କ ଭେଟ ନ ପାଇ ଫେରିଗଲେ

**ରାଉରକେଲା ଅଫିସ, ୨୯।୮**

ପୂର୍ବ ନିଷ୍ପତ୍ତି କ୍ରମେ ବୁଧବାର ଆର୍‌ଏସ୍‌ପି ୭୦ ମୌଜା ବିସ୍ଥାପିତ ସଂଘ କର୍ମକର୍ତ୍ତା, ବିସ୍ଥାପିତ ପରିବାରର ସଦସ୍ୟଙ୍କ ସମାବେଶ ଉଦିତନଗର ପରେଡ ପଡିଆରେ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଅତିରିକ୍ତ ଜିଲାପାଳଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା। ହେଲେ ସବୁ ବିଫଳ ହୋଇଥିଲା। ଅତିରିକ୍ତ ଜିଲାପାଳଙ୍କ ଭେଟ ନ ପାଇ ଫେରିଯିବାକୁ ବାଧ୍ୟ ହୋଇଥିଲେ।

ପ୍ରକାଶ ଯେ, ରାଉରକେଲା ଅତିରିକ୍ତ ଜିଲାପାଳ (ଏଡିଏମ୍) ମନୀଷା ବାନାର୍ଜୀଙ୍କ ସହ ବିସ୍ଥାପିତ ସଂଘ କର୍ମକର୍ତ୍ତା ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ପୂର୍ବ ଥର ପରି ଏଥର ଏଡିଏମ୍ ବାନାର୍ଜୀ ଏକ ସରକାରୀ କାମରେ ଚାଲିଯିବାରୁ ନିରାଶ ହୋଇଛନ୍ତି ବାସଚ୍ୟୁତ ପରିବାର ସଦସ୍ୟ। ଗତ କିଛି ଦିନ ପୂର୍ବେ ସମୟ ଦେଇ ଏଡିଏମ୍ ଅନ୍ୟ ଏକ କାମରେ ଚାଲିଯିବାରୁ ସମାନ ପରିସ୍ଥିତି ଉପୁଜିଥିଲା। ନିଜ ଦାବି ତଥା ନିଯୁକ୍ତି ଆଲୋଚନା ନେଇ ବୁଧବାର ସ୍ଥାନୀୟ ଉଦିତନଗର ପରେଡ ପଡିଆରେ ଏକାଠି ହୋଇଥିଲେ ଶତାଧିକ ବାସଚ୍ୟୁତ ପରିବାର ସଦସ୍ୟ। ହେଲେ ଆଲୋଚନା ହୋଇପାରି ନ ଥିଲା। ଏନେଇ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ମାଧ୍ୟମରେ ବାସଚ୍ୟୁତ ସଂଘ ନେତାଙ୍କୁ ଗତ ୨୭ରେ ଅବଗତ କରାଯାଇଥିଲା। ତେବେ ଏଭଳି ସୂଚନା ସମସ୍ତଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ। ଫଳରେ ଏଡ଼ିଏମ ରହିବେ ନାହିଁ ବୋଲି ସମସ୍ତେ ଜାଣିପାରିଲେ ନାହିଁ। ଏଣୁ ନିଯୁକ୍ତି ଆଶାୟୀ ପରିବାର ସଦସ୍ୟ ଉଦିତନଗର ପଡିଆରେ ପୂର୍ବାହ୍ନ ୧୧ଟାରେ ଭିଡ ଜମାଇଥିଲେ। ଏଡିଏମ୍ ବାନାର୍ଜୀଙ୍କ ଅନୁପସ୍ଥିତି ଖବର ସମାଗମ ସ୍ଥଳରେ ପହଞ୍ଚିବା ପରେ ଅନେକ ଅସନ୍ତୋଷ ପ୍ରକାଶ କରି ଫେରିବାକୁ ବାଧ୍ୟ ହୋଇଥିଲେ। ତେବେ ପ୍ରଶାସନର ଏଭଳି ଅବହେଳା ନେଇ ଖୁବ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି ୭୦ ମୌଜା ବାସଚ୍ୟୁତ ସଂଘ କର୍ମକର୍ତ୍ତା।

## ମୋ ରାଉରକେଲା

### ସର୍ବଭାରତୀୟତାର ଝଲକ ଦେଖିବାକୁ ମିଳେ



ରାଜକିଶୋର ରାୟ, ଅବସରପ୍ରାପ୍ତ ସେନା କର୍ମଚାରୀ।

**ମୋ**ର ପୈତୃକ ଘର ଭଦ୍ରକ ଜିଲାର ପୁଣ୍ୟଭୂମି ଆରଡି ଅଞ୍ଚଳରେ। ତେବେ ମୁଁ ଏଇ ସହରରେ ଜନ୍ମ ହୋଇଛି। ଏଠି ପରିବାର ସହ ୫୦ବର୍ଷ କାଟିଲିଣି। ଭାରତୀୟ ସେନାରେ କାମ କରି ପୁଣି ଏଠାକୁ ଫେରି ଆସିଲି। ଏ ହେଉଛି ଆପଣା ପଣ ଓ ଭାଇଚାରାର ସହର। ରାଜ୍ୟର ଏକ ମାତ୍ର ସହର ଯେଉଁଠି ସର୍ବଭାରତୀୟତାର ଝଲକ ଦେଖିବାକୁ ମିଳେ। ଷ୍ଟିଲ ସିଟିର ରିଂ ରୋଡ ଦେଇ ଥରେ ଯିଏ ଯାଇଛି ସେ କେବେ ଏହାକୁ ପାଶୋରି ପାରିବନି। ପରିଷ୍କାର ରାସ୍ତା ସାଙ୍ଗକୁ ସବୁଜିମାପୂର୍ଣ୍ଣ ଏହି ସୁନ୍ଦର ରିଂ ରୋଡ ମୋର ଅତି ପ୍ରିୟ। ଏଥିସହ ପୁରୁଣା ବଜାର ଆମ୍ବାଗାନ ଖଟି ମୋତେ ଆନନ୍ଦ ପ୍ରଦାନ କରେ। ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ଯେଉଁ ଭାଇଚାରା ଏଠି ଦେଖିବାକୁ ମିଳେ, ତାହା ଅନ୍ୟତ୍ର ପ୍ରାୟ ବିରଳ। ପୂଜା ପର୍ବାଣୀ ଓ ମେଳା ମହୋତ୍ସବର ମଜା ଏଠି ଅତି ନିଆରା। ସାମାଜିକ ସଂଘତି, ପାରସ୍ପରିକ ସହଯୋଗ ମନୋଭାବ ଓ ଏଠାକାର ଶୃଙ୍ଖଳିତ ରୁଟିନ ଲାଇଫ ମୋତେ ଭଲ ଲାଗେ। ସହର ତଳକୁ ପାଦ ବଢାଇଲେ ଗାଁ ମାଟିର ବାସ୍ନା, ବଣପାହାଡ, ନଦୀ ଓ ଝରଣା ଭଳି ପ୍ରାକୃତିକ ଶୋଭାରାଜି ମୋତେ ଏଠି ବାନ୍ଧି ରଖିଛି। ଏହି ସହରରୁ ମୋର ଜୀବନଯାତ୍ରା ଆରମ୍ଭ ହୋଇଥିବା ବେଳେ, ପଦ ଓ ପ୍ରତିଷ୍ଠା ମଧ୍ୟ ମିଳିଛି। ଏଣୁ ମୋ ସହର ରାଉରକେଲା ପାଇଁ ମୁଁ ଗର୍ବିତ।

# ବିଏମ୍‌ଏସ୍ ଆନୁକୂଲ୍ୟରେ ପର୍ଯ୍ୟାବରଣ ଦିବସ

**ରାଉରକେଲା ଅଫିସ, ୨୯।୮**

ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ପକ୍ଷରୁ ସେକ୍ଟର-୪ ବିଶ୍ୱକର୍ମା ଭବନ ଠାରେ ପର୍ଯ୍ୟାବରଣ ଦିବସ ପାଳନ କରାଯାଇଥିଲା। ଏଥିରେ ୟୁନିୟନ ସଭାପତି ବିବେକାନନ୍ଦ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ମଜଦୁର ସଂଘର ସର୍ବଭାରତୀୟ ପୂର୍ବକ୍ଷେତ୍ର ସଙ୍ଗଠନ ସମ୍ପାଦକ ଗଣେଷ ମିଶ୍ର ବକ୍ତବ୍ୟ ପ୍ରଦାନ କରି ଏଭଳି ଦିବସ ପାଳନର ତାତ୍ପର୍ଯ୍ୟ ନେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏଇ ନିକଟରେ ସଡକ ଦୁର୍ଘଟଣାରେ ମୃତ ଆର୍‌ଏସ୍‌ପି କର୍ମଚାରୀ ଚନ୍ଦ୍ରଶେଖର ଦ୍ୱିବେଦୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଅତିଥି ମିଶ୍ର ପର୍ଯ୍ୟାବରଣ ଦିବସ ପାଳନ ପଛରେ ରହିଥିବା ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ବର୍ଷ ୨୮ ଅଗଷ୍ଟରେ ଭାରତୀୟ ମଜଦୁର ସଂଘ ଏହି ଦିବସ ପାଳନ କରି ଆସୁଛି ବୋଲି ମିଶ୍ର ଏଠାରେ ପ୍ରକାଶ କରିବା ସହ ଏହାର କାରଣ ବୁଝାଇଥିଲେ। ଏକ ସୁନ୍ଦର ଓ ସୁସ୍ଥ ବିଶ୍ୱ ପାଇଁ ସମସ୍ତେ ଆବଶ୍ୟକ ମୁତାବକ ବିଜୁଳି ବ୍ୟୟ କରିବା, ପ୍ଲାଷ୍ଟିକ ବର୍ଜନ କରିବା ସହ ନିଜ ସାଧ ମତେ ବୃକ୍ଷ ରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ୟୁନିୟନ ସାଧାରଣ ସମ୍ପାଦକ ହିମାଂଶୁ ବଳ, ଓଡିଶା ପ୍ରାନ୍ତ ସଙ୍ଗଠନ ସମ୍ପାଦକ ରଞ୍ଜନ ସାହୁ, ସୁନ୍ଦରଗଡ ଜିଲା ସମ୍ପାଦକ ଗୋଲାପ କୌଶିକ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୋଷ ପଣ୍ଡା, ବିକାଶ ହାଲଦାର, ଜ୍ଞାନେଶ ପଣ୍ଡା, ଅକ୍ଷୟ ଧଳ, ଉମାକାନ୍ତ ସାମଲ, ମାନସ ଦାସ, ମିହିର ମହାନ୍ତି, ବିଶ୍ୱଜିତ ଦାସ, ସମର ମହାନ୍ତ ଓ ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପାନପୋଷ କ୍ରୀଡା ସଙ୍ଗଠନ ପକ୍ଷରୁ ହକିଛକ ଠାରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଛି।

# ନୂଆ ହୋଲ୍ଡିଂ ଟ୍ୟାକ୍ସ ନୀତିକୁ କୋଏଲନଗର ବାସିନ୍ଦାଙ୍କ ବିରୋଧ

**ରାଉରକେଲା ଅଫିସ, ୨୯।୮**

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ନୂଆ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ନେଇ କାର୍ଯ୍ୟାରମ୍ଭ ହୋଇଛି। ଏହାକୁ ବିରୋଧ କରିଛି କୋଏଲନଗର ୱେଲଫେୟାର ଆସୋସିଏଶନ। ଏନେଇ ସଭାପତି ସୁରେଶ ଗୁପ୍ତା, କାର୍ଯ୍ୟକାରୀ ସଭାପତି ରମେଶ ମହାନ୍ତି ଓ ଉପଦେଷ୍ଟା ଧ୍ରୁବଚରଣ ପତି ପ୍ରମୁଖ ଗତ ୨୭ରେ ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡାଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନୂଆ ହୋଲ୍ଡିଂ ଟ୍ୟାକ୍ସରେ ରହିଥିବା କେତେକ ତ୍ରୁଟି ଦର୍ଶାଇଛି ଆସୋସିଏଶନ। ସ୍ଥାନୀୟ ବାସିନ୍ଦାଙ୍କ ଅଗୋଚରରେ ଏଭଳି ତୃଟିପୂର୍ଣ୍ଣ ଟ୍ୟାକ୍ସ ଆଦାୟକୁ ସବୁ ବର୍ଗର ଲୋକେ ବିରୋଧ କରିଛନ୍ତି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ତେବେ ଏନଇ ଡେପୁଟି କମିଶନରଙ୍କ ସହ ଆଲୋଚନା କରି ଯଥାସମ୍ଭବ ଏକ ସଫଳ ପଦକ୍ଷେପ ନିଆଯିବ ବୋଲି ଆସୋସିଏଶନ କର୍ମକର୍ତ୍ତାଙ୍କୁ କହିଛନ୍ତ କମିଶନର ପଣ୍ଡା। ଆସୋସିଏଶନ କହିଛି ଯେ, ଭୁବନେଶ୍ୱର କର୍ପୋରେଶନରେ ହୋଲ୍ଡିଂ ଟ୍ୟାକ୍ସ ପାଇଁ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ଏଠାରେ ତାହା ପାଳନ କରାଯାଉନି। ମୁନିସିପାଲ ଟ୍ୟାକ୍ସ ବ୍ୟବସ୍ଥା ଅନୁସାରେ କୋଏଲନଗର ଅଞ୍ଚଳଟି ଝିରପାଣି ଭଳି ଗ୍ରାମାଞ୍ଚଳ ନିକଟତର ହୋଇଥିବାରୁ ଏନେଇ ଯେଉଁ ନୀତି ନିର୍ଦ୍ଧାରଣ କରାଯିବା କଥା ତାକୁ ପାଳନ କରାଯାଇନି। କୋଏଲନଗର ଅଞ୍ଚଳରେ ବସବାସ କରୁଥିବା ଅଧିକାଂଶ ବାସିନ୍ଦା ହେଉଛନ୍ତି ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀ। ଯେଉଁମାନେ ପେନସନଭୋଗୀ ନୁହଁନ୍ତି। ଘର କ୍ରୟ କରିବାର ମୂଲ୍ୟ ଠାରୁ ଏମାନେ ଅଧିକ ଅର୍ଥ ପ୍ରଦାନ କରିଛନ୍ତି। ଏଣୁ ପ୍ରଚଳିତ ହୋଲ୍ଡିଂ ଟ୍ୟାକ୍ସର ଅଧା ଏଠା ଅଞ୍ଚଳବାସୀଙ୍କ ପାଇଁ ଲାଗୁ କରିବାକୁ ଆସୋସିଏଶନ ଦାବି କରିଛି। ପ୍ରଚଳିତ ଟ୍ୟାକ୍ସ ସେହିମାନଙ୍କ ଉପରେ ଲାଗୁ କରାଯିବ ଯେଉଁମାନେ ଘର ଭଡାରେ ଦେଇଛନ୍ତି, ଘର ସମ୍ପ୍ରସାରଣ କରିଛନ୍ତି ଓ ବ୍ୟବସାୟିକ କାର୍ଯ୍ୟପାଇଁ ଦେଇଛନ୍ତି। ନିଜ ଘରେ ଅବସ୍ଥାନ କରୁଥିବା ବ୍ୟକ୍ତି ବା ବାସିନ୍ଦାଙ୍କ କ୍ଷେତ୍ରରେ ଏହା ଲାଗୁ କରାଯିବ ନାହିଁ ବୋଲି କମିଶନର ପଣ୍ଡା ସୂଚନା ପ୍ରଦାନ କରିଥିବା ଆସୋସିଏସନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

# ପାନପୋଷ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

**ରାଉରକେଲା ଅଫିସ, ୨୯।୮**

ସହରର ପ୍ରମୁଖ କ୍ରୀଡା ଅନୁଷ୍ଠାନ ପାନପୋଷ କ୍ରୀଡା ସଙ୍ଗଠନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। ହକିଛକ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତୀୟ ହକିର ଅପ୍ରତିଦ୍ୱନ୍ଦି ଜାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କ ସମେତ ସହକାରୀ କଲେକ୍ଟର ସୁଶାନ୍ତ ବେହେରା, ବରିଷ୍ଠ କବାଡି ରେଫରୀ ଅରବିନ୍ଦ ପାତ୍ର, ବରିଷ୍ଠ ହକି ପ୍ରଶିକ୍ଷକ ସିଲଭେଷ୍ଟାର ଟପୋ, ପାନପୋଷ କ୍ରୀଡା ଛାତ୍ରାବାସର ଭାରପ୍ରାପ୍ତ ଅଧିକାରୀ ତଥା ପ୍ରଶିକ୍ଷକ ମିଲଟନ ବିଲୁଙ୍ଗ ଓ ହକି ପ୍ରଶିକ୍ଷକ ନବୀନ ମାଝି ପ୍ରମୁଖ ଯୋଗ ଦେଇଥିଲେ। ପାନପୋଷ କ୍ରୀଡା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବିକ୍ରମ ସ୍ୱାଇଁ, ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା, ସଙ୍ଗଠନ ସମ୍ପାଦକ ରୂପନାରାୟଣ ସିଂ, ମହେଶ ରାଜଗନ୍ଧା, ଚିନି ମୋନିକା ଓ କନ୍ୟାକୁମାରୀ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।

- କଂଗ୍ରେସ ଦଳ ପକ୍ଷରୁ ମିଶ୍ରଣ ପର୍ବ

# ଷ୍ଟିଲ ସିଟିରେ ଦଳ ଶକ୍ତିଶାଳୀ ହେବାରେ ଲାଗିଛି

**ରାଉରକେଲା ଅଫିସ,୨୯।୮**

ସେକ୍ଟର-୨୧ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁସଲିମ ସମ୍ପ୍ରଦାୟର କେତେକ ପ୍ରମୁଖ ନାଗରିକ ଏହି ଦଳରେ ଯୋଗଦାନ କରିଛନ୍ତି। ଏମାନଙ୍କୁ ଉପସ୍ଥିତ ନେତୃମଣ୍ଡଳୀ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। କଂଗ୍ରେସ ଦଳର ଜାତୀୟ ସଭାପତିଙ୍କ ଆହ୍ୱାନ କ୍ରମେ ଦେଶକୁ ଯୋଡିବା ପାଇଁ ଯେଉଁ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ସେଥିରେ ଅନୁପ୍ରାଣିତ ହୋଇ ଏମାନେ ଦଳରେ ଯୋଗ ଦେଇଥିବା କୁହାଯାଇଥିଲା। ଏଥିରେ ଜିଲା ସଭାପତି ରବି ରାୟ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦଙ୍କ ଉପରେ ବିଶ୍ୱାସ ରଖି କଂଗ୍ରେସ ଦଳରେ ଯୋଗଦେଇଥିବା ଲୋକେ ବାସ୍ତବରେ ପରିବର୍ତ୍ତନ ଚାହାଁନ୍ତି। ଉଭୟ ଭାଜପା ଓ ବିଜେଡି ଶାସନରେ ଲୋକେ ଅତିଷ୍ଠ ହୋଇ ପଡିଲେଣି। ଇତି ମଧ୍ୟରେ ଦଳ ରାଉରକେଲାରେ ଶକ୍ତିଶାଳୀ ହୋଇଛି। ଅନେକ ସାଧାରଣ ଲୋକେ ଇତି ମଧ୍ୟରେ ଆମ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଆଗକୁ ଦଳ ତାର ସାଙ୍ଗଠନିକ ସ୍ଥିତିକୁ ଆହୁରି ମଜବୁତ କରିବ ବୋଲି ରାୟ କହିଥିଲେ। ଏଥିରେ ଜିଲା କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଭାବେ ଦେଶ ତଥା ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ସକ୍ଷମ। ଏଣୁ ଏହାରି ପତାକା ତଳେ ଏକାଠି ହୋଇ ଦୁର୍ନୀତି ବିରୋଧରେ ସଂଗ୍ରାମ ଆରମ୍ଭ କରିବାକୁ ଉଭୟ ନେତା ଆହ୍ୱାନ ଦେଇଥିଲେ। ଏଥିରେ ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢୀ, ବରିଷ୍ଠ ନେତା ଅଜିତ ସାମଲ, କୀର୍ତ୍ତନ ଦାସ, ବାସୁ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

# ବିଭିନ୍ନ ଦାବି ନେଇ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ

**ରାଉରକେଲା ଅଫିସ, ୨୯।୮**

ହାଇକୋର୍ଟ ସ୍ଥାୟୀ ବେଞ୍ଚ ସମେତ ଅନ୍ୟ କେତେକ ଦାବିନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ ମାସ ଶେଷ ନିୟମିତ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ଆରମ୍ଭ ହୋଇଛି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ସହ ରାଉରକେଲାକୁ ଏକ ବିଚାର ବିଭାଗୀୟ ଜିଲା ମାନ୍ୟତା, ସିବିଆଇ କୋର୍ଟ, ଭିଜିଲାନ୍ସ କୋର୍ଟ, ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲକୁ କେନ୍ଦ୍ର ମାନ୍ୟତା ସହ ପୋକ୍ସୋ କୋର୍ଟ ନେଇ ଏହି ଆନ୍ଦୋଳନ ଦୀର୍ଘ ଦିନ ହେବ ଜାରି ରହିଛି। ସହରବାସୀଙ୍କ ଅକୁଣ୍ଠ ସମର୍ଥନ କ୍ରମେ ଉପରୋକ୍ତ ଦାବି ପୂରଣ ଯାଏ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଏଥିଯୋଗୁ ବୁଧବାର ସମସ୍ତ ଜୁଡିସିଆରି କୋର୍ଟ ବର୍ଜନ କରିଥିଲେ ଆଇନଜୀବୀ। ଏହା ଦ୍ୱାରା କେତେକ ସରକାରୀ କାମରେ ବାଧା ସୃଷ୍ଟି ହୋଇଥିବା ଜଣାଯାଇଛି। ଆଇନଜୀବୀମାନେ କୋର୍ଟ ପରିସରରେ ଉପସ୍ଥିତ ରହି ଦାବି ସପକ୍ଷରେ ସ୍ଲୋଗାନ ଦେଇଥିଲେ। ସରକାର ଯେପର୍ଯ୍ୟନ୍ତ ସହରବାସୀଙ୍କ ନ୍ୟାୟୋଚିତ ଦାବି ପ୍ରତି ସୁବିଚାର ନ କରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଏହି ପ୍ରତିବାଦ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଥିଲା। ଏଥିରେ ସଂଘ ସମ୍ପାଦକ ଅକ୍ଷୟ ସାହୁ, ସହ ସମ୍ପାଦକ ମାନସ ପଣ୍ଡା, କୋଷାଧ୍ୟକ୍ଷ ଶ୍ରୀନିବାସ ପଣ୍ଡା, ଏଏସଏମ ସମ୍ପାଦକ ସୁଶାନ୍ତ ଦାସ, ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ବାରିକ, ବରିଷ୍ଠ ଆଇନଜୀବୀ ବିଡି ସାହୁ, ବସନ୍ତ ପାତ୍ର, ଗିରିଶ ମହାପାତ୍ର, ରମେଶ ବଳ, ସନ୍ତୋଷ ଦାସ, ଭୀମବାହାଦୁର ପତି, ସଦାନନ୍ଦ ସାହୁ, ଚନ୍ଦ୍ରମଣି ଦାସ, ସନ୍ତୋଷ ଭଦ୍ର, ସୁଦାମ ଦାସ ଓ ବିନୋଦ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।




ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ

## ସଂକ୍ଷେପରେ

### ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ-୨୦୧୮

**ହେମଗିର,୨୯।୮(ଡି.ଏନ.ଏ.)**-ହେମଗିର ବ୍ଲକର କୁଅଁରକେଲା ଗ୍ରାମରେ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ-୨୦୧୮ ଆୟୋଜିତ ହୋଇଯାଇଛି। କୁଅଁରକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ । ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ସମଗ୍ର ଗାଁ ପରିକ୍ରମା କରିଥିଲେ । ଲୋକେ କିପରି ଗାଁକୁ ସଫା ସୁତୁରା ରଖିବେ, ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବେ ସେ ନେଇ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ମିଶନ ସ୍ୱଚ୍ଛ କବିତା ସା ଆୟୋଜନ କରିଥିବାବେଳେ ସ୍କୁଲର ପ୍ରଧାନଶିକ୍ଷକ ଜୟ ପ୍ରଧାନ, ସୁଶାନ୍ତ ମିଶ୍ର, କ୍ଷୀରଧର ନାୟକ, ନିର୍ମଳ ଭୋଇ, ଦେବାନନ୍ଦ ଖମାରୀ, ରାନୁଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଠିକାଦାର ଗିରଫ

**ସୁନ୍ଦରଗଡ,୨୯।୮(ଡି.ଏନ୍.ଏ.)**- ସଦର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଘରେ ପଶି ଜଣେ ମହିଳାଙ୍କୁ ମାଡପିଟ ଓ ଟଣାଓଟରା କରି ଅସଦାଚରଣ କରିବା ଅଭିଯୋଗରେ ପୋଲିସ ବୁଧବାର ଲେମଲେମା ଗ୍ରାମର ଜଣେ ଠିକାଦାର ପ୍ରିୟବ୍ରତ ପଟେଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ମହିଳାଙ୍କ ଅଭିଯୋଗ ଉପରେ ପୋଲିସ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ସଦର ଥାନାରେ କେଶ ନଂ୧୩୭/୧୮ରେ ଏକ ମାମଲା ରୁଜୁ କରିଛି । ଅଭିଯୋଗକାରୀ ମହିଳାଙ୍କ ସ୍ୱାମୀ ସମ୍ପୃକ୍ତ ଠିକାଦାରଙ୍କ ନିକଟରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ ।





ଛାତରୁ ପାଣି ଗଳୁଥିବାରୁ ପିଲାଙ୍କୁ ବାରଣ୍ଡାରେ ପାଠ ପଢାଯାଉଛି (ବାମ) । ମଙ୍ଗଳବାର ଶ୍ରେଣୀ ଗୃହରୁ ପାଣି ବାହାର କରୁଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ।

# ଅସୁରକ୍ଷିତ ଘରେ ଗଢ଼ା ହେଉଛି ଭବିଷ୍ୟତ

**ବଡଗାଁ,୨୯।୮(ଡି.ଏନ.ଏ.)**

**ଝାରମୁଣ୍ଡା ୟୁପି ସ୍କୁଲ**
- ୩ଶ୍ରେଣୀଗୃହରୁ ଗଳୁଛି ପାଣି
- ବର୍ଷା ହେଲେ ବାରଣ୍ଡାରେ ପାଠପଢା
- ସ୍କୁଲର ସମ୍ପୂର୍ଣ୍ଣ ପାଚେରି ନାହିଁ

ରାଜ୍ୟ ତଥା କେନ୍ଦ୍ର ସରକାର ସ୍କୁଲ ଛାତ୍ରୀଛାତ୍ରମାନେ କିପରି ସୁରକ୍ଷିତ ଓ ଉତ୍ତମ ପରିବେଶରେ ପାଠ ପଢିବେ ସେଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । କିନ୍ତୁ ଦୀର୍ଘ ବର୍ଷ ହେବ ଏହି ଯୋଜନା ମାଧ୍ୟମରେ କାମ ଚାଲିଥିଲେ ମଧ୍ୟ ପିଲାମାନେ ପ୍ରତିକୂଳ ପରିବେଶ ଓ ଅସୁରକ୍ଷିତ ସ୍ଥାନରେ ପାଠ ପଢିବାକୁ ବାଧ ହେଉଛନ୍ତି । ଏଭଳି ଏକ ସ୍କୁଲ ହେଉଛି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଇତମା ନିକଟ ଝାରମୁଣ୍ଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୪୨ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଅଛନ୍ତି ୪ଜଣ ଶିକ୍ଷକ । ସ୍କୁଲର ଗୋଟିଏ ଅଫିସ ରୁମ ଓ ୫ଟି ଶ୍ରେଣୀ କୋଠରି ଅଛି । ୫ ଶ୍ରେଣୀ ଗୃହ ମଧ୍ୟରୁ ୩ଟି ଶ୍ରେଣୀରେ ସାମାନ୍ୟ ବର୍ଷା ହେଲେ ଅନବରତ ପାଣି ଗଳୁଛି । ଗତ ୩ବର୍ଷ ହେବ ବର୍ଷା ଋତୁରେ ଛାତ୍ରୀଛାତ୍ରମାନେ ଏଭଳି ସମସ୍ୟାରେ ପାଠ ପଢୁଛନ୍ତି । ଏ ନେଇ ସ୍କୁଲ କମିଟିର ସଭ୍ୟମାନେ ଗତ ବର୍ଷ ବିଇଓ ଏବଂ ବିଡିଓଙ୍କଠାରେ ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ସ୍କୁଲର ସମ୍ପୂର୍ଣ୍ଣ ପାଚେରି ନ ଥିବାବେଳେ ସ୍କୁଲ ପରିସର ସନ୍ତସନ୍ତିଆ ଓ ଅନାବନା ବୁଦା, ଘାସରେ ପରିପୂର୍ଣ୍ଣ । ଏଠାରେ ଥିବା ଏକ ନଳକୂପରୁ ଦୁର୍ଗନ୍ଧପାଣି ବାହାରୁ ଥିବାରୁ ଅନ୍ୟ ସ୍କୁଲରୁ ପାଣି ଆଣି ବ୍ୟବହାର କରୁଛନ୍ତି । ସ୍କୁଲର ବିଭିନ୍ନ ସମସ୍ୟା ଉପରେ ସୂଚନା ପାଇ ବୁଧବାର ସ୍କୁଲକୁ ଯାଇଥିଲାବେଳେ ଶିକ୍ଷୟିତ୍ରୀ ରୀତା ବେହେରା ତୃତୀୟ ଓ ଷଷ୍ଠଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ପାଠ ପଢାଉଥିବା ନଜରକୁ ଆସିଥିଲା। ସେହିପରି ଛାତରୁ ବୁନ୍ଦା ବୁନ୍ଦା ଜଳ ପଡୁଥିବାବେଳେ ଅନ୍ୟ ଏକ ଶ୍ରେଣୀ ଗୃହରେ ଶିକ୍ଷକ ଭୀମସେନ ବାଗ ଅଷ୍ଟମ ଶ୍ରେଣୀଙ୍କୁ ପଢାଉଥିଲେ । ତାଙ୍କୁ ପଚାରିବାରୁ ବୁନ୍ଦାବୁନ୍ଦା ପାଣି ଗଳୁଥିଲେ ମଧ୍ୟ ଆଉ ଭଲ ଶ୍ରେଣୀ ଗୃହ ନ ଥିବାରୁ ବାଧ ହୋଇ ପଢାଉଛନ୍ତି ବୋଲି କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ନାଏକଙ୍କୁ ପଚାରିବାରୁ ଗୋଟିଏ ଗୃହକୁ ଛାଡି ଦେଲେ ଅଫିସ ରୁମ ସହିତ ସପ୍ତମ ଶ୍ରେଣୀ ଗୃହରେ ପାଣି ଗଳୁଛି । ମଙ୍ଗଳବାର ସକାଳୁ ବର୍ଷା ଆରମ୍ଭ ହେବାରୁ ଶ୍ରେଣୀଗୃହ ଗୁଡିକରେ ପାଣି ଭର୍ତ୍ତି ହୋଇ ରହିଥିଲା । ପାଣି ବାହାର କରିଛୁ, ଛାତରୁ ପାଣି ଗଳୁଥିବା ଓ ଓଦା ଅବସ୍ଥାରେ ଥିବାରୁ ପିଲାଙ୍କୁ ବାରଣ୍ଡାରେ ପଢାଉଥିବା କହିଥିଲେ । ଏ ସମ୍ପର୍କରେ ସ୍କୁଲ କମିଟି ସଭ୍ୟ ବୃନ୍ଦାବନ ନାଏକଙ୍କୁ ପଚାରିବାରୁ ଗତବର୍ଷ ଅଗଷ୍ଟରେ କମିଟି ସଭାପତି ଯୁଧିଷ୍ଠିର ବେହେରା, ସଭ୍ୟ ଦିଗାମ୍ବର ବେହେରାଙ୍କ ସହିତ ବଡଗାଁ ଯାଇ ବିଇଓ ଏବଂ ବିଡିଓଙ୍କୁ ଲିଖିତ ଜଣାଇଥିଲୁ । ତଥାପି କେହି ଶୁଣିଲେ ନାହିଁ । ଗତ ୨୩ ତାରିଖ ସ୍କୁଲ କମିଟି ବୈଠକରେ ଏହାର ମରାମତି କିମ୍ବା ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବା କହିଛନ୍ତି। ଏହି ସ୍କୁଲର ପରିବେଶ ଓ ଶ୍ରେଣୀ ଗୃହ କିପରି ଅଛି ବିଭାଗୀୟ ଜିଲା ଅଧିକାରୀ ପରିଦର୍ଶନ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କେରଳ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା

**ସୁନ୍ଦରଗଡ,୨୯।୮(ଡି.ଏନ୍.ଏ.)**

କେରଳରେ ହୋଇଥିବା ବନ୍ୟା ବିଭିଷିକା ଦ୍ୱାରା କ୍ଷତିଗ୍ରସ୍ତ ତଥା ବିପନ୍ନ ପରିବାରଙ୍କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ନେଇ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଉଦ୍ୟମ ଜାରୀ ରହିଛି । ବିଭିନ୍ନ ସାମାଜିକ ସଂଗଠନ, ସମେତ ବହୁ ବ୍ୟକ୍ତି ବିଶେଷ ଓ ଶିକ୍ଷାନୁଷ୍ଠାନ ଗୁଡିକ ସହାୟତାର ହାତ ବଢାଇଛନ୍ତି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଓ ଯୁବରେଡକ୍ରସର ସାମାଜିକକର୍ମୀମାନଙ୍କ ମିଳିତ ଉଦ୍ୟମରେ ମହାବିଦ୍ୟାଳୟର ଅଧାପିକାଅଧାପକ ଛାତ୍ରୀଛାତ୍ରଙ୍କଠାରୁ ୫ହଜାର ଟଙ୍କା ପାଣ୍ଠି ସଂଗ୍ରହ କରାଯାଇଛି । ସଂଗୃହିତ ଅର୍ଥକୁ ଭାରତୀୟ ଷ୍ଟେଟବ୍ୟାଙ୍କ ମାଧ୍ୟମରେ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରେ ଜମା କରାଯାଇଛି । ସରକାରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ମିଶ୍ର, ଅଧାପିକା ଡଃ କୁମୁଦିନୀ ରାଉତରାୟ, ଯୁବରେଡକ୍ରସର ପୋଗ୍ରାମ ଅଫିସର ଡଃ ହରପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ, ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏହି ପାଣ୍ଠି ସଂଗୃହିତ ହୋଇଥିଲା ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

**ହେମଗିର,୨୯।୮(ଡି.ଏନ.ଏ.)**

କଳାମେଘା ଡିସପେନସେରିଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ଏନଟିପିସି ଓ ସୈନିକ ମାଇନିଂର ସହଯୋଗରେ ହୋଇଥିଲା। ଏନଟିପିସି ଜିଏମ ସିଆର ବାରିକଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଖପାଖ ଗ୍ରାମ ଯଥା କଳାମେଘା, ମସିଣା, ଖପୁରିକଛାର, ଡୁରିଙ୍ଗା, ବେଲଡିହି, ମଖାପଡା, ଖୁଣ୍ଟିଝରିଆ, ବିହାଯୋର ପ୍ରଭୃତି ଗ୍ରାମର ମହିଳାପୁରୁଷ ତଥା ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡା. ମହେଶ୍ୱର ମହାପାତ୍ର, ଡା. ବିପ୍ଳବ ନାଏକ, ଡା. ୟୁଏସ ଜଏସ୍ୱାଲ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଖପାଖ ଗ୍ରାମରୁ ୧୨୫ଜଣ ମହିଳାପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ପାନୀର ପ୍ରମୁଖ ଅଧିକାରୀ ଡିଜିଏମ ଏକେ ରାୟ, ଏକେ ମିଶ୍ର, ସୁବୋଧ କୁମାର, ଅମରେଶ ରାଉଳ, ସୈନିକ ମାଇନିଂର ପ୍ରୋଜେକ୍ଟର ଇନ୍‌ଚାର୍ଜ ଆର ଖାରେ, ୱେଲ ଫେୟାର ଅଫିସର ମି. ସୋନି ଉପସ୍ଥିତଥିଲେ ।

## ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

**ଲହୁଣିପଡା,୨୯।୮(ଡି.ଏନ.ଏ.)**



ଉଦ୍ଧାର ହୋଇଥିବା ବାଇକ୍।

ଲହୁଣିପଡା ଥାନା ଅନ୍ତର୍ଗତ ବଡପୁରୁଣା ପାଣି ପଞ୍ଚାୟତ ବୁଢ଼ିକୁଟୁଣା ଗ୍ରାମରୁ ଚୋରି ହୋଇଥିବା ଏକ ବାଇକକୁ ୨ମାସ ପରେ ପୋଲିସ ଉଦ୍ଧାର କରିବା ସହ ୨ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ବଡପୁରୁଣା ପାଣି ପଞ୍ଚାୟତ ବୁଢ଼ିକୁଟୁଣୀ ଗ୍ରାମର ରଜ ପର୍ବ ଉପଲକ୍ଷେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହି ଉତ୍ସବରେ ବଡପୁରୁଣାପାଣି ସରପଞ୍ଚ ପର୍ଶୁରାମ ଓରାମ ଅତିଥି ହୋଇଥିଲେ। ପର୍ଶୁରାମ ସେହିଦିନ ତାଙ୍କ ବଡ ଭାଇ ଅନୀଲ ଓରାମଙ୍କ ବାଇକ (ଓଡି ୧୪- ୨୩୮୩)କୁ ନେଇ ଯାଇଥିଲେ। କିନ୍ତୁ କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ରଖିଥିବା ସ୍ଥାନରେ ବାଇକଟି ନଥିଲା। ବାଇକଟି ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ଲହୁଣିପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ୨ ଦିନ ପୂର୍ବେ ସାଲେଇବାହାଲ ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟ ହୋଇଥିଲାବେଳେ ସେଠାରେ ବାଇକଟି ଥିବା ପୋଲିସ ସୂଚନାପାଇ ଚଢ଼ାଉ କରିଥିଲା । ବାଇକ ଓ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା । ଫଳରେ ପୋଲିସ ଜାଣିବାକୁ ପାଇଥିଲା ଯେ, କପଣ୍ଡ ଗ୍ରାମର ବଗିହାବାହାଲ ସାହିର ବିଜୟ ଓରାମ(୧୯) ଏବଂ ଚାନ୍ଦିପୋଷ ଗ୍ରାମର ଅଭିଷେକ ଓରାମ(୧୯) ୨ ଜଣ ମିଶି ବାଇକର ତାଲା ଭାଙ୍ଗି ବାଇକକୁ ଚୋରି କରି ନେଇଯାଇଥିଲେ । ବିଜୟ ଓରାମ ଅଭିଷେକଙ୍କୁ କିଛି ଟଙ୍କା ଦେଇ ନିଜେ ବାଇକକୁ ଚଳାଉଥିଲେ । ବିଜୟ ଓରାମ ସେ ଦିନ ଫୁଟବଲ ଖେଳ ଦେଖିବାକୁ ଆସିଥିବାବେଳେ ପୋଲିସ ହାତରେ ଧରାପଡି ଘଟଣା ସମ୍ପର୍କରେ ସୂଚନା ଦେବାରୁ ପୋଲିସ ଚାନ୍ଦିପୋଷ ଗ୍ରାମରେ ଚଢ଼ାଉ କରି ଅଭିଷେକଙ୍କୁ ଗିରଫ କରି ବୁଧବାର ୨ ଜଣଙ୍କୁ କୋର୍ଟ ଚାଲାଣ କରଛି।

# ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

**ବାଲିଶଙ୍କରା/ଲେଫ୍ରିପଡ଼ା, ୨୯।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ ବୁଧବାର ବିଭିନ୍ନ ବ୍ଲକରେ ଏମଜିଏନଆରଇଜିଏସ୍ ସମ୍ପର୍କିତ ଜନ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ବାଲିଶଙ୍କରା ବ୍ଲକଠାରେ ବିଡିଓ ଅନାମିକା ସିଂଙ୍କ ସଭାପତିତ୍ୱରେ ହୋଇଥିଲା ଏହି ଜନଶୁଣାଣୀ କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ନିର୍ବାଚନ ଅଧିକାରୀ ତ୍ରିଦେବ ପ୍ରଧାନ ଯୋଗଦେଇଥିଲେ। ୧୯ଟି ପଞ୍ଚାୟତରେ ଉକ୍ତ ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଉଣା ମିଳିଛି କି ନାହିଁ, କେତେକ ପାଶବୁକର ତ୍ରୁଟି ଥିବା ତାକୁ ତୁରନ୍ତ ପଦକ୍ଷେପ ନେଇ ପ୍ରାପ୍ୟର ବ୍ୟବସ୍ଥା ପାଇଁ ବିଡିଓଙ୍କୁ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ କହିଥିଲେ । ସମ୍ମାନିତ ଅତିଥି ଭାବେ ଏବିଡିଓ ସଚିତା ନନ୍ଦ ପଟେଲ ସହକାରୀ ଯନ୍ତ୍ରୀ ସାଗରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ ପଟେଲ, ଟିସି ସୁଚିତ୍ରା ପଟେଲ ପ୍ରମୁଖ ଯୋଗଦେଇ ଉକ୍ତ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବ୍ଲକର ୧୯ଟି ପଞ୍ଚାୟତର ନିର୍ବାହୀ ଅଧିକାରୀ, ସରପଞ୍ଚ ଗ୍ରାମ ରୋଜଗାର ସେବକ, ଉଦ୍ୟାନ ବିଭାଗ, ବନ ବିଭାଗ, ମୃତ୍ତିକା ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ସେହିପରି ଲେଫ୍ରିପଡ଼ା ବ୍ଲକ୍ ବୈଠକ ଗୃହଠାରେ ଏମ୍‌ଜିଏନଆରଇଜିଏସ୍ ଯୋଜନାର ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ସଦର ଉପଜିଲାପାଳ ବୀରସେନ ପ୍ରଧାନ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଲେଫ୍ରିପଡା ବ୍ଲକ୍‌ର ୧୭ଟି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଉପଜିଲାପାଳ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାସ, ବ୍ଲକ୍ ଅଧକ୍ଷା କାମିନୀ କାଲୋ, ଉପାଧକ୍ଷ ଅମୀର ନାଏକ, ସହକାରୀଯନ୍ତ୍ରୀ ଶ୍ରୀକାନ୍ତ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବନବିଭାଗ ପକ୍ଷରୁ ଚିତ୍ତରଞ୍ଜନ ପୁରୋହିତ, ଉଦ୍ୟାନ ବିଭାଗରୁ ବ୍ଲକ୍ ସହକାରୀ ଉଦ୍ୟାନ ଅଧିକାରୀ ପ୍ରତ୍ୟୁଷ ମହାନନ୍ଦ, ସମବାୟ ସମ୍ପ୍ରସାରଣ ଅଧିକାରୀ ରବିଶଙ୍କର ଭିତ୍ରିଆ ପ୍ରମୁଖ ବ୍ଲକ୍ କର୍ମଚାରୀଙ୍କ ସମେତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, କନିଷ୍ଠଯନ୍ତ୍ରୀ, ଜିଆରଏସ୍‌ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଗଣ ଉପସ୍ଥିତ ରହିଥିଲେ।




ବାଲିଶଙ୍କରାଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

## କଂଗ୍ରେସର ଜୋନସ୍ତରୀୟ କର୍ମୀ ବୈଠକ

**ବାଲିଶଙ୍କରା,୨୯।୮(ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକ କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ରାଜା ବଙ୍ଗଳା ଖେଳ ପଡିଆ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ସଭାପତି ହୀରାଲାଲ ଓରାଙ୍କ ନେତୃତ୍ୱରେ ଏହି ବୈଠକ ହୋଇଥିଲା। ଏହି ଜୋନସ୍ତରୀୟ କର୍ମୀ ବୈଠକରେ ମୁଖ୍ୟ ଅତିଥି ରୂପ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝୀ ଯୋଗଦେଇ ତୃଣମୂଳସ୍ତରରୁ କିପରି କର୍ମୀ ସଂଗଠନ କରାଯାଇ ବିଭିନ୍ନ ସମସ୍ୟାକୁ ଦୂର କରାଯିବ ଏବଂ ଦଳକୁ ମଜଭୁତ କରାଯାଇପାରିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଜୋନସ୍ତରୀୟ କର୍ମୀ ବୈଠକରେ ଜୋନ ସଭାପତି ସଞ୍ଜୀବ କେର୍କେଟା, ନିଳାମ୍ବର ଶେଖର ଦେଓ, କୁଟିଆ ତିର୍କୀ, ଟାଟିସ ଆପଛ, ପୁରୁଷୋତ୍ତମ ବାରିକ, ସୁଧାଂଶୁ ପଶାୟତ, ଦିବ୍ୟଶଙ୍କର ସା, ବ୍ରହ୍ମାନନ୍ଦ ମାଝୀ, ଫିଲମନ ଏକ୍କା, ସୁନୀଲ ବାଘ, ସବିତା ଆପଛ ପ୍ରମୁଖ କଂଗ୍ରେସ ଦଳର ସକ୍ରିୟ କର୍ମୀମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଦଳକୁ ମଜଭୁତ କରିବା ପାଇଁ ଶପଥ ନେଇଥିଲେ। ଶେଷରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।



ଜୋନସ୍ତରୀୟ ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀ।







ଜାତୀୟ କ୍ରୀଡା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି(ବାମ) କ୍ରୀଡା ସଂସଦର ଖେଳାଳିମାନେ ୧୦୦କି.ମି. ବ୍ୟାପୀ ସାଇକେଲ ରାଲିରେ ବାହାରିଛନ୍ତି ।

### ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ

# ସଫଳ କ୍ରୀଡାବିତ୍ ହେବାକୁ ଆହ୍ୱାନ

**ସୁନ୍ଦରଗଡ,୨୯।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସଦରଠାରେ ବୁଧବାର ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ସକାଳ ୭ଟା ସମୟରେ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସୁନ୍ଦରଗଡ ଷ୍ଟାଡିୟମ ଛକରୁ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ବାହାରିଥିବା ଏକ ଶୋଭାଯାତ୍ରାକୁ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନୀଲ କେରକେଟା ଶୁଭାରମ୍ଭ କରିଥିଲେ । ସାଇ କ୍ରୀଡା ଛାତ୍ରାବାସ ପ୍ରାଙ୍ଗଣରେ ଏକ ସଭାର ଆୟୋଜିତ ହୋଇଥିଲା । ହକି କୋଚ ଅମୂଲ୍ୟନନ୍ଦ ବିହାରୀ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଧ୍ୟାନଚାନ୍ଦଙ୍କ ପରି ଜଣେ ସଫଳ କ୍ରୀଡାବିତ୍ ହୋଇ ଦେଶ ତଥା ରାଜ୍ୟର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ରାଜ୍ୟ କ୍ରୀଡା ଛାତ୍ରାବାସ ଓ ସାଇ କ୍ରୀଡା ଛାତ୍ରାବାସର ସମସ୍ତ କୋଚ୍ ତଥା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ଅପରାହ୍ନ ୪ଟା ସମୟରେ ସାଇ ଓ ରାଜ୍ୟ କ୍ରୀଡା ଛାତ୍ରାବାସ ହକି ଖେଳାଳୀଙ୍କ ମଧ୍ୟରେ ଏକ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ସେହିପରି ସୁନ୍ଦରଗଡ ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ସଂସଦର ଉପସଭାପତି ପୌଷଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କ୍ରୀଡାବିତ ତଥା ବିଶିଷ୍ଟ ଟେନିସ ଖେଳାଳୀ ଚିତ୍ତରଞ୍ଜନ ବହିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ଦୁର୍ଗା ମାଧବ ନାଏକ ଧନ୍ୟବାଦ ଦେଇଥିଲେ । ଏହାପରେ ଜିଲା କ୍ରୀଡା ସଂସଦର ସାଇକେଲ ଖେଳାଳୀମାନଙ୍କ ଦ୍ୱାରା ସୁନ୍ଦରଗଡରୁ ରାଉରକେଲାକୁ ଏକ ସାଇକେଲ ରାଲି ଆୟୋଜିତ ହୋଇଥିଲା । ଏହାକୁ ମୁଖ୍ୟ ଅତିଥି ବହିଦାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସହ ସମ୍ପାଦକ ଜୟଦେବ ପାତ୍ର, ପୂର୍ବତନ ରାଜ୍ୟସ୍ତରୀୟ ସାଇକେଲ ଖେଳାଳୀ ରାଜେନ୍ଦ୍ର ମହାନ୍ତି, ପ୍ରଭାତ ଭୋଳ, ନିତ୍ୟ ବଳ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ଥିଲେ । ସେହିଭଳି ଭେଡାବାହାଲ ଲିଟିଲ ଷ୍ଟାର ଫୁଟବଲ କ୍ଲବ ଆନୁକୂଲ୍ୟରେ ଜାତୀୟ କ୍ରଡା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ଖେଳାଳୀ ସୁରେଶ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାବିତମାନେ ନିଷ୍ଠାପର ଭାବେ ଅଭ୍ୟାସ ଜାରି ରଖି କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । କ୍ଲବର ସଭାପତି ଲିଙ୍ଗନ ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଭେଏଡାବାହାଲ ଓ ଜପଙ୍ଗା ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ରେଫରୀ ଜୟନ୍ତ ଦଣ୍ଡସେନା, ଆକାଶ ପଟେଲ ଓ ଅର୍ଜୁନ ଗୌଡ ଖେଳ ପରିଚାଳନା କରିଥିଲେ ।